

# ନଦୀଶଯ୍ୟା

## The Nadishajya

ସାରସ୍ୱତ ମୁଖପତ୍ର : ୨୦୧୬-୧୭

ଦୋଳଗୋବିନ୍ଦ ବ୍ରଜକିଶୋର ମହାବିଦ୍ୟାଳୟ

କସର୍ଦା, କଟକ

# OUR FAMILY



# ନଦୀଶଯ୍ୟା

## The Nadishajya

ସାରସ୍ୱତ ମୁଖପତ୍ର : ୨୦୧୬-୧୭

ମୁଖ୍ୟ ସମ୍ପାଦକ

**ପର୍ଶୁରାମ ରାଉତରାୟ**

ବିଭାଗୀୟ ମୁଖ୍ୟ, ଓଡ଼ିଆ

ସମ୍ପାଦନା ମଣ୍ଡଳୀ :

ଡକ୍ଟର ପ୍ରଶାନ୍ତ କୁମାର ଲେଙ୍କା, ଅଧ୍ୟାପକ ଓଡ଼ିଆ ବିଭାଗ

ଶ୍ରୀ ଜନ୍ମୁଧର ରଥ, ଅଧ୍ୟାପକ, ଇଂରାଜୀ ବିଭାଗ

ଡକ୍ଟର ବିଜୟ କୁମାର ମିଶ୍ର, ବିଭାଗୀୟ ମୁଖ୍ୟ, ଶିକ୍ଷା

ଡକ୍ଟର ପିତାମ୍ବର ସାହୁ, ଅଧ୍ୟାପକ, ସଂସ୍କୃତ ବିଭାଗ



**ଦୋଳଗୋବିନ୍ଦ ବ୍ରଜକିଶୋର ମହାବିଦ୍ୟାଳୟ**

**କସର୍ଦ୍ଦା, କଟକ**




**DR. KULAMANI SAMAL**
Member of Parliament
(Lok Sabha)
Jagatsinghpur (Odisha)


सत्यमेव जयते


# 1110, Odisha Niwas,
Borodoloi Marg, Chanakyapuri


# ବାର୍ତ୍ତା

ଦୋଳଗୋବିନ୍ଦ ବ୍ରଜକିଶୋର ମହାବିଦ୍ୟାଳୟ, କସର୍ଦାର ମୁଖପତ୍ର 'ନଦୀଶଯ୍ୟା' ୨୦୧୬-୧୭ଶିକ୍ଷା ବର୍ଷର ସାକ୍ଷର ବହନ କରି ଆତ୍ମପ୍ରକାଶ କରୁଛି । ଏହା ଅଧିକ ଖୁସିର ବିଷୟ । ଦଧିଭଦ୍ରା ଶଯ୍ୟାରେ ଏହି ଶିକ୍ଷାନୁଷ୍ଠାନଟି ପ୍ରତିଷ୍ଠା ଲାଭ କରିଛି । ସାଂପ୍ରତିକ ସମାଜରେ ଜୀବନ ଯନ୍ତ୍ରଣାକ୍ତ ଓ ଜଟିଳ ହୋଇ ଉଠିଛି । ଯାହାଦ୍ୱାରା ସାହିତ୍ୟ ଓ ଭାଷା ହେଉଛି ଦିଗହରା । ଛାତ୍ରଛାତ୍ରୀମାନଙ୍କ ନିଜ ନିଜ ସାହିତ୍ୟ କୃତିରେ ନଦୀଶଯ୍ୟାର ପୃଷ୍ଠକୁ ବିମଣ୍ଡିତ କରନ୍ତୁ ଓ ଏହା ସମୃଦ୍ଧ ପତ୍ରିକାଟିଏ ହୋଇ ଆତ୍ମପ୍ରକାଶ କରୁ । ନୂତନ ଚିନ୍ତା ଓ ଚେତନା ସମାଜକୁ ଦେଉ ।

ଏହି ଅବସରରେ ମୁଁ ଦୋଳଗୋବିନ୍ଦ ବ୍ରଜକିଶୋର ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ସର୍ବୋପରି ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏହାର ସଫଳତା କାମନା କରୁଛି ।



**PROF. DR. PRAMOD KU. MALLICK**
M.L.A., Niali

Res : Plot No. 55/B,
CDA, Sector-8
Cuttack - 753 014
Tel. No.: 0671-2503123
Mob.: 09437013123
09861765858

# ବାର୍ତ୍ତା

ଦୋଳଗୋବିନ୍ଦ ବ୍ରଜକିଶୋର ମହାବିଦ୍ୟାଳୟ, କସର୍ଦ୍ଦାର ବାର୍ଷିକ ମୁଖପତ୍ର 'ନଦୀଶଯ୍ୟା' ପ୍ରକାଶିତ ହେବା ଜାଣି ଖୁସି ହେଲି । ଛିଣ୍ଣାନଦୀ ଓ ଦଧିଭଦ୍ରାର ସଂଗମସ୍ଥଳ ପ୍ରସିଦ୍ଧ ଦିପୋଟି ମେଳଣ ନିକଟରେ ସ୍ଥାପିତ ଏହି ମହାବିଦ୍ୟାଳୟ ୧୯୮୦ ମସିହାରୁ ପ୍ରତିଷ୍ଠା ଲାଭ କରିଛି । ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏହି ମହାବିଦ୍ୟାଳୟର ଯାହା ବିକାଶ ହେବା କଥା ତାହା ହୋଇ ପାରି ନଥିଲା । ବିଗତ ୨୦୧୪ ମସିହା ପରେ ମୋ ଦ୍ୱାରା ମନୋନୀତ ପରିଚାଳନା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଦ୍ରୁତ ବିକାଶ ଘଟିଅଛି । +୨ କଳାରେ ଶ୍ରେଣୀ ସଂଖ୍ୟା ବୃଦ୍ଧି ହେବା ସହିତ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ବିକାଶ ଘଟିଛି । +୩ କଳାରେ ବିଭିନ୍ନ ବିଭାଗରେ ସମ୍ମାନ ଶ୍ରେଣୀ ଖୋଲିବା ସଙ୍ଗେ ସଙ୍ଗେ ମହାବିଦ୍ୟାଳୟର ଆବଶ୍ୟକ ଭିତ୍ତିଭୂମି ନିମିତ୍ତ ଅଧିକ ଶ୍ରେଣୀ ଗୃହ ତିଆରି ହେବା ସହ ନିଜସ୍ୱ ଜମି ନିମିତ୍ତ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରହିଛି । ମୁଖପତ୍ର ସୃଜନଶୀଳ କଳାର ପ୍ରକୃଷ୍ଟ କ୍ଷେତ୍ର ଯାହା ମାଧ୍ୟମରେ ତରୁଣ ତରୁଣୀମାନେ ସେମାନଙ୍କ ସତଃସ୍ଫୂର୍ତ୍ତ ଆବେଗକୁ ପରିପ୍ରକାଶ ଘଟାଇଥାନ୍ତି ।

ନଦୀଶଯ୍ୟାରେ ପ୍ରତିଷ୍ଠିତ ମହାବିଦ୍ୟାଳୟର ମୁଖପତ୍ର 'ନଦୀଶଯ୍ୟା' ତରୁଣ ତରୁଣୀମାନଙ୍କ ସୃଜନଶୀଳ ପ୍ରତିଭା ଦ୍ୱାରା ସମୃଦ୍ଧ ହେଉ ଓ ଭବିଷ୍ୟତରେ ନୂତନ ଲେଖକ ଲେଖିକା ସୃଷ୍ଟି ହୋଇ ଏହି ଅଞ୍ଚଳର ବିକାଶରେ ସହାୟକ ହୁଅନ୍ତୁ ଓ ମହାବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ହେଉ ଏହା ହିଁ ପ୍ରଭୁ ଲକ୍ଷ୍ମୀନାରାୟଣଙ୍କ ନିକଟରେ ପ୍ରାର୍ଥନା ।

ପ୍ରମୋଦ କୁମାର ମଲ୍ଲିକ



ଫଗୁ ଲେଙ୍କା
ସଭାପତି, +୨ ପରିଚାଳନା କମିଟି

# ବାର୍ତ୍ତା

ଆମ ଦୋଳଗୋବିନ୍ଦ ବ୍ରଜକିଶୋର ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ନଦୀଶଯ୍ୟା' ପ୍ରକାଶିତ ହେଉଥିବା ଜାଣି ଖୁସି ହେଲି । ଏହି ମହାବିଦ୍ୟାଳୟ କଟକ ଜିଲ୍ଲାର ଦେବୀ କନ୍ଦଳ ଦ୍ୱୀପାଞ୍ଚଳରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁରୁଦାୟିତ୍ୱ ନିର୍ବାହ କରି ଚାଲୁଛି । ଉକ୍ତ ମହାବିଦ୍ୟାଳୟରୁ ଅନେକ କୃତି ଛାତ୍ରଛାତ୍ରୀ ଉତ୍ତିର୍ଣ୍ଣ ହୋଇ ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କର ଦୀର୍ଘ ଇଷ୍ଟମୟ ଜୀବନ, ମହାବିଦ୍ୟାଳୟର ସାର୍ବିକ ମଙ୍ଗଳ ତଥା 'ନଦୀଶଯ୍ୟା' ସାର୍ଥକ ଓ ସଫଳ ହୋଇଉଠୁ, ଏହା ମୋର ପ୍ରଭୁଙ୍କ ନିକଟରେ ନିବେଦନ ।

ସ୍ୱା-

(ଫଗୁ ଲେଙ୍କା)
ସଭାପତି, +୨ ପରିଚାଳନା କମିଟି



**_Prof. Nihar Ranjan Patnaik_**

M.A., M.Phil, Ph.D., D.Lit

Director, Higher, Education,

Odisha, Bhubaneswar.

December 29, 2916

# *Message*

*I am extremely happy to know the **Dolagovinda Brajakishore Mohavidyalaya, Deputy Tota, Kasarda, Dist. Cuttack** is going to publish of its college magazine **"NADISHAJYA"** for the session 2016-17.*

*The College Magazine is an excellent platform which provides an opportunity for exposure of many hidden talents. I hope the Magazine, containing valuable articles of the students and teachers, shall be highly appreciated by everybody.*

*My sincere congratulations to the students, faculty and staff of the college for their contributions to the entire process and wish the publication of the magazine a grand success.*

29/12/16

**_(Nihar Ranjan Patnaik)_**

# UTKAL UNIVERSITY
## VANI VIHAR, BHUBANESWAR – 751004



**_Dr. Asok K. Das_**
Vice Chancellor

Tel Off : 0674 – 2567700
Fax : 0674 – 2567850
Email : Vcuu@rediffmail.com
asokadas@gmail.com

## *Message*

*It gives me immense pleasure to learn that Dolagovinda Brajakishore Mohavidyalaya, Kasarda, Cuttack is going to publish its 31st issue of Annual College Magazine namely **'Nadishajya'** very shortly.*

*My sincere congratulations to the students, teachers and staff of the College for their contributions to the entire process and wish publication of the Magazine a grand success.*

**_(Asok Kumar Das)_**

**Dr. Debabrata Mohanty,**
Regional Director of Education,
Bhubaneswar.

## *Message*

*I am happy to learn that the Dolagovinda Brajakishore Mohavidyalaya in the District of Cuttack is coming out with the publication of 31st Edition of its Annual College Magazine* ***"Nadishajya"****. I am sure this will go a long way in bringing out the latest talent of the students and build up enthusiasm amongest the staff and the teachers. I wish that* ***"Nadishajya"*** *will attend its reverbations all about and create new rhythm of growth and development. My best wishes to the students and teachers.*

Sd/- 13.1.17

**(Dr. Debabrata Mohanty)**
Regional Director of Education, I/c
Bhubaneswar.

**COUNCIL OF HIGHER SECONDARY EDUCATION, ODISHA**

C/2, Prajnapitha, Samantapur, Bhubaneswar – 13



***Prof. (Dr.) Basudev Chhatoi***

Chairman

Letter No. – 22249

Date : 29. 12. 2016

## *Message*

*I am delighted to know that the Dolagovinda Brajakishore College, Kasarda in the District of Cuttack is going to publish its Thirty First Edition of Annual Magazine* ***'Nadishajya'*** *which will give an oportunity to the Scholars of utilizing their creative minds.*

*I extend my heartfelt thanks to the young authors in particular and the students, teaching and non-teaching staff of the college in general.*

*I whish the Magazine all success.*

29/12/16

***Chairman***



# ଅଧ୍ୟକ୍ଷାଙ୍କ କଲମରୁ.....

ହଜିଲା ଅତୀତରୁ ସ୍ମୃତି ସାଉଁଟିଥିବା ଅଥବା କଳ୍ପନା ରାଇଜର ଛୋଟ ଛୋଟ ଭାବନାକୁ ନେଇ, କିଶୋର କିଶୋରୀ ମାନଙ୍କ ଲେଖନୀ ମୁନରୁ ପ୍ରବାହିତ ଧାରା, ବିଭିନ୍ନ ନାମରେ ଆତ୍ମ ପ୍ରକାଶ କରିବାକୁ ଉଙ୍କି ମାରିଲାଣି ଆମ ଦୋଳଗୋବନ୍ଦ ବ୍ରଜକିଶୋର ମହାବିଦ୍ୟାଳୟ ମୁଖପତ୍ର 'ନଦୀଶଯ୍ୟା' ବୁକୁରେ । ଏହା ଖୁବ୍ ଆନନ୍ଦର କଥା ।

ସେହି ନବ ପ୍ରତିଭା ମାନଙ୍କର ଭାଷା ସାହିତ୍ୟର ବିକାଶ ନିମିତ୍ତ ଚେଷ୍ଟା ଦିନେ ସେମାନଙ୍କୁ ସମାଜରେ ପ୍ରତିଷ୍ଠିତ ସାହିତ୍ୟିକ ସୃଷ୍ଟି କରିବାରେ ଭିତ୍ତିଭୂମି ପ୍ରତିଷ୍ଠା କରି ପାରିବ । ସେମାନଙ୍କର ଲେଖାକୁ ବହନ କରି 'ନଦୀଶଯ୍ୟା' ଆଜି ଆତ୍ମବିଭୋର ।

ଏହି ଶୁଭ ଅବସରରେ, ମୁଁ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, କର୍ମଚାରୀ, ଶୁଭେଚ୍ଛୁ, ପାଠକ ପାଠିକା, ସଂପାଦନା ମଣ୍ଡଳୀ, ପରିଚାଳନା କମିଟି ସଭାପତି ଓ ସଭ୍ୟ ସଭ୍ୟାମାନଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇବା ସହ 'ନଦୀଶଯ୍ୟା'ର ସଫଳ ଆତ୍ମ ପ୍ରକାଶ କାମନା କରୁଛି ।

(ଡକ୍ଟର ଅଞ୍ଜଳି ଦେଈ)
ଅଧ୍ୟକ୍ଷା



# ସମ୍ପାଦକୀୟ

ପୃଥିବୀ ଇତିହାସର ଏକ ସନ୍ଧିକ୍ଷଣ ମୁହୂର୍ତ୍ତରେ ଆମେ ଉପନୀତ । ଅତିମାନବର ଆଗମନ ନିମିତ୍ତ ଏହା ପ୍ରସ୍ତୁତି ପଥରେ ଏବଂ ସେଇଥିପାଇଁ ଜୀବନଧାରଣର ପୁରାତନ ପଦ୍ଧତି ତା'ର ସକଳ ମୂଲ୍ୟ ହରାଇ ବସୁଛି । ଏହାର ଦାବି ସତ୍ତ୍ୱେ ନିଜକୁ ଏହି ଭବିଷ୍ୟତର ପଥରେ ଲମ୍ଫ ଦେବାକୁ ହେବ । ଏକଦା ଜନ୍ମ ସଂକୀର୍ଣ୍ଣତା ସହ୍ୟ କରିବାକୁ ପଡ଼ିଥିଲା । ଆଜି ଆଉ ସମୟ ନାହିଁ, ଯେଉଁ ଅନାଗତ ଜନ୍ମ ନେବାକୁ ଯାଉଛି ତାହାକୁ ଗ୍ରହଣ କରି ନେବାକୁ ନିଜକୁ ପ୍ରଶସ୍ତ କରି ଗଢ଼ି ତୋଳିବାକୁ ହେବ ।

ପ୍ରଶ୍ନପତ୍ରରୁ ସୃଜନଶୀଳ କଳାର ସମ୍ଭାର । ସାହିତ୍ୟ ଯାହାକୁ ନାଡ଼େ, ସେ ଲେଖେ । କିଏ ତାକୁ ପଢ଼ୁ ବା ନ ପଢ଼ୁ, ବୁଝୁ ବା ନବୁଝୁ ସେ ଲେଖିଚାଲେ । ସେହି ଲେଖାଟି ପ୍ରକାଶିତ ହେଲେ ତା'ର ଆନନ୍ଦର ସୀମା ରହେ ନାହିଁ । ସାହିତ୍ୟ ଜୀବନ ଓ ଜଗତର ସତ୍ୟକୁ ପ୍ରକାଶିତ କରେ । ନୂତନ ଉଦ୍ଭାବନାରେ ଉଦ୍ଭାବିତ ''ନବାଣଶସ୍ୟା'' ତା'ର ଛୋଟ କଳେବର ମଧ୍ୟରେ ଅନେକ ସୃଜନଶୀଳ ସ୍ରଷ୍ଟାର ସୃଷ୍ଟିକୁ ସ୍ଥାନ ଦେଇଛି । ଯେଉଁମାନେ ଆଗାମୀ କାଲି ଦେଶ ତଥା ଜାତିର ଉନ୍ନତିରେ ସହାୟକ ହେବେ ।

ସାହିତ୍ୟ ଆଜି ଦିଗହରା । ସମସ୍ତେ ସମୟ ଅଭାବରୁ ବ୍ୟସ୍ତ ଓ ବିବ୍ରତ । ଏହି ବ୍ୟସ୍ତ ବିବ୍ରତ ଜୀବନରୁ ସମୟ ବାହାର କରି ସୃଜନଶୀଳ ସ୍ରଷ୍ଟାଟି ତା'ର ମନର ଗୋପନୀୟ କଥାଟିକୁ ପ୍ରକାଶ କରେ ସାହିତ୍ୟରେ ।

ଭାରତ ସ୍ୱାଧୀନ ହେବାର ୭୦ବର୍ଷ ମଧ୍ୟରେ ଦେଶର ପ୍ରଗତି ଯାହା ହେବା କଥା ହୋଇପାରି ନାହିଁ । କାରଣ ଆଜିର ମଣିଷ ସମ୍ବେଦନଶୂନ୍ୟ, ଶିକ୍ଷା ପଦ୍ଧତି ବିଭ୍ରାନ୍ତିକର, ନେତୃତ୍ୱର ନୈତିକ ସ୍ଖଳନ, ଦେଶ ଋଣଗ୍ରସ୍ତ ଓ ଯୁବଶକ୍ତି ଦିଗହରା । ବର୍ତ୍ତମାନ ଭାରତବର୍ଷ ଯୁବବର୍ଗଙ୍କ ଦେଶ । ହେଲେ ଚାରିଆଡ଼େ ସଂଘର୍ଷ, ବିପ୍ଳବ, ରକ୍ତପାତ, ଶୋଷଣ, ପେଷଣ, ଲୁଣ୍ଠନ, ଲାଞ୍ଚ, ମିଛ, ନାରୀ ନିର୍ଯ୍ୟାତନା, ଭ୍ରଷ୍ଟାଚାର ଓ ଦୁର୍ଘଟଣା ଦ୍ରୁତ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଛାତ୍ରଶକ୍ତି ହିଁ ଯୁବଶକ୍ତି, ସେହିମାନଙ୍କ ସାମୂହିକ ପ୍ରଚେଷ୍ଟା ଫଳରେ ଭାରତବର୍ଷରେ ଜନ୍ମ ନେବ ସାମ୍ୟ, ମୈତ୍ରୀ ଓ ସଂହତି । ସାହିତ୍ୟର ଜନ୍ମ କେଉଁ ଆଦିମ କାଳରୁ ତା'ର କଳନା ନାହିଁ । ନାନା ଅତ୍ୟାଚାର ଅବିଚାର ସତ୍ତ୍ୱେ ସାହିତ୍ୟ ତା'ର ସୃଜନଶୀଳ ବୃତ୍ତିରେ ଯୁଗରୁ ଯୁଗକୁ, ପୀଢ଼ିରୁ ପୀଢ଼ିକୁ ଧାଇଁ ଚାଲିଛି । ସାହିତ୍ୟିକଟି ତା'ର କଲମ ମୁନରେ ନୂତନ ଚେତନା ଦେଇ ଏ ଦେଶ ଓ ଜାତିର ଉନ୍ନତି କରୁ ।

ଏହି ଅବସରରେ ମୁଁ କୃତଜ୍ଞତା ଜଣାଉଛି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ଅଞ୍ଜଳି ଦେଇଙ୍କୁ । ଯିଏ ମୋତେ ଏଭଳି ଏକ ଗୁରୁଦାୟିତ୍ୱ ଦେଇଛନ୍ତି । ଯେଉଁ ଆଶା ଓ ଭରସା ନେଇ ସେ ଏଭଳି ଏକ ଗୁରୁଦାୟିତ୍ୱ ମୋତେ ଅର୍ପଣ କରିଛନ୍ତି, ତାହାକୁ ସାକାର କରିବା ପାଇଁ ମୁଁ ଯଥା ସମ୍ଭବ ଚେଷ୍ଟା କରିଛି । କେତେ ଦୂର ସଫଳ ତାହା ସମୟ କହିବ । ନବାଣଶସ୍ୟାର ନୂତନ କଳେବର ନିମିତ୍ତ ସଂପାଦନାମଣ୍ଡଳୀ ବନ୍ଧୁ ପ୍ରଫେସର କମ୍ବୁଧର ରଥ, ଜ୍ୟେଷ୍ଠ ପ୍ରତିମ ପ୍ରଫେସର ଡକ୍ଟର ପ୍ରଶାନ୍ତ କୁମାର ଲେଙ୍କା, ଶ୍ରଦ୍ଧେୟ ପ୍ରଫେସର ଡକ୍ଟର ବିଜୟ କୁମାର ମିଶ୍ର ଓ ପ୍ରଫେସର ଡକ୍ଟର ପୀତାମ୍ବର ସାହୁଙ୍କ ଅକୁଣ୍ଠ ସାହାଯ୍ୟ ସହଯୋଗ ଭୁଲି ହେବ ନାହିଁ । ଜ୍ୟେଷ୍ଠ ପ୍ରତିମ ପ୍ରଫେସର ରାଖାଲ ଚନ୍ଦ୍ର ସାଇଁ ସାହିତ୍ୟ କୃତିଗୁଡ଼ିକ ଚୟନ କରି ସଂଯୋଜିତ କରିଥିବାରୁ ମୁଁ ତାଙ୍କ ନିକଟରେ ଋଣୀ । ଯେଉଁ ନୂତନ ସ୍ରଷ୍ଟାମାନଙ୍କ ସୃଷ୍ଟି ଯୋଗୁ ନବାଣଶସ୍ୟା ପ୍ରକାଶ ହେବାକୁ ଯାଉଛି ସେମାନେ ମୋର ଶ୍ରଦ୍ଧାର ପାତ୍ର । ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି ।

ନବାଣଶସ୍ୟା ସହୃଦୟ ପାଠକ ପାଠିକାମାନଙ୍କର ନିକଟତର ହୋଇ ଶକ୍ତିଶାଳୀ ଓ ଦୀର୍ଘାୟୁ ହେଉ, ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଅଧ୍ୟାପକ [illegible]



Attend the R.D. Camp

Editorial Board








N.S.S. Unit
Programmes



# ପ୍ରବନ୍ଧ ବିଭାଗ



ପ୍ରବନ୍ଧ ସାହିତ୍ୟର ଅଗ୍ରଗାମୀଙ୍କରେ ପ୍ରଥମ ଦୀପ ଶିଖାଟିଏ ଜାଳିଥିଲେ କବିବର ରାଧାନାଥ । ତାଙ୍କର 'ବିବେକୀ' ପ୍ରବନ୍ଧ ଓଡ଼ିଆ ପ୍ରବନ୍ଧ ରଚନାର ସର୍ବୋତ୍କୃଷ୍ଟ ପଦକ୍ଷେପ । ଯାହା ସାମ୍ପ୍ରତିକ ପ୍ରାବନ୍ଧିକ ମାନଙ୍କୁ ପଥପ୍ରଦର୍ଶନ କରୁଛି ।

— କବିବର ରାଧାନାଥ ରାୟ



# ସୂଚୀପତ୍ର

## ପ୍ରବନ୍ଧ


| | | | |
|---|---|---|---|
| ୧. | ସ୍ୱାଧୀନୋତ୍ତର ଓଡ଼ିଆ ନାଟକରେ ସମାଜ ଚେତନା | ଅଧ୍ୟାପକ ରାଖାଲ ଚନ୍ଦ୍ର ସ୍ୱାଇଁ | ୩ |
| ୨. | ଫକୀର ମୋହନଙ୍କ କଥାସାହିତ୍ୟରେ ସମକାଳୀନ ସମାଜ ଚିତ୍ର | ଅନିତା ମହାପାତ୍ର | ୭ |
| ୩. | ଗୋଦାବରୀଶଙ୍କ ଗାଥାକାବ୍ୟ | ସିଦ୍ଧାନ୍ତ ରଂଜନ ପାତ୍ର | ୧୬ |
| ୪. | ବିଷାଦବାଦୀ କାବ୍ୟ-ଚେତନାର କବି ଫକୀରମୋହନ | ସୂର୍ଯ୍ୟକାନ୍ତ ପାତ୍ର | ୨୧ |
| ୫. | ଢଗଢମାଳି, ପ୍ରବାଦ, ପ୍ରବଚନର ସାହିତ୍ୟିକ ଓ ସାମାଜିକ ମୂଲ୍ୟ | ସ୍ନେହଲତା ସାହୁ | ୨୮ |


## ରମ୍ୟରଚନା


| | | | |
|---|---|---|---|
| ୧. | ମଡ଼ର୍ଣ୍ଣ ବିୟୁଟି ପାର୍ଲର | ସୋନାଲି ବିରାଟ | ୩୩ |

# ସ୍ୱାଧୀନୋତ୍ତର ଓଡ଼ିଆ ନାଟକରେ ସମାଜ ଚେତନା

ରାଖାଲ ଚନ୍ଦ୍ର ସ୍ୱାଇଁ
ଅଧ୍ୟାପକ, ଓଡ଼ିଆ ବିଭାଗ

ମଣିଷ ଏକ ସାମାଜିକ ପ୍ରାଣୀ କିନ୍ତୁ ମଣିଷର ସହଜ ପ୍ରବୃତ୍ତି ସାମାଜିକ ବନ୍ଧନ ଓ ନିୟମର ବିରୋଧ କରେ । ଏହା ଏକ ଜନ୍ମଗତ ଦୁର୍ବଳତା । ସମାଜରେ ବଞ୍ଚିବାକୁ ହେଲେ କେତୋଟି ନିର୍ଦ୍ଦିଷ୍ଟ ନିୟମର ଗଣ୍ଡିକାକୁ ଭିତରେ ରହିବାକୁ ହେବ । ଏହା ଏକ ତ୍ୟାଗ । ଏହି ତ୍ୟାଗ ପାଇଁ ମଣିଷକୁ ସମାଜ ଗ୍ରହଣ କରେ । ଦେଶ-ଜନତାର ପରିଧି ଭିତରେ ଆମ ସାମାଜିକ ଜୀବନର ସୃଷ୍ଟି । ଯେଉଁଠି ସମାଜ ଓ ବ୍ୟକ୍ତିର ସମ୍ପର୍କ ତ୍ୟାଗ ଓ ନିଷ୍ଠାର ଭିତ୍ତି ଉପରେ ପ୍ରତିଷ୍ଠିତ, ସେଠାରେ ସୁସ୍ଥ ସମାଜ ସମ୍ଭବ । ଯେଉଁ ସମାଜ କେତେ ପରିମାଣରେ ସୁସ୍ଥ, ତାହା ଏକ ଆପେକ୍ଷିକ ବିଚାର । କିନ୍ତୁ ସାଧାରଣ ଭାବରେ କେତୋଟି ମୂଲ୍ୟବୋଧ ସାମାଜିକ ଜୀବନଧାରା ଉନ୍ନତିର ମାପକାଠି ହୋଇଥାଏ । ଯେଉଁମାନେ ସ୍ୱାର୍ଥର ଗଣ୍ଡି ଭିତରେ ରହି ଯାଆନ୍ତି ସେମାନଙ୍କୁ ସମାଜ ପ୍ରଭାବିତ କରିପାରେ ନାହିଁ । ସେହି ପରିବେଶରେ ସାମାଜିକ ଚେତନା ମୂଲ୍ୟହୀନ ହୋଇଯାଏ ଏବଂ ସମାଜ ହୋଇଯାଏ ସହଜ ଭାବେ ବିକଳାଙ୍ଗ ।

ଆମ ସମାଜର ଅବସ୍ଥା ବିଶ୍ଳେଷଣ କଲେ ଏହି ପ୍ରକାର ନିଷ୍ଠୁର ସତ୍ୟ ଉପଲବ୍ଧି କରିବାକୁ ହୁଏ । ସାମାଜିକ ଚେତନା ଆମ ଦେଶରେ ବିରଳ । ଭାରତର ଦୀର୍ଘ ଇତିହାସରେ ସାମାଜିକ ଚେତନା ପାଇଁ କୌଣସି ପ୍ରକାର ବିଶେଷ ଜାଗରଣର ଉଦାହରଣ ନାହିଁ । ଏହି ଉକ୍ତି ସ୍ୱାଧୀନୋତ୍ତର ସମାଜ ପାଇଁ ବିଶେଷ ଭାବେ ପ୍ରଯୁଜ୍ୟ । ମହାତ୍ମାଗାନ୍ଧୀଙ୍କ ନେତୃତ୍ୱ ଓ ଅଳ୍ପ ସମୟ ପାଇଁ ହେଲେ ମଧ୍ୟ ଜୟପ୍ରକାଶଙ୍କ ନେତୃତ୍ୱରେ ଯେଉଁ ଜନ ଜାଗରଣ ସୃଷ୍ଟି ହୋଇଥିଲା ତାହା ପ୍ରଣିଧାନର ବିଷୟ ।

ସ୍ୱାଧୀନତା ପରେ ସାମାଜିକ ଚେତନା ଜାତିର ଐକ୍ୟ ଓ ମର୍ଯ୍ୟାଦାବୋଧ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଥିଲା । ଏକ ସାମ୍ରାଜ୍ୟବାଦୀ ଶାସନରେ ସାମାଜିକ ଚେତନା ସମ୍ଭବ ହୋଇ ପାରି ନଥିଲା । ଇଂରେଜମାନେ ସମାଜକୁ ଭାଗ ଭାଗ କରି ଶାସନଗତ ସରଳତା ଉପଲବ୍ଧ କରୁଥିଲେ । ଗାନ୍ଧିଜୀ ସାମାଜିକ ଚେତନାର ସ୍ଲୋଗାନ ଦେଇ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ିଥିଲେ । ଫଳରେ ବହୁ ବର୍ଷ ପରେ ଜାତି ଇତିହାସରେ ସାମାଜିକ ଚେତନା ପ୍ରକାଶ ପାଇଥିଲା ।

ବର୍ତ୍ତମାନ ଭାରତୀୟ ସାମାଜିକ ଜୀବନରେ ଏକ ଘଡ଼ି ସନ୍ଧି ସମୟ, ପ୍ରାକ୍ ସ୍ୱାଧୀନତା ସମୟରେ ଦେଖା ସଦ୍ଭାବ କ୍ରମେ ଲୋପ ପାଇ ଗଲାଣି, ବର୍ତ୍ତମାନର ସାମାଜିକ ସମସ୍ୟା ଭିତରେ ରହୁଛି ହିନ୍ଦୁ-ମୁସଲମାନ ସମସ୍ୟା, ବେରୋଜଗାର ସମସ୍ୟା, ଯୌତୁକ ସମସ୍ୟା, ନାରୀ ନିର୍ଯ୍ୟାତନା ନାମରେ ସାମାଜିକ ଶୋଷଣ, ସମାଜର ଦୁର୍ବଳ ଶ୍ରେଣୀ ମାନଙ୍କୁ ସହାୟତା ନାମରେ ଅକର୍ମଣ୍ୟ କରାଇବା ଇତ୍ୟାଦି । ଏହାର ମୂଳ କାରଣ ହେଲା ରାଜନୈତିକ ଲାଭ ଆଶାରେ ଇଂରେଜମାନଙ୍କ ପରି ବିଭାଜନ ନୀତି ଆପଣାଇ ସାମାଜିକ ଚେତନାକୁ ହତ୍ୟା କରି ତା' ସ୍ଥାନରେ ସାମାଜିକ ବିଭାଜନ ସୃଷ୍ଟି କରିବା । ଏଥିରେ ମଧ୍ୟ ସହାୟତା କରୁଛନ୍ତି ଅନେକ ସରକାରୀ କର୍ମଚାରୀ । ଆମ ଦେଶର ପୋଲିସ, ରାଜକର୍ମଚାରୀ, ଡାକ୍ତର, ଇଞ୍ଜିନିୟର ମାନଙ୍କ କଥା ଦେଖାଯାଉ, ଏମାନେ ଯେପରି ଭାବେ ଧନ ଉପାର୍ଜନ କରୁଛନ୍ତି ତାହା ଆମ ସାମାଜିକ ଜୀବନର ଅଙ୍ଗହାନୀ । ତେଣୁ ଏ ଦେଶର ସବୁଠାରୁ ବଡ଼ ସମସ୍ୟା ହେଉଛି ସାମାଜିକ ଚେତନା ସୃଷ୍ଟି କରିବା ।

ସାହିତ୍ୟ ହେଉଛି ସମାଜର ପ୍ରତିଛବି, ବିଶେଷତଃ ନାଟକ ହେଉଛି ସମାଜର ଜୀବନ୍ତ ଦର୍ପଣ । ସେଥିପାଇଁ କୁହାଯାଏ ଗୋଟାଏ ଜାତିର ସାଂସ୍କୃତିକ, ସାହିତ୍ୟିକ ଓ ଅର୍ଥନୈତିକ ସମୃଦ୍ଧିର ପରିଚୟ, ସେଇ ଜାତିର ରଙ୍ଗମଞ୍ଚରୁ ହିଁ ମିଳିଥାଏ । ସେଥିପାଇଁ ବୋଧହୁଏ ଓଡ଼ିଆ ଜାତି ଦୁଇହଜାର ବର୍ଷ ପୂର୍ବେ ଖାରବେଳଙ୍କ ଦ୍ୱାରା ନିର୍ମିତ ଖଣ୍ଡଗିରିର ପ୍ରସ୍ତର ରଙ୍ଗମଞ୍ଚ ଏବଂ ଜଗନ୍ନାଥ ମନ୍ଦିରର ନାଟ ମଣ୍ଡପ ପାଇଁ ଗର୍ବ ଅନୁଭବ କରୁଥିଲା ।

ଆଧୁନିକ ଓଡ଼ିଆ ନାଟକ ହେଉଛି ପାଶ୍ଚାତ୍ୟ ସଂସର୍ଗର ଫଳ । ଏହାର ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ଏହି ସଂକ୍ରମଣ ପରିଲକ୍ଷିତ ହୋଇଥାଏ । ସୂକ୍ଷ୍ମଭାବରେ ବିଚାର କରିବାକୁ ଗଲେ ଓଡ଼ିଆ ନାଟକର ବିକାଶଧାରାକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ନାଟକର ଆଦି ପର୍ଯ୍ୟାୟ ମୂଳତଃ ପାଶ୍ଚାତ୍ୟ ନାଟ୍ୟାଦର୍ଶକୁ ଅନୁକରଣ କରି ଗଢ଼ି ଉଠିଥିଲା । ଏହି ଯୁଗରେ ଜଗମୋହନ ଲାଲା, ରାମଶଙ୍କର ରାୟ, କାମପାଳ ମିଶ୍ର, ଭିକାରୀ ଚରଣ ପଟ୍ଟନାୟକ ପ୍ରଭୃତି ଯେଉଁ ନାଟ୍ୟକାରମାନେ ଆତ୍ମ ପ୍ରକାଶ କଲେ ସେମାନେ ପ୍ରାୟ ପାଶ୍ଚାତ୍ୟ ନାଟକର ଅନୁକରଣରେ ଏ ଜାତି ପାଇଁ ଏକ ସ୍ୱଚ୍ଛ ନାଟ୍ୟ ପରମ୍ପରା ନିର୍ମାଣ କରିଗଲେ । ଏହି ଧାରା ଚାଲିଲା ୧୯୨୦ ମସିହା ପର୍ଯ୍ୟନ୍ତ ୧୯୨୦ ରୁ ୧୯୫୦ ମସିହା ପର୍ଯ୍ୟନ୍ତ ପାଶ୍ଚାତ୍ୟ ନାଟ୍ୟାଦର୍ଶର ଅନୁକରଣରେ ନାଟକ ରଚନା କରାଯାଉଥିଲେ ମଧ୍ୟ ଜାତିର ଐତିହାସିକ ଗୌରବମୟ ଗାଥାକୁ ପୁନରାବୃତ୍ତି କରି ଜାତୀୟ ଚେତନା ସୃଷ୍ଟିର ପ୍ରୟାସ କରାଯାଇଥିଲା । ତୃତୀୟ ପର୍ଯ୍ୟାୟରେ ଆରମ୍ଭ ହେଲା ବୌଦ୍ଧିକ ଅନୁଧାବନ ପର୍ବ ।

ବିଗତ ୫୦ ବର୍ଷ ମଧ୍ୟରେ ଓଡ଼ିଆ ନାଟକରେ ୨ଟି ସ୍ୱତନ୍ତ୍ର ରୂପ ଦେଖାଦେଇଛି । ପ୍ରଥମଟିର ରୂପକାର ହେଉଛନ୍ତି କାଳୀଚରଣ ପଟ୍ଟନାୟକ, ଭଞ୍ଜ କିଶୋର ପଟ୍ଟନାୟକ, ଗୋପାଳ ଛୋଟରାୟ, କମଳ ଲୋଚନ ପଟ୍ଟନାୟକ ପ୍ରମୁଖ ନାଟ୍ୟକାର ଗଣ । ଦ୍ୱିତୀୟଟିର ରୂପକାର ହେଉଛନ୍ତି ମନୋରଞ୍ଜନ ଦାସ, ବିଜୟ ମିଶ୍ର, ରତ୍ନାକର ଚଇନି, ରମେଶ ପାଣିଗ୍ରାହୀ, ବିଶ୍ୱଜିତ୍ ଦାସ ପ୍ରଭୃତି ନାଟ୍ୟକାର ଗଣ ।

ପ୍ରାକ୍ ସ୍ୱାଧୀନତା କାଳ ନାଟକରେ ସାମାଜିକ ଚେତନାର ଯେଉଁ ସ୍ୱର ଅସ୍ପଷ୍ଟ ଭାବେ ଶୁଣା ଯାଉଥିଲା ସ୍ୱାଧୀନତା ପରେ ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇଉଠିଲା । ବିଦେଶୀ ଶାସନ ବିରୁଦ୍ଧରେ ସାମାଜିକ ସଚେତନତା ସୃଷ୍ଟି କରିବାରେ କାଳୀଚରଣ ହେଉଛନ୍ତି ପ୍ରଥମ । ଏହାଛଡ଼ା ରାମଚନ୍ଦ୍ର ମିଶ୍ରଙ୍କ ଘରସଂସାର, ଗୋପାଳ ଛୋଟରାୟଙ୍କ ନଷ୍ଟ ଉର୍ବଶୀ, ଶଙ୍ଖା ସିନ୍ଦୁର, ଭଞ୍ଜକିଶୋର ପଟ୍ଟନାୟକଙ୍କ ପହିଲି ରଜ, ମାଣିକଯୋଡ଼ି, ଜୟମାଲ୍ୟ, କମଳଲୋଚନଙ୍କ ଡାକବଙ୍ଗଳା, ମନୋରଞ୍ଜନ ଦାସଙ୍କ ଜନ୍ମମାଟି ପ୍ରଭୃତି ନାଟକର ଏକ ସୁନ୍ଦର ମୈତ୍ରୀମୟ ସମାଜର ସୂଚନା ମିଳିଥାଏ ।

ଭରସା ଓ ଜୟମାଲ୍ୟ ନାଟକରେ ଶିଳ୍ପୀ ତଥା ସ୍ରଷ୍ଟା ଜୀବନର ସାମାଜିକ ସମସ୍ୟା ଥିବାବେଳେ ଡାକବଙ୍ଗଳା ଓ ମାତୃମଙ୍ଗଳ କେନ୍ଦ୍ରରେ କିଛି ସରକାରୀ ନୀତିର ସମାଲୋଚନା କରାଯାଇଛି । ସ୍ୱାଧୀନୋତ୍ତର ସ୍ୱଦେଶୀ ଶାସନରେ ଦେଶର ଯେ ଗୋଟାଏ ବିରାଟ ପରିବର୍ତ୍ତନ ହୋଇଥିଲା ତାହା ନୁହେଁ ବରଂ ଧନୀ-ଦରିଦ୍ରଙ୍କ ମଧ୍ୟରେ ବ୍ୟବଧାନ କ୍ରମଶଃ ବଢ଼ିବାକୁ ଲାଗିଥିଲା । ଧନୀ ହେଉଥିଲେ ଅଧିକ ଧନୀ ଓ ଦରିଦ୍ର ହେଉଥିଲେ ଦରିଦ୍ରତର । ନାଟକରେ ଶୁଭିଥିଲା ଏହାର ପ୍ରତିବାଦର ସ୍ୱର । ରାମଚନ୍ଦ୍ର ମିଶ୍ରଙ୍କ 'ଅଭିମାନ' ଓ ମନୋରଞ୍ଜନଙ୍କ 'ଅବରୋଧ'ରେ । ଗୋପାଳ ଛୋଟରାୟଙ୍କ ପରକଲମରେ ତଥା ଭଞ୍ଜକର ଓ କମଳଲୋଚନଙ୍କ ନାଟକ ଗୁଡ଼ିକରେ ।

୧୯୬୦ ମସିହା ପରେ ଓଡ଼ିଆ ନାଟକ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଦେଖା ଦେଇଛି । ୧୮୬୭ ରୁ ୧୯୬୦ ଏଇ ଦୀର୍ଘ ୮୩ ବର୍ଷ ମଧ୍ୟରେ ଦୁଇ ଦୁଇଟା ବିଶ୍ୱଯୁଦ୍ଧ, ଅନେକ (Ism) ବାଦ ମାନବର ଚିନ୍ତା-ଚେତନାକୁ ବିପର୍ଯ୍ୟସ୍ତ କରି ଦେଇଛି । ସାହିତ୍ୟ ତଥା ନାଟକ କ୍ଷେତ୍ରକୁ ଏହାର ପ୍ରଭାବ ବିସ୍ତୃତ ହେବା ସ୍ୱାଭାବିକ ।

ଓଡ଼ିଆ ନାଟକର ନବ ପର୍ଯ୍ୟାୟ ସଂପର୍କରେ ଆଲୋଚନା କଲାବେଳେ ମନେରଖିବା ଉଚିତ, ଏହି ସମୟରେ ବିଶ୍ୱ ଚେତନା ରାଜ୍ୟରେ ୨ଟି ଉଲ୍ଲେଖଯୋଗ୍ୟ ଚିନ୍ତାଧାରା ପରିଲକ୍ଷିତ ହୋଇଛି । ପ୍ରଥମଟି ହେଉଛି ମାର୍କସ ବାଦ ଓ ଦ୍ୱିତୀୟଟି ହେଉଛି ଫ୍ରଏଡ୍‌ଙ୍କ ଚିନ୍ତାଧାରା । ମାର୍କ୍‌ବାଦ ମଣିଷର ଚିନ୍ତା ଓ ଚେତନାରେ ସାମ୍ୟ ଆଣିବାକୁ ଯେପରି ଚେଷ୍ଟା କଲା, ଅବଚେତନ ମନର ଗୋପନ କାହାଣୀକୁ ପ୍ରତ୍ୟକ୍ଷୀଭୂତ କରାଇବାରେ ଫ୍ରଏଡୀୟ ତତ୍ତ୍ୱ ଠିକ୍ ସେଇ ଭାବରେ ଆଗେଇ ଆସିଲା । ନାଟକରେ ମଧ୍ୟ ଏ ଦୁଇଟି ଚିନ୍ତାଧାରା ବେଶ୍ ଆଲୋଡ଼ନ ସୃଷ୍ଟିକଲା । ମନରାଇଜର ଅନ୍ଧାରୀ ଦିଗଟିକୁ ଦର୍ଶକମାନଙ୍କ ଆଗରେ ଦେଖାଇ ଦେବା ରୁଚି ଦୃଷ୍ଟିରୁ ଗ୍ରହଣୀୟ ନହେଲେ ମଧ୍ୟ ବାସ୍ତବତା ଦୃଷ୍ଟିରୁ ଏକାନ୍ତ ଭାବେ ଅପରିହାର୍ଯ୍ୟ । ଅତୀତରେ ଯାହା ବାସ୍ତବ ବୋଲି ପ୍ରତୀୟମାନ ହେଉଥିଲା, ତାହା ଏବେ ଆଉ ବାସ୍ତବ ହୋଇ ରହିନାହିଁ । ବାସ୍ତବତାର ସ୍ୱରୂପ ବଦଳି ଯାଇଛି । ସ୍ୱାଧୀନୋତ୍ତର ଶତାବ୍ଦୀ ମଣିଷ ପାଇଁ ସେଗୁଡ଼ିକ ହୋଇଯାଇଛି ଅର୍ଥହୀନ, ପୂର୍ବର ଆଶା-ଆକାଂକ୍ଷା ଧୂଳିରେ ମିଶି ଯାଇଛି । ତା' ଯାଗାରେ ସ୍ଥାନ ନେଇଛି ଜୀବନ ଯନ୍ତ୍ରଣାର କରୁଣ ଆର୍ତ୍ତନାଦ । ଅସ୍ଥିରତା, ହତାଶା, ଆତ୍ମ ପ୍ରବଞ୍ଚନା, ଛଳନା ଓ ଅଭିନୟ । ଫଳରେ ପୃଥିବୀ ଆଜିର ମଣିଷ ପାଇଁ ହୋଇ ଯାଇଛି ଭୟାବହ ଅସଂଯତ, ଅଯୌକ୍ତିକତା ସ୍ଖଳିତ । ଯେଉଁଠି ବଞ୍ଚିବାର ଅର୍ଥ ବଞ୍ଚିବା ନୁହେଁ, ଯେଉଁଠି ବଞ୍ଚିବା ଓ ମରିବା ସମାନ । ଗୋଟିଏ କଥାରେ କହିବାକୁ ଗଲେ ଓଡ଼ିଆ ଉଦ୍ଭଟ ନାଟ୍ୟ ଆନ୍ଦୋଳନ କ୍ଷେତ୍ରରେ ୧୯୬୯ରେ ଅଭିନୀତ ମନୋରଞ୍ଜନ ଦାସଙ୍କ 'ଅରଣ୍ୟ ଫସଲ'ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ନାଟକରେ ନାୟକ ସଂଗ୍ରାମ ଜୀବନର ସାରବତ୍ତା ଖୋଜି ଖୋଜି ଅସହାୟ ଭାବେ ଆତ୍ମହତ୍ୟା କରିଛି । ସୁବ୍ରତ ଓ ଦେବୀ-ବର୍ମା ଓ ଲିପି ୨ଟି ଦମ୍ପତି ଯେଉଁମାନେ ପରସ୍ପରକୁ ପ୍ରେମକରି ପ୍ରତାରଣା କରି ଆସିଛନ୍ତି । ଏମାନେ ଅବଚେତନ ମନର ସୁପ୍ତ କାମନାକୁ ନିୟନ୍ତ୍ରଣ କରିବାକୁ ଅସମର୍ଥ । ଏଠାରେ ସାମାଜିକ ଜୀବନ ଅଧଃପତିତ, ବିପର୍ଯ୍ୟସ୍ତ, ପରସ୍ପର ବିଶ୍ୱାସହୀନତା, ଛଳନା, ଆତ୍ମ ପ୍ରତାରଣା ହେଉଛି ଆଜିର ବାସ୍ତବତା । ସମସ୍ତ ପ୍ରାକୃତିକତାର ପଶ୍ଚାଦ୍‌ପଟରେ କୃତ୍ରିମତା ଲୁକ୍କାୟିତ ଅବସ୍ଥାରେ ରହିଛି । ବାହାରକୁ ଯାହା ସୁନ୍ଦର ଅନ୍ତଃଦୃଷ୍ଟିରେ ତାହା ବିକୃତତାର ନାମାନ୍ତର ।

'ସୃଜନୀ' ନାଟ୍ୟ ସଂସ୍ଥା ଅଭିନୀତ 'ସାଗର ମନ୍ଥନ' ୧୯୬୩ ପ୍ରିଷ୍ଟଲିଙ୍କ An Inspector Calls (1945) ନାଟକର ଅନୁବାଦ ହୋଇଥିଲେ ମଧ୍ୟ ମନ ବିଶ୍ଳେଷଣର ଅନନ୍ୟତାରେ ଏହା ଯେ କୌଣସି ମୌଳିକ ନାଟକର ସମକକ୍ଷ । ଏହା ବ୍ୟତୀତ ବନହଂସୀ (୧୯୬୮), ଅମୃତସ୍ୟ ପୁତ୍ରାଃ ୧୯୭୪, କାଠଘୋଡ଼ା (୧୯୭୪), ଶବଲିପି - ୧୯୭୫, କ୍ଲାନ୍ତ ପ୍ରଜାପତି ୧୯୭୩ ପ୍ରଭୃତି ମନୋରଞ୍ଜନଙ୍କ ଅନ୍ୟ ନାଟକ ଗୁଡ଼ିକରେ ମଧ୍ୟ ଆଙ୍ଗିକ ତଥା ଆତ୍ମିକ ରୂପରେ ଉପସ୍ଥାପନ ତଥା ପ୍ରୟୋଗ ଦୃଷ୍ଟିରୁ ଚେତନ ତଥା ଅବଚେତନ ସ୍ତରରେ ନୂତନ ନୂତନ ପରୀକ୍ଷା-ନୀରିକ୍ଷାମାନ କରାଯାଇଛି । ତିନି କାଳକୁ ଗୋଟିଏ ବିନ୍ଦୁରେ ଧରିରଖିବାର ଯେଉଁ ପ୍ରଚେଷ୍ଟା 'ବନହଂସୀ' ନାଟକରେ କରାଯାଇଛି, ତାହା ଓଡ଼ିଆ ନାଟକରେ ନୂତନ ।

ଏହି ସମୟର ଅନ୍ୟ ନାଟକ ମାନଙ୍କ ମଧ୍ୟରେ ରହିଛି ନାଟ୍ୟକାର ବିଶ୍ୱଜିତ୍ ଦାସଙ୍କ 'ନାଲିପାନ ଭାଣୀ କଳାପାନ ଟୀକା', ନିଶିପଦ୍ମ, ଶୁଣ ସୁଜନେ ଏବଂ ମୃଗୟା । କେବଳ ମୃଗୟା ବ୍ୟତୀତ ଅନ୍ୟ ସମସ୍ତ ନାଟକ ପ୍ରାୟ ପାରମ୍ପରିକ । ଏହାର ଲଭିଲକ୍ଷନା ପଛରେ ରହିଛି ବିଂଶ ଶତାବ୍ଦୀର ସବୁଠାରୁ ଲୋକପ୍ରିୟ ଦର୍ଶନ ସ୍ଥିତିବାଦ । ଏହାବ୍ୟତୀତ ଏହି ସମୟର ଅନ୍ୟ ନାଟ୍ୟକାର ମାନଙ୍କ ମଧ୍ୟରେ ଯଦୁନାଥ ଦାସ ମହାପାତ୍ର, ରମେଶ ପାଣିଗ୍ରାହୀ, ଅକ୍ଷୟ ମହାନ୍ତି, ବସନ୍ତ ମହାପାତ୍ର ପ୍ରମୁଖ ନାଟ୍ୟକାରଗଣ ମନ ବିଶ୍ଳେଷଣ ମାଧ୍ୟମରେ ସ୍ଥିତିବାଦର ଯନ୍ତ୍ରଣା ଫୁଟାଇବା ପାଇଁ ଉଦ୍ୟମ କରିଛନ୍ତି ।

ସ୍ୱାଧୀନୋତ୍ତର କାଳରେ ଓଡ଼ିଆ ଭାଷାରେ ଯେଉଁ ନାଟକ ଗୁଡ଼ିକ ରଚିତ ହୋଇଛି, ପରିମାଣରେ ବିପୁଳ ନ ହେଲେ ମଧ୍ୟ ଉଭୟ ଅଙ୍ଗିକ ଓ ଆତ୍ମିକ ଓ ଆତ୍ମିକ ତଥା ସମସାମୟିକ ସମାଜ ଚେତନା ସୃଷ୍ଟିରେ ଅନନ୍ୟ । ଅବଚେତନ ମନର

ଗୋପନୀୟତାକୁ ପ୍ରତ୍ୟକ୍ଷୀଭୂତ କରାଇବାରେ ମାନବ ମନର ଲୁଚ୍ଚ ଯୌନାକାଂକ୍ଷାକୁ ପ୍ରକଟିତ କରାଇବାରେ ଆଜିର ଫ୍ରଏଡୀୟ ଦର୍ଶନ ସହାୟକ ହୋଇଛି । 'ଅରଣ୍ୟ-ଫସଲ'ରେ ମାନବର ସ୍ୱେଚ୍ଛାଚାରୀ ଯୌନ ପ୍ରବୃତ୍ତି ପ୍ରକାଶିତ ହୋଇଛି ଏକ ଛେଳିର ପ୍ରତୀକ ମାଧ୍ୟମରେ । ପ୍ରାପ୍ତିର ଆନନ୍ଦ ଅପେକ୍ଷା ଅପ୍ରାପ୍ତିର ବେଦନା ହିଁ ଆଜିର ସମାଜରେ ଅଧିକ । ସବୁଜ ଯୌବନକୁ ଧୂସର ବାର୍ଦ୍ଧକ୍ୟ ରୂପେ ଦେଖିବାରେ ଆଜିର ସ୍ରଷ୍ଟା ଅଧିକ ଅଭ୍ୟସ୍ତ । ଭଗବାନ ଆଜି ଏକ ଅଳୀକ କଳ୍ପନା ଏବଂ ପାପ ପୁଣ୍ୟ ଖିଆଲି ମନର କଳ୍ପନା ମାତ୍ର ।

ବିଭିନ୍ନ ପରୀକ୍ଷା-ନିରୀକ୍ଷା ଦେଇ ସ୍ୱାଧୀନୋତ୍ତର ଓଡ଼ିଆ ନାଟକ ନିଜ ଶକ୍ତିର ଅନବରତ ମୂଲ୍ୟାୟନ କରି ଚାଲିଛି । ସମୟ ହୀନତା ପାଖରେ ପହଞ୍ଚି ଘୋଷଣା କରୁଛି 'ମରିଯାଇଛୁ ବୋଲି କ'ଣ ଆମେ ପୁଣି ପଛକୁ ଫେରି ପାରିବୁ ନାହିଁ ?' ହୁଏତ ସେଇ କାରଣରୁ ବଶବର୍ତ୍ତୀ ହୋଇ ମଞ୍ଚ ଉପରେ ପୁଣି ବୈଷ୍ଣବ ପାଣିଙ୍କ ଅପେରାର ପୁନରାବୃତ୍ତି କରୁଛି ।

ବହୁ ପ୍ରାଚୀନ କାଳରୁ ଏ ଦେଶରେ ନାଟ୍ୟ ସାହିତ୍ୟର ୨ଟି ଧାରା ବିଦ୍ୟମାନ । ଗୋଟିଏ ସର୍ବ ସାଧାରଣ ଜନତାଙ୍କର ଏବଂ ଅନ୍ୟଟି କେବଳ ସୀମିତ ବିଦଗ୍ଧ ମଣ୍ଡଳୀର । ଭିନ୍ନ ରୁଚିର ବିଭିନ୍ନ ଦର୍ଶକଙ୍କୁ ସନ୍ତୁଷ୍ଟ କରିପାରେ ବୋଲି ନାଟକର ଯେଉଁ ଖ୍ୟାତି ଥିଲା ତାହା କ୍ରମଶଃ ନଷ୍ଟ ହୋଇ ଯାଉଛି । ସ୍ୱାଧୀନୋତ୍ତର କାଳରେ କାଳୀଚରଣ, ଅଶ୍ୱିନୀ କୁମାର, ଭଞ୍ଜ କିଶୋର, ରାମଚନ୍ଦ୍ର, ଗୋପାଳ ଛୋଟରାୟ ପ୍ରଭୃତି ନାଟ୍ୟକାର ମାନେ ଜାତୀୟବାଦୀ, ପାରିବାରିକ, ସାମାଜିକ ନାଟକମାନ ଲେଖୁଛନ୍ତି । କ୍ରମଶଃ ରାଜନୀତି ମଧ୍ୟ ମଞ୍ଚକୁ ପ୍ରବେଶ କରିଛି । ଦ୍ୱିତୀୟ ବିଦଗ୍ଧ ବୃତ୍ତର ନାଟକ ସହିତ ବୁଦ୍ଧିର ସଂପର୍କ ଅଧିକ । ଆଜିର ଅବକ୍ଷୟ ମଣିଷ ଭଳି ପାରମ୍ପରିକତାକୁ ଭାଙ୍ଗି ଦେଇ ନାଟ୍ୟକାର ନୂତନତ୍ୱ ନିମନ୍ତେ ଇତସ୍ତତଃ ଆଖି ପକାଉଛି । ବେଙ୍ଗ କାନ୍ଦୁଥିବା ଖିଆଲି ବୈଜ୍ଞାନିକଟି, ସ୍ୱାମୀ ସନ୍ତାନହୀନ ନାରୀଟି, ବା ବ୍ୟର୍ଥ ଅସଫଳ ପୁରୁଷଟି ଆଜିର ନାଟ୍ୟକାର ନିମନ୍ତେ ଚିନ୍ତାର ଯଥେଷ୍ଟ ଖୋରାକ ଯୋଗାଉଛନ୍ତି । ଆଜିର ନାଟକ - ନାଟକୀୟତା ଆଡ଼ମ୍ବର ହୀନ ହୋଇ ପଡ଼ିଛି । ସିନ୍-ସିନେରୀ ଆଲୋକର ଆଡ଼ମ୍ବର, ମଧ୍ୟାନ୍ତର, ଅଙ୍କ ବିଭାଗ ପ୍ରଭୃତିର ମପାଚୁପା କୌଶଳ ଆଜିର ନାଟକ ପକ୍ଷରେ ଅନାବଶ୍ୟକ ମନେହେଲାଣି ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିଶେଷତଃ ଉତ୍ତର ୬୦ର ନାଟକ ଗୁଡ଼ିକ ପ୍ରାୟତଃ ବିଭିନ୍ନ ପରୀକ୍ଷା-ନିରୀକ୍ଷାରେ ନିମଗ୍ନ । ଏ ସବୁରୁ କିନ୍ତୁ ଗୋଟିଏ କଥା ଅନୁଭବ କରାଯାଉଛି ଯେ, ସମସାମୟିକ ସମକାଳୀନ ଜୀବନ ବୋଧ ସହିତ ଆମ ନାଟ୍ୟକାର ମାନଙ୍କ ଯୋଗସୂତ୍ରର ଅଭାବ । ଆମ ସମାଜ ଏସବୁ ପରୀକ୍ଷା ଧର୍ମୀ ନାଟକରେ ଉପେକ୍ଷିତ । ସ୍ୱାଦ ପରିବର୍ତ୍ତନ ପାଇଁ ନୂତନତାର ଖାତିରରେ ଯେତେ ବୈଦେଶିକ ଭାବ ଓ ଚିନ୍ତା ଆଣି ଭର୍ତ୍ତି କରି ଦେଲେ ସୁଦ୍ଧା ନିଜସ୍ୱ ସାମାଜିକ ସମସ୍ୟାକୁ ପୁରା ଉପେକ୍ଷା କରିବା ଉଚିତ୍ ନୁହେଁ । ସମସ୍ତେ ଯଦି ଯୋଗୀ ହୋଇଯିବେ, ତାହେଲେ ଭିକ ଦେବ କିଏ ? ତେଣୁ ବିଦଗ୍ଧ ବୃତ୍ତ ନାଟକ ସହିତ ଲୋକନାଟ୍ୟକୁ ମଧ୍ୟ ଉପେକ୍ଷା କରିବା ଉଚିତ୍ ନୁହେଁ ।

ମୁକ୍ତାକାଶୀ ମଞ୍ଚର ଯେଉଁ ଦର୍ଶକ ଦିନେ ମଞ୍ଚ ମାୟା ମୋହରେ ପାଣି କବିଙ୍କ ଆଡୁ ମୁହଁ ଫେରାଇ ରଙ୍ଗମଞ୍ଚରେ ପ୍ରବେଶ କରିଥିଲେ, ବିଭିନ୍ନ ପରୀକ୍ଷା-ନିରୀକ୍ଷାରେ ବ୍ୟସ୍ତ ହୋଇ ସେମାନେ ପୁଣି ନିଜ ସ୍ଥାନକୁ ଫେରିଗଲେଣି – ଯାତ୍ରା ମଞ୍ଚ ଆଡ଼କୁ 'ଅରଣ୍ୟ ଫସଲ' ଭଳି ନାଟକ ଯେଉଁ ବିଦଗ୍ଧ ମଣ୍ଡଳୀ ନିମନ୍ତେ ଉଦ୍ଦିଷ୍ଟ ଥିଲା ସେମାନେ ଏବେ ନାଟକ ବିଷୟରେ ନିସ୍ପୃହ । ତେଣୁ ନାଟକ ଯେତେ ପରୀକ୍ଷାମୂଳକ, ଯେତେ ଉଚ୍ଚକୋଟୀର ତା'ର ଓଜନ ସେତେ କମ୍ । ଦୀର୍ଘକାଳ ଧରି ମନୋରଞ୍ଜନ କରିପାରେ କେବଳ ପାରମ୍ପରିକ ନାଟକ । ସେହି ହିଁ କେବଳ ମଞ୍ଚକୁ ବଞ୍ଚାଇପାରେ ।

ଓଡ଼ିଆ ନାଟ୍ୟକଳାର ଗୁଣାତ୍ମକ ଅଭିବୃଦ୍ଧି ଘଟିଥିଲେ ହେଁ ପରିମାଣ ଦୃଷ୍ଟିରୁ ଏହା ସ୍ୱାଭାବିକ ବୋଲି କହିହେବ ନାହିଁ । ସମୟ ଥାଉଁ ଥାଉଁ ଯଦି ଏହାର ବିହିତ ପ୍ରତିକାର କରା ନ ଯାଏ, ତେବେ କିଏ କହିବ ? ଆମକୁ ଦିନେ ଓଡ଼ିଆ ନାଟକର ଶବବାହକ ହେବାକୁ ପଡ଼ିପାରେ । ❐

# ଫକୀର ମୋହନଙ୍କ କଥାସାହିତ୍ୟରେ ସମକାଳୀନ ସମାଜ ଚିତ୍ର

ଅନିତା ମହାପାତ୍ର
+୩ ଶେଷ ବର୍ଷ, କଳା (ଓଡ଼ିଆ ସମ୍ମାନ)

ସମକାଳୀନ ଓଡ଼ିଆ ଓଡ଼ିଆ ଜନମାନସର ଚିତ୍ର ଅଙ୍କନ କରି, ଓଡ଼ିଆ ଭାଷା-ସାହିତ୍ୟକୁ ଓ ଜାତୀୟତାକୁ ଏକ ନୂତନ ଦିଗ୍‌ଦର୍ଶନ ଦେବା ଦିଗରେ ଫକୀର ମୋହନ ଏକ ଅବିସ୍ମରଣୀୟ ପ୍ରତିଭା । ତାଙ୍କର ବ୍ୟକ୍ତିଗତ ଜୀବନ ଓ ସାହିତ୍ୟ ସାଧନା ସହିତ ଓଡ଼ିଶାର ପ୍ରାୟ ଏକ ଶହ ବର୍ଷର ଇତିହାସ ଓତପ୍ରୋତ ଭାବରେ ଜଡ଼ିତ । ତାଙ୍କ ରଚନାରେ ସମକାଳୀନ ଓଡ଼ିଶାର ରାଜନୀତିକ, ଅର୍ଥନୀତିକ, ସାମାଜିକ- ଧାର୍ମିକ-ସାଂସ୍କୃତି -ଶୈକ୍ଷିକ ଓ ବ୍ୟାପକ ଜାତୀୟ ତଥା ବ୍ୟକ୍ତିକ ଜୀବନର ନିଛକ ପ୍ରତିଛବି ଅଙ୍କିତ ହୋଇଅଛି । ଅତଏବ 'ଫକୀର ମୋହନଙ୍କ କଥା ସାହିତ୍ୟରେ ସମକାଳୀନ ସମାଜ ଚିତ୍ର' ନିଆଯିବା ଉଚିତ୍ । କାରଣ ତତ୍‌କାଳର ସମାଜକୁ ନିୟନ୍ତ୍ରଣ କରିବାରେ ଏହି ଦୁଇଟି ଘଟଣା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ତେଣୁ ସର୍ବାଦୌ ସେ ଦୁଇଟିର ସାମାନ୍ୟତମ ସମୀକ୍ଷା ଏ ପ୍ରବନ୍ଧର ଆଦ୍ୟାଂଶରେ ସୂଚିତ ।

**ତତ୍‌କାଳର ଓଡ଼ିଶା :**

ତତ୍‌କାଳର ଓଡ଼ିଶାକୁ ଦୁଇଟି ଭିନ୍ନ ଶାସନାଧୀନରେ ରଖାଯାଇଥିବାରୁ ତାକୁ ଦୁଇଟି ଭିନ୍ନ ନାମରେ ଚିହ୍ନିତ କରାଯାଉଥିଲା । ଗୋଟିକୁ ଗଡ଼ଜାତ ଓଡ଼ିଶା ଏବଂ ଅନ୍ୟଟିକୁ ମୋଗଲ ବନ୍ଦି ଓଡ଼ିଶା ବୋଲି କୁହାଯାଉଥିଲା । ସରକାରୀ କାଗଜପତ୍ରରେ ଓଡ଼ିଶା ବୋଲାଉଥିବା ଅଞ୍ଚଳଟି କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାକୁ ନେଇ ସୀମିତ ଥିଲା । କିନ୍ତୁ ଫକୀର ମୋହନଙ୍କ ଦୃଷ୍ଟିର ଦିଗନ୍ତରେ ଏବଂ ସ୍ମୃତିର ସିନ୍ଦୁକରେ ସାଇତା ଥିଲା ଯେଉଁ ଓଡ଼ିଶାର ମାନଚିତ୍ର - ତାହା ଥିଲା ସାଂପ୍ରତିକ ଓଡ଼ିଶାଠାରୁ ଆହୁରି କେତେକାଂଶରେ ବୃହତ୍ତର । ସେଇ ପ୍ରାଚୀନ ଓଡ଼ିଶାର ଭୌଗୋଳିକ ପରିସୀମା ଭିତରରେ ମେଦିନାପୁର ଓ ହୁଗୁଳି ଜିଲ୍ଲାଠାରୁ ଆରମ୍ଭ ହୋଇ ଦକ୍ଷିଣରେ ମାନ୍ଦ୍ରାଜ ପ୍ରେସିଡେନ୍‌ସିର ଗଞ୍ଜାମ ଜିଲ୍ଲା ପର୍ଯ୍ୟନ୍ତ ଏବଂ ପୂର୍ବରେ ବଙ୍ଗୋପସାଗରଠାରୁ ଆରମ୍ଭ ହୋଇ ପଶ୍ଚିମରେ ସମ୍ବଲପୁର ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଏହାର କ୍ଷେତ୍ରଫଳ ପ୍ରାୟ ୨୪ ହଜାର ୩୦୭ ବର୍ଗ ମାଇଲ ଥିଲା ।[୧]

କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାକୁ ନେଇ ଯେଉଁ ରାଜନୀତିକ ବ୍ରିଟିଶ ଓଡ଼ିଶା ଗଠିତ ହୋଇଥିଲା; ତାହା ବଙ୍ଗଳା ସହିତ ଏକ -ଶାସନାଧୀନରେ ଥିଲା । ଓଡ଼ିଶାର ଏହି ଦୟନୀୟ ଅବସ୍ଥା ଯେ କେବଳ ଇଂରେଜମାନଙ୍କ ଅମଳରେ ଆରମ୍ଭ ହେଲା- ଏକଥା ନୁହେଁ ବରଂ ଏ ବିପର୍ଯ୍ୟୟ ୧୫୬୮ ମସିହାଠାରୁ ଲାଗିରହିଥିଲା । ଦର୍ପିତ ଓଡ଼ିଆ ଜାତି ତା'ର ସ୍ୱାଧୀନତା ହରାଇ ସାରିବା ପରେ ମୋଗଲ ଶାସକମାନେ ସେମାନଙ୍କ ଶାସନଗତ ସୁବିଧା ଏବଂ ବାଣିଜ୍ୟିକ ସୁବିଧା ପାଇଁ ଏହି ଅଞ୍ଚଳକୁ ଓଡ଼ିଶା ସୁବାରୁ ନେଇ ବଙ୍ଗଳା ସୁବାରେ ମିଶାଇଥିଲେ । ପଶ୍ଚିମ ଓଡ଼ିଶାର

ସମ୍ବଲପୁର ସମେତ ଅନେକ ଅଞ୍ଚଳ ମଧ୍ୟପ୍ରଦେଶ ସହିତ ମିଶି ରହିଥିଲା । ମୋଟ ଉପରେ ଉତ୍ତର, ଦକ୍ଷିଣ ଓ ପଶ୍ଚିମ ସବୁ ଦିଗରେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଖଣ୍ଡ-ବିଖଣ୍ଡିତ ହୋଇ ବଡ଼ ବିପର୍ଯ୍ୟସ୍ତ ଅବସ୍ଥାରେ ଇତସ୍ତତଃ ପଡ଼ିରହିଥିଲା । ଏହି ଖଣ୍ଡିତ ଓଡ଼ିଶାର ଏକ ମାର୍ମିକ ଚିତ୍ର ଆମେ ଫକୀର ମୋହନଙ୍କ ଉତ୍କଳ ଭ୍ରମଣ କାବ୍ୟରେ ଦେଖିବାକୁ ପାଇବା । ମାତ୍ର ଅଳ୍ପ କେତୋଟି ଧାଡ଼ିରେ ଫକୀରମୋହନ ନିଜ ମାତୃଭୂମିର ଏହି ଦୟନୀୟ ଅବସ୍ଥାକୁ ଲକ୍ଷ୍ୟ କରି, କ୍ଷୋଭପୀଡ଼ିତ ହୃଦୟରେ ପ୍ରକାଶ କରିଛନ୍ତି–

ମାତ୍ର ଆହା ଏହି ଦେଶ ହୋଇ ଖଣ୍ଡ ଖଣ୍ଡ
ସକଳ ସୌନ୍ଦର୍ଯ୍ୟ ହୋଇଅଛି ଲଣ୍ଡ ଭଣ୍ଡ
ଦକ୍ଷିଣଟା ଲୋକମାନେ ବସିଛନ୍ତି ମାଡ଼ି
ଉତ୍ତରଟା ହେଲାଣିତ ବଙ୍ଗାଳୀଙ୍କ ବାଡ଼ି ।
ପଶ୍ଚିମ ଦିଗର କଥା କହିଲେ ନ ସରେ
ପଡ଼ିଲାଣି ମରହଟ୍ଟା ପାଶ୍ଚମ ଭାଗରେ ।

ଏହିସବୁ ପଂକ୍ତିରୁ ସ୍ପଷ୍ଟ ହୁଏ ଯେ ଫକୀରମୋହନଙ୍କ ଜନ୍ମର ପ୍ରାୟ ୧୦୦ ବର୍ଷ ପୂର୍ବରୁ ଏବଂ ତାଙ୍କ ବିଦ୍ୟମାନତାରେ ଓଡ଼ିଶା ବହୁ ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ଭିନ୍ନ ଭିନ୍ନ ଶାସକଙ୍କ ଶାସନାଧୀନ ହୋଇ ନିଜର ଅନେକ ନ୍ୟାଯ୍ୟୋଚିତ ମୌଳିକ ଦାବିରୁ ବଞ୍ଚିତ ହେଉଥିଲା । ମର୍ମାହତ କବି, ଓଡ଼ିଶାର ଏହି ରାଜନୀତିକ ଅସହାୟତାକୁ ଆଦୌ ସହଜରେ ଗ୍ରହଣ କରି ପାରି ନାହାଁନ୍ତି । ଅଖଣ୍ଡ ଓଡ଼ିଶାର ପରିପୂର୍ଣ୍ଣ ସ୍ୱରୂପ ସର୍ବଦା ତାଙ୍କ ସ୍ମୃତିପଟରେ ଝଲସି ଉଠିଛି । କବିବର ରାଧାନାଥ ଏବଂ ସ୍ୱୟଂ ଫକୀରମୋହନ ଭୌଗୋଳିକ ଓଡ଼ିଶାର ସର୍ବବିଧ ଚିତ୍ର ଅଙ୍କନ କରିବାରେ ପ୍ରଗାଢ଼ ଯତ୍ନ ପ୍ରଦର୍ଶନ କରିଛନ୍ତି ।

**ତତ୍କାଳୀନ ଆର୍ଥିକ ଦୁରବସ୍ଥା :**

ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଇଂରେଜ ଅପଶାସନର ଏକ ସଙ୍କଟସଙ୍କୁଳ ସମୟ । ଫକୀର ମୋହନଙ୍କ ଆତ୍ମଜୀବନୀରୁ ତାଙ୍କ ନିତାନ୍ତ ଦରିଦ୍ର ଓ ଭୟାର୍ତ୍ତ ଥିଲା । ମରହଟ୍ଟାମାନଙ୍କ ଅତ୍ୟାଚାରରେ ନିଷ୍ପେଷିତ ଓଡ଼ିଆ ଜାତିର ଜାତୀୟ ଅର୍ଥନୀତି ସଂପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଥିଲା । ଲୁଣ୍ଠନ ହିଁ ଥିଲା ସେ କାଳର ମରହଟ୍ଟା ଶାସନର ମୂଳଧର୍ମ ବା ଶ୍ରେଷ୍ଠ କର୍ମ । ଇଂରେଜ ଶାସନର ଆରମ୍ଭରେ– ଏହାର ପରିସମାପ୍ତି ପରିବର୍ତ୍ତେ, ବେଢ଼ି ଉପରେ କୋରଡ଼ା ନ୍ୟାୟରେ ନୂଆ ଲବଣ ଆଇନ୍ ପ୍ରବର୍ତ୍ତନ ହେଲା । ଯାହା ଫଳରେ ସାଧାରଣ ଲୋକେ, ଲୁଣ ଟିକକ ପାଇଁ 'ଛ'ଗୁଣା ଅଧିକ ଦାମ୍ ଦେବାକୁ ବାଧ୍ୟ ହେଲେ । ବ୍ରିଟିଶ ସରକାର ତାଙ୍କର ଗୋଟିଏ ନୂତନ ମୁଦ୍ରାର ବିନିମୟ ମୂଲ୍ୟ ବାବଦକୁ ''ସାତକାହାଣ କଉଡ଼ି'' ଦାବି କଲେ । ନୂତନ ଭୂବନ୍ଦୋବସ୍ତ ହେବା ଫଳରେ ବାରମ୍ବାର ଖଜଣାହାର ବଢ଼ିଚାଲିଲା । ଗରିବ ଚାଷୀ ମୂଲିଆଙ୍କ ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଲା । ଓଡ଼ିଶାର ଅନେକ ବୁନିୟାଦି ସମ୍ପନ୍ନ ଜମିଦାର ଏଇ ରାଜସ୍ୱ କବଳରେ କବଳିତ ହୋଇ ସାଧାରଣ ସ୍ତରକୁ ଛିଟିକି ପଡ଼ିଲେ । ନୂଆ ହୋଇ ଏକ ତୋଷାମଦକାରୀ– ସ୍ୱାର୍ଥ ସର୍ବସ୍ୱ–ନରପିଶାଚ ଗୋଷ୍ଠୀ ନୂତନ ଜମିଦାର ଭାବରେ ସମାଜର କଳେବର ମଣ୍ଡନ କଲେ । ଶାସନ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀ ଅତ୍ୟଧିକ ଲାଞ୍ଚଖୋର ଓ ଦୁର୍ନୀତିଗ୍ରସ୍ତ ଥିଲେ । ଫଳରେ ଓଡ଼ିଶାର ସାଧାରଣ ଜନଜୀବନର ଆର୍ଥିକ ସ୍ଥିତି ସଂପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଲା । ସାମାଜିକ ଜୀବନ, ଅସମ୍ଭବ ଦୁଃଖ ଓ ଯନ୍ତ୍ରଣାର ଶିକାର ହେବାକୁ ବାଧ୍ୟ ହେଲା ।

ଠିକ୍ ଏହି ସମୟକୁ ପ୍ରକୃତି ମଧ୍ୟ ଆମ ବିପକ୍ଷରେ ଗଲା । 'ନଅଙ୍କ ଦୁର୍ଭିକ୍ଷ' ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ଏହି ନଅଙ୍କ ଦୁର୍ଭିକ୍ଷ ପରି ଅନେକ ଗୁଡ଼ିଏ ପ୍ରାକୃତିକ ବିପର୍ଯ୍ୟୟ ବିଗତ ଶତାବ୍ଦୀର ପ୍ରଥମ ସାତୋଟି ଦଶନ୍ଧି ମଧ୍ୟରେ ସଂଘଟିତ ହୋଇ ଓଡ଼ିଶାର ସାମାଜିକ ଜୀବନକୁ ନାନାଦି ମତେ ଯନ୍ତ୍ରଣା ଜର୍ଜରିତ କରି ଦଳିତକାନ୍ତ କରି

ଦେଇଥିଲା । ଓଡ଼ିଶା ଷ୍ଟେଟ ଆର୍କାଇଭରୁ ପ୍ରାପ୍ତ ଏକ ରିପୋର୍ଟରୁ ଜଣାଯାଏ ଯେ ୧୮୦୩ରୁ ୧୮୭୦ ଭିତରେ ଓଡ଼ିଶାରେ ୭ଥର ମରୁଡ଼ି, ୬ଥର ପ୍ରବଳ ବାତ୍ୟା ଓ ୫ଥର ଭୟଙ୍କର ବନ୍ୟା ହୋଇଥିଲା ।

ଓଡ଼ିଶା ଏକ କୃଷିଭିତ୍ତିକ ଅଞ୍ଚଳ ହୋଇଥିବାରୁ ଏହିସବୁ ପ୍ରାକୃତିକ ବିପର୍ଯ୍ୟୟ ତା'ର ଆର୍ଥିକ ମାନଦଣ୍ଡକୁ ସମୂଳେ ଧ୍ୱଂସ କରିଦେଲା । ଭାତ ମୁଠାଏ ବା ପେଜ ମୁନ୍ଦାଏ ତୁଣ୍ଡରେ ଦେଇ ନ ପାରି ଶହ-ଶହ ହଜାର-ହଜାର ନରକଙ୍କାଳ ରାସ୍ତା ଘାଟରେ ଢଳିପଡ଼ିଲେ । ନଅଙ୍କ ଦୁର୍ଭିକ୍ଷର ଘଟଣା ସବୁ ଅଘଟଣାକୁ ଟପିଗଲା ।

ଫକୀରମୋହନ ଏହି ଦୁଃଖିନୀ ଓଡ଼ିଶାକୁ ପ୍ରାଣଭରି ଦେଖିଛନ୍ତି । ବାଲ୍ୟରୁ ଯୌବନ ପର୍ଯ୍ୟନ୍ତ ସମୟ ସୀମାରେ ଓଡ଼ିଶାରେ ସଂଘଟିତ ଅନ୍ତରଙ୍ଗ ଭାବରେ ଅନୁଧ୍ୟାନ କରିଛନ୍ତି । ତାଙ୍କ ଚିନ୍ତା ରାଜୀରେ ସର୍ବାଧିକ ପ୍ରଭାବ ପକାଇଛି 'ନଅଙ୍କ ଦୁର୍ଭିକ୍ଷ' । ସେ ତାଙ୍କ ସ୍ମୃତିଚାରଣ କ୍ରମରେ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି - ୧୮୬୬ ମସିହାରେ ଏହି ଲୋମହର୍ଷଣ ବ୍ୟାପାର ଘଟିଥିଲା । ସେଇ ଭୀଷଣ କାଣ୍ଡ ଆଜିଯାଏ ଅର୍ଥାତ୍ ୧୯୧୫ - ୧୬ ପର୍ଯ୍ୟନ୍ତ ଲୋକେ ଭୁଲି ପାରିନାହାନ୍ତି । ସେଇ ବର୍ଷ ମଧ୍ୟ ୩୦ ଲକ୍ଷ ଲୋକ ପ୍ରାଣତ୍ୟାଗ କଲେ । ପ୍ରାୟ ଛ'ପଣି ଲୋକଙ୍କର ବଂଶ ଉଚ୍ଛନ୍ନ ହୋଇଗଲା । ଅନେକ ମୃତ ଅବଶିଷ୍ଟ ଇତସ୍ତତ ହୋଇ ଯାଇଛନ୍ତି ।''

୨୩ ବର୍ଷ ବୟସ୍କ ଯୁବକ ଫକୀର ମୋହନ ସେତେବେଳେ ମିଶନାରୀ ସ୍କୁଲର ଶିକ୍ଷକ- ନିଜ ଆଖିରେ ଶହ ଶହ ହଜାର ହଜାର ଶବର ଶୋଭାଯାତ୍ରା ଦେଖି, ତାଙ୍କ ପ୍ରାଣ ବିକଳି ଉଠିଛି । ସେ ପ୍ରତିଦିନ ପୂର୍ବାହ୍ନ ୯ଘଣ୍ଟା ସମୟରେ ସ୍ନାନ ଶେଷ କରି ଖଣ୍ଡିଏ କମ୍ବଳାସନ କାଖରେ ଯାକି ଏକାକି ଧାନ ବିଲକୁ ଯାଆନ୍ତି ଏବଂ ସେଇଠି ବିଲ ମଝିରେ ଆସନ ପାରି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଅତି ବିକଳ ପ୍ରାଣରେ ଲୋକ ମାନଙ୍କ ପ୍ରାଣରକ୍ଷା ପାଇଁ ପ୍ରାର୍ଥନା କରନ୍ତି । ସେ ତାଙ୍କ ସ୍ମୃତିଚାରଣ କ୍ରମରେ ତତ୍କାଳର ଯେଉଁ ମର୍ମସ୍ପର୍ଶୀ ହୃଦୟ ବିଦାରକ ଚିତ୍ର ପ୍ରଦାନ କରିଛନ୍ତି, ତା'ର ସାମାନ୍ୟ କେତୋଟି ନମୁନା ଏଠାରେ ପ୍ରଦାନ କଲେ ଅସଙ୍ଗତ ହେବନାହିଁ । 'ଦିନମଜୁରିଆ ମୂଲିଆ ଗୁଡ଼ାକ କଂସା ପିତଳ ଯାହା ଖଣ୍ଡେ ଖଣ୍ଡେ ଥିଲା-ବିକିଦେଇ ଯେତେ ଦିନ ଚଳିଲା ଚଳିଲେ । କାର୍ତ୍ତିକ ଶେଷ ସରିକି ଯାହାଙ୍କୁ ଯେଉଁ ବାଟ ଦିଶିଲା, ସେମାନେ ସେଇ ବାଟରେ ଘରୁ ବାହାରିଗଲେ । ସ୍ତ୍ରୀ-ପୁରୁଷ-ବାପ-ପୁଅ କାହାରି ସହିତ କାହାରି ଭେଟ ନାହିଁ । ଦୁଆର ଦୁଆର ବୁଲି ଭିକ ମାଗୁଥାନ୍ତି । ଚାଷବାସି ଲୋକେ ଅବସ୍ଥାନୁସାରେ ପ୍ରଥମେ କଂସା-ପିତଳ ଗୋରୁ ଗାଈ ସୁନା ରୂପା ଯାହା ଘରେ ଯାହା ଥିଲା ବିକିବାକି, ମାଘ ଫଗୁଣଯାଏ ଦାନ୍ତକାମୁଡ଼ି ଘରେ ପଡ଼ିରହିଲେ ।

ସେ ସମୟରେ ବଳଦ ଗୋଟାକର ଦାମ- ଧାନ ଗୌଣିକ ଠାରୁ ଚାରି ପାଞ୍ଚଗୌଣି । ଗାଈଟାର ଦାମ ଗୌଣିଏ ଦୁଇ ଗୌଣି । ସୁନା ରୂପା ଓଜନ କରିବାକୁ ନୀକିତିତ ଭଲ ନାହିଁ – ଦରଦାମ ବୁଝୁଛି କିଏ ? ଯେତେ ଗୌଣି ଧାନ ବା ଚାଉଳ ଦଉଛୁ ଦେ- ଜୀବନ ରହୁ ଏଇ ଭାବ ।

ଶେଷରେ ଅବସ୍ଥା ଏପରି ହେଲା ଯେ ଅନେକ ଥିଲାଘର, ମଧ୍ୟବିତ୍ତ ଲୋକେ ଟଙ୍କା ଅଣ୍ଟାରେ ଖୋସି ଗାଁ ଗାଁ କରି ଧାନ ଚାଉଳ ଖୋଜି ବୁଲିଲେ । ମାତ୍ର ତାହା ମିଳିଲା ନାହିଁ । ଫଗୁଣର ସରିକି ଅବସ୍ଥା ଅତି ଉତ୍କଟ ହେଲା । ଉଭୟେ ଚାଷବାସି ଓ କାରିଗର ଶ୍ରେଣୀର ଲୋକ ମଧ୍ୟ ଦାନା ଅଭାବରେ ଛିନ୍‌ଭିନ୍ ହୋଇ ପଡ଼ିଲେ । ଘାସପତ୍ର, ଯିଏ ଯାହା ପାଇଲା ଚୋବାଇଲା । ତେନ୍ତୁଳି ଗଛର କଅଁଳିଆ ପତ୍ର ବାହାରିବାରୁ ଗୋଟାଏ ଗଛରେ

ଦଣ୍ଡ, କୋଡ଼ିଏ ଜଣ ଲେଖାଏ ଚଢ଼ି ମାଙ୍କଡ଼ ପରି ପତ୍ରସବୁ ଖୁଣ୍ଟି ଖୁଣ୍ଟି ଖାଉଥାନ୍ତି । ସେହି ଲୋକଙ୍କୁ ଅନାଅ ହାଡ଼ ଆଉ ଚମ । ଆଖି ଭିତରକୁ ପଶିଗଲାଣି । ଅନେକ ଭଲ ଭଲ ଘର ଯୁବତୀ ବୋହୂ ଝିଅ ଦୁଇ ତିନିହାତ ଲମ୍ବ ଶହେଗଣ୍ଠିଆ କନା ଅଣ୍ଟାରେ ଭିଡ଼ି ଦେଇ ଦାଣ୍ଡେ ଦାଣ୍ଡେ ବୁଲୁଥା'ନ୍ତି । ସେମାନଙ୍କ ମାତୃଚିହ୍ନ ଚର୍ମ ଦୁଇଖଣ୍ଡ ଛାତିରେ ଝୁଲୁଥାଏ । କାହାରି କାହାରି କୋଳରେ ଅସ୍ଥି-ଚର୍ମମୟ ପିଲା, ସେଇ ଚର୍ମମୟ ସ୍ତନଟି ମୁହଁରେ ଦେଇ ଝୁଲିପଡ଼ିଥାଏ - ଶିଶୁଟା ମୃତ କି ଜୀବିତ ଚିହ୍ନି ହେଉ ନଥାଏ ।''

ଏହା ହିଁ ଦୁର୍ଭିକ୍ଷପୀଡ଼ିତ ଅସହାୟ ଓଡ଼ିଆ ସମାଜ ଏବଂ ଏହାହିଁ ଥିଲା ଏ ଜାତିର ଏକ ନିଷ୍ଠୁର ନିୟତି ।

x x x

ସମୟ ଏକ ଶ୍ରେଷ୍ଠ ଶିଳ୍ପୀ । ଧ୍ୱଂସ ସ୍ତୂପ ଉପରେ ସୁରମ୍ୟ ଅଟ୍ଟାଳିକାର ଯୋଜନା ସେ କିପରି, କାହାଦ୍ୱାରା ଏବଂ କେଉଁ ସମୟରେ ସମ୍ପନ୍ନ କରେ- ସାଧାରଣ ମଣିଷର ତାହା ବୁଝିବା ସହଜ ନୁହେଁ । ରତ୍ନାକରକୁ ଟାଣିଆଣି- ବାଲ୍ମୀକି ସଜାଇ ଦିଏତ ପୁଣି - କୈବର୍ତ୍ତ କନ୍ୟା ସତ୍ୟବତୀ ନନ୍ଦନଙ୍କୁ ଓ ଦାସୀ ପୁତ୍ର ବିଦୁରଙ୍କୁ ଶାସ୍ତ୍ରବିଶାରଦ ଏବଂ ନୀତି ବିଶାରଦ ଭାବରେ ଠିଆ କରାଇଦିଏ । ସୁଯୋଗ ଦେଖି ଅତି ସାଧାରଣ ଘଟଣାକୁ ଅସାଧାରଣ କରିଦିଏ । ସାଧାରଣ ମଣିଷକୁ ଅସାମାନ୍ୟ ପ୍ରତିଭା ଦାନ କରି ଅମର କରିଦିଏ ।

ତେବେ ଏକଥା ନିଶ୍ଚୟ ସତ୍ୟ ଯେ, ଯେକୌଣସି ସୁନ୍ଦର ସୃଷ୍ଟିରେ ଅନ୍ତରାଳରେ ସ୍ରଷ୍ଟା ପ୍ରାଣର ଯନ୍ତ୍ରଣା ଲୁଚି ରହିଥାଏ – ଶିଶୁର କୁଆଁ ଶବ୍ଦ ଶୁଣିବା ପୂର୍ବରୁ ମା'ର ଯନ୍ତ୍ରଣା କେବଳ ମା' ହିଁ ଜାଣିଥାଏ, ଅନ୍ୟ କେହି ନୁହେଁ । ସାହିତ୍ୟ ପକ୍ଷରେ ଏ ସୂକ୍ତିଟି ମଧ୍ୟ ଅକ୍ଷରେ ଅକ୍ଷରେ ସତ୍ୟ । ବିଶ୍ୱ-ସାହିତ୍ୟର ଆଦ୍ୟ ଓଁକାର ବେଦନା ବୋଧରୁ ବା ଯନ୍ତ୍ରଣାରୁ । ଏ ଯନ୍ତ୍ରଣା ନାନା ବିଧ । ଏହା ହୋଇପାରେ ମାନସିକ, ଶାରୀରିକ, ସାମାଜିକ, ରାଜନୈତିକ, ଅର୍ଥନୀତିକ ବା ହୋଇପାରେ ବୃତ୍ତି ଜନିତ, ପାରିବାରିକ, ପ୍ରାଦେଶିକ, ଆନ୍ତର୍ଜାତିକ, ସାମ୍ପ୍ରଦାୟିକ ବା ଦୈବୀଦୁର୍ବିପାକ ଜନିତ ।

ଆମ ଆଧୁନିକ ଓଡ଼ିଆ ସାହିତ୍ୟର ଜନ୍ମ ଏହି ଦୈବୀଦୁର୍ବିପାକରୁ । 'ସାହିତ୍ୟ'- ସମାଜ ଜୀବନର ରୂପକାର – ଏଇ ଧାରଣା ବଳବତ୍ତର ହେଲା । ୧୮୬୬ ମସିହା ପରେ, ନଅଙ୍କ ଦୁର୍ଭିକ୍ଷର ଅବ୍ୟବହିତ ପରେ ।

ତେଣୁ ମୁଁ ମୋ ପ୍ରବନ୍ଧର ଶେଷାଂଶରେ ଓଡ଼ିଆ ଗଦ୍ୟ ସାହିତ୍ୟ ଓ ଫକୀର ମୋହନଙ୍କ ପ୍ରତିଭା ସଂପର୍କରେ ସମ୍ୟ ସୂଚନା ପ୍ରଦାନ କରୁଅଛି । ୧୮୬୬ ମସିହାର ଚରମ ଦୁର୍ବିପାକରେ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି, ସ୍ୱଚକ୍ଷୁରେ ପ୍ରତ୍ୟକ୍ଷ କରିବା ପରେ ବିଦେଶୀ ଶାସକଙ୍କର ମୋହଭଙ୍ଗ ହେଲା । ଏଯାବତ୍ ସେମାନେ ସ୍ୱାର୍ଥାନ୍ୱେଷୀ, ଅସାଧୁ କର୍ମଚାରୀଙ୍କ ଉପରେ ବିଶ୍ୱାସ କରି ଓଡ଼ିଶାର ସମସ୍ତ ଶାସନ କାର୍ଯ୍ୟ ସମାପନ କରୁଥିଲେ । ଗୋଟିଏ ରାଜ୍ୟର ପ୍ରାୟ ଏକ ତୃତୀୟାଂଶ ଲୋକ ଖାଦ୍ୟ ବିନା ଅନାହାରରେ ମରିବାର ଦେଖି ଖାଲି ଏ ଦେଶ ବାସୀ ନୁହଁନ୍ତି । ସମଗ୍ର ବିଶ୍ୱବାସୀ ବିସ୍ମୟରେ ଅଭିଭୂତ ହୋଇ ପଡ଼ିଲେ । ଖ୍ରୀ.ପୂ. ତୃତୀୟ ଶତାବ୍ଦୀରେ କଳିଙ୍ଗ ଯୁଦ୍ଧରେ ଯେତିକି ନରସଂହାର ଘଟିଥିଲା, ବିଗତ ଶତାବ୍ଦୀରେ ସଭ୍ୟ ଇଂରାଜୀ ଶାସିତ ଏକ ରାଜ୍ୟରେ ତା'ର ବହୁଗୁଣ ନରସଂହାର ସଂଘଟିତ ହୋଇଗଲା । ଶାସକ ଇଂରାଜୀ ସାହେବ ନିଜ କୃତକର୍ମର ପ୍ରାୟଶ୍ଚିତ ପାଇଁ ଓଡ଼ିଶାର ଉନ୍ନତିକଳ୍ପେ ନିଜକୁ ନିୟୋଜିତ କରିବାକୁ ସଂକଳ୍ପବଦ୍ଧ ହେଲେ । ଅନ୍ୟ କେତେକ ବିବେକବନ୍ତ ଗୋରା ସାହେବ, କମିଶନର ରେଭେନ୍ସାଙ୍କ ଅନୁରୂପ ଓଡ଼ିଶାର ଉନ୍ନତି ପାଇଁ ମନପ୍ରାଣ ଢାଳି ଦେଲେ ।

ହାକିମମାନଙ୍କର ଏହି 'ମହତ୍‌ଇଚ୍ଛା'ର ପରିଣାମ ସ୍ୱରୂପ ଉନ୍ନତି ପାଇଁ ମନ ପ୍ରାଣ ଢାଳି ଦେଲେ । ହାକିମମାନଙ୍କର ଏହି 'ମହତ୍‌ଇଚ୍ଛା'ର ପରିଣାମ ସ୍ୱରୂପ ଆଧୁନିକ ଓଡ଼ିଶାର ନବଜନ୍ମ ହେଲା । ସକଳ ପ୍ରକାର ସରକାରୀ ସାହାଯ୍ୟ ସହଯୋଗ ପାଇବା ପାଇଁ ଓଡ଼ିଆଏ ଯୋଗ୍ୟ ବିବେଚିତ ହେଲେ । ଶିକ୍ଷାର ଦ୍ୱାର ପ୍ରଶସ୍ତ ହେଲା । ଉଚ୍ଚଶିକ୍ଷା ପାଇଁ ମହାବିଦ୍ୟାଳୟ ପ୍ରତିଷ୍ଠା କରାଗଲା । ବିଚାର ପାଇଁ ବିଚାରାଳୟ, ସ୍ୱାସ୍ଥ୍ୟସେବା ପାଇଁ ଚିକିତ୍ସାଳୟ, ଗମନାଗମନ ପାଇଁ ସଡ଼କ ବନ୍ଧ ଯୋଜନା ଏବଂ ଶାନ୍ତିରକ୍ଷା ପାଇଁ ପୋଲିସ ମୁତୟନ ଇତ୍ୟାଦିକାର୍ଯ୍ୟ ଦ୍ରୁତପଦରେ ଆଗେଇଲା । ତା'ର ସଙ୍ଗେ ସଙ୍ଗେ ଏକ 'ଜାଗ୍ରତ ଜନଚେତନା ।' ଏଇ ସମୟରୁ ଅଧିକ କ୍ରିୟାଶୀଳ ହେଲା । ସମାଜର ସର୍ବବିଧ ଉନ୍ନତି କଳ୍ପେ ଏ ସମୟର ଯୁବଗୋଷ୍ଠୀ ନିଜ ନିଜକୁ ଉତ୍ସର୍ଗ କଲେ ।

ସବୁକାଳରେ ସବୁ ଯୁଗରେ ସମାଜରେ ଦୁଇ ପ୍ରକାର ବ୍ୟକ୍ତି ଦେଖାଦିଅନ୍ତି– 'ସୁ' ଓ 'କୁ' । ଏଇ 'କୁ' - ଗୋଷ୍ଠୀ ପ୍ରଭାବରେ ସମାଜ ବହୁତ ହନ୍ତସନ୍ତ ହୁଏ । ସାଧାରଣ ଜନତାର ଜୀବନଚର୍ଯ୍ୟାରେ ଅହେତୁକ ବାଧା ସୃଷ୍ଟି ହୁଏ । ଓଡ଼ିଶାରେ ତାହାହିଁ ହୋ । ୧୮୬୬ର ନଅଙ୍କ ଦୁର୍ଭିକ୍ଷରେ ଓଡ଼ିଆଙ୍କର ଅଣ୍ଟା ବସିଯାଇଥିଲାଣ ମାତ୍ର ୧୮୦୮ ମସିହାରେ ତାହା 'ଜିଭ' କଟିଯିବାର ଉଦ୍ୟମ ହେଲା । ଏହା ଏକ ବହୁଚର୍ଚ୍ଚିତ ଘଟଣା ଭାଷା ଆନ୍ଦୋଳନ । ଦଳେ ହିନମନ୍ୟ ବଙ୍ଗାଳୀ କର୍ମଚାରୀ ଇଚ୍ଛାକଲେ ଓଡ଼ିଆ ଭାଷାକୁ ସମୂଳେ ଲୋପ କରି ସେଇ ସ୍ଥାନରେ ବଙ୍ଗଳା ଭାଷାକୁ ପ୍ରଚଳନ କରାଇବାକୁ । ସେଇ ମର୍ମରେ ସରକାରୀ କାଗଜପତ୍ରରେ ମଧ୍ୟ ସେମାନେ ଆଦେଶ କରାଇନେଲେ ଯେ ଓଡ଼ିଶାର ସ୍କୁଲମାନଙ୍କରେ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ପଢ଼ା ହେବ । ଅଧାପ୍ରାଣ ଓଡ଼ିଆଙ୍କୁ ଏହା ଭୟଙ୍କର ଆଘାତ ଦେଲା । କଟକରୁ କର୍ମବୀର ଗୌରୀଶଙ୍କର ତାଙ୍କ ଉତ୍କଳଦୀପିକା ପୃଷ୍ଠାରେ ଏହି ଘଟଣାର ବିରୋଧ କଲେ । ବାଲେଶ୍ୱରରୁ ଜାତିପ୍ରାଣ ଫକୀରମୋହନ ଏବଂ ତାଙ୍କର କେତେକ ବନ୍ଧୁ ମଧ୍ୟ ଏହି ଘଟଣାର ଭୟଙ୍କର ବିରୋଧ କଲେ । ଏଇ ସମୟରେ ବାଲେଶ୍ୱରରୁ 'ସମ୍ବାଦ ବାହିକା' ଜନ୍ମ ନେଲା । ଆନ୍ଦୋଳନ ଏପରି ହେଲା– ଯେଉଁଥିରୁ ମନେହେଲା ଖାଲି ବ୍ରିଟିଶ ଶାସିତ ଓଡ଼ିଶା ନୁହେଁ– ସମଗ୍ର ଭୌଗୋଳିକ ଓଡ଼ିଶାରେ କର୍ମବୀର ଗୌରୀଶଙ୍କର ଓ ଜାତି ପ୍ରାଣ ଫକୀରମୋହନଙ୍କ ସ୍ୱସ୍ଥ ଆହ୍ୱାନରେ ଜନଜାଗରଣ ତୀବ୍ରତର ହୋଇ ଉଠିଲା । ତତ୍ କାଳର ନ୍ୟାୟନିଷ୍ଠ ସଚ୍ଚୋଟ ଗୋରା ହାକିମଙ୍କ ଦରବାରରେ ଏହି ଆନ୍ଦୋଳନର ବିଚାର ହୋଇ 'ରାୟ' ଓଡ଼ିଆ ଭାଷା ସପକ୍ଷରେ ଗଲା ।

ଏହି ସମୟକୁ ଓଡ଼ିଶାର ଉତ୍ତରାଞ୍ଚଳରେ ବଙ୍ଗଳା ଭାଷା, ଉତ୍ତର-ପଶ୍ଚିମାଞ୍ଚଳରେ ହିନ୍ଦି ଭାଷା, ପଶ୍ଚିମ ଭାଗରେ ଛତିଶିଗଡ଼ି ଭାଷା, ଦକ୍ଷିଣାଞ୍ଚଳରେ - ତେଲୁଗୁ ଭାଷା – ଏହିପରି ୪ ପ୍ରକାର ଭାଷାଭାଷୀଙ୍କ ଉତ୍ପୀଡ଼ନରେ ଓଡ଼ିଆ ଭାଷା ତିନିଠେଙ୍ଗିଆ କାବୁଡ଼ିବାଡ଼ି ହୋଇ ଯାଇଥିଲା । ଓଡ଼ିଆ ଭାଷାଭାଷୀମାନଙ୍କର ବିଚ୍ଛିନ୍ନତା ଯେ ଓଡ଼ିଆ ଭାଷା ଓ ଦେଶର ଅଧୋଗତିର ମୁଖ୍ୟ କାରଣ, ତାହା ୧୮୬୮ ମସିହାରେ ଭାଷା ଆନ୍ଦୋଳନ ସମୟରେ ହିଁ ଉପଲବ୍ଧ ହେଲା ।

ଅତଏବ ସମୟ ହିଁ ଏଠାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କଲା ଏବଂ ସେଇ ସମୟର ସମର୍ଥ ପ୍ରତିନିଧି ହେଲେ କଥା ସମ୍ରାଟ ଫକୀରମୋହନ । ଓଡ଼ିଆ ସାହିତ୍ୟରେ ତାଙ୍କର ଆବିର୍ଭାବ ଆକସ୍ମିକ ନୁହେଁ ସମୟୋଚିତ । ସମୟ ତାଙ୍କୁ ଏବଂ ଓଡ଼ିଆ ସାହିତ୍ୟ ଓ ସମାଜକୁ ଏକ ଅଭିନବ ରୂପରେ ଦେଖିବାକୁ ଚାହିଁଲା ।

ଏହି ସମୟରେ ସମଗ୍ର ବିଶ୍ୱ - କଥା - ସାହିତ୍ୟ କ୍ଷେତ୍ରରେ ସୁବର୍ଣ୍ଣଯୁଗ ଆରମ୍ଭ ହୋଇଯାଇଥାଏ । ବିଶ୍ୱର

ବହୁ ଯୋଗଜନ୍ମା ସିଦ୍ଧସାଧକଙ୍କ ସୃଷ୍ଟି ସମ୍ପଦରେ ବିଶ୍ୱ ସାହିତ୍ୟ ବିଭବଶାଳୀ ହୋଇଥାଏ । ଋଷ ଦେଶରେ ଦସ୍ତୋଭସ୍କି, ଟଲଷ୍ଟୟ, ମେକ୍ସିମଗର୍କୀ, ଆଲେକଜାଣ୍ଡର କୁପ୍ରିନ ଏବଂ ଏଣ୍ଟୋନି ଚେକବ୍, ଫରାସୀ ସାହିତ୍ୟରେ ଭିକ୍ଟର ହ୍ୟୁଗୋ, ଏମିଲି ଜୋଲା, ରୋମାରୋଲା, ଗାଲ୍‌ଜକ, ମୋପାସାଁ । ଇଂରାଜୀ ସାହିତ୍ୟରେ ଚାର୍ଲସ ଡିକେନ୍‌ସ, ଥୋମାସ୍ ହାର୍ଡି ଏବଂ ଏଚ.ଜି. ୱେଲ୍‌ସ ପ୍ରଭୃତି ବିଶ୍ୱବନ୍ଦ୍ୟ କଥାକାରମାନେ ଏହି ସମୟ ମଧ୍ୟରେ ଆବିର୍ଭୂତ ହୋଇ ସମଗ୍ର ବିଶ୍ୱକୁ ଏକ ନୂତନ ସନ୍ଦେଶ ପ୍ରଦାନ କରିଥିଲେ । ଇଂରେଜ ଶାସିତ ଭାରତ ବର୍ଷରେ ମଧ୍ୟ ଏହି ଧାରା ପ୍ରବର୍ତ୍ତିତ ହୋଇଥିଲା । ବଙ୍ଗଳାର ବଙ୍କିମଚନ୍ଦ୍ର, ଶରତଚନ୍ଦ୍ର ଓ ହିନ୍ଦି ସାହିତ୍ୟର ପ୍ରେମଚାନ୍ଦ ଏହି ଧାରାର ଉଦୀୟମାନ ଶିଳ୍ପୀ ଭାବରେ ପ୍ରତିଷ୍ଠା ଓ ଗୌରବ ଅର୍ଜ୍ଜନ କରିଥିଲେ । ଓଡ଼ିଶାରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କଥା ସମ୍ରାଟ ଫକୀର ମୋହନ ଏହି ସମ୍ମାନର ଅଧିକାରୀ । ସେ ଏକାଧାରାରେ କବି, ପ୍ରାବନ୍ଧିକ, ସମାଲୋଚକ, ଜୀବନୀ ଲେଖକ, ଗାଳ୍ପିକ ଓ ଔପନ୍ୟାସିକ ହେଲେ ହେଁ ତାଙ୍କ ସୃଷ୍ଟିର ମୁଖ୍ୟ ଦିଗଟି ହେଉଛି କଥା ସାହିତ୍ୟ । ସେଇ କଥା ସାହିତର ପ୍ରଧାନ ଧାରା ହେଉଛି 'ଗଣବେଦନା' । ଲୋକ ଭାଷାରେ ଲୋକଙ୍କ ଚଳଣି, ସେମାନଙ୍କ ହସକାନ୍ଦ, ଭଲ-ମନ୍ଦ ହାନି-ଲାଭ ଇତ୍ୟାଦିକୁ ସେ ରୂପଦାନ କରିଛନ୍ତି । ତାଙ୍କ ଦୃଷ୍ଟିରେ ସାହିତ୍ୟ କେବଳ ସମାଜର ଦର୍ପଣ ନୁହେଁ- ଏହା ଗୋଟିଏ ଜାତିର ଆଲୋକ ବର୍ତ୍ତିକା । ଜୀବନ ଦୀପ, ପ୍ରାଣର ନିର୍ଯ୍ୟାସ- ଜୀବନ ଓ ଜୀବିକାର ଏକ ନାଦ ରହିତ ବେଦ ।

ତାଙ୍କ କୃତିରେ ନିମ୍ନ ବର୍ଗର- ଅସହାୟ ଦିନମଜୁରିଆଠାରୁ ଆରମ୍ଭ କରି ଉଚ୍ଚବର୍ଗର ରାଜା ଓ ଜମିଦାରଙ୍କର ଜିକିମାଡ଼ି ପେଟ ପୋଷୁଥିବା ସହାୟ-ସମ୍ବଳ-ଶୂନ୍ୟା- ବିଧବଠାରୁ ଉଆସରେ ରହୁଥିବା ପୋଇଲି ପରିବାରାବେଷ୍ଟିତା- ରାଜରାଣୀ ପର୍ଯ୍ୟନ୍ତ ସ୍ଥାନ ପାଇଛନ୍ତି । ସମସ୍ତଙ୍କୁ ସମାନ ଚକ୍ଷୁରେ ଦେଖିଛନ୍ତି ସ୍ରଷ୍ଟା ପୁରୁଷ । ସମୟର ନିକିତିରେ ତଉଲିଛନ୍ତି ସେମାନଙ୍କୁ । ସେମାନଙ୍କ ମନକୁ ଚୈତନ୍ୟକୁ, ପାପକୁ, ପୁଣ୍ୟକୁ, ଅସହାୟତାକୁ । ସେ ସର୍ବମୋଟ ଚାରିଖଣ୍ଡ ଉପନ୍ୟାସ, ୨୦ଟି ଗଳ୍ପ, ନିଜ ଆତ୍ମଜୀବନୀ ଓ କେତେକ ପ୍ରବନ୍ଧ ଲେଖି ଯାଇଅଛନ୍ତି । ତାଙ୍କର ଏହି ସମସ୍ତ ଗଦ୍ୟକୃତିରେ ସର୍ବବିଧ ବର୍ଣ୍ଣନୀୟ ବସ୍ତୁ ଭାବରେ ତାଙ୍କ ସମକାଳୀନ ସମାଜ ମୁଖ୍ୟସ୍ଥାନ ଗ୍ରହଣ କରିଅଛି । ଏଥିରେ ତତ୍‌କାଳର ଶାସକ ଓ ଶାସିତଙ୍କ ଚିତ୍ର, ବିଚାରଧାରା, ରାଜସ୍ୱ ଆୟ, ପୋଲିସ ଭୟ, କୃଷି ଓ କୃଷକ, ମଠ ଓ ମଠାଧୀଶ, ଶଠ ଓ ପ୍ରବଞ୍ଚକ, ଦେଶୀୟ ଭଣ୍ଡ ସନ୍ନ୍ୟାସୀଠାରୁ ମୁଣ୍ଡା, ନାଗା ସନ୍ନ୍ୟାସୀ, ଭିନ୍ନ ଭିନ୍ନ ଧର୍ମ ଓ ତା'ର ତତ୍ତ୍ୱ, ବିବାହ, ବ୍ରତ, ଶୁଦ୍ଧିକ୍ରିୟା, ବିଧବାର ଯନ୍ତ୍ରଣା, ମଦ୍ୟପାନ, ଅନ୍ୟାନ୍ୟ ନିଶା, ବେଶ୍ୟାବୃତ୍ତି, ସ୍ପୃଶ୍ୟ ଅସ୍ପୃଶ୍ୟ ଭେଦଭାବ, ମହାମାରୀ, ହଇଜା, ବସନ୍ତ, ପ୍ରାକୃତିକ ଦୁର୍ଗତି ଆଦିର ବିବିଧ ଚିତ୍ର ତାଙ୍କ ସାହିତ୍ୟରେ ଅଙ୍କିତ ହୋଇଅଛି । ସେଥିମଧ୍ୟରୁ ଅଳ୍ପ କେତୋଟି ଦୃଷ୍ଟାନ୍ତ ଛଳରେ ଏଠାରେ ଉପସ୍ଥାପନ କରାଯାଇପାରେ । ଛ'ମାଣ ଆଠଗୁଣ୍ଠରେ ଗୋଟିଏ ଦୃଷ୍ଟାନ୍ତ – 'ଦେୱାନ ଗଙ୍ଗା ଗୋବିନ୍ଦ ସିଂହଙ୍କ ମାତୃକ୍ରିୟା ପରିକ୍ରିୟା ଭାରତ ବର୍ଷରେ ଆଜିଯାଏ କେହି କରିନାହିଁ । ବଙ୍ଗଳା ହତାର ସମୁଦାୟ ଜିଲ୍ଲାର କଲେକ୍ଟର ସାହେବ ଡାଲି, ଚାଉଳ, ମଇଦା, ତେଲ, ଘିଅ, ନଡ଼ିଆ ଓ କଦଳୀ ଇତ୍ୟାଦି କିଣି ପଠାଇବେ ବୋଲି ବଡ଼ଲାଟ ସାହେବ ସେମାନଙ୍କ ଉପରେ ଚିଠି ଜାରି କରିଥିଲେ । x x ଦେୱାନ ଗଙ୍ଗା ଗୋବିନ୍ଦ ସିଂ ଅନ୍ୟାନ ଖର୍ଚ୍ଚ ଛାଡ଼ି କେବଳ ଗଞ୍ଜେଇ, ଆଫୁ ଓ ଧୂଆଁପତ୍ର ବାବଦରେ ୭୨ ହଜାର ଟଙ୍କା ଖର୍ଚ୍ଚ କରିଥିଲେ । ଏହି କ୍ରିୟାରେ ନଗଦ ଖର୍ଚ୍ଚ ଛାଡ଼ି ଅନେକ କାର୍ଯ୍ୟ ବେଠିରେ ହୋଇଥିଲା ।''

ଏ ଉକ୍ତାଂଶରୁ ବଡ଼ଲାଟ ସାହେବ – ନିଜ ଅନୁଗତ ଦେୱାନ ସାହେବଙ୍କ ପ୍ରତିଥିବା ତାଙ୍କର ବ୍ୟକ୍ତିଗତ ସମ୍ପର୍କକୁ ସରକାରୀ କ୍ଷମତା ବଳରେ କାର୍ଯ୍ୟକାରୀ କରିଛନ୍ତି । କଲେକ୍ଟର ତାଙ୍କର ଅଧିକାରୀ ହୋଇ ମଧ୍ୟ ତତ୍ କାଳର ସରକାରୀ କର୍ମଚାରୀମାନେ ନିଜ ପଦମର୍ଯ୍ୟାଦାକୁ ଉପଯୁକ୍ତ ଭାବରେ ବିନିଯୋଗ କରିପାରି ନାହାଁନ୍ତି । ସାଧାରଣ ଜନତାଙ୍କୁ ସରକାରୀ କଡ଼ା ହୁକୁମ ବଳରେ ବେଠି ଖଟାଉଛନ୍ତି । ସେମାନଙ୍କ ବାଡ଼ିଘରୁ ନାନାଦି ଫଳମୂଳ ଜୁଲମ କରି ଆଣିଥାନ୍ତି । ଗୋଟିଏ ଶୁଦ୍ଧିକ୍ରିୟାରେ ସେ କାଳରେ ଖାଲି ମାଦକ ଦ୍ରବ୍ୟ ସେବନରେ ୭୨,୦୦୦ଟଙ୍କା ଖର୍ଚ୍ଚ କରିଦେବା ଏକ ସାଧାରଣ ଘଟଣା ନୁହେଁ – ଫକୀର ମୋହନଙ୍କ ବ୍ୟଙ୍ଗୋକ୍ତି ମାଧ୍ୟମରେ ଏତିକି ଦୃଷ୍ଟାନ୍ତ ହିଁ ସୂଚାଇ ଦିଏ ତତ୍କାଳର ଶାସକ ଗୋଷ୍ଠୀଙ୍କ ବିଳାସବ୍ୟସନ ଏବଂ ପ୍ରାଚୁର୍ଯ୍ୟର ମୋହ କେତେ ଉତ୍କଟ ଥିଲା । ସାଧାରଣ ଜନଜୀବନ କରପୀଡ଼ାରେ କି ଭାବରେ ଉତ୍ପୀଡ଼ିତ ହେଉଥିବେ, ତାହା ଅନୁମାନ ଓ ଅନୁଭବରେ ହିଁ ବୁଝି ହେବ । ଏଇ ସମୟରେ ତତ୍କାଳର ସମାଜରେ ଗୋଟିଏ ନୂତନ ସୁବିଧାବାଦୀ ଗୋଷ୍ଠୀର ଉଦ୍ଭବ ଘଟିଥିଲା । ଇଂରେଜ ଶାସକଙ୍କୁ ତୋଷାମଦ କରି, ସରକାରୀ ଅମଲା ସିରସ୍ତା ଦାରମାନଙ୍କୁ ଟାଟୁ କରି ଲାଞ୍ଚ ଦେଇ କିଛି କିଛି ଫାଇଦା ହାସଲ କରିବା ଏହି ଗୋଷ୍ଠୀର ମୁଖ୍ୟ କର୍ମ ଥିଲା । ମିଥ୍ୟା ଠକାମି ଓ ପ୍ରବଞ୍ଚନା ଇତ୍ୟାଦି ଗୁଣରେ ଏମାନେ ଖଟୁଥିଲେ । ଫଳତଃ ଖୁବ୍ ସ୍ୱଳ୍ପ ସମୟ ମଧ୍ୟରେ ଏମାନେ ପ୍ରଚୁର ସମ୍ପତ୍ତିର ମାଲିକ ହୋଇପାରୁଥିଲେ ।

ଶେଖ କେରାମତୀ ଅଲ୍ଲୀ କଥା ଏଠାରେ ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇପାରେ । ସେ ଗୋଟିଏ ଘୋଡ଼ା ବେପାରୀ ଥିଲା । ହରିହର ଛତର ମେଳାରୁ ଘୋଡ଼ା କିଣି ବଙ୍ଗଳା ଓ ଓଡ଼ିଶାରେ ବିକ୍ରି କରୁଥିଲା । ମେଦିନପୁର ଜିଲ୍ଲାର ବଡ଼ ସାହେବ ମିଆଁଙ୍କଠାରୁ ଗୋଟିଏ ଘୋଡ଼ା କିଣିଥିଲେ । ସେ ଘୋଡ଼ାଟି ଖୁବ୍ ଭଲ ପଡ଼ିଲା । ଉଦାର ହୃଦୟ ସାହେବ– ମିଆଁଙ୍କୁ ଖୁସିହୋଇ ସରକାରୀ ନୌକରୀ ଦେବାକୁ କହି ତା'ର ଯୋଗ୍ୟତା ସମ୍ପର୍କରେ ପ୍ରଶ୍ନ କଲେ ।

ମିଆଁ କହିଲେ 'ହଜୁର ମୁଁ ପାର୍ସି ଜାଣେ । କାଗଜ କଲମ ଦିଅନ୍ତୁ । ମୁଁ ପୁରା ନାମ ଲେଖିଦେବି ।' ଏଇ ପଦିଏ କଥାରେ ଏବଂ ପାର୍ସି ଭାଷାରେ ନାଁ ଲେଖା ଯୋଗ୍ୟତାରେ ସେତେବେଳେ ପୋଲିସ୍ ଦାରୋଗା ଚାକିରି ମିଳୁଥିଲା । ଅତଏବ ମନେହୁଏ, ଗୋରା ହାକିମମାନେ ଏ ଦେଶର ସର୍ବମୟ କର୍ତ୍ତା ଭାବରେ ନ୍ୟାୟ ଅନ୍ୟାୟ ଯାହା ଯେତେବେଳେ ମନେ କରୁଥିଲେ– ତା' କରିପାରୁଥିଲେ । ନିରୀହ ସାଧାରଣ ଜନତା କେବଳ ଜଳକା ପରି ଚାହିଁ ରହୁଥିଲା । ପ୍ରତିରୋଧ ବା ପ୍ରତିକାରର କୌଣସି ରାହା ନଥିଲା । ସମୟକ୍ରମେ, ଏଇ ପ୍ରକାର ଅନୁଚିତ ଅନୁଗ୍ରହ ପ୍ରାର୍ଥୀ ବ୍ୟକ୍ତି ବିଶେଷ ସମାଜର ଭୟଙ୍କର ଯଦି ସାଧନ କରୁଥିଲେ । ପୂର୍ବାଲୋଚିତ ମିଆଁ ସାହେବ ୩୦ ବର୍ଷ ପର୍ଯ୍ୟନ୍ତ ଚାକିରି କରି ଅନେକ ବିଷୟ, ସମ୍ପତ୍ତି ଅର୍ଜନ କରିଥିଲେ । ଅନ୍ୟ ଦୌଲତ ଛାଡ଼ି, ଜମିଦାରୀ ତାଲୁକ ଚାରିଗୋଟି । ମିଆଁ ଥରେ କଲିକତାକୁ ଗୋଟିଏ ଖୁନି ମାମଲା ଚଲାଣ ନେଇ ଯାଇ – ତାଲୁକ ଫତେପୁର ଷଡଖଣ୍ଡ ନିଲାମରେ ଧରିଥିଲେ ।

ଏହା ହିଁ ଥିଲା ଓଡ଼ିଶାର ଭାଗ୍ୟ । ଏବଂ ଏଇ ସମସ୍ତ ଘଟଣାରୁ ଜାଣିହୁଏ, ଓଡ଼ିଶାର ଜମିଦାରୀ ଗୁଡ଼ାକ କିପରି ଶାଗ ମାଛ ମୂଲରେ କଲିକତାରେ ନିଲାମ ହେଉଥିଲା ଏବଂ ତତ୍କାଳର ଉତ୍କୋଚ ଗ୍ରାହୀ ମୂର୍ଖ – ଅପଦସ୍ତ ସରକାରୀ କର୍ମଚାରୀମାନେ, ଚାକିରୀରେ ରହି ମଧ୍ୟ ସେ ସବୁ ଜମିଦାରୀକୁ ନିଲାମରେ ଧରିପାରୁଥିଲେ । ତେଣୁ ଆଜି

ଆମେ ଯେଉଁ ଦୁର୍ନୀତି, ଲାଞ୍ଚ, ରିସିପତ୍ କଥା ଚିନ୍ତା କରୁଥାଉଁ– ତାହା ଶତାବ୍ଦୀ ବ୍ୟାପୀ ଆମ ମାନଙ୍କ ପାଚିରେ ତା'ର ଚେର ଜମାଇ ବସିଛି ଏବଂ ଏସବୁର ମାର୍ମିକ ଚିତ୍ର ଫକୀର ମୋହନଙ୍କ ସାହିତ୍ୟରେ ସର୍ବତ୍ର ବିଦ୍ୟମାନ ରହିଛି । ସେ ଆଲିମିଆଁ ହୁଅନ୍ତୁ ବା ରାମ ମଙ୍ଗରାଜ ହୁଅନ୍ତୁ – ସେ କୁବେର ସାହୁ ମହାଜନ ହେଉ ବା ଶ୍ୟାମ ସାହୁ ମହାଜନ ହେଉ – ସମସ୍ତେ ଗୋଟିଏ ନାଉର ମାଝି । ଗୋଟିଏ ଉପାୟରେ ସେମାନେ ଦୁଃଖୀ ରଙ୍କିଙ୍କ ତଣ୍ଟି ଚିପି ନିଜର ସମ୍ପଦ ବଢ଼ାଇବାକୁ ଚାହୁଁଥିଲେ – ଏହାହିଁ ଥିଲା । ସେ ସମୟର ଏକ ନିଷ୍ଠୁର ଇଙ୍ଗିତ । ଶୋଷଣକ୍ରିୟା ଓ ଶୋଷିତ ବର୍ଗଙ୍କ କଥା ଉଠାଇ ଫକୀର ମୋହନ କହନ୍ତି– 'ଭିକାରୀ ପଣ୍ଡା କରଜ ନେଇଥିଲା ପାଞ୍ଚଟଙ୍କା – ସେଥିରେ ବଳାନ୍ତର ଚକ୍ରବୃଦ୍ଧି ପ୍ରମାଣେ ୧୨ଟଙ୍କା ପାଞ୍ଚଅଣା ଏଗାର ଗଣ୍ଡା ଦୁଇକଡ଼ା – ଗାଏ ମୋଟ ଦୁଇପଦକୁ ଟ ୧୭ଙ୍କା ୫ ଅଣା ଦୁଇ ପଇସା ବାଦେ ବାକି ଛାଡ଼ ଦେଢ଼ଗଣ୍ଡା । ଏଇ ଛାଡ଼ ପଡ଼ିଥିବା ଦେଢ଼ଗଣ୍ଡା ପାଇଁ ଗୁମାସ୍ତାଙ୍କୁ ଗାଳି ଶୁଣିବାକୁ ପଡ଼ିଥିଲା । ଏଇ ପ୍ରକାର ଧର୍ମଧ୍ୱଜୀ ଜମିଦାର ତଥା ମହାଜନମାନେ ସମାଜର ସମାଜପତି ସାଜିଥିଲେ । ବର୍ଷକରେ ୨୪ଟା ଏକାଦଶୀ, ୪୦ଟା ପଡ଼ିଲେ ବି ସେମାନେ ସେଥିରୁ ଗୋଟିଏ ଛାଡ଼ନ୍ତେ ନାହିଁ । ଦେଶରେ ଯେତେ ବାଳ ବିଧବା, ଯୁବତୀ ବିଧବା, ଆଜନ୍ମ ବିଧବା ଅବସ୍ଥା ଲାଞ୍ଛିତ ସଧବା ଅଛନ୍ତି, ସେମାନେ ସମସ୍ତେ ନାନା ଜାତି ପକ୍ଷୀ ଏକ ବୃକ୍ଷରେ ବାସ କଲା ପରି ଏଇ ଧର୍ମ ପ୍ରାଣ ଜମିଦାରମାନଙ୍କ ପରେ ସେମାନଙ୍କ ଉଆସ ମଣ୍ଡନ କରି ସେମାନଙ୍କ ଲାଳସାର ଶିକାର ହେଉଥିଲେ । ତତ୍କାଳୀନ ସମାଜର ଏବଂ ବିଧି ବିଷାଦଗ୍ରସ୍ତ ଓ କାଳିମାମଣ୍ଡିତ ଚିତ୍ର ଫକୀର ମୋହନଙ୍କ ସାହିତ୍ୟର ସର୍ବଶ୍ରେଷ୍ଠ ଉପାଦାନ ।

ଫକୀରମୋହନଙ୍କ ସାହିତ୍ୟରେ ଅନ୍ୟ ଏକ ବିଶିଷ୍ଟ ଦିଗ ପଲ୍ଲୀ ସମାଜ । ତାଙ୍କ ପୂର୍ବରୁ ଏପରିର ଚିତ୍ର ଆମେ ସାହିତ୍ୟରେ ଦେଖିବାକୁ ପାଉନା । ତାଙ୍କପରେ ଅନେକ ସ୍ରଷ୍ଟା ଫକୀରମୋହନଙ୍କୁ ଅନୁସରଣ କରୁଥିବାର ଲକ୍ଷ୍ୟ କରାଯାଇଛି । ଓଡ଼ିଶା ଏକ ପଲ୍ଲୀ ବହୁଳ ରାଜ୍ୟ ତା'ର ୯୫ ଭାଗ ଲୋକ ପଲ୍ଲୀରେ ହିଁ ବସବାସ କରନ୍ତି । ଅତଏବ ସେଇମାନଙ୍କ ସୁଖ-ଦୁଃଖ, ହସ-କାନ୍ଦ ଓ ଚଳଣି ସମ୍ପର୍କରେ ଅତି ବିଶ୍ୱସ୍ତ ଏବଂ ଅନ୍ତରଙ୍ଗ ଚିତ୍ର ପ୍ରଦାନ କରିବାରେ ଫକୀର ମୋହନ ସେ କାଳର ସମସ୍ତ ସ୍ରଷ୍ଟାଙ୍କୁ ଅତିକ୍ରାନ୍ତ କରିଯାଇ ଅଛନ୍ତି । ତାଙ୍କ ପ୍ରଦତ୍ତ ଚିତ୍ରରୁ ଆମେ ତତ୍କାଳର ଓଡ଼ିଶାର ପଲ୍ଲୀସମାଜର ଏକ ସ୍ପଷ୍ଟ ମାନଚିତ୍ର ଦେଖିବାକୁ ପାଉ । ରେବତୀ ଗଳ୍ପରେ ଫକୀରମୋହନ ଶ୍ୟାମବନ୍ଧୁ ମହାନ୍ତିଙ୍କ ଘରର ବିବରଣୀ ପ୍ରଦାନ କରିଅଛନ୍ତି । ଗୋଟିଏ ଘରର ନକ୍ସା ଭିତରେ ଓଡ଼ିଶାର ପଲ୍ଲୀ, ସମାଜର ହଜାର ହଜାର ଗୃହର ଚିତ୍ର ଆମ ଆଖି ଆଗରେ ଭାସି ଉଠେ । ତତ୍କାଳର ଗୃହନିର୍ମାଣ ପଦ୍ଧତି, ଓଡ଼ିଆ ଘରର ସାଧାରଣ ଚଳଣି, ସବୁ ଥିରେ ଅତି ସ୍ପଷ୍ଟ ରୂପରେ ଅଙ୍କିତ ହୋଇ ଅଛି । 'ଗ୍ରାମ ମୁଣ୍ଡାମୁଣ୍ଡିରେ ଗୋଟିଏ ଘର । ଆଗିଲି ପିଛିଲି ଚାରିବଖରା । ଖଞ୍ଜା, ପାଚିରି ତାଲିଆରେ ଢ଼ିଙ୍କିଶାଳ, ଅଗଣା ମଧ୍ୟରେ କୂଅ, ଆଗକୁ ଦାଣ୍ଡ ଦୁଆର – ପଛକୁ ବାରି ଦୁଆର । ଦାଣ୍ଡ ଦୁଆର ମେଲାରେ ଦାଣ୍ଡ ଲୋକ ବସାଉଠା କରନ୍ତି । 'ଶ୍ୟାମବନ୍ଧୁ ମହାନ୍ତିଙ୍କର ଏହି ଘରର ଚିତ୍ର ସହିତ ଓଡ଼ିଶା ପଲ୍ଲୀ ସମାଜର ହଜାର ହଜାର ଗୃହକର୍ତ୍ତାଙ୍କ ଘରର ସାମ୍ୟ ନିଶ୍ଚୟ ଥିବ । ସ୍ରଷ୍ଟାର ବାହାଦୁରୀ ଏଇଠି, ଯେଉଁଠି ବିଭୂତି ଭିତରେ ସିଦ୍ଧୁଟିର କଳନା କରିହେଉଛି । ଅସୁର ଦୀଘିର ବର୍ଣ୍ଣନା କ୍ରମରେ ଗ୍ରାମ୍ୟ ପୁଷ୍କରିଣୀର ଚିତ୍ର, ଗୋବରା ଜେନା ଚରିତ୍ର ମାଧ୍ୟମରେ ତତ୍କାଳର ଚୌକିଦାରୀ ପ୍ରଥାର ଚିତ୍ର, ସେ ସମୟରେ ଚୌପାଢ଼ିର ଚିତ୍ର, 'ବିଲୁଆର ହୁକେ ହୋ' ଡାକ, ସବାରୀ ବାଲାଙ୍କର ହୁଁ ମେରା ଭାଇରେ ହୁଁ ହୁଁ ଡାକ, ଗ୍ରାମ୍ୟ କୁଳବଧୂମାନଙ୍କର ପୋଖରୀତୁଠରେ ମେଳା ।

ବ୍ରାହ୍ମଣମାନଙ୍କ ପାଉଣା ଦେଣନେଣର ଚିତ୍ର, ହଳ ଫେରନ୍ତା ହଳିଆର ତରବରିଆ ସ୍ନାନ, ଗାଁ ଦାଣ୍ଡରେ ଗୋରୁ ଚରାଉଥିବା ଗାଈଆଳର ଗୀତ, ଠାକୁରାଣୀଙ୍କୁ ମାର୍ଜନା କରୁଥିବା ଦେହରୀର ଭକ୍ତି ପ୍ରଭୃତିର ମାର୍ମିକ ଚିତ୍ର ଫକୀରମୋହନ ଆମମାନଙ୍କୁ ଦେଇ ଯାଇଅଛନ୍ତି । ଏଗୁଡ଼ିକ ଏତେ ଜୀବନ୍ତ ଯେ ତା'ର ପଟାନ୍ତର ନାହିଁ ।

ବଡ଼ ବଡ଼ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଚମତ୍କାର ଗ୍ରାମ୍ୟ-ଚିତ୍ରକଳ୍ପ ମାଧ୍ୟମରେ ସେ ପାଠକମାନଙ୍କ ନିକଟରେ ପରିବେଷଣ କରିଅଛନ୍ତି । ବିଳାସପ୍ରିୟ ଜମିଦାରଙ୍କ ଅବସ୍ଥା ବେଳୁ ବେଳ ଶୋଚନୀୟ ହୋଇ ପଡୁଛି । ସେ ଅବସ୍ଥାରେ ଏକ ମାର୍ମିକ ଦୃଶ୍ୟ ତାଙ୍କ ବୈଠକ ଖାନାରେ ଦେଖାଦେଇଛି– 'ପଠାଣ ଘର ତଲାକ ଦିଆ–ମାଇକିନିଆଙ୍କ ପରି ତାନପୁରାଟା ଏବଂ ପଡ଼ିଆରେ ବାଇକିହାଣି ପରି ତାବଲା ଦୁଇଟା ଗଡୁ ଅଛି ।' ବାସ ଏତିକି । ଯା'ରି ଭିତରେ ସମାଜର ଅବସ୍ଥା ଲାଞ୍ଛିତା ଗୋଟିଏ ମୁସଲମାନ ତରୁଣୀର ଦୁର୍ଭାଗ୍ୟ ପ୍ରତିଫଳିତ ହୋଇଛି । ତାନପୁରାର ଆଜି ସେଇ ଦୁର୍ଦ୍ଦଶା । ଅନ୍ୟଟିରେ ଗ୍ରାମ୍ୟ ସଂସ୍କାରର ଅନ୍ୟତମ ଏକ ସହଜଲଭ୍ୟ ଚିତ୍ର ବାଇକିହାଣି । ଏଠାରେ ଡୁବି-ତାବଲାର ତା' ସହିତ ଅପୂର୍ବ ମେଳ ରହିଛି ।

ଖାଲି ଏତିକି ନୁହେଁ, ବହୁ ଗ୍ରାମ୍ୟ ପ୍ରବଚନ ଓ ଢଗଢମାଳିକୁ ସେ ନିଜ ସାହିତ୍ୟରେ ପ୍ରସଙ୍ଗ ଅନୁରୋଧରେ ଉଦ୍ଧାର କରି ସାହିତ୍ୟିକ ରସ ସଞ୍ଚାରରେ ବଳିଷ୍ଠ ଭୂମିକା ପ୍ରଦର୍ଶନ କରିଛନ୍ତି । ତନ୍ମଧ୍ୟରୁ ଅଳ୍ପ କେତୋଟି ଦୃଷ୍ଟାନ୍ତ ଛଳରେ ଏଠାରେ ଉପସ୍ଥାପନ କରାଯାଇପାରେ । ଯଥା–

୧ । ଗୋଦରୀ ଲୋ ତୋ ଗୋଡ଼କୁ ଅନା ।
୨ । ଆଟିକା ମାପକୁ ପଇମ ।
୩ । ଦୁଇ ପରାଣିଆ ଭଲ-ବାଣ୍ଟ୍ ପୁରୁଚି ତାଲ ।
୪ । କାଳିଗାଈ ମୁଣ୍ଡରେ ବାନ୍ଧ, ତାକୁ ନେଇ ଶୀଘ୍ର ଘରେ
ବାନ୍ଧ ।
୫ । ପିତା ଗୁଣରେ ପୁତ ।
୬ । ଗାଁ ଧେଇରା ପାଣି ଯେଉଁଠି ପଶେ
ଗାଁ ପଧାନ ଧାନ ସେଇଠି ବଶେ ।
୭ । ବଂଶ ବୁଡ଼ିଲା ବେଳକୁ ଘୋଡାମୁହାଁ ପୁଅର ଜନ୍ମ ।
୮ । ଜଳ ପାଇଲେ ସିଆଣା, ଧାନ ବୁଣିବ ରାବଣା ।
୯ । ପଦା ଭୂଇଁରେ ଗବ ଦାରୁ ।
୧୦ । ସକାଳ ମେଘ ମେଘ ନୁହେଁ, ସକାଳ କୁଣିଆ କୁଣିଆ
ନୁହେଁ ।
୧୧ । ସର୍ବେ ଚଳିବେ କାଳବଳେ, କଥା ରହିବ
ମହୀତଳେ । (ସା'ଆଣିଙ୍କ ମୃତ୍ୟୁ)
୧୨ । ଅତି ନିର୍ଭିଲୁଣା ଅନ୍ଧାର ରାତି
ଅତି ନିର୍ଭିଲୁଣା ଭଣ୍ଡାରୀ ଜାତି ।

ଏହିପରି ଅନେକ ଅଛି । ସବୁଗୁଡ଼ିକର ମର୍ମ ଏବଂ ଧର୍ମ ପଲ୍ଲୀ ଜନତାର ପ୍ରାଣକୁ ଏବଂ ମନକୁ ରସାଣିତ କରେ । ପ୍ରଭାବିତ କରେ ଏବଂ ପ୍ରଜ୍ୱଳିତ କରେ ।

ସର୍ବଶେଷରେ ମୋର ଏତିକି କହିବା କଥା ଯେ ଫକୀର ମୋହନ ପ୍ରାଣ ଦେଇ ଓଡ଼ିଶାକୁ ଓ ଓଡ଼ିଶାର ଜନସାଧାରଣଙ୍କୁ ଓ ଓଡ଼ିଆ ଭାଷାକୁ ଭଲ ପାଇଛନ୍ତି - ଆତ୍ମା ଦେଇ ସେମାନଙ୍କ ସହିତ ସେ ଆତ୍ମୀୟତା ରକ୍ଷା କରିଛନ୍ତି । ଅନୁଭୂତିର ଅନନ୍ତ ଭଣ୍ଡାରରୁ ଅନେକ ଉପାଦେୟ ଉପାଦାନ ଚୟନ କରି ସେ ତାକୁ କଳାରୂପେ ପ୍ରଦାନ କରିଛନ୍ତି । ଏକ ସଙ୍କଟମୟ ମୁହୂର୍ତ୍ତରେ ଜନ୍ମଗ୍ରହଣ କରି ସମୟର ଆହ୍ୱାନରେ ମାତୃଭୂମି - ମାତୃଭାଷା ଓ ସ୍ୱଜାତିର ସୁରକ୍ଷା ପାଇଁ ସକ୍ରିୟଭାବେ ଉଦ୍ୟମ କରିଯାଇ ଅଛନ୍ତି । □

# ଗୋଦାବରୀଶଙ୍କ ଗାଥାକାବ୍ୟ

- ସିଦ୍ଧାନ୍ତ ରଂଜନ ପାତ୍ର
ପ୍ରଥମ ବର୍ଷ ଓଡ଼ିଆ ସମ୍ମାନ

ସାଧାରଣତଃ ଗାଥାଗୀତି ଏକ ପଲ୍ଲୀଗୀତ । ପ୍ରାଥମିକ ଅବସ୍ଥାରେ ନୃତ୍ୟକାଳୀନ ସଙ୍ଗୀତ ରୂପେ ଏହା ବ୍ୟବହୃତ ହେଉଥିଲା । କବିତା ଓ ଗାନ ଏହାର ଅପରିହାର୍ଯ୍ୟ ଅଂଶ ହେଲେ ସୁଦ୍ଧା କାହାଣୀ ଭାଗ ହିଁ ମୁଖ୍ୟ । ମୌଖିକ କାହାଣୀ ଓ ସ୍ୱର ଉପରେ ଏହା ଅଧିକ ନିର୍ଭରଶୀଳ । ଜଟିଳତା-ବର୍ଜିତ ଏକ ପୂର୍ଣ୍ଣାଙ୍ଗ କାହାଣୀ ସଙ୍ଗୀତ ମାଧ୍ୟମରେ ବର୍ଣ୍ଣିତ ହୋଇ ଗାଥାକାବ୍ୟର ରୂପ ନିଏ । ପାଶ୍ଚାତ୍ୟ ସମାଲୋଚକମାନଙ୍କ ମତରେ, 'Ballad is a song that tells a story.' ଏହା ବର୍ଣ୍ଣନାତ୍ମକ । ସରଳ ଭାଷା ଓ ଛନ୍ଦରେ ରଚିତ ଏହି ଗୀତିକା ମାନଙ୍କରେ ସାହିତ୍ୟିକ ଜଟିଳତା ନ ଥାଏ । ଚିରାଚରିତ ରୀତିରେ ରଚିତ ଏହିଗୀତିକାମାନଙ୍କରେ କୌଣସି ନୂତନତା ମଧ୍ୟ ପରିଲକ୍ଷିତ ହୁଏ ନାହିଁ । ଅଧିକାଂଶ ସମୟରେ ଭୟ ଓ ବିଭୀଷିକାପୂର୍ଣ୍ଣ ରୋମାଞ୍ଚକର ବିଷୟବସ୍ତୁ ଏଗୁଡ଼ିକରେ ସ୍ଥାନ ପାଇଥାଏ । କାହାଣୀ ମାଧ୍ୟମରେ ଧର୍ମ ପ୍ରଚାର ସୁବିଧାଜନକ ହେଉଥିବାରୁ ଏହା କ୍ରମେ ଲୌକିକ ଜଗତକୁ ସଂକ୍ରମିତ ହେଲା । ପ୍ରାଚୀନ ଯୁଗର ପ୍ରାୟ ସମସ୍ତ ଗାଥା ଦେବଦେବୀ କିମ୍ବା ରାଜନନ୍ଦନ ରାଜନନ୍ଦିନୀଙ୍କ ପ୍ରେମକାହାଣୀ ଉପରେ ପର୍ଯ୍ୟବସିତ । ନିରକ୍ଷର ଗ୍ରାମ୍ୟ ଜନତା ଅଭିଜାତ ସାହିତ୍ୟରୁ ବଞ୍ଚିତ ହୋଇଥିବାରୁ ସେମାନଙ୍କର ମନୋରଞ୍ଜନ ପାଇଁ ଗ୍ରାମ୍ୟ-ଗୀତିକାରମାନେ ସ୍ୱତଃ ଉଦ୍ଭାବିତ ଛନ୍ଦ ଓ ଭାଷାରେ ଗାଥାଗୀତିମାନ ରଚନା କରିଥିଲେ । ତେଣୁ ପ୍ରାଚୀନ ଗାଥାକାବ୍ୟମାନଙ୍କରେ ମର୍ଯ୍ୟାଦାସମ୍ପନ୍ନ କୌଣସି ଉଚ୍ଚାଙ୍ଗ ସାହିତ୍ୟକୃତି ପରିଲକ୍ଷିତ ହୁଏନାହିଁ । ଅଧିକାଂଶ ଗୀତିକାର କୌଣସି ନିର୍ଭରଯୋଗ୍ୟ ଉତ୍ସ ମଧ୍ୟ ନାହିଁ । ଅନେକ ପରିମାଣରେ ଏହା କାବ୍ୟର ପରିଣତ ରୂପ । ଏଗୁଡ଼ିକ ଅଳଙ୍କାରବର୍ଜିତ, ସରଳ ଗ୍ରାମ୍ୟଭାଷାରେ ରଚିତ ଓ କାହାଣୀ ଭାଗରେ କିଛିଟା ଜଟିଳତା ପରିଲକ୍ଷିତ ।

ପୃଥିବୀର ସକଳ ଦେଶର ଗାଥାଗୀତି ଗୁଡ଼ିକ ଗଠନ-କୌଶଳ ପ୍ରାୟ ସମାନ । ପାଶ୍ଚାତ୍ୟ ଗାଥାକାବ୍ୟ ସହିତ ଓଡ଼ିଆ ଗାଥାକାବ୍ୟର ବିଷୟ ବୈଚିତ୍ର୍ୟଗତ ସାମ୍ୟ ନ ଥିଲେ ସୁଦ୍ଧା ଗଠନ ରୀତିରେ ସାମ୍ୟ ପରିଲକ୍ଷିତ । ଜନସାଧାରଣ ଓ ଗ୍ରାମ୍ୟ ଜୀବନ ସକଳ ଦେଶର ପ୍ରାଚୀନ ଗାଥାକାବ୍ୟର ମୌଳିକ ସଂପଦ । ତେଣୁ ଏଚ୍.ଜେ.ଚାଇଲ୍ଡଙ୍କ ମତରେ ପ୍ରାଚୀନ ଗାଥାକାବ୍ୟ 'ଜନସମାଦୃତ ଚିନ୍ତାଧାରାର ରହସ୍ୟମୟ ସୃଷ୍ଟି ।' ଓଡ଼ିଶାରେ ପ୍ରଚଳିତ ଥିବା ବଉଳାଗାଈ ଗୀତ, ଗୋବିନ୍ଦଚନ୍ଦ୍ର ଗୀତ, କଳାପାଣି ଗୀତ, ସତୀଦାହ ଓ ପଲ୍ଲୀବଧୂର ଅନେକ ଗୀତ ଏହି ଶ୍ରେଣୀୟ । ଇଉରୋପୀୟ ଗାଥାଗୀତି ଭଳି ଏଗୁଡ଼ିକ ବହୁଳାଂଶରେ ଘଟଣାପ୍ରଧାନ କିମ୍ବା ନୃତ୍ୟପ୍ରଧାନ ନ ହୋଇ ବର୍ଣ୍ଣନାପ୍ରଧାନ ।

ଆଧୁନିକ ଗାଥାକାବ୍ୟ ଗୁଡ଼ିକ ଦେଶର ଐତିହାସିକ ସମ୍ପଦ; କିମ୍ବଦନ୍ତୀ, ପ୍ରାଚୀନ କାହାଣୀ ଓ ଲେଖକଙ୍କ ଅଭିରୁଚି ଅନୁଯାୟୀ ଏକ ଏକ ସ୍ୱତନ୍ତ୍ର କାହାଣୀ ଉପରେ ଆଧାରିତ । ସମସାମୟିକ ରାଜନୀତି ଓ ସାମାଜିକ ଚିତ୍ର ମଧ୍ୟ ଏଗୁଡ଼ିକରେ ପ୍ରତିଫଳିତ । ଆଧୁନିକ ଗାଥାକାବ୍ୟର

ଭାବଧାରା ଓ କାବ୍ୟ-ସୌନ୍ଦର୍ଯ୍ୟ ପ୍ରମାଣ କରେ ଯେ ଏଗୁଡ଼ିକ ଇଂରେଜୀ ସାହିତ୍ୟର ଅନୁକରଣ-ଜାତ ରଚନା । ଆଧୁନିକ ଗାଥାକାବ୍ୟ ଶିକ୍ଷିତ କବିସୃଷ୍ଟ ପାଠ୍ୟଗାଥା । ପ୍ରାଚୀନ ଗାଥାକାବ୍ୟ ଅଶିକ୍ଷିତ ଗ୍ରାମ୍ୟକବି ସୃଷ୍ଟ ଗୀତିଗାଥା । ପ୍ରାଚୀନ ଗାଥାକାବ୍ୟ – ଲୋକସାହିତ୍ୟର ଅନ୍ତର୍ଗତ; କିନ୍ତୁ ଆଧୁନିକ ଗାଥାକାବ୍ୟ ଅଭିଜାତ ବା ବିଦ୍‌ଗ୍‌ଧ ସାହିତ୍ୟର ଅନ୍ତର୍ଗତ ।'

ସତ୍ୟବାଦୀ ସାହିତ୍ୟର ଗାଥାଗୀତି ଉଦ୍ଦେଶ୍ୟମୂଳକ । ଜାତୀୟ ଜୀବନରେ ସତ୍ୟବାଦୀର କବି ଯେଉଁ ଶୌର୍ଯ୍ୟ ଓ ଶ୍ରୀ ଦେଖିବାକୁ ଚାହିଁଛନ୍ତି ତାହା ସମସାମୟିକ ସମାଜରେ ସମ୍ଭବ ହୋଇନାହିଁ । ତେଣୁ କଳ୍ପନା-ନେତ୍ରରେ ଅତୀତର ଗୌରବୋଜ୍ଜ୍ୱଳ ଇତିହାସ ପୃଷ୍ଠାରୁ ସେମାନଙ୍କୁ ଉପାଦାନ ସଂଗ୍ରହ କରିବାକୁ ପଡ଼ିଛି । ଅତୀତ ଇତିହାସ ପ୍ରତି ଆକର୍ଷଣ ଆଖ୍ୟାନମୂଳକ ବର୍ଣ୍ଣନାତ୍ମକ କାବ୍ୟରେ ଏକ କ୍ଲାସିକ୍ ପରଂପରା । ଅତୀତ କାହାଣୀକୁ କଳ୍ପିତ ବିଷୟବସ୍ତୁରେ ଆରୋପ କରିବା ବର୍ଣ୍ଣନାତ୍ମକ କବିତା ନିମନ୍ତେ ଅପରିହାର୍ଯ୍ୟ । ଦେଶର ସମସାମୟିକ ରାଜନୀତିକ ଓ ଆର୍ଥନୀତିକ ଦୁର୍ଗତି, ସାମାଜିକ ବିଶୃଙ୍ଖଳା, ସ୍ୱାଧୀନତା ପ୍ରତି ନିରୁତ୍ସାହତା ଓ ସର୍ବୋପରି ଦେଶବାସୀଙ୍କର ଭୀରୁତା, ଶିଥିଳ ମନୋଭାବ ଆଦିକୁ ଲକ୍ଷ୍ୟ କରି ପ୍ରାଚୀନ ଇତିହାସ ଓ କିମ୍ବଦନ୍ତୀ ମାଧ୍ୟମରେ ସେମାନଙ୍କ ମନରେ ନୂତନ ଆଶା, ଉତ୍ସାହ ଓ ବିଶ୍ୱାସ ସୃଷ୍ଟି କରିବା ପାଇଁ ଜାତୀୟ ବୀର, ଜାତୀୟ ଇତିହାସ ଓ ଜାତୀୟ ସଂସ୍କୃତିକୁ ସତ୍ୟବାଦୀର କବି ଜାତି ସମ୍ମୁଖରେ ଉପସ୍ଥାପନ କରିଛନ୍ତି । ପୂର୍ବପୁରୁଷମାନଙ୍କର ସାହସ, ବୀରତ୍ୱ, ବ୍ୟକ୍ତିତ୍ୱ, ସ୍ୱାଧୀନଚେତନା ଓ ସେବାପରାୟଣତା ବର୍ତ୍ତମାନର ମଣିଷ ପ୍ରାଣରେ ନୂତନ ଜୀବନୀଶକ୍ତି ସଂଚାର କରି ସେମାନଙ୍କୁ ଜାତୀୟ କର୍ତ୍ତବ୍ୟ ପାଳନ ଦିଗରେ ଉଦ୍‌ବୁଦ୍ଧ କରିପାରିବ; ଏଥିରେ ଏ କବିଗଣ ଦୃଢ଼ ବିଶ୍ୱାସୀ । ସେଥିପାଇଁ ସ୍ୱାଧୀନଚେତା ଚକ୍ର, ଦିଗ୍‌ବିଜୟୀ ଖାରବେଳ, ଅନଙ୍ଗଭୀମଦେବ, ନରସିଂହ, ପୁରୁଷୋତ୍ତମ, ମୁକୁନ୍ଦଦେବ, ଜାତି ପାଇଁ ପ୍ରାଣ ଦେଇଥିବା ଧର୍ମପଦ, ଦୁଃଖୀଧନ, ଜାତୀୟକୀର୍ତ୍ତିର ପୁନରୁଦ୍ଧାରକାରୀ ଗାଲମାଧବ, ଜାତୀୟକବି ସାରଳା, ଉପେନ୍ଦ୍ର ଓ ଜାତୀୟ ସଂସ୍କୃତିସମ୍ପନ୍ନା ମାୟାଦେବୀ ଆଦି ଚରିତ୍ରାବଳୀ ସତ୍ୟବାଦୀ ଗାଥାକାବ୍ୟର ନରନାରୀ ରୂପେ ନିର୍ବାଚିତ । ଶକ୍ତି, ସୌନ୍ଦର୍ଯ୍ୟ, ବୀରତ୍ୱ, ସାହସ, ତ୍ୟାଗ, ସେବା ଓ ପ୍ରେମ ଆଦି ମହନୀୟ ଗୁଣାବଳୀର ସମାବେଶ ଏମାନଙ୍କଠାରେ ସଂଘଟିତ ।

ଗାଥାକାବ୍ୟ ସାଧାରଣତଃ ବିବରଣାତ୍ମକ, ସରଳ ଓ ନାଟକୀୟ ଢାଞ୍ଚାରେ ସଙ୍ଗୀତାତ୍ମକ ଅଥବା ଉଚ୍ଚାରଣକ୍ଷମ । କଳାତ୍ମକ କାବ୍ୟଶିଳ୍ପରୁ ଏହା ମୁକ୍ତ । ବୀରତ୍ୱବ୍ୟଞ୍ଜକ କାହାଣୀ, ପ୍ରେମ ବ୍ୟାପାର ବ୍ୟକ୍ତି ଅଥବା ଜାତିର ଶୌର୍ଯ୍ୟ କିମ୍ବା କୃତିତ୍ୱ ଉପରେ ଏହା ଆଧାରିତ । ଏହାର ଗଳ୍ପାଂଶ ମୁଖ୍ୟ କାହାଣୀ ଦ୍ରୁତଗତିଶୀଳ ବର୍ଣ୍ଣନା-ପଦ୍ଧତିରେ ସେପରି କିଛି ଚମତ୍କାରିତା ନଥାଏ । ପ୍ରାଚୀନ କାହାଣୀ ଆଶ୍ରୟରେ ଓ ସରଳ ସଙ୍ଗୀତାତ୍ମକ ବର୍ଣ୍ଣନା ମଧ୍ୟରେ ଏହା ରଚିତ ।

କବି ଗୋଦାବରୀଶ ଓଡ଼ିଆ ସାହିତ୍ୟର ସର୍ବଶ୍ରେଷ୍ଠ ଗାଥାକବି ରୂପେ ପରିଚିତ । ଉତ୍କଳର ସଂସ୍କୃତି, ଐତିହ୍ୟ ଓ ବୀରତ୍ୱ ପୃଷ୍ଠଭୂମିରେ ରଚିତ ତାଙ୍କ ଗାଥା-କାବ୍ୟଗୁଡ଼ିକର କାହାଣୀ ଇତିହାସ, କିମ୍ବଦନ୍ତୀ ଓ ଲୋକବିଶ୍ୱାସରୁ ସଂଗୃହୀତ । କାହାଣୀଗୁଡ଼ିକ ଯଦିଓ କଳା ଦୃଷ୍ଟିରୁ ଉନ୍ନତ, ତଥାପି କଳା କାହାଣୀଭାଗର ମୁଖ୍ୟାଂଶ ନୁହେଁ; ଜାତୀୟଜୀବନର ପୁନଃପ୍ରତିଷ୍ଠା, ସ୍ୱାଧୀନତା ପିପାସା ଜାଗ୍ରତ, ଜାତୀୟ ଜାଗରଣ ଓ ଜାତୀୟ ଗୌରବ ପ୍ରତିଷ୍ଠା ମୁଖ୍ୟ । ଅତୀତ କୀର୍ତ୍ତିର ଉପସ୍ଥାପନ ଓ ବ୍ୟକ୍ତି ବିଶେଷଙ୍କ ଶୌର୍ଯ୍ୟ ପ୍ରଖ୍ୟାପନ ଏଥିପାଇଁ ଅଭିପ୍ରେତ ।

ଇଂରେଜ ସାହିତ୍ୟ ପଠନ ଫଳରେ ଗାଥା - କାବ୍ୟଗୁଡ଼ିକ ଆଙ୍ଗିକ ଓ ଆତ୍ମିକ ପରିବର୍ତ୍ତନରେ ଯେଉଁ

ବୈଶିଷ୍ଟ୍ୟ ଲକ୍ଷ୍ୟ କରାଯାଇଥିଲା, ଗୋଦାବରୀଶଙ୍କ ଗାଥାଗୁଡ଼ିକ ସେସବୁର ପରିଣତ ରୂପ । ପ୍ରାଚୀନ ପ୍ରଣୟମୂଳକ କାହାଣୀ ପରିବର୍ତ୍ତେ ଏଗୁଡ଼ିକ ବୀରତ୍ୱବ୍ୟଞ୍ଜକ ଓ ସଂସ୍କୃତି ସଂପନ୍ନ । ଆବେଗମୟ ଭାବାନୁଭୂତି ଭିତରେ କାହାଣୀମାନ ଏକ ଏକ ବିଶେଷ ଘଟଣା ଆଶ୍ରୟରେ ସଜ୍ଜିତ । ବାହୁଲ୍ୟ ଚରିତ୍ର ଚିତ୍ରଣ କିମ୍ବା କାବ୍ୟିକ ଜଟିଳତା ଏଥିରେ ନାହିଁ । ଉଦ୍ଦୀପନା ଓ ଉତ୍କଣ୍ଠା ମଧ୍ୟରେ ଘଟଣାବଳୀର ନାଟକୀୟ ଉପସ୍ଥାପନା ଏଗୁଡ଼ିକୁ ଅତ୍ୟନ୍ତ ଗତିଶୀଳ ଓ ହୃଦୟସ୍ପର୍ଶୀ କରିପାରିଛି । ଏଗୁଡ଼ିକର ଆରମ୍ଭ ଯେପରି ଚମକପ୍ରଦ, ଗତି ସେହିପରି ଦ୍ରୁତ ଓ ପରିସମାପ୍ତି ବ୍ୟଞ୍ଜନାଗର୍ଭକ । ସ୍ଥାନେ ସ୍ଥାନେ ବୀର କିମ୍ବା ଶୃଙ୍ଗାର ରସର ପରିବେଷଣ ପ୍ରୟାସ ଥିଲେ ହେଁ ଏଗୁଡ଼ିକ ମୁଖ୍ୟତଃ କରୁଣ ରସାଶ୍ରିତ । କେତେକ ସ୍ଥଳରେ ଏଗୁଡ଼ିକ ଗୀତିମୟ, ଉତ୍କଣ୍ଠାପୂର୍ଣ୍ଣ ଓ ପୂର୍ଣ୍ଣତଃ ଉପଭୋଗ୍ୟ । ଇଂରେଜ ବାଲାଡ୍ ଧର୍ମକୁ ସ୍ୱକୀୟତା ପ୍ରଦାନ କରି ସେଗୁଡ଼ିକୁ ଆତ୍ମସ୍ଥ କରିନେବାର ପ୍ରବୃତ୍ତି ସର୍ବତ୍ର ସ୍ପଷ୍ଟ । ପରିଚ୍ଛନ୍ନ ଭାଷା ଓ ପରିବେଷଣ କୌଶଳ ଏଗୁଡ଼ିକୁ ପରମ ରସ-ଗୌରବ ପ୍ରଦାନ କରିଛି ।

ଗୋଦାବରୀଶଙ୍କର ଭାଷା ପ୍ରୟୋଗ-ରୀତି ଭାବ-ମାଧୁରିମା ବ୍ୟକ୍ତ କରିବାକୁ ଅତ୍ୟନ୍ତ ସମର୍ଥ । ଇତିହାସ, କିମ୍ବଦନ୍ତୀ, ରାଜନୀତି ଓ ଧାର୍ମିକ ବିଷୟବସ୍ତୁ ଗୁଡ଼ିକୁ ସରଳ ଭାଷାରେ ରୂପଦେବାରେ ସେ ଯେଉଁ କୃତିତ୍ୱ ପ୍ରଦର୍ଶନ କରିଛନ୍ତି, ତାହା ଅନନ୍ୟ । ଜାତୀୟ ଜାଗରଣ ପୃଷ୍ଠଭୂମିରେ ଜାତୀୟ ଭାବ ଜାଗ୍ରତ କରିବା ପାଇଁ ସେ ଯେଉଁ ମାର୍ମିକ ରୁଚିପୂର୍ଣ୍ଣ ଶୁଦ୍ଧ ଲୋକଭାଷାର ସାହାଯ୍ୟ ଲୋଡ଼ିଛନ୍ତି, ତାହା ତାଙ୍କ ସାହିତ୍ୟିକ ସିଦ୍ଧିର ଚରମ ନିଦର୍ଶନ । ବିଷୟବସ୍ତୁର ନାଟକୀୟ ଉପସ୍ଥାପନ, ପରିବେଶ ଚିତ୍ରଣ, ରସ ସଂଘଟନ, ଜାତି ଉଦ୍ଦେଶାରେ ଉଦ୍‌ବୋଧନ ଓ କୁସଂସ୍କାର ବିରୁଦ୍ଧରେ ବ୍ୟଞ୍ଜନା ଆଦି ପ୍ରୟୋଗ କ୍ଷେତ୍ରରେ ସେ ଯେପରି ଲୋକଭାଷାକୁ ପ୍ରୟୋଗ କରିଛନ୍ତି, ତା' ଦ୍ୱାରା ଭାଷା ମର୍ଯ୍ୟାଦାସଂପନ୍ନ ହେବା ସହିତ ଲୋକଭାଷାର ସ୍ୱତନ୍ତ୍ର ସୌନ୍ଦର୍ଯ୍ୟ ପ୍ରତିଷ୍ଠିତ । ସର୍ବତ୍ର ଭାଷା ବର୍ଣ୍ଣନାଧର୍ମୀ; ଚିତ୍ରଧର୍ମୀ ନୁହେଁ ।

ଇଚ୍ଛାକୃତ ପଦ-ଯୋଜନା ପରିବର୍ତ୍ତେ ଏକ ସ୍ୱଚ୍ଛ ଆବେଗମୟୀ ଛନ୍ଦ ଏ ଗାଥାଗୀତିଗୁଡ଼ିକୁ ଅନବଦ୍ୟ ଲୋକପ୍ରିୟତା ଆଣିଦେଇଛି । ବଙ୍ଗଳାଶ୍ରୀ ରାଗକୁ ଆଶ୍ରୟ କରି ଏଗୁଡ଼ିକ ରଚିତ । ବୋଧହୁଏ ଗାଥା - କାବ୍ୟ ରଚନା ନିମନ୍ତେ ଏହା ସର୍ବୋତ୍କୃଷ୍ଟ କାବ୍ୟଛନ୍ଦ, ଯାହା ପାଠକ ପ୍ରାଣକୁ ସ୍ପନ୍ଦିତ, .... ଶଞ୍ଚରଣଶୀଳ କରିବାକୁ ସମର୍ଥ ।

ସରଳ ଓ ସହଜ ଉପମା କିମ୍ବା ରୂପକର ପ୍ରୟୋଗ ଗାଥା-କାବ୍ୟର ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ । ଗୋଦାବରୀଶଙ୍କ କାବ୍ୟ-ଭାଷା ଅନଳଂକରଣ ହେଲେ ସୁଦ୍ଧା ସ୍ଥଳବିଶେଷରେ ଉପମା ଓ ରୂପକର ପ୍ରୟୋଗ ବିଷୟବସ୍ତୁର ଚମତ୍କାରିତା ଆନୟନ ନିମନ୍ତେ ଉଦ୍ଦିଷ୍ଟ । ନୀଳକଣ୍ଠଙ୍କ କାବ୍ୟ ଭାଷାରେ କାବ୍ୟଧର୍ମ ସହିତ ଗାଥାଧର୍ମର ଯେପରି ସମନ୍ୱୟ ସଂଘଟିତ, ତାହା ଗୋଦାବରୀଶଙ୍କ କାବ୍ୟଭାଷାରେ ଲକ୍ଷ୍ୟ କରାଯାଏ ନାହିଁ । ବରଂ ଗାଥା-କାବ୍ୟର ସହଜ ଭାଷାଭିବ୍ୟକ୍ତି ପରି ତାଙ୍କ କାବ୍ୟଭାଷା ଶାନ୍ତ ସରଳା ନଦୀଧାରା ପରି ଶୃଙ୍ଖଳିତ ଆବେଗପ୍ରଧାନ ଓ ସ୍ୱତଃସ୍ଫୂର୍ତ୍ତ । ଘଟଣାପ୍ରବାହରେ ମନ୍ଥରତା ନାହିଁ; ବର୍ଣ୍ଣନାବାହୁଲ୍ୟରେ ଆଡ଼ମ୍ବରତା ନାହିଁ । କେତେକ ସ୍ଥଳରେ ପୌରାଣିକ ମିଥ୍ କିମ୍ବା ମେଟାଫର ଆଶ୍ରୟରେ ବିଷୟବସ୍ତୁକୁ ସ୍ପଷ୍ଟ ରୂପ ଦିଆଯାଇଛି ।

ଗୋଦାବରୀଶଙ୍କ ଗାଥା କାବ୍ୟମାନଙ୍କରେ ଦେଶପ୍ରାଣତା, ସମାଜସଂସ୍କାର ପ୍ରୟାସ, ମାନବିକତା ପ୍ରତି ଶ୍ରଦ୍ଧା, ସତ୍ୟ ଓ ନ୍ୟାୟନିଷ୍ଠା, କର୍ମସଚେତନତା, ରୋମାଣ୍ଟିକ୍ କାବ୍ୟଚେତନା, ଇତିହାସ ଓ କିମ୍ବଦନ୍ତୀ ଆଶ୍ରୟରେ ରଚିତ

କେତେକ ଗାଥାରେ ସମସାମୟିକ ସାମାଜିକ ଓ ରାଜନୀତିକ ଦୁର୍ବଳତା ପ୍ରତି ବ୍ୟଙ୍ଗୋକ୍ତି ପ୍ରକାଶିତ । ବ୍ୟଙ୍ଗୋକ୍ତି ପାଶ୍ଚାତ୍ୟ ଗାଥାକାବ୍ୟର ଏକ ବିଶେଷ ଧର୍ମ । ମୁକ୍ତିମଣ୍ଡପ ପଣ୍ଡିତସଭାରେ ଷୋଳଶାସନ ଗୋବଦ୍ଦମାନଙ୍କ ଭିଡ଼, ବିଧବାମାନଙ୍କର ଚୁଗୁଲି, ଦେଶୀୟ ରାଜାମାନଙ୍କର ବିଦେଶୀ ଶାସକମାନଙ୍କୁ ପୂଜାର୍ଚ୍ଚନା, ଅମେଧ ଭୋଜନ, ସତ୍ୟବାଦୀ ବନବିଦ୍ୟାଳୟ ଏବଂ ଉତ୍କଳ ବୀରତ୍ୱ ଖଣ୍ଡିତ ରୂପାଦିର ବର୍ଣ୍ଣନା ରାଜନୀତିକ ଓ ସାମାଜିକ ଚେତନାର ପରିଚାୟକ । ଅବଶ୍ୟ କେତେକ ସ୍ଥଳରେ ମୂଳ ବିଷୟବସ୍ତୁ ସହିତ ଏଗୁଡ଼ିକର ସଂଯୋଗ କାହାଣୀର ଅଗ୍ରଗତିରେ ପ୍ରତିବନ୍ଧକ ଓ ମୂଳ ବିଷୟବସ୍ତୁ ଅପେକ୍ଷା ବେଶୀ ସମ୍ବେଗଶୀଳ ।

କାହାଣୀଭାଗରେ ଅଲୌକିକତା ପ୍ରତିପାଦନ ପାଇଁ ଅନେକ ସ୍ଥଳ ଦୈବୀଶକ୍ତି ଉପରେ ଆଧାରିତ । ଗାଲମାଧବ, କଳାପାହାଡ଼, ପଦ୍ମାବତୀ, କାଳିଜାଇ, ଦୁଃଖୀଧନ ଓ ବିକ୍ରମ ସିଂହ ଆଦି ଗାଥାକାବ୍ୟମାନଙ୍କରେ ଏଗୁଡ଼ିକ ଲକ୍ଷଣୀୟ । ବୀର ଓ କରୁଣ ରସାଶ୍ରିତ ଏ ଗାଥାଗୁଡ଼ିକ ଧର୍ମଭିତ୍ତିକ, ସଂସ୍କୃତିସଂପନ୍ନ ଓ ସଂସ୍କାରମୂଳକ । ଚରିତ୍ରମାନଙ୍କର କାର୍ଯ୍ୟାବଳୀ ଜାତି ପ୍ରାଣକୁ ଉଦ୍‌ବୁଦ୍ଧ କରିବାକୁ ସମର୍ଥ । ମାତ୍ର ଏସବୁ କାବ୍ୟମାନଙ୍କରେ ଐତିହାସିକ ସତ୍ୟ ପ୍ରତି କବି ଗୁରୁତ୍ୱ ଦେଇ ନଥିବା ମନେହୁଏ । ମୁକୁନ୍ଦଙ୍କ ରାଜସିଂହାସନ ପ୍ରାପ୍ତି, ରାମଚନ୍ଦ୍ରଙ୍କ ଆମନ୍ତ୍ରଣ କ୍ରମେ କଳାପାହାଡ଼ଙ୍କ ଓଡ଼ିଶା ଆକ୍ରମଣ, ରାଣୀଙ୍କ ଦ୍ୱାରା ପରାଜିତ, ସେହି କ୍ରୋଧରେ ଗାଁ' ଗଣ୍ଡା ମନ୍ଦିରାଦି ଲୁଣ୍ଠନ, ଜଗନ୍ନାଥଙ୍କ ମୂର୍ତ୍ତିକୁ ଅଗ୍ନିଗର୍ଭକୁ ନିକ୍ଷେପ, ଉଦ୍ୟାର୍ତ୍ତ କଳାପାହାଡ଼ର ଆତ୍ମଗୋପନ, ଗଙ୍ଗାଙ୍କ ଉତ୍କଳ ଆଗମନ, ସାରଙ୍ଗଗଡ଼ଯୁଦ୍ଧ, କପଟାଚରଣ ଦ୍ୱାରା ମୁକୁନ୍ଦଙ୍କ ମୃତ୍ୟୁ ଓ ରାଣୀଙ୍କ ବିଜୟାଦି ଐତିହାସିକ ମିଥ୍ୟାପୂର୍ଣ୍ଣ । ଜାତୀୟ ଜାଗରଣର କ୍ଷେତ୍ର ପ୍ରସ୍ତୁତି ପାଇଁ ସତ୍ୟର ଅପଳାପ କରାଯାଇ ଜାତୀୟ ଚରିତ୍ରମାନଙ୍କଠାରେ ଅପୂର୍ବ ବୀରତ୍ୱ ପ୍ରଦର୍ଶନର ପ୍ରୟାସ ଏଗୁଡ଼ିକରେ ସ୍ପଷ୍ଟ ।

ସିଂହଭୂମିଠାରୁ ସୁଦୂର କାଞ୍ଚିପର୍ଯ୍ୟନ୍ତ ବିକ୍ଷିପ୍ତ ଓ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଏବଂ ବିସ୍ମୃତି ଗର୍ଭରେ ହଜିଯାଇଥିବା.... ଲାଞ୍ଛନା ଏବଂ ପରପଦାନତ ଜାତିର ଜୀର୍ଣ୍ଣାବସ୍ଥା ଏଗୁଡ଼ିକରେ ଚିତ୍ରାୟିତ । ତାଙ୍କ ଗାଥା ଗୁଡ଼ିକର ଚରିତ୍ର ଆଦର୍ଶସ୍ଥାନୀୟ । ଜାତି ଓ ଦେଶର ଆତ୍ମ ପ୍ରତିଷ୍ଠା ଲାଗି ଏମାନଙ୍କର ଆତ୍ମବଳି ଗୋଟାଏ ହୀନବୀର୍ଯ୍ୟ ମୁମୂର୍ଷୁ ଜାତି ପକ୍ଷରେ ପ୍ରେରଣାର ଉତ୍ସ ଓ ଶକ୍ତି ସଞ୍ଚୟର କେନ୍ଦ୍ରବିନ୍ଦୁ ।

ଗୋଦାବରୀଶଙ୍କ ଗାଥାକାବ୍ୟ ଗୁଡ଼ିକ ବୈଚିତ୍ର୍ୟମୟ । ବିଷୟବସ୍ତୁ ପ୍ରସାରିତ । ମହତ୍ତ୍ୱ, ବୀରତ୍ୱ, ମାନବିକତା, ଦେଶବତ୍ସଳତା, କର୍ତ୍ତବ୍ୟ ପରାୟଣତା, ହୃଦୟବତ୍ତା, ବିଶ୍ୱାସପ୍ରିୟତା, ଐକାନ୍ତିକତା, ସନ୍ତାନମମତା, ନିଷ୍ଠୁରତା ଓ ବର୍ବରତା ଆଦି ସ୍ୱର୍ଗୀୟ ଓ ନାରକୀୟ ଗୁଣାବଳୀରେ ଏଗୁଡ଼ିକ ଭାସ୍ୱର । ପୁରାଣ, ଇତିହାସ, କିମ୍ବଦନ୍ତୀ, ଲୋକବିଶ୍ୱାସ, ସମାଜ ଓ ରାଜନୀତି ସ୍ତରରୁ ବିଷୟବସ୍ତୁ ସଂଗୃହୀତ । ଅଲୌକିକତା, କୌତୂହଳପ୍ରବଣତା ଓ ନାଟକୀୟତା ଏ ଗାଥାଗୁଡ଼ିକୁ ଅପୂର୍ବ ରସଦାନ କରିବାକୁ ସମର୍ଥ । ନବନବ ବିଷୟବସ୍ତୁର ସଂଯୋଗ ଓ ଆଦୃତ ବିଷୟବସ୍ତୁକୁ ଭାବ, ଭାଷା ଓ ଛନ୍ଦ ମାଧ୍ୟମରେ ନୂତନତା ଦାନ କରିବାର ପ୍ରୟାସ ଏଗୁଡ଼ିକର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରେ । ସାଧାରଣ ଜୀବନ ଓ ସମାଜର ଚିତ୍ର ବହନକରି ଏଗୁଡ଼ିକ ଚିରଜୀବନ୍ତ । ବାସ୍ତବତା ସହିତ ଆଦର୍ଶର ଓ ଅନୁଭୂତି ସହିତ କଳ୍ପନାର ସଂଯୋଗରେ ଏଗୁଡ଼ିକ ଜନମାନସର ଖୁବ୍ ନିକଟବର୍ତ୍ତୀ । ଅଲୌକିକତା ଏଗୁଡ଼ିକରେ ସ୍ଥାନ ପାଇଥିଲେ ହେଁ

ଅତିରଞ୍ଜନ ପ୍ରାୟ ନାହିଁ କହିଲେ ଚଳେ । ଜାତୀୟ ଜୀବନର ଗୌରବବୋଧ ଉପରେ ଏଗୁଡ଼ିକର ପ୍ରାଣବାଣୀ ପ୍ରତିଷ୍ଠିତ । ଜାତୀୟ ସମ୍ମାନ ପ୍ରତିଷ୍ଠା ପାଇଁ ଆତ୍ମତ୍ୟାଗ ଅଥବା ଅଭିଯାନ ଆଦି ଜାତିର ସ୍ୱାଭିମାନ ଜାଗ୍ରତ ପାଇଁ ଅଭିପ୍ରେତ ।

ଶିଳ୍ପକଳା ଦୃଷ୍ଟିରୁ ଗୋଦାବରୀଶଙ୍କ ଗାଥାକାବ୍ୟ ପାଶ୍ଚାତ୍ୟ ଗାଥାଶିଳ୍ପର ଅନୁବର୍ତ୍ତୀ । ଅଧିକାଂଶ ପାଶ୍ଚାତ୍ୟ ଗାଥା ବ୍ୟଙ୍ଗାତ୍ମକ ଓ ରାଜନୀତିକ ଉଦ୍ଦେଶ୍ୟପ୍ରଣୋଦିତ । କୌଣସି କୌଣସି ଗୀତିକାରେ ବୀରମାନଙ୍କର କୃତିତ୍ୱ ଲିପିବଦ୍ଧ । ଆଉ କେତେକରେ ବୀରତ୍ୱ ଅପେକ୍ଷା ଯୁଦ୍ଧକ୍ଷେତ୍ରର ରୋମାଞ୍ଚକର ବର୍ଣ୍ଣନା, ସ୍ୱର୍ଗଦେବତା ଅଥବା ସମୁଦ୍ର ପରୀମାନଙ୍କର ଅତିମାନୁଷ କ୍ରିୟା ବର୍ଣ୍ଣିତ । ଗୋଦାବରୀଶ ଅତି ସଚେତନ ଦୃଷ୍ଟିରେ ପାଶ୍ଚାତ୍ୟ ଗାଥାକାବ୍ୟର ଶିଳ୍ପସୌନ୍ଦର୍ଯ୍ୟକୁ ଆୟତ କରି ସେସବୁକୁ ଓଡ଼ିଶାର ଐତିହାସିକ, ସାଂସ୍କୃତିକ, ସାମାଜିକ ଓ ରାଜନୀତିକ ଜଳବାୟୁ ସହିତ ଏପରି ମିଶାଇ ଦେଇଛନ୍ତି ଯେ ସେଗୁଡ଼ିକରୁ ପାଶ୍ଚାତ୍ୟ ଶିଳ୍ପକଳାର ପ୍ରଭାବ ବାରିବା ସହଜ ହୁଏ ନାହିଁ; ବରଂ ସେଗୁଡ଼ିକର ଉପସ୍ଥାପନ କୌଶଳ, ସୃଜନଶକ୍ତି ବଳରେ ମୌଳିକ ସୃଷ୍ଟି ସମ୍ପଦରେ ପରିଣତ ।

ଉପଦେଶ ଦାନ ଅଥବା ଦର୍ଶନତତ୍ତ୍ୱ ବ୍ୟାଖ୍ୟାନ ଗାଥାକାବ୍ୟର ରସାନୁଭୂତିରେ ଅନ୍ତରାୟ । କାହାଣୀ ଭାଗ ଏହାଦ୍ୱାରା ଅଯଥା ଭାରାକ୍ରାନ୍ତ ହୋଇ ସ୍ୱାଭାବିକତା ହରାଇ ବସେ ଓ ରସ ସଞ୍ଚାରଣ ବାଧାପ୍ରାପ୍ତ ହୁଏ । ଗୋଦାବରୀଶଙ୍କ ଗାଥାକାବ୍ୟ ବହୁ ଉପଦେଶଗର୍ଭକ । ଏପରିକି କବି କେତେକ ସ୍ଥଳରେ ନିଜକୁ ଏକ ସ୍ୱତନ୍ତ୍ର ଚରିତ୍ର ଭୂମିକାରେ ଅବତୀର୍ଣ୍ଣ କରାଇ ଜାତିକୁ ଉଦ୍‌ବୋଧନର ବାଣୀ ଶୁଣାଇଛନ୍ତି ।

ପୁନରୁକ୍ତିବାଦ ଗାଥାକାବ୍ୟର ଏକ ବିଶିଷ୍ଟ ଲକ୍ଷଣ । ମାତ୍ର ଭାବ ଓ ରସ ସମ୍ପ୍ରସାରଣ ....... ଏହା ବିଶେଷ ଲକ୍ଷଣୀୟ ନୁହେଁ । ଫଳତଃ ରସ-ପ୍ରବହମାନତା ସ୍ୱତଃ ସଞ୍ଚରଣକ୍ଷମ ଓ ପାଠକ ପ୍ରାଣରେ ଆବେଗ ସର୍ବତ୍ର ସମଭାବାପନ୍ନ ।

ସରଳ ପରିଚ୍ଛନ୍ନ ଭାଷାର ପ୍ରୟୋଗ, ବିଷୟବସ୍ତୁର ଦ୍ରୁତ ବିକାଶ, ରୂପକ ଓ ରୂପକଳ୍ପର ଚମତ୍କାରିତା, ବାସ୍ତବପ୍ରିୟତା (ଅବାସ୍ତବ ଘଟଣାକୁ ବାସ୍ତବ କରିବାର ପ୍ରୟାସ), ନାଟକୀୟତା, ଅଲୌକିକତା, ଗୋଟିଏ ପ୍ରସଙ୍ଗ ପରେ ଅନ୍ୟ ଏକ ପ୍ରସଙ୍ଗର ଅପ୍ରତ୍ୟାଶିତ ଅବତାରଣା ଓ ପଦମାନଙ୍କର ପୁନରାବୃତ୍ତି ଇତ୍ୟାଦି ଯାହାକି ଗାଥାକାବ୍ୟର ବିଶିଷ୍ଟ ଲକ୍ଷଣ ରୂପେ ସ୍ୱୀକୃତ । ସେସବୁ ଗୋଦାବରୀଶଙ୍କ ଗାଥାସଙ୍ଗୀତରେ ଚରମ ଉତ୍କର୍ଷ ଲାଭ କରିଛି । ଅତୀତର ଚିତ୍ର ଦେବା ସହିତ ସମକାଳୀନ ଓ ଅନୁଭବର ଚିତ୍ର ଏଗୁଡ଼ିକରେ ସନ୍ନିବେଶିତ । ଜାତୀୟ ସମସ୍ୟାବଳୀ ମଧ୍ୟରେ ସ୍ୱକୀୟ ଆଦର୍ଶର ପ୍ରତିଫଳନ ଏ ଗାଥା ଗୁଡ଼ିକୁ ଅତ୍ୟନ୍ତ ସାର୍ଥକ ରୂପ ଦେଇଛି । ବର୍ଣ୍ଣନା-ବୈଚିତ୍ର୍ୟ, ନାଟକୀୟ ଉପସ୍ଥାପନା, ମନସ୍ତାତ୍ତ୍ୱିକ ଆବେଦନ ଓ ସମସାମୟିକ ରାଜନୀତିକ ଓ ସାମାଜିକ ଚିତ୍ରାବଳୀରେ ଏଗୁଡ଼ିକ ସମୃଦ୍ଧ । କାହାଣୀର ଗତିଧାରା ସର୍ବତ୍ର ଅବ୍ୟାହତ ଓ ଉତ୍କଣ୍ଠାପୂର୍ଣ୍ଣ । ବିଷୟବସ୍ତୁର ସୌନ୍ଦର୍ଯ୍ୟ ବର୍ଦ୍ଧନ ନିମନ୍ତେ ବନ, ପର୍ବତ, ନଦୀ, ଝରଣା ଓ ଅନ୍ୟାନ୍ୟ ପ୍ରାକୃତିକ ଦୃଶ୍ୟାବଳୀର ସଂଯୋଗ ଏଗୁଡ଼ିକୁ ମହାକାବ୍ୟର ଖଣ୍ଡିତ ରୂପ ପ୍ରଦାନ କରିଛି । ❑

# ବିଷାଦବାଦୀ କାବ୍ୟ-ଚେତନାର କବି ଫକୀରମୋହନ

ସୂର୍ଯ୍ୟକାନ୍ତ ପାତ୍ର
ପ୍ରଥମ ବର୍ଷ ଓଡ଼ିଆ ସମ୍ମାନ

ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜନ୍ମ ୧୮୪୩ ମସିହା ଜାନୁୟାରୀ ୧୩ ତାରିଖ ଓ ମୃତ୍ୟୁ ଜୁନ୍ ୧୯୧୮; ମାତ୍ର ତାଙ୍କ କବି ବ୍ୟକ୍ତିତ୍ୱର ଉନ୍ମେଷ ଘଟେ ୧୮୭୩ ମସିହା – ଆଧୁନିକ ସାହିତ୍ୟର ଅଗ୍ରଦୂତ 'ଉତ୍କଳ ଦର୍ପଣ'ର ପ୍ରକାଶ କାଳରୁ । ୧୮୪୩ରୁ ୧୮୭୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୩୦ ବର୍ଷର ଇତିହାସ ଓଡ଼ିଶା ପକ୍ଷରେ ଏକ ସଂଘାତମୟ, ସଂଘର୍ଷପୂର୍ଣ୍ଣ ଓ ସଙ୍କଟମୟ ଇତିହାସ । ଅନ୍ୟ ପକ୍ଷରେ ଓଡ଼ିଶା ପାଇଁ ଏହା ଏକ ନବ ଜନ୍ମାନ୍ତର ଯୁଗ ବ୍ୟତୀତ ଅନ୍ୟ କିଛି ନୁହେଁ ।

ଆଧୁନିକ ଶିକ୍ଷା ସଚେତନତା, ଆଧୁନିକ ଶିକ୍ଷା ବିସ୍ତାର, ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ଅନୁବର୍ତ୍ତନ ପାଠ୍ୟପୁସ୍ତକ ଆନ୍ଦୋଳନ ମାଧ୍ୟମରେ ହିଁ ଗଢ଼ି ଉଠିଥିଲା । ଏହି ପୃଷ୍ଠଭୂମିରେ ବ୍ୟାସକବି ଫକୀରମୋହନଙ୍କ ଅଭ୍ୟୁଦୟ । ତେଣୁ ରାଧାନାଥ, ମଧୁସୂଦନଙ୍କ ପରି ଫକୀରମୋହନଙ୍କ ଆବିର୍ଭାବ ହୁଏ ପାଠ୍ୟ ପୁସ୍ତକର ରଚୟିତା ଭାବରେ । ଆଧୁନିକ ପାଠ୍ୟପୁସ୍ତକର ଅଭାବ ଦୂରକରିବା ପାଇଁ ଗଣିତ, ଭୂଗୋଳ, ଭାରତବର୍ଷର ଇତିହାସ ରଚନା ମାଧ୍ୟମରେ କବି ଫକୀରମୋହନ ପ୍ରଥମେ ଆତ୍ମପ୍ରକାଶ କରନ୍ତି । ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ମଧ୍ୟରୁ ଓଡ଼ିଆ ଭାଷା ସାହିତ୍ୟ-ସଂସ୍କୃତିର ସୁରକ୍ଷା ପାଇଁ ରାଧା-ମଧୁ-ଫକୀର ପରି ତ୍ରିବେଣୀର ସଙ୍ଗମରେ ହିଁ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରୟାଗ ଗଢ଼ି ଉଠିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବାଲେଶ୍ୱରରେ ବଙ୍ଗଳା ଭାଷା-ସାହିତ୍ୟ ଓ ଅପସଂସ୍କୃତିର ବଳିଷ୍ଠ ପ୍ରଭାବରେ ଓଡ଼ିଆ ଭାଷା-ସାହିତ୍ୟ ଓ ସଂସ୍କୃତିର ସଂକଟ ବିଶେଷତଃ ଭାଷାଲୋପ ଆନ୍ଦୋଳନ ସମୟରେ ଫକୀରମୋହନଙ୍କ ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ।

ଫକୀରମୋହନଙ୍କ 'ଆତ୍ମଚରିତ' ସେ କାଳର ଏକ ଐତିହାସିକ ଦଲିଲ । ବିଶେଷକରି ଓଡ଼ିଆ ଭାଷାର ବିଲୋପ ପାଇଁ ବଙ୍ଗାଳୀ ମାନଙ୍କର କୁଟଚକ୍ରାନ୍ତ, ବାଲେଶ୍ୱରର ଗଭର୍ଣ୍ଣମେଣ୍ଟ ସ୍କୁଲର ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ 'ଉଡ଼ିୟା ସ୍ୱତନ୍ତ୍ର ଭାଷା ନହେ' ପୁସ୍ତକର ପ୍ରଣୟନ ଖୋଦ୍ କଟକ ସହରରେ ରାଜେନ୍ଦ୍ର ଲାଲ ରାୟଙ୍କର ଓଡ଼ିଆ ଭାଷା ବିରୋଧୀ ଅଭିଭାଷଣ, ସେ ସମୟର ସାଂସ୍କୃତିକ ଭାବଧାରାରେ ଯେଉଁ ନୈତିକ ଆଘାତ ଦେଇଥିଲା, ତା'ର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା ଫକୀରମୋହନଙ୍କ- ଠାରେ । ଫକୀରମୋହନଙ୍କ ଅସୀମ ଧୈର୍ଯ୍ୟ, ବଳିଷ୍ଠ ସାହସିକତା, ନିଷ୍ପାପର ଐକାନ୍ତିକତା ଓ ଚାରିତ୍ରିକ ସାଧୁତା ହିଁ ତତ୍‌କାଳୀନ ବାଲେଶ୍ୱରର କଲେକ୍ଟର ଜନ୍ ବିମ୍‌ସ ସାହେବଙ୍କ ଚକ୍ଷୁରେ ତାଙ୍କୁ ଉଚ୍ଚ ଆସନରେ ବସାଇ ପାରିଥିଲା ।

ଫକୀରମୋହନଙ୍କ ଆଦ୍ୟ- ଜୀବନର ସଂଗ୍ରାମ ଓ ସାଧନାର ସ୍ୱାଭାବିକ ପରିଣତି ସ୍ୱରୂପ ୧୮୭୧ରୁ ୧୮୯୬ ମଧ୍ୟରେ ନୀଳଗିରି, ଡମପଡ଼ା, ଢେଙ୍କାନାଳ,

ଦଶପଲ୍ଲା, ପାଲଲହଡ଼ା ଓ କେନ୍ଦୁଝରରେ ଶାସକ ଭୂମିକା ଏବଂ ଏହାରି ଭିତରେ ଜନସାଧାରଣଙ୍କ ସଂସ୍ପର୍ଶରେ ଆସି ମଣିଷ ଜୀବନ ବୈଚିତ୍ର୍ୟର ବାସ୍ତବାନୁଭୂତି ଆହରଣର ସୁଯୋଗ ହିଁ ପରବର୍ତ୍ତୀ ଜୀବନରେ ତାଙ୍କ ସୃଷ୍ଟି ଚେତନାକୁ ସମୃଦ୍ଧ କରିଛି । ରାଧାନାଥ କାବ୍ୟସ୍ରଷ୍ଟା ଭାବରେ, ମଧୁସୂଦନ ଗୀତିକାର ଭାବରେ, ରାମଶଙ୍କର ନାଟ୍ୟକାର ଭାବରେ ଆଧୁନିକ ଓଡ଼ିଆ ସାହିତ୍ୟର ବଳିଷ୍ଠ ଭିତ୍ତିଭୂମି ଗଢ଼ିଥିଲେ; ମାତ୍ର ଫକୀରମୋହନଙ୍କ ଲେଖନୀ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ସେତେବେଳେ ଅନୁକୂଳ ପରିବେଶ ଖୋଜି ପାଇ ନଥିଲା । ପରବର୍ତ୍ତୀ ସମୟରେ ପୁତ୍ର ବିୟୋଗ, ଶାସକ ଜୀବନର ବାସ୍ତବ ଅନୁଭୂତି, ପତ୍ନୀ ବିୟୋଗ ଜନିତ ବ୍ୟକ୍ତିଗତ ଦୁଃଖ ତାଙ୍କ ସୃଷ୍ଟି ଚେତନାକୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ମଧୁବାବୁ ପ୍ରବନ୍ଧ ରଚନା ମାଧ୍ୟମରେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଭିତ୍ତି ସ୍ଥାପନ କରିଥିଲେ । ମଧୁସୂଦନଙ୍କଠାରେ ସଂସ୍କୃତ ଓ ଲୋକଭାଷାର ଅପୂର୍ବ ସମନ୍ୱୟ ସାଧିତ ହୋଇଥିଲା । ଫକୀରମୋହନ ଗଦ୍ୟକୁ କଳାର ଶୈଳିକ ସୌନ୍ଦର୍ଯ୍ୟରେ ବିଭୂଷିତ କରିଥିଲେ । ଫକୀରମୋହନଙ୍କ ଘଟଣାବହୁଳ ଜୀବନ ପ୍ରତ୍ୟକ୍ଷ ବାସ୍ତବ ଜୀବନ୍ତ ଅନୁଭୂତି ଓ ଲୋକ ଚରିତ୍ର ଅଧ୍ୟୟନରେ ପାରଦର୍ଶିତା, ବିଶେଷତଃ ଜୀବନ ପ୍ରବାହ ଘଟଣା ତରଙ୍ଗର ବିଚିତ୍ର ଜୀବନରସ ଆସ୍ୱାଦନ କରି, ମାନବ ଜୀବନପ୍ରତି ଆନ୍ତରିକ ସମବେଦନା ପ୍ରକାଶ– ଏହା ଉପରେ ଦଣ୍ଡାୟମାନ ହେଲା ଫକୀରମୋହନଙ୍କ କଳାସୌଧ ।

ବୟସର ଉତ୍ତରାର୍ଦ୍ଧରେ ମାତ୍ର ଏଗାରଟି କ୍ଷୁଦ୍ର ଗଳ୍ପ ଓ ଚାରୋଟି ଉପନ୍ୟାସ ରଚନା କରି ଫକୀରମୋହନ ଓଡ଼ିଆ ଗଦ୍ୟ ସାହିତ୍ୟର ଜନକ ଭାବରେ ପ୍ରତିଷ୍ଠା ଲାଭ କରିଛନ୍ତି । କେବଳ ଓଡ଼ିଆ ସାହିତ୍ୟରେ ନୁହେଁ, ସାହିତ୍ୟ ସମାଲୋଚକର ତୁଳନାତ୍ମକ ସାହିତ୍ୟ ବିଚାରରେ ତୁଳିତ ହୋଇ, ସମାଜ-ଜୀବନର ଘଟଣା ପ୍ରବାହର ବାସ୍ତବ ଚିତ୍ରଣ ସହିତ ମୌଳିକ ପ୍ରକାଶଭଙ୍ଗୀରେ ଭାରତୀୟ ସାହିତ୍ୟରେ ଔପନ୍ୟାସିକ ପ୍ରେମଚାନ୍ଦଙ୍କ ପୂର୍ବରୁ ମଧ୍ୟ ମୌଳିକ ଗଦ୍ୟ-ସାହିତ୍ୟର ଅନନ୍ୟ ସାଧକ ଭାବରେ ଖ୍ୟାତିଲାଭ କରିଛନ୍ତି । ମାଟି ଓ ମଣିଷର ଜୟଗାନ କରି ଆମେରିକୀୟ ଔପନ୍ୟାସିକ ହଥର୍ଣ୍ଣ ଓ ଇଂରାଜୀ ସାହିତ୍ୟର ସ୍ରଷ୍ଟା ଡିକେନ୍‌ସଙ୍କ ସହିତ ଫକୀରମୋହନ ତୁଳନାତ୍ମକ ବିଚାର ବିମର୍ଶରେ ସ୍ଥାନିତ ହୋଇ ପାରିଛନ୍ତି ।

ଏ ଦୃଷ୍ଟିରୁ କବି ଫକୀରମୋହନଙ୍କ ଅପେକ୍ଷା ଗଦ୍ୟ ସ୍ରଷ୍ଟା ଫକୀରମୋହନ ଅଧିକ ସୁ-ପ୍ରତିଷ୍ଠିତ ଓ ସମୁନ୍ନତ । ତେବେ ଫକୀରମୋହନଙ୍କ କାବ୍ୟ-କବିତା କୌଣସି ଗୁଣରେ ରସହୀନ ବା କଳା-ସୌନ୍ଦର୍ଯ୍ୟରେ ନିମ୍ନମାନର ନୁହେଁ; ବରଂ ଗଦ୍ୟ ସ୍ରଷ୍ଟା ଫକୀରମୋହନଙ୍କ ଲେଖକ ସତ୍ତାର ମୌଳିକ ପୃଷ୍ଠଭୂମି ଏହି କବିତାକୁ ନେଇ ହିଁ ଗତିଶୀଳ । ତେଣୁ ଗାଳ୍ପିକ ଫକୀରମୋହନ ବା ଔପନ୍ୟାସିକ ଫକୀରମୋହନ ଅପେକ୍ଷା କବି ଫକୀରମୋହନ ନ୍ୟୂନ ନୁହନ୍ତି, ତେବେ ବ୍ୟକ୍ତିଗତ ଜୀବନାନୁଭୂତି, ସମକାଳୀନ ସମାଜ ଓ ଜୀବନ ଯେପରି ଭାବରେ ପରିପୂର୍ଣ୍ଣ କଳାରୂପରେ ଗଦ୍ୟ-ସାହିତ୍ୟରେ ପ୍ରକାଶ ପାଇଛି, ସେପରି ପ୍ରକାଶ କବିତାରେ ହୋଇ ନାହିଁ ।

ରାଧାନାଥ, ମଧୁସୂଦନଙ୍କ ପରି ଫକୀରମୋହନ ମଧ୍ୟ ପ୍ରଥମେ ପାଠ୍ୟପୁସ୍ତକ ରଚୟିତା ଭାବରେ ଆତ୍ମପ୍ରକାଶ କରିଥିଲେ ଭାରତବର୍ଷର ଇତିହାସ ( ୧ମ ଓ ୨ୟ ଭାଗ, ୧୮୬୯-୭୦ ଅଙ୍କମାଳା ୧୯୭୦) ପ୍ରଭୃତିରୁ ।

ଆଧୁନିକ ଓଡ଼ିଆ କାବ୍ୟଧାରା ମୂଳତଃ ଅନୁବାଦକୁ ଭିତ୍ତିକରି ଗତିଶୀଳ ହୋଇଥିଲା । ଉଚ୍ଚକୋଟୀର ଅନୁବାଦ ମାଧ୍ୟମରେ ଓଡ଼ିଆ ସାହିତ୍ୟର ପାଠକପାଠିକାମାନଙ୍କର ରୁଚି ଓ ଆବଶ୍ୟକତା ସମକାଳୀନ ଲେଖକମାନେ ଅନୁମାନ

କରିବାକୁ ଚେଷ୍ଟା କରିଥିଲେ । ତା' ସହିତ ଆହରଣ ମାଧ୍ୟମରେ ଆଙ୍ଗିକ, ଆତ୍ମିକ ପରିପାଟୀ ଓ ଶିଳ୍ପନୈପୁଣ୍ୟ ନେଇ ଆଧୁନିକ କାବ୍ୟ କବିତାର ଭିତ୍ତିଭୂମି ରଚନା କରୁଥିଲେ । ଏହାହିଁ ଥିଲା ସେତେବେଳେ ଓଡ଼ିଆ ଜାତି ପାଇଁ ଏକ ସୁଶୋଚିତ ଆହ୍ୱାନ ଓ ଜାତୀୟ ଦାୟିତ୍ୱ । ତେଣୁ ରାଧାନାଥ, ମଧୁସୂଦନ ଓ ଫକୀରମୋହନ ପ୍ରମୁଖ ଲେଖକମାନେ ଅନୁବାଦ ସାହିତ୍ୟ ମାଧ୍ୟମରେ ନିଜର ସୃଜନଶୀଳ ବ୍ୟକ୍ତିତ୍ୱର ପରିପ୍ରକାଶ ଘଟାଇଛନ୍ତି । ତେବେ ଏହି ଅନୁବାଦ କାର୍ଯ୍ୟ ପାଇଁ ସେମାନେ ସଂସ୍କୃତ-ସାହିତ୍ୟ, ଇଂରାଜୀ - ସାହିତ୍ୟ ଓ ପ୍ରତିବେଶୀ ବଙ୍ଗଳା ସାହିତ୍ୟରୁ ବିଷୟବସ୍ତୁ ଗ୍ରହଣ କରିଥିଲେ ।

ସଂସ୍କୃତ ପୁରାଣ, ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ ସେନାପତି-ସାହିତ୍ୟର ଜାତୀୟ ପରମ୍ପରା ଓ ତା'ର ରସ-ଭଙ୍ଗ ଏଇଠି ନିହିତ । ୧୮୮୪ ରୁ ୧୯୯୫ ପର୍ଯ୍ୟନ୍ତ ରାମାୟଣର ବାଳକାଣ୍ଡ, ଅରଣ୍ୟକାଣ୍ଡ, କିଷ୍କିନ୍ଧ୍ୟାକାଣ୍ଡ, ସୁନ୍ଦରାକାଣ୍ଡ, ଲଙ୍କାକାଣ୍ଡ ଓ ଉତ୍ତରକାଣ୍ଡ ପଦ୍ୟାନୁବାଦ କରିଥିଲେ । ପୁଣି ୧୮୮୭ରୁ ୧୯୦୫ ମଧ୍ୟରେ ମହାଭାରତର ଆଦିପର୍ବ, ସଭାପର୍ବ, ବନପର୍ବ, ବିରାଟପର୍ବ ଓ ଶ୍ରୀମଦ୍ ଭଗବତ୍ ଗୀତାର ପଦ୍ୟାନୁବାଦ କରିଥିଲେ । ରାମାୟଣର ଅଯୋଧ୍ୟାକାଣ୍ଡ (୧୮୮୧) ପ୍ରକାଶିତ ହେବାପରେ ଜଣେ ସମାଲୋଚକ ସମ୍ବାଦବାହିକା (ତା୧୭-୧୧-୮୧ରେ ଲେଖିଥିଲେ, 'ଅତଏବ ଆମ୍ଭେମାନେ ଅନୁରୋଧ କରୁଅଛୁ ଯେ, ଓଡ଼ିଶାବାସୀ ବର୍ଣ୍ଣଜ୍ଞ ଲୋକ ମାତ୍ରକେ ଏଥିରୁ ଖଣ୍ଡିଏ ଖଣ୍ଡିଏ ସଂଗ୍ରହ କରି ଘରେ ରଖିବା ଉଚିତ । ଶିକ୍ଷିତ ଯୁବକେ ଆପଣା ସ୍ତ୍ରୀକୁ କେବଳ ବର୍ଣ୍ଣଶିକ୍ଷା କରିଦେଇ ସେମାନଙ୍କ ହାତରେ ଏଥିରୁ ଖଣ୍ଡିଏ ଖଣ୍ଡିଏ ଦେଲେ, ସେମାନେ ଆପେ ପଢ଼ି ପାରିବେ ଏବଂ ଧର୍ମନୀତି, ସମାଜନୀତି, ଗୁରୁଭକ୍ତି ଓ ପତିଭକ୍ତି ପ୍ରଭୃତି ଅନେକ ପ୍ରୟୋଜନୀୟ ବିଷୟ ଶିଖି ପାରିବେ ।''

ଫକୀରମୋହନଙ୍କ ପତ୍ନୀ କୃଷ୍ଣକୁମାରୀଙ୍କ ବୁଝିବା ଭଳି ଭାଷାରେ ପୁରାଣ ଅନୁବାଦିତ ହୋଇଥିବାରୁ ଏହାର ଭାଷା ସହଜ ଓ ସର୍ବଜନଗ୍ରାହ୍ୟ ହୋଇଥିଲା । ସୃଷ୍ଟିର ପ୍ରକାଶ ନୈପୁଣ୍ୟ, କଳାର ସାମାଜିକ ମୂଲ୍ୟ, ରୀତିନୀତି, ଧର୍ମପ୍ରାଣତା, ଗୁରୁଭକ୍ତି, ପତିଭକ୍ତି ଇତ୍ୟାଦି ଏହି ଅନୁବାଦରୁ ଆରମ୍ଭ ହୋଇ ପରବର୍ତ୍ତୀ ରଚନାଗୁଡ଼ିକରେ ପରିବ୍ୟାପ୍ତ ହୋଇଅଛି । ପୁରାଣର ନବୀକରଣ ଭିତରେ ଫକୀରମୋହନଙ୍କୁ ଆଧୁନିକ ସାହିତ୍ୟର ସ୍ରଷ୍ଟା ଭାବରେ ଆଭାସ ମିଳେ ଏବଂ ତାହା ସ୍ପଷ୍ଟ ଭାବରେ ଦେଖାଦେଇଛି 'ଉତ୍କଳ ଭ୍ରମଣ'ରେ ।

'ପୁଷ୍ପମାଳା' ଓ ଉପହାର'ର ବହୁ ଗୀତିକବିତାରେ ଏହି ଆଧୁନିକତା ସଂପୂର୍ଣ୍ଣ ଅନୁଭବଯୋଗ୍ୟ । ୧୮୬୯ର ପାଠ୍ୟ ପୁସ୍ତକ ଲେଖକ ଫକୀରମୋହନ ୧୮୯୪ ବେଳକୁ ଗୀତିକବି ଫକୀରମୋହନ ଭାବରେ ଆତ୍ମପ୍ରକାଶ କରିଛନ୍ତି । ବସ୍ତୁତଃ ୧୮୬୯ ରୁ ୧୮୯୪ ଦୀର୍ଘ ପଚିଶବର୍ଷ ଫକୀରମୋହନଙ୍କ ପାଇଁ ପୁରାତନକୁ ନୂତନତାରେ ରୂପ ଦେବାପାଇଁ ପ୍ରସ୍ତୁତିପର୍ବ ।

ରାଧାନାଥ ଥିଲେ ସୁନ୍ଦରର ଉପାସକ, ମଧୁସୂଦନ ଥିଲେ ଶିବର ଉପାସକ; ମାତ୍ର ଫକୀରମୋହନଙ୍କ ସାହିତ୍ୟ ଥିଲା ସତ୍ୟରେ ବିଧୃତ । ଉପନିଷଦୀୟ ଭାବାଦର୍ଶରେ ଅନୁପ୍ରାଣିତ ହୋଇ ବ୍ୟାସକବି ଫକୀରମୋହନ 'ଉପନିଷଦ ସଂଗ୍ରହ'ର ପଦ୍ୟାନୁବାଦ (୧ମ ଖଣ୍ଡ - ୧୯୦୫, ଉତ୍କଳ ସାହିତ୍ୟ ପ୍ରେସ୍), 'ଛାନ୍ଦୋଗ୍ୟ ଉପନିଷଦ କାବ୍ୟ' (୧ମ ଖଣ୍ଡ - ଜୁନ୍ ୨୧, ୧୯୧୬ ଉ.ସା. ପ୍ରେସ୍), 'ବ୍ରାହ୍ମଣାନାଂ ସନ୍ଧ୍ୟା ପଦ୍ଧତି' (୧୯୧୪ ଉ.ସା. ପ୍ରେସ୍) ପ୍ରକାଶ କରିଥିଲେ ।

୧୮୭୧ ସାଲ ବେଳକୁ ଆଧୁନିକ ବଙ୍ଗଳା ସାହିତ୍ୟର ଭିତ୍ତିଭୂମି ଦୃଢ଼ ହୋଇ ସାରିଥିଲା । ଓଡ଼ିଆ ସାହିତ୍ୟର ସ୍ରଷ୍ଟାମାନେ ସେଥିପାଇଁ ବଙ୍ଗଳା ସାହିତ୍ୟର ଗଠନ

ପରିପାଟୀ ଉପରେ ଦୃଷ୍ଟି ରଖିଥିଲେ । ସ୍ଥୂଳତଃ ସେମାନଙ୍କ ରଚନା ଭିତରେ ବଙ୍ଗଳା ସାହିତ୍ୟର ପ୍ରଭାବ ଆଦୌ ବିସ୍ମୟକର ନୁହେଁ । ଫକୀରମୋହନଙ୍କ ଗଦ୍ୟ ରଚନା ବିଶେଷତଃ ଉପନ୍ୟାସଗୁଡ଼ିକରେ ବଙ୍କିମ ଚନ୍ଦ୍ରଙ୍କ ପ୍ରଭାବ ଅପ୍ରତିହତ । ଫକୀରମୋହନଙ୍କ ପ୍ରେରଣା ଓ ପ୍ରଭାବର ମୂଳ ହେଉଛନ୍ତି ବଙ୍କିମଚନ୍ଦ୍ର – ଏ ବିଷୟ ଫକୀରମୋହନ ଜୀବିତାବସ୍ଥାରେ ସ୍ୱୀକାର କରିଥିବା କଥା ପଣ୍ଡିତ ନୀଳକଣ୍ଠ ଦାସ ପ୍ରକାଶ କରିଛନ୍ତି ।

ଫକୀରମୋହନ ଇଂରାଜୀ ସାହିତ୍ୟରେ ସେପରି ଧୂରୀଣ ନଥିଲେ । ତାଙ୍କର ଏହି ଆଂଶିକ ଅଜ୍ଞତା ଓଡ଼ିଆ ସାହିତ୍ୟ ପ୍ରତି ଏକ ଆଶୀର୍ବାଦ ହୋଇଛି ।

ଇଂରାଜୀ ସାହିତ୍ୟର ପ୍ରଭାବରୁ ମୁକ୍ତ ତାଙ୍କ ବିଚାର ଥିଲା ସ୍ୱାଧୀନ । ତାଙ୍କ ଦୃଷ୍ଟି ଥିଲା ସ୍ୱଚ୍ଛ ଓ ନିର୍ମଳ । ସେ ଥିଲେ ଅପ୍ରମିତ ପ୍ରତିଭାର ଅଧିକାରୀ । ସେଇ ପ୍ରତିଭା କୌଣସି ଛାଞ୍ଚ, କୌଣସି ନୀତି-ନିର୍ଦ୍ଦେଶ, କୌଣସି ତତ୍ତ୍ୱ ବିଚାର ଉପରେ ନିର୍ଭର ନ କରି ବାସ୍ତବ ଜୀବନ ପ୍ରତି ଦୃଷ୍ଟି ନିକ୍ଷେପ କରିଥିଲା । ଫକୀରମୋହନ ଯେଉଁ ଆଦର୍ଶବାଦ ଅବଲମ୍ବନ କରିଥିଲେ, ତା'ର ମାନବିକ ଆଦର୍ଶ ଓ ଚିରାଗତ ପରମ୍ପରାରୁ ବାହାରିଥିଲା । ଏହି ଆଦର୍ଶବାଦ ଶୈଳ୍ପିକ ରୂପ ସମନ୍ୱିତ ହୋଇ ଫକୀରମୋହନଙ୍କ ସୃଷ୍ଟି ସମୂହରେ ଆତ୍ମପ୍ରକାଶ କରିଥିଲା ।

ଫକୀରମୋହନଙ୍କ ବ୍ୟକ୍ତିତ୍ୱର ବାସ୍ତବ ସ୍ୱରୂପ ଫୁଟି ଉଠିଥିଲା ତାଙ୍କ ପିଲାକାଳର କ୍ଷୁଦ୍ର କ୍ଷୁଦ୍ର କବିତାରେ । ସେସବୁ 'ପୁଷ୍ପମାଳା' ଆକାରରେ ଦକ୍ଷିଣରେ ପାଠ୍ୟପୁସ୍ତକ ହେବାପାଇଁ ସେକାଳର ରଙ୍ଗହଟଲା ଗୁନ୍ନେୟା ଶାସ୍ତ୍ରୀଙ୍କୁ ବିକ୍ରି ହୋଇଯାଇଥିଲା । ପରେ 'ଉପହାର' ଓ 'ଉତ୍କଳ ଭ୍ରମଣ' ରଚିତ ।

'ଉତ୍କଳ ଭ୍ରମଣ'କୁ ଭ୍ରମଣ ସାହିତ୍ୟ ଅପେକ୍ଷା କୌତୁକ କାବ୍ୟ କହିବା ଅଧିକ ଯୁକ୍ତିଯୁକ୍ତ । ଏହାର ବାରୋଟି ସଂସ୍କରଣରେ କେତେକ ନୂଆ ବିଷୟ ପ୍ରତ୍ୟେକଟିରେ ସଂଯୋଜିତ ହୋଇଛି । ପ୍ରଥମ ସଂସ୍କରଣରେ ସ୍ଥଳ ବିଶେଷରେ କେତେକ ହୃଦୟଗ୍ରାହୀ କବିତାମାନ ଥିଲା । ଜଣେ ମଠ ମହନ୍ତଙ୍କୁ ଲକ୍ଷ୍ୟକରି ଫକୀରମୋହନ ଲେଖିଥିଲେ–

'ତହିଁ ମଧ୍ୟେ ଥିଲେ ଜଣେ ହୟଗ୍ରୀବ ଦାସ
ମହାପାଜି ସଇତାନ ବଡ଼ ବଦ୍‌ମାସ ।'

କିଙ୍ଗାଲପୁର ଜମିଦାରଙ୍କୁ ଲକ୍ଷ୍ୟକରି ଲେଖିଥିଲେ–

'କିଙ୍ଗାଲପୁରିଏ ସୁଖେ ଥାଅ ଚିରଦିନ
କରୁଥାଅ ପ୍ରତିଦିନ ତାକ୍‌ଧିନ୍‌ଧିନ ।'

ଇଂରାଜୀ ପଢୁଆ ନୂଆ ବାବୁମାନଙ୍କୁ ଲକ୍ଷ୍ୟକରି ଲେଖିଥିଲେ–

'ବାବୁମାନେ ହେଲେ ସବୁ ଇଂରାଜୀ ପଢୁଆ
ଓଡ଼ିଆ କହିଲେ ତାଙ୍କୁ ଲାଗିବ ଅଢୁଆ ।'

ଓଡ଼ିଶାର ଉତ୍ତର ସୀମାରୁ ଦକ୍ଷିଣ ପର୍ଯ୍ୟନ୍ତ ହାସ୍ୟରସର ସହଜ ପରିବେଶ ମଧ୍ୟରେ କେତେକ ସାହିତ୍ୟିକ-ପ୍ରଧାନ କାରଣ ଓ ଗୁଣାବଳୀକୁ ନେଇ 'ଉତ୍କଳ ଭ୍ରମଣ' ଲିଖିତ । ଏହା କେବଳ ବାହ୍ୟ ଆବରଣ, ମାତ୍ର ଅନ୍ତଃସ୍ୱର ହେଉଛି ଫକୀରମୋହନଙ୍କ ବ୍ୟକ୍ତିଗତ ଜୀବନ । ଏହାର ପୃଷ୍ଠଭୂମିରେ ରହିଛି କେନ୍ଦୁଝରରେ ଫକୀରମୋହନଙ୍କ ଦେୱାନୀ ଓ ୧୮୯୧ ମସିହା ମେ' ୧୪ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଭୂୟାଁମାନଙ୍କ ବିପ୍ଳବ । ଯେତେବେଳେ ଫକୀରମୋହନଙ୍କ ଜୀବନ ସଙ୍କଟାପନ୍ନ ଓ ସଂଶୟାଚ୍ଛନ୍ନ, ଉତ୍ତରକୁ ହାତୀ ପିଠିରେ ଆନନ୍ଦପୁର ଯାତ୍ରା କଲାବେଳେ ଉତ୍କଳ ଭ୍ରମଣର ପରିକଳ୍ପନା ଓ ରଚନା ହୋଇଥିଲା । କେନ୍ଦୁଝରର ଅନୁଭୂତି ଯେପରି ରୋମାଞ୍ଚକର ସେହିପରି ନାଟକୀୟ ।

ଦୀର୍ଘକାଳ ବିଭିନ୍ନ ରାଜ୍ୟରେ ଶାସକ ଭାବରେ କାର୍ଯ୍ୟ କରିବା ଦ୍ୱାରା ଲୋକ ଚରିତ୍ରର ବିଚିତ୍ର ଅଭିଜ୍ଞତା ସେ ଅର୍ଜନ କରିଥିଲେ । ଜ୍ଞାନନେତ୍ରର ଅନ୍ତରାଳରୁ ସଂସାର, ସଂସାରୀ ମଣିଷର ମିଥ୍ୟା, କପଟତା, ଛଳନା, ଅହମିକା ସ୍ପଷ୍ଟ ଭାବରେ ଧରାଦେଇଛି । ତେଣୁ ସ୍ରଷ୍ଟା ଫକୀରମୋହନଙ୍କ ଉଦାର ମାନବିକତା, ଜୀବନବୋଧ ଜୀବନ୍ତ ଭାବରେ ହାସ୍ୟରସାତ୍ମକ ଭାଷାରେ 'ଉତ୍କଳ ଭ୍ରମଣ'ରେ ପ୍ରକାଶ ପାଇଛି । ଏହାହିଁ ଭବିଷ୍ୟତରେ ଲୋକ ଚରିତ୍ରମୂଳକ ସୃଷ୍ଟି ସୌଧର ପ୍ରଥମ ଓ ପ୍ରଧାନ ଭିତ୍ତି । କୁହାଯାଇପାରେ ଏହି ଭାବର କଳାମୟ ସାର୍ଥକ ଉତ୍କର୍ଷ ଘଟିଛି 'ଛମାଣ ଆଠଗୁଣ୍ଠ' ଉପନ୍ୟାସରେ । 'ଉତ୍କଳ ଭ୍ରମଣ' ହିଁ ରାଧାନାଥଙ୍କ 'ଦରବାର' ଲେଖିବାର ପଥପ୍ରଦର୍ଶକ । ଫକୀରମୋହନ ଗୁଣୀଜନମାନଙ୍କର ଗୁଣଗାନ କରିବା ସହିତ ଗୁଣହୀନ ବ୍ୟକ୍ତିମାନଙ୍କୁ ତୀବ୍ର ସମାଲୋଚନା କରିଛନ୍ତି 'ଉତ୍କଳ ଭ୍ରମଣ' କାବ୍ୟରେ ।

ପାଶ୍ଚାତ୍ୟ ଶିକ୍ଷା ସଭ୍ୟତାର ଅନ୍ଧ ଅନୁସରଣରେ ଉନ୍ମାଦ ହେଉଥିବା ନବ୍ୟ ସଭ୍ୟ ଯୁବକମାନଙ୍କୁ ସେ ତୀବ୍ର ସମାଲୋଚନା କରି ଲେଖିଛନ୍ତି :

''ଯେଉଁ ପାଠ ପଢ଼ିବାରେ ଦେଇଅଛ ମନ
ନ ବିଚାର ସେ ତ ନୁହେଁ ତୁମ୍ଭ ଗଣ୍ଠିଧନ
ପଢ଼ ଇଂରାଜୀ କେହି ମନା କରୁନାହିଁ
କିନ୍ତୁ ବାପା କାମ କର ଜାତିକୁଳ ଚାହିଁ
ଘୃଣା କରୁଅଛ ମାତୃଭାଷଣ ପଢ଼ିବାକୁ
ହାୟ-ହାୟ-ଲାଜକଥା କହିବି କାହାକୁ ।''

– ଉତ୍କଳ ଭ୍ରମଣ ଫ.ମୋ.ଗ୍ର. ପୃ ୬୬୨

ବସ୍ତୁତଃ ଗଦ୍ୟସ୍ରଷ୍ଟା ଫକୀରମୋହନଙ୍କ ବଳିଷ୍ଠ ଭିତ୍ତିଭୂମି ହିଁ 'ଉତ୍କଳ ଭ୍ରମଣ' କାବ୍ୟ – ଏହା ମୁକ୍ତ କଣ୍ଠରେ କୁହାଯାଇପାରେ । ମାତ୍ର, କଥାଶିଳ୍ପୀ ଫକୀରମୋହନଙ୍କ ବ୍ୟକ୍ତିଗତ ଜୀବନାନୁଭୂତିର ବାସ୍ତବ ସ୍ୱରୂପ ଫୁଟି ଉଠିଛି ତାଙ୍କର ଗୀତିକବିତା ଓ ଅନ୍ୟାନ୍ୟ କବିତା ଗୁଡ଼ିକରେ ।

୧୮୯୨ ରୁ ୧୮୯୪ ମଧ୍ୟରେ 'ଉତ୍କଳପ୍ରଭା' ପତ୍ରିକାରେ ଫକୀରମୋହନଙ୍କ ବହୁ କବିତା ପ୍ରକାଶ ପାଇଥିଲା । ତା' ସହିତ କିଛି ଅଧିକ କବିତା ଯୋଡ଼ି ୧୮୯୪ରେ ସେ 'ପୁଷ୍ପମାଳା' ପ୍ରକାଶ କରିଥିଲେ । ଏଥିରେ ସର୍ବମୋଟ ୫୪ଟି କବିତା ଥିଲା । ପୁଷ୍ପମାଳା ପ୍ରକାଶ ପାଇବା ବେଳକୁ ଫକୀରମୋହନଙ୍କ ପତ୍ନୀ କୃଷ୍ଣାକୁମାରୀଙ୍କ ମୃତ୍ୟୁ (୧୮୯୪ ଅଗଷ୍ଟ) ହୋଇଯାଇଥିଲା । ବିଗତ ପତ୍ନୀଙ୍କ ଗୁଣକୀର୍ତ୍ତନ କରି ସେ 'ପୁଷ୍ପମାଳା' ତାଙ୍କୁ ଉତ୍ସର୍ଗ କରିଛନ୍ତି । ମାତ୍ର 'କାହିଁ ଛନ୍ତି ବନ୍ଧୁ ମୋର କିଏ ଦେବ କହି' କବିତା ବ୍ୟତୀତ ବ୍ୟକ୍ତିଗତ ଜୀବନର କାରୁଣ୍ୟ 'ପୁଷ୍ପମାଳାର' ଅନ୍ୟ କବିତା ଗୁଡ଼ିକରେ ପ୍ରକାଶ ପାଇନାହିଁ । ସମ୍ଭବତଃ ପତ୍ନୀଙ୍କ ବିୟୋଗଜନିତ ଦୁଃଖରେ 'କାହିଁ ଛନ୍ତି ବନ୍ଧୁ ମୋର' କବିତାଟି ରଚିତ ହୋଇଥିଲା ।

୧୮୯୫ରେ କବିଙ୍କ 'ଉପହାର' ପୁସ୍ତକ ପ୍ରକାଶ ପାଇଥିଲା । ଏଥିରେ ଅଧିକାଂଶ କବିତା ଶୋକଗୀତି ଶ୍ରେଣୀୟ ରଚନା । ପତ୍ନୀ ବିୟୋଗଜନିତ ପ୍ରତ୍ୟକ୍ଷ ଓ ପରୋକ୍ଷ ଅନୁଭୂତି ବହୁ କବିତାରେ ପ୍ରକାଶ ପାଇଛି । 'ଅବସରବାସରେ' (୧୯୦୮) ପୁସ୍ତକରେ ମଧ୍ୟ କେତେକ ଦୁଃଖାତ୍ମକ ଗୀତ ପ୍ରକାଶ ପାଇଛି ।

ଉପହାରର ଅଧିକାଂଶ କବିତା ସାର୍ଥକ ଗୀତିକବିତା ପର୍ଯ୍ୟାୟଭୁକ୍ତ । 'ଅବସରବାସରେ' ଓ ତତ୍‌ପରବର୍ତ୍ତୀ କବିତାଗୁଡ଼ିକରେ ଆଙ୍ଗିକ ଓ ଗଠନଶୈଳୀର କୌଶଳ ଅନ୍ତର୍ହିତ ହୋଇଅଛି । 'ଅବସରବାସରେ' ଓ ପରବର୍ତ୍ତୀ କବିତା ଗୁଡ଼ିକରେ ଫକୀରମୋହନଙ୍କ ବାସ୍ତବ ଜୀବନର ସ୍ୱରୂପ ଅଧିକ ସ୍ପଷ୍ଟ ।

ପୁଷ୍ପମାଳାର ବେଣୀସଂହାର ଓ ଯୋଷେଫାଇନ୍ ବ୍ୟତୀତ କ୍ଲିଓପେଟ୍ରା, ତାରାବାଈ, କଳାପାହାଡ଼, ଯୀଶୁଖ୍ରୀଷ୍ଟ, ତୁକାରାମ, ସତୀଙ୍କୁ କ୍ରେସିୟା ପ୍ରଭୃତି ଐତିହାସିକ ବ୍ୟକ୍ତି, ଉତ୍କଳଭୂମି, ଉତ୍କଳ କୃଷକ, ଉତ୍କଳ ଯୁବକ ପ୍ରଭୃତି ଦେଶାତ୍ମବୋଧ, ଶଙ୍କା ବିରାଡ଼ି ଓ ବଣି-ପକ୍ଷିଣୀ, ବୁଢ଼ା ବିରାଡ଼ି, କାଳିଆ କୁକୁର, ଗର୍ଦ୍ଦଭର ସୂକ୍ଷ୍ମ ବୁଦ୍ଧି ପ୍ରଭୃତି କାହାଣୀ ମୂଳକ କବିତା ସହିତ ଯମ ରାଜାର ଦରବାର ପରି ହାସ୍ୟରସାତ୍ମକ କବିତା ପ୍ରକାଶିତ । ମୁଁ ହାଟବାହୁଡ଼ା ପରି ଜୀବନ-ଦର୍ଶନମୂଳକ କବିତାରେ ସହଜ ସରଳ ଭାଷା ଓ ମଧୁର ଭାବ ପ୍ରକାଶ କରି ପାଠକମାନଙ୍କୁ କବି ଫକୀରମୋହନ ବିମୁଗ୍ଧ କରିଛନ୍ତି ।

'ଉପହାର'ରେ ଥିବା 'ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ, ପୁଣି କି ଦେଖିବି ସେହି ସହାସ୍ୟ ବଦନ, ମୋ' କ୍ଷୁଦ୍ରତାରା, ସାହାଡ଼ା ଗଛର କ୍ରନ୍ଦନ, ଚକ୍ଷୁଆଟକୋଇ, ଅବସରବାସରେ, ପୃଥିବୀ ତ ନୁହେଁ ସୁଖସ୍ଥାନ, କପୋତ ସଙ୍ଗୀତ, ଜଗତ ନୁହେଁ ପୂର୍ଣ୍ଣ ସୁଖର ସ୍ଥାନ ପ୍ରଭୃତି କବିତାରେ ପତ୍ନୀ ବିରହଜନିତ ବ୍ୟକ୍ତିଗତ ଦୁଃଖ ଯନ୍ତ୍ରଣାର ସ୍ୱର ଅନୁରଣିତ ହୋଇ ସାର୍ଥକ ଶୋକଗୀତିର ସ୍ୱର ବହନ କରିଛି । ଯଥାର୍ଥରେ ସମାଲୋଚକ ଡଃ ନରେନ୍ଦ୍ର ନାଥ ମିଶ୍ର କହିଛନ୍ତି, ବିଶେଷତଃ ରୋମାଣ୍ଟିକ୍ ଓ ଭିକ୍ଟୋରିଆ ଯୁଗର ଇଂରେଜ କବିମାନେ ନିଜ ଜୀବନର ପ୍ରଣୟ ଅନୁଭୂତି ବର୍ଣ୍ଣନା କରି ଅମର କବିତାବଳୀ ରଚନା କରିଛନ୍ତି । ସେହି ଭାବ ପ୍ରବାହରେ ଆଧୁନିକ ଓଡ଼ିଆ କବିତାରେ ପ୍ରଣୟର ସ୍ୱଚ୍ଛନ୍ଦ ଚିତ୍ର ଏବେ ପ୍ରକଟିତ ହେଉଅଛି । କିନ୍ତୁ ଆଦ୍ୟ ଅଭ୍ୟୁଦୟ ଯୁଗରେ କେବଳ ଫକୀରମୋହନଙ୍କଠାରେ ହିଁ ଏହା ପରିଲକ୍ଷିତ ହୁଏ ।' (ଆଧୁନିକ ଓଡ଼ିଆ କାବ୍ୟଧାରା – ଆଦିଯୁଗ – ଡଃ ନରେନ୍ଦ୍ର ନାଥ ମିଶ୍ର – ପୃ ୨୦୮) ।

'ଅବସରବାସରେ'ର ପ୍ରଥମ କବିତା 'ମାତୃ-ସ୍ତବ'ରେ ବାସ୍ତବ ସତ୍ୟକୁ ସ୍ୱୀକାର କରି ମାତୃଭାଷାର ସେବା କରିବା ସହିତ ନିଃସଙ୍ଗ ଜୀବନର ଦୁଃଖକୁ ଭୁଲିବାକୁ ସେ କବିତା ରଚନାରେ ପ୍ରୟାସୀ ହୋଇଥିବା କବି ଉଲ୍ଲେଖ କରିଛନ୍ତି ।

'ନାହିଁ ମା' ଯିବାର ଆଶା କୀର୍ତ୍ତିର ମନ୍ଦିର  
ସେବିବି ମା' ମାତୃଭାଷା କରି ଅଛି ସ୍ଥିର ।  
x x x  
କ୍ଷୁଦ୍ର ତାଳ କ୍ଷୁଦ୍ର ଲୟ ମୋର ସାଧ୍ୟାତୀତ  
ଗାଇବି ପବିତ୍ର ଶାନ୍ତି କରୁଣା ସଙ୍ଗୀତ ।  
ଦାରିଦ୍ର୍ୟ ଭଞ୍ଜନି ସର୍ବ ଦୁଃଖ ନିବାରିଣୀ  
ଜ୍ଞାନାଧାରେ ବିଶ୍ୱାଧାରେ କାରଣ କାରିଣୀ ।''

(ମାତୃସ୍ତବ – ଅବସରବାସରେ)

ପୁନଶ୍ଚ :

''x x ମୃତ୍‌କଣା ଘେନି ଭାଇମାନେ  
ନିଯୁକ୍ତ ବଲ୍ମୀକ ନିର୍ମାଣେ  
ଦେଖି ମୁଁ ଏହି ନିଦର୍ଶନ  
ମାତୃଭାଷାରେ ଦେଲି ମନ ।

ମୋ' କ୍ଷୁଦ୍ରଶକ୍ତି – ଗ୍ରନ୍ଥାବଳୀ ପୃ – ୩୨୬

ଫକୀରମୋହନଙ୍କ ଗୀତି-କବିତାଗୁଡ଼ିକ ସରଳ ଭାଷାରେ ରଚିତ ହେଲେହେଁ, ଯଥାର୍ଥ କବିତ୍ୱ ଫୁଟିପାରି ନାହିଁ । ତଥାପି ରଚନା କ୍ଷେତ୍ରରେ ବ୍ୟାସକବିଙ୍କ ଆତ୍ମ-ଦୈନ୍ୟ ଭାବ ରହିଥିଲା । ରାଧାନାଥଙ୍କୁ ଏକ ପତ୍ରରେ ଲେଖିଥିଲେ; ''ଏହି କବିତାଟି ଦେଖିବେ; ମାତ୍ର ମୋର ମନଃପୂତ ହେଲା ନାହିଁ । ଯେପରି ଭାଷାରେ ଯେପରି ସୁନ୍ଦର ଭାବେ ଲେଖାହେବା ଉଚିତ, ତାହା ନିଶ୍ଚୟ ହୋଇ ନାହିଁ । ଆପଣ ଭଲ କରି ଆପଣଙ୍କ ଭାଷାରେ ଲେଖି ଦେବେ ।''

କବିତା ରଚନା କ୍ଷେତ୍ରରେ ଆତ୍ମଦୈନ୍ୟ ଥିଲେ ମଧ୍ୟ କବି କବିତା ରଚନା କ୍ଷେତ୍ରରୁ ନିବୃତ୍ତ ହୋଇ ନାହାନ୍ତି । ଯଥାର୍ଥରେ ସମାଲୋଚକ ଡଃ କୁଞ୍ଜବିହାରୀ ଦାସ କହିଛନ୍ତି, ତାଙ୍କ ପ୍ରତିଭା କାବ୍ୟ ପ୍ରତିଭା ନୁହେଁ, ଏହା ଜାଣି ବି ସେ କାବ୍ୟ ରଚନାରେ ଶିଥିଳତା ପ୍ରକାଶ କରି ନାହାନ୍ତି; କାରଣ କବିତା ତାଙ୍କର ସ୍ନେହର, ଶ୍ରଦ୍ଧାର, ପ୍ରୀତିର, ଆନନ୍ଦର ବିଷୟ ଥିଲା– ତାଙ୍କର ସୁଖର ବିନୋଦିନୀ, ଦୁଃଖର ସଙ୍ଗିନୀ ଥିଲା । ଗଳ୍ପ ଉପନ୍ୟାସରେ ସେ କାହାର ଜଗତ କଥା କହୁଥିଲେ, କାବ୍ୟ କବିତାରେ ଅନ୍ତର୍ଲୋକର କଥା କହୁଥିଲେ ।''

(ସାହିତ୍ୟ ଓ ସମାଲୋଚନା – ଡଃ.କୁ.ବି.ଦାଶ, ପୃ ୧୬୦)

କବି ନିଜେ ଲେଖିଛନ୍ତି, 'ପୀଡ଼ାଜନିତ ଯନ୍ତ୍ରଣା ବା ଅନ୍ୟ ପ୍ରକାର ବିପତପାତ ହେତୁରୁ ଚିତ୍ତ ଅବସନ୍ନ ହୋଇପଡ଼ିଲେ ଶାନ୍ତି ଓ ଧୈର୍ଯ୍ୟଲାଭ ନିମନ୍ତେ କବିତା ରଚନା ବା ଗ୍ରନ୍ଥ ପାଠରେ ମନୋନିବେଶ କରେ । ଯାହା କିଛି ଦୃଷ୍ଟି ଗୋଚରରେ ଆସେ ବା ଯେଉଁ ଭାବ ମନରେ ଉଦୟ ହୁଏ, କବିତାକାରରେ ଚିତ୍ରକରି ପକାଏ । ତାଦୃଶ ଦୁର୍ଯୋଗ ବା ବିଶ୍ରାମକାଳୀନ କବିତା ଆଲୋଚନା ଚିତ୍ତରେ ପ୍ରସନ୍ନତାଭ ଲାଭର ଗୋଟିଏ ସୁମହତ ଉପାୟ ବୋଲି ସଂପୂର୍ଣ୍ଣ ରୂପେ ଅନୁଭବ କରିଥିଲି, ପୁସ୍ତକଗତ ଅଧିକାଂଶ କବିତା ସେହି ଦୁର୍ଯୋଗ ସମୟରେ ଲିଖିତ । ×× ଏଥିରେ ଦାର୍ଶନିକ, ଐତିହାସିକ, ପୌରାଣିକ ମନସ୍ତତ୍ତ୍ୱ ସମ୍ବନ୍ଧୀୟ ଏବଂ ସାମାଜିକ ପ୍ରସଙ୍ଗର କେତେଗୁଡ଼ିକ କବିତା ସଂଗୃହୀତ ଅଛି । ଅଳ୍ପ ବୟସର ବାଳକ-ବାଳିକାମାନଙ୍କର ଚିତ୍ତବିନୋଦନ ଅଥଚ ଉପଦେଶପୂର୍ଣ୍ଣ କେତେଗୁଡ଼ିଏ କବିତା ମଧ୍ୟ ସନ୍ନିବେଶ କରିବାକୁ ତ୍ରୁଟିକରି ନାହିଁ, ଏଥକକୁ ଧର୍ମପିପାସୁ ପରିଣତ ବୟସ୍କ ଲୋକ କି କାବ୍ୟବୋଦୀ ଶିକ୍ଷିତ ଯୁବକ କି ତରଳମତି ଆମୋଦପ୍ରିୟ ବାଳକ, ବାଳିକା, ସର୍ବଶ୍ରେଣୀ ଲୋକ ସ୍ୱୀୟ ସ୍ୱୀୟ ପାଠୋପଯୋଗୀ କିଛି କିଛି ଏଥିରୁ ପ୍ରାପ୍ତହେବେ ବୋଲି ମୁଁ ଆଶାକରେ ।

କବି ଫକୀରମୋହନଙ୍କ କବିତା-ଜଗତ ବିଚିତ୍ରବର୍ଣ୍ଣା । ପ୍ରକୃତି ଓ ମାନବସମାଜର ଅତି ତୁଚ୍ଛ ଘଟଣା ବା ନଗଣ୍ୟ ଚରିତ୍ର ନିବିଡ଼ ଆନ୍ତରିକତାରେ କବିତାର ରୂପ ଲାଭ କରିଛି । 'ବେଙ୍ଗ ଭାଇ', ପାତୁଆ ପାତୋଇ', 'ଅରଣ୍ୟବାସୀ', 'ଉତ୍କଳ କୃଷକ', 'ସାହାଡ଼ାଗଛ' ଇତ୍ୟାଦି କବିତାକୁ ଏ ଦୃଷ୍ଟିରୁ ବିଚାର କରାଯାଇ ପାରେ । (ନବଯୁଗର କବି ଓ କାବ୍ୟଧାରା – ଡଃ ଜାନକୀବଲ୍ଲଭ ମହାନ୍ତି – ପୃ ୩୪/୩୫)

ଗୀତିକବିତାର ରଚନାରେ ଫକୀରମୋହନ ସର୍ବତ୍ର ପ୍ରାଚୀନ ଛନ୍ଦ ଗହଣ କରିଛନ୍ତି । ପ୍ରାୟ ସାଢ଼େ ତିନିଶହ ଗୀତିକବିତା ମଧ୍ୟରେ ପୁଷ୍ପମାଳର 'କବି' କବିତାରେ କେବଳ ନୂତନ ଛନ୍ଦ ଗ୍ରହଣ କରିଛନ୍ତି । ଏହା କ, ଖ, ଖ, କ ମେଳ ନିୟମରେ ରଚିତ । (କବି-ଛନ୍ଦମାଳା- ଗ୍ର. ପୃ ୬୭୯) ସନେଟ୍ ବା ଚତୁର୍ଦ୍ଦଶୀ କବିତା । □



# ଢଗଢ଼ମାଳି, ପ୍ରବାଦ, ପ୍ରବଚନର ସାହିତ୍ୟିକ ଓ ସାମାଜିକ ମୂଲ୍ୟ

ସ୍ନେହଲତା ସାହୁ
ଅଧ୍ୟାପିକା ଇତିହାସ ବିଭାଗ

ଯେକୌଣସି ଭାଷାରେ ଲୋକ-ସାହିତ୍ୟର ପ୍ରାଚୀନତା ଓ ସାଂସ୍କୃତିକ ଉପାଦେୟତା ସର୍ବଥା ସ୍ୱୀକୃତ । ଲୋକ-ସାହିତ୍ୟ ଯଥାର୍ଥରେ ଲୋକ-ଜୀବନର ଓ ଗଣ ଚରିତ୍ରର ମୌଳିକ ତଥା ଶୈଳିକ ପ୍ରତିଫଳନ । ଗୀତ, କାହାଣୀ, ଢଗଢମାଳି, ପ୍ରବାଦ ଓ ପ୍ରବଚନ ଲୋକ-ସାହିତ୍ୟର ବିଶାଳ ସୃଷ୍ଟିର ବିଭିନ୍ନ ଐଶ୍ୱର୍ଯ୍ୟମୟ ଏବଂ ରସୋତ୍ତୀର୍ଣ୍ଣ କୃତି ମାତ୍ର । ଏକ ବିପୁଳ କବିତ୍-ଶକ୍ତି ଓ ନୈସର୍ଗିକ ପ୍ରେରଣା ହିଁ ଲୋକ ସାହିତ୍ୟ ସୃଷ୍ଟିର ଆଦି ଉତ୍ସ । ବ୍ୟକ୍ତି ଜୀବନର ଗଭୀର ଅନୁଭୂତି, ଭାବପ୍ରବଣତା ଓ ତୀବ୍ର ସମାଜ -ଚେତନା ଲୋକସାହିତ୍ୟର ସୃଷ୍ଟିକୁ ଏକ ଅପୂର୍ବ ଭାବ-ପ୍ରାଚୁର୍ଯ୍ୟରେ ସମୃଦ୍ଧ ଏବଂ ରସପୂର୍ଣ୍ଣ କରିଥାଏ । ଓଡ଼ିଆ ଭାଷାରେ ଲୋକ ସାହିତ୍ୟର ସୃଷ୍ଟି ବହୁ ପ୍ରାଚୀନକାଳରୁ ଏକ ଗଭୀର ସାମାଜିକ ଦାୟିତ୍ୱବୋଧ ତଥା ନାନ୍ଦନିକ ପ୍ରେରଣା କାଳକ୍ରମେ ଲୋକ-ସାହିତ୍ୟକୁ ଶାଖା-ପ୍ରଶାଖାରେ ବିଭକ୍ତ କରି ସେଥିରେ କାବ୍ୟିକ ପ୍ରେରଣା ବୌଦ୍ଧିକ ଓ ଆଲୋଡ଼ନ ସୃଷ୍ଟି କରିପାରିଥିଲା । ଲୋକ ଶବ୍ଦ ଯେପରି ଗଣ ଚେତନାର ପ୍ରତୀକ, ଲୋକ-ସାହିତ୍ୟ ଅନ୍ତର୍ଗତ ଲୋକଗୀତ, କାହାଣୀ, ଢଗଢମାଳି ସେହିପରି ଗଣ-ମନସ୍ତତ୍ତ୍ୱ ଉପରେ ଆଧାରିତ । ଲିଖିତ ବିଦଗ୍ଧ କାବ୍ୟ-କବିତାର ଆଧାରଭୂମି ହେଉଛି ଏକ ତୀବ୍ର ମାନସିକ ପ୍ରତିକ୍ରିୟା । ବିଦଗ୍ଧ ସାହିତ୍ୟ ରୁଚିବୋଧ ସମ୍ପନ୍ନ ଶିକ୍ଷିତ ଗୋଷ୍ଠୀର ଉପଲବ୍ଧି-ପରିସର-ଅନ୍ତର୍ଭୁକ୍ତ । ମାତ୍ର ଲୋକ-ସାହିତ୍ୟ ଶିକ୍ଷା, ରୁଚି, ତଥା ଉପଲବ୍ଧି ନିର୍ବିଶେଷରେ ଗଣ-ଜୀବନର ନିଜସ୍ୱ । ଏହି ଦୃଷ୍ଟିରେ ଓଡ଼ିଆ ଭାଷାରେ ପ୍ରଚଳିତ ଢଗଢମାଳି, ପ୍ରବାଦ, ପ୍ରବଚନର ବିଶ୍ଳେଷଣ କଲେ ଏକ ଅକାଟ୍ୟ ସିଦ୍ଧାନ୍ତରେ ଉପନୀତ ହେବାକୁ ପଡ଼େ । ତାହା ହେଉଛି, ଢଗଢମାଳି, ପ୍ରବାଦ ପ୍ରବଚନ ବ୍ୟକ୍ତିର ସାମାଜିକ ତଥା ପାରିବାରିକ ଜୀବନ ଓ ଚଳଣିରେ ସୃଷ୍ଟ ହୋଇ ସେହି ଲୋକ-ପରମ୍ପରାରେ ପରିପୁଷ୍ଟି ଲାଭ କରିଥାଏ । ଢଗଢମାଳି ଓ ପ୍ରବଚନର ଏହି ସୃଷ୍ଟି ପ୍ରକ୍ରିୟା ମୂଳରେ ବ୍ୟକ୍ତିର ସାରସ୍ୱତ ଉପଲବ୍ଧି ତଥା ସାମାଜିକ ଅଙ୍ଗୀକାର ଗଭୀର ଭାବରେ ନିହିତ । ବ୍ୟକ୍ତି ଜୀବନର ସୁଖ ଦୁଃଖ, ଆନନ୍ଦ ନିରାନନ୍ଦ, ପ୍ରେମ, ବିରହ ଉପେକ୍ଷା ଏବଂ ପ୍ରତୀକ୍ଷା, ଜୟ ପରାଜୟର ରୂପ ଓ ଭାବଗର୍ଭକ ରୂପ ହେଉଛି -ଢଗଢମାଳି ଓ ପ୍ରବାଦସମୂହ । ଆବେଗଧର୍ମୀ ଭାଷା ଏବଂ ଏକ ସାବଲୀଳ ସରଳ ଛନ୍ଦ ହେଉଛି ତା'ର ଆଙ୍ଗିକ ଓ ଅନେକାଂଶରେ ପ୍ରତ୍ୟୁତ୍ପନ୍ନମତିତା ହେଉଛି ତା'ର ପ୍ରାଣ-ସ୍ପନ୍ଦନ । କେବଳ ଓଡ଼ିଆ ଭାଷାରେ ପ୍ରଚଳିତ ଢଗଢମାଳି ଏବଂ ପ୍ରବାଦ, ପ୍ରବଚନ ପ୍ରତି ଏହି ଉକ୍ତି ପ୍ରଯୋଜ୍ୟ ନୁହେଁ, ବରଂ ଭାରତର ବିଭିନ୍ନ ଆଞ୍ଚଳିକ ଭାଷାରେ ପ୍ରଚଳିତ ଅଜସ୍ର ଢଗଢମାଳି, ପ୍ରବାଦ, ପ୍ରବଚନ ପ୍ରତି ଏହି ଉକ୍ତି ପ୍ରଯୋଜ୍ୟ । କୃଷି, ଶିଳ୍ପ ତଥା ସାମାଜିକ ଏବଂ ପାରିବାରିକ ଜୀବନର ଅନୁଭୂତି ଓ ଅଭିଜ୍ଞତା ଢଗଢମାଳି ତଥା ପ୍ରବଚନସମୂହରେ ବରାବର

ପ୍ରତିଫଳିତ । ସମାଜରେ ସ୍ତ୍ରୀ-ପୁରୁଷର ସମ୍ପର୍କ, ବିବାହ, ମିଳନ, ବିଚ୍ଛେଦ, ଦୁଃଖ, ଶୋକ ଚାତୁର୍ଯ୍ୟପୂର୍ଣ୍ଣ ଭାଷାରେ ଢଗଢମାଳି ଓ ପ୍ରବଚନ ସମୂହରେ ଯେପରି ପ୍ରତିଫଳିତ, ସେଥିରୁ ନିର୍ଦ୍ଦିଷ୍ଟ ଅଞ୍ଚଳର ସାଂସ୍କୃତିକ ଓ ସାହିତ୍ୟିକ ଅଧ୍ୟୟନ କରାଯାଇପାରେ । ଇତିହାସ, ପୁରାଣ, କିମ୍ବଦନ୍ତୀ ପ୍ରଭୃତିକୁ ନ ଘାଣ୍ଟି ମଧ୍ୟ ସାମାନ୍ୟ ଢଗଢମାଳି ଏବଂ ପ୍ରବାଦରୁ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଚଳଣି ଓ ସଂସ୍କୃତି ସମ୍ପର୍କରେ ଧାରଣା କରାଯାଇପରେ ।

କୃଷି ଭାରତୀୟ ଜୀବନଧାରା ଓ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଭାରତୀୟ ସମାଜ କୃଷି- ଉତ୍ପାଦନ-ସର୍ବସ୍ୱ ବୋଲି କୁହାଯାଇପାରେ । ଓଡ଼ିଶାର ଜୀବନଧାରା ଏବଂ ଚଳଣି ଏହି କୃଷି-ସର୍ବସ୍ୱ ସଭ୍ୟତାର ପ୍ରଭାବ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ । ତେଣୁ ଓଡ଼ିଆ ଢଗଢମାଳି ଏବଂ ପ୍ରବାଦ ପ୍ରବଚନ ସମୂହରେ ଏହି କୃଷି-ପ୍ରଧାନ ସଂସ୍କୃତିର ଆଲେଖ୍ୟ ଦେଖିବାକୁ ପାଇବା କିଛି ଅସ୍ୱାଭାବିକ ନୁହେଁ ।

ବିଭିନ୍ନ ଭାଷାରେ ପ୍ରଚଳିତ ଢଗଢମାଳି ଏବଂ ପ୍ରବାଦର ସ୍ୱରୂପ, ଲକ୍ଷଣ, ପ୍ରାଚୀନତା ଏବଂ ଭାବିକ ପ୍ରଭାବ ପ୍ରାୟତଃ ଏକ ଧରଣର । ଏହା ସର୍ବସାଧାରଣଙ୍କର ସୃଷ୍ଟି ଓ ଦାନ । ସେଥିପାଇଁ ଶିକ୍ଷା ଓ ଜ୍ଞାନ ଅପେକ୍ଷା ଅନୁଭୂତିର ଗଭୀରତା ଓ ଅଭିବ୍ୟକ୍ତି-ପ୍ରବଣତାହିଁ ଆବଶ୍ୟକ । ଯୁଗଯୁଗର ଅଭିଜ୍ଞତା ଓ ବ୍ୟକ୍ତିଜୀବନର ପ୍ରତିକ୍ରିୟା ଢଗଢମାଳି ତଥା ପ୍ରବନ୍ଧ ସମୂହର ସଞ୍ଚିତ ସମ୍ପଦ । ପ୍ରତ୍ୟେକ ଢଗଢମାଳି ତଥା ପ୍ରବାଦ ସଂସାରୀ ଅର୍ଥାତ୍ ଗୃହସ୍ଥର ମାନସିକ ବିକାଶର କୃତି; ଅବଶ୍ୟ ଢଗଢମାଳି ଏବଂ ପ୍ରବାଦର ନିର୍ଦ୍ଦିଷ୍ଟ ଲେଖକ କେହି ନ ଥାନ୍ତି, ଏହା ଗଣ ପାଇଁ ଓ ଗଣଜୀବନ ଦ୍ୱାରା ସୁକଳ୍ପିତ ଏବଂ ଲୋକ ଜୀବନର ଘାତପ୍ରତିଘାତପୂର୍ଣ୍ଣ ପରିପ୍ରେକ୍ଷୀରେ ଏହାର ପ୍ରସାର ।

ଓଡ଼ିଶାର କୃଷି ସଂସ୍କୃତିରେ ବହୁ ଢଗଢମାଳି ରହିଛିଅଛି । ଯାହାର ସ୍ୱରୂପ ଗ୍ରାମୀଣ ଏବଂ ନିର୍ଦ୍ଦିଷ୍ଟ ଅର୍ଥର ପରିମାପକ ।

ପ୍ରଥମେ ଚାଷୀ କେବେ କିପରି ଚାଷକାମ ଆରମ୍ଭ କରିବ, ତାହାର ସୂଚନା କିପରି ଢଗଢମାଳିରେ ଭରିହୋଇ ରହିଛି ।

ଚୈତ୍ରେ ଚଷ, ସୁନା କଷ
ବୈଶାଖେ ଚଷ, କୁଟୁମ୍ବ ପୋଷ
ଜ୍ୟେଷ୍ଠେ ଚଷ, ରଜା ପୋଷ
ଆଷାଢ଼େ ଚଷ, ବେଳହୁଁ ଖସ ।

ଏଠାରେ ଚାଷୀ କେଉଁ ମାସରେ ପାଣିପାଗ ଏବଂ ମାଟିର ଅନୁକୂଳ ଅବସ୍ଥା ଜାଣି ଚାଷ ଆରମ୍ଭ କରିବ, ତାହାର ସଙ୍କେତ ଦେଖିବାକୁ ମିଳେ । ଯଥାର୍ଥତଃ ଆମ ଓଡ଼ିଶାରେ ଅକ୍ଷୟତୃତୀୟା ବେଳକୁ (ବୈଶାଖ ମାସ) କୃଷିକର୍ମର ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଯାଇଥାଏ ।

ଏହାପରେ କୃଷିକର୍ମ କିପରି ଶ୍ରମସାପେକ୍ଷ ଏବଂ ଯତ୍ନସାପେକ୍ଷ ତାହା ମଧ୍ୟ ଅନୁଭବୀ ହୃଦୟରୁ କୃଷିବଚନ ସ୍ୱରୂପ ନିଃସୃତ ହୋଇଛି :

ନଙ୍ଗଳପଡ଼ିବା ପୂରାଚାଷ,
ଛତା ଘେନି ବୁଲା ଅଧାଚାଷ,
ପିଣ୍ଡାରେ ବସି ଯେ ପଚାରେ ଚାଷ,
ତା'ର କାହିଁପାଇଁ ଚାଷର ଆଶ ।

.... ଲକ୍ଷଣ କଅଣ ତାହା ଏଠାରେ ସୂଚିତ । ଛତା ଧରି ବାବୁମାନେ ବିଲଆଢ଼େ ବୁଲି ଆସିବା କିମ୍ବା ଛତାଧରି ହୁଡ଼ା ପରେ ବସିବା ପ୍ରକୃତ ଚାଷକାମ ନୁହେଁ । ସେହିପରି ଘରେ ବସିରହି ଯେ ଚାଷ କାର୍ଯ୍ୟର ତତ୍ତ୍ୱାବଧାନ କରେ, ସେ କ'ଣ ପ୍ରକୃତ ଚାଷୀ ? ପ୍ରକୃତ ଆଦର୍ଶ ଚାଷୀ ଝାଳନାଳ ହୋଇ ମାଟି ସହିତ ମାଟି ହୋଇ ଠିକ୍ ସମୟରେ କୃଷିକର୍ମ କଲେ, ତା'ର ସମସ୍ତ ପରିଶ୍ରମ ଏବଂ ଯତ୍ନର ପୁରସ୍କାର ସ୍ୱରୂପ ଷୋଳଅଣା ଫସଲ ଆଶା କରାଯାଇଥାଏ । ଆହୁରି ପୁଣି ଚାଷୀକୁ ସତର୍କ କରାଯାଇଛି ଆଉ ଏକ ଅନୁଭୂତି ସିଦ୍ଧ ପ୍ରବଚନରେ । ତାହା ହେଉଛି–

ବାଳବିହୁଡ଼ା, ଚାଳତ ଘୁଆ
ପୋତ ନ ପୋତ ହୋଇବ ଠିଆ

× × ×

ଭାଦ୍ରଅ ପାଣି ପକା ହାଣି,
ଆଶ୍ୱିନ ପାଣି ବନ୍ଧା ଟାଣି,
ନ ମାନିବୁ ଯେବେ ହୁଣ୍ଡା ଚଷା
ଶେଷରେ ହେବୁଟି ଫସଲ ଫସା ।

କୃଷିହାନି ଯୋଗୁଁ ଆମ ଓଡ଼ିଶାର ଅଧିକାଂଶ ଅଞ୍ଚଳର ମରୁଡ଼ିର କରାଳ କବଳରେ ପ୍ରପୀଡ଼ିତ । ବୃଷ୍ଟି କୃଷି ଉତ୍ପାଦନର ପ୍ରକୃତ ପ୍ରାଣ । ଇନ୍ଦ୍ରଦେବତା ଜଳ ଦାନ ନ କଲେ କୃଷିକର୍ମ କେବଳ ବ୍ୟାହତ ନୁହେଁ ତଦ୍ୱାରା ସାରା ଦେଶର ଅର୍ଥନୈତିକ ଅବସ୍ଥା ବିପର୍ଯ୍ୟସ୍ତ ହୁଏ । ସେଥିପାଇଁ କେଉଁ ମାସରେ ଧାନବିଲରେ ପାଣିକୁ କିପରି ଅବସ୍ଥାରେ ଠୁଳକରି ରଖିବ, ଆମର ପ୍ରବଚନରେ ତାହାର ସୂଚନା ଦିଆଯାଇଛି । ପୁନଶ୍ଚ କୃଷକକୁ ଏପରି ସତର୍କ କରାଯାଇଛି ଯେ, ସେ ଯେବେ କୃଷିକର୍ମରେ ଆଳସ୍ୟ ପ୍ରଦର୍ଶନ କରେ, ତେବେ ତାହାର ସମସ୍ତ କ୍ଳେଶ ପଣ୍ଡ ହୋଇଯିବାର କଥା ।

ଚାହୁଁ ଚାହୁଁ ଗଲା, ଜ୍ୟେଷ୍ଠ
କଣ୍ଟା ଅଳସରେ ଚଷା ନଷ୍ଟ ।

× × ×

କୃଷକ ସମ୍ମୁଖରେ ଆହୁରି ଏକ ଶସ୍ୟ ସମୃଦ୍ଧ ଭବିଷ୍ୟତର ଦୃଶ୍ୟ ପ୍ରବଚନରେ ଉଦ୍‌ଘାଟିତ କରାଯାଇଛି, ଯଥା–

ବୈଶାଖ ଜ୍ୟେଷ୍ଠ ଖରାକାଳେ
ଧାନ ପକାଇଲେ ଟେକା ତଳେ
ଚଷା କହେ ଚାଷୁଣୀ ଲୋ
ସୁନା ଲଗାଇବୁ ବେକ ତଳେ ।

ସଫଳ କୃଷି ଉତ୍ପାଦନ କୃଷକର ଅର୍ଥନୈତିକ ସ୍ଥିତିକୁ ଦୃଢ଼ କରିଥାଏ । ଅଧିକ କୃଷି ଉତ୍ପାଦନ ଯୋଗୁଁ କୃଷକର ସଂସାର ସଂପଦରେ ହସିଉଠେ ଏବଂ ତା'ର ଘରଣୀର ବେକରେ ସ୍ୱର୍ଣ୍ଣ ଅଳଙ୍କାର ହସି ଉଠେ । ଓଡ଼ିଶାର ଗ୍ରାମ୍ୟ ଜୀବନରେ ସାଧାରଣତଃ ଧନବନ୍ତ କୃଷକ ... ସୁନା ରୂପା ଅଳଙ୍କାର ସଦୃଶ ସମ୍ପଦରେ ଅପେକ୍ଷାକୃତ ଦରିଦ୍ର ଚାଷୀ ପରିବାରଠାରୁ ଭିନ୍ନ ।

ଆଗେ ବୁଣ ପଛେ ବୁଣ
ଗର୍ଭଣାକୁ ଟାଣବୁଣ ।

ଧାନ ବୁଣା କାର୍ଯ୍ୟ ଠିକ୍ ସମୟରେ ହେଉ କି ବିଳମ୍ବରେ ହେଉ ଗର୍ଭଣା ସଂକ୍ରାନ୍ତି ବେଳକୁ ଧାନ ଫୁଲ ଭର୍ତ୍ତି ହୋଇଯାଇଥାଏ । ଗର୍ଭଣା ସଂକ୍ରାନ୍ତି ପାଳନ କୃଷି-ସଂସ୍କୃତିରେ ଏକ ପ୍ରଧାନ ପର୍ବ । ଏହି ସଂସ୍କୃତି କେବଳ କୃଷକ ସମାଜର ପ୍ରତିଛବି ନୁହେଁ, ବରଂ ସମଗ୍ର ଉତ୍କଳୀୟ ସମାଜର ଏହା ପ୍ରତିଫଳନ । ବଙ୍ଗଳା ଭାଷାରେ ଏତାଦୃଶ ଢଗଢମାଳି ଏବଂ ପ୍ରବାଦର ଅଭାବ ନାହିଁ । ବଙ୍ଗ ସମାଜ ବରାବର କୃଷି-ସଂସ୍କୃତି ଦ୍ୱାରା ଚିହ୍ନିତ । ତେଣୁ ବଙ୍ଗଳାର ଗ୍ରାମାଞ୍ଚଳରେ ଲୋକମାନଙ୍କର ଚଳଣି ଏବଂ ଜୀବନଧାରାକୁ କେନ୍ଦ୍ରକରି ବହୁ ଢଗଢମାଳି ଗଢ଼ିଉଠିଛି ଯାହାର ପ୍ରକୃତ ନିର୍ଯ୍ୟାସ ଅଛି ସ୍ଥାନୀୟ ସାଂସ୍କୃତିକ ମୌଳିକତାରେ । ଏଠାରେ ଗୋଟିଏ ଉଦାହରଣ ଦିଆଯାଇପାରେ–

'ଲଙ୍କାର ବାଣିଜ୍ୟ କ୍ଷେତେରକୋଣା' (ବଙ୍ଗଳା)

ଏହାର ଅର୍ଥ ହେଲା କ୍ଷେତର କୋଣରେ ଯେଉଁ ଫସଲ ହସି ଉଠେ ଲଙ୍କାର ବାଣିଜ୍ୟରେ ତାହା ହୁଏ ନାହିଁ ।

କାଦ ମାଖା, ସାରହେଲ, ମାଛଧରା ହେଲନା (ବଙ୍ଗଳା)
ବାପ ପୁଅ ରାତିଅନିଦ୍ରା, ମୁସୁରା ପଛ ମେଲା (ଓଡ଼ିଆ)
କୋଥାୟ ରାଜା, ଭୋଜ, କୋଥାୟ ଗଙ୍ଗାରାମ ତେଲି (ବଙ୍ଗଳା)
କାହିଁ ରାମଚନ୍ଦ୍ର, କାହିଁ ରାମା ଭଣ୍ଡାରି (ଓଡ଼ିଆ)
ଗୋଲେମାଲେ ଚଣ୍ଡୀପାଠ (ବଙ୍ଗଳା)
ହାଟ ମଧ୍ୟେ ବ୍ରହ୍ମଜ୍ଞାନ (ଓଡ଼ିଆ)
ଘରେ ନେହି ଭଙ୍ଗଭୁଜା, ନିତ୍ୟ କରେ ଶିବପୂଜା (ବଙ୍ଗଳା)
ହଳଦି ସୁରୁ ସୁରୁ ରାମ ରାଉତ, ଘରେ ଭାତ ନାହିଁ ଦୁହ୍ୟ ବହୁତ (ଓଡ଼ିଆ)
ଚୌଦପୁରୁଷେ ଘୋଡ଼ା ନାହିଁ; ବାଡ଼ିଭରା ଲଗାମ (ବଙ୍ଗଳା)
ଘରେ ନାହିଁ ଲେମ୍ବୁଲୁଣ, ସଭାରେ ବଖାଣେ ତିନିଦ୍ରୁଣ
ଘରେ ଥାଇ ଚାଉଳ ମାଣେ, ମନେ ମନେ ହାକିମ ଜଣେ (ଓଡ଼ିଆ)
ଯତଦୂର ମୁଖ – ତତଦୂର କଥା (ବଙ୍ଗଳା)

ତୁଷବାଇଦ ସହସ୍ର କୋଶ (ଓଡ଼ିଆ)
ତୋଲ ବାଇଦ କୋଶେ (ଓଡ଼ିଆ)
ଭାଙ୍ଗା ନା ଗୋଙ୍ଗା (ବଙ୍ଗଳା)
ଭାଙ୍ଗା ଗୋଙ୍ଗା (ଓଡ଼ିଆ)

ଉପରୋକ୍ତ ଢଗଢମାଳି ତଥା ପ୍ରବଚନରେ ଲକ୍ଷ୍ୟ କରିବାର କଥା ଯେ, ଉଭୟ ଓଡ଼ିଆ ଏବଂ ବଙ୍ଗଳା ଭାଷାରେ ସାମାଜିକ ସ୍ଥିତିକୁ ଭିତ୍ତି କରି ଏହି ଢଗଢମାଳି ଏବଂ ପ୍ରବାଦ ପ୍ରଚଳିତ । ଅନେକ ସ୍ଥଳରେ ଓଡ଼ିଆ ଏବଂ ବଙ୍ଗଳା ଢଗଢମାଳି ମଧ୍ୟରେ ସାମଞ୍ଜସ୍ୟ ଅତ୍ୟଧିକ । ସତେ ଯେପରି ଏହା ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଅନୂଦିତ ହୋଇଛି । ଯଥା– ଶିବେର ଘରେ କେ ରେ, ଆମିତ କଲା ଖାଇ ନଇ । ଏହାର ଅବିକଳ ରୂପ ଓଡ଼ିଆରେ ମଧ୍ୟ ପ୍ରଚଳିତ 'ଦେଉଳରେ କିଏ ନା, ମୁଁ କଦଳୀ ଖାଇ ନାହିଁ ।' ବ୍ୟକ୍ତି ଜୀବନର ପାରିବାରିକ ଚଳଣିରେ ଏହି ଢଗଢମାଳି ଏକରକମ ଅନାୟାସ ଭାବରେ ସୃଷ୍ଟ ହୋଇଥିବାର ଜଣାଯାଏ ।

ଓଡ଼ିଆରେ – ବାଂଝ କି ଜାଣେ ପ୍ରସବ କଥା
ବଙ୍ଗଳରେ – ବାଁଝା ଜାନେ ନା ପ୍ରସବ ବେଦନା
ଓଡ଼ିଆରେ – ଅଣ୍ଟାରେ ନ ଥାଏ ଧନ, ପୁଅ ବାହାକରିବାକୁ ମନ ।
ବଙ୍ଗଳାରେ – ଧାନ ନା ଖୁଦେ ମୁଠି, ବଲେ ଖାବ ଦୁଧ ରୁଟି ।

ଉପରେ ଉଦ୍ଧୃତ ଦୁଇଗୋଟି ଢଗର ସ୍ୱରୂପ, ଅର୍ଥ ଏବଂ ପ୍ରଭାବ ପ୍ରାୟତଃ ସମାନ । ବଙ୍ଗଳା ଭାଷାଭାଷୀଙ୍କର ଯେଉଁ ଅଭିଜ୍ଞତା, ଯେଉଁ ଅନୁଭୂତି, ତାହା ପ୍ରାୟ ଓଡ଼ିଆ ଭାଷାଭାଷୀଙ୍କ ଅଭିଜ୍ଞତା ଓ ଅନୁଭୂତି ସହିତ ସମାନ । ଗୁଣାତ୍ମକ ଏବଂ ମର୍ମିକ ଅର୍ଥରେ ଓଡ଼ିଆର ଢଗଢମାଳି ବଙ୍ଗଳା ଢଗଢମାଳିଠାରୁ ଆଦୌ ଭିନ୍ନ ନୁହେଁ । ଭାଷା ଏବ ପ୍ରକାଶ ଭଙ୍ଗୀ ଭିନ୍ନ ହୋଇପାରେ । ମାତ୍ର ନିର୍ଦ୍ଦିଷ୍ଟ ସାମାଜିକ ଚେତନା ଏବଂ ପାରିବାରିକ ଅଭିଜ୍ଞତାର କଳାତ୍ମକ ବିକାଶରେ ଏହି ଢଗଢମାଳିଗୁଡ଼ିକ ପରସ୍ପରର ନିକଟବର୍ତ୍ତୀ, ଅଥଚ ସେମାନଙ୍କ ମଧ୍ୟରେ ଭୌଗୋଳିକ ବ୍ୟବଧାନ, ଚଳଣିର ବ୍ୟବଧାନ ଅନେକ । ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଭାବଗତ ଐକ୍ୟ ବିଭିନ୍ନ ଅଞ୍ଚଳ ମଧ୍ୟରେ ଥିବା ସାଂସ୍କୃତିକ ସଂହତିର ନିଦର୍ଶନ ମାତ୍ର । ଭାରତୀୟ ସାମାଜିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଭାଷାଗତ ବ୍ୟବଧାନକୁ ଯେପରି ବ୍ୟାହତ କରି ସଂପୃକ୍ତ ଭାଷାସମୂହରେ ସଂକଳିତ ଲୋକସାହିତ୍ୟ ସମ୍ବନ୍ଧୀୟ ଢଗଢମାଳି ଏବଂ ପ୍ରବାଦ ଏକ ଅବିଚ୍ଛିନ୍ନ ଜାତୀୟ ଭାବଧାରାର ବାହକ ରୂପେ ବିଶେଷ ଗବେଷଣା ଦାବି କରିଥାଏ । ସାମାଜିକ ମୂଲ୍ୟ ଅପେକ୍ଷା ଢଗଢମାଳି ଏବଂ ପ୍ରବାଦ ନାରୀକଣ୍ଠର ଝଙ୍କାର ଏବଂ ନାରୀ ମୁଖନିଃସୃତ ଜୀବନଧର୍ମୀ ବାର୍ତ୍ତା । ଯଥାର୍ଥତଃ ଏତାଦୃଶ ଅଜସ୍ର କୃତି ନାରୀ ଅଧରର ଭୂଷଣ ଏବଂ ସମାଜରେ ସ୍ତ୍ରୀ-ପୁରୁଷର ଏବଂ ପରିବାରରେ ଅନ୍ତେବାସୀଙ୍କର ପରସ୍ପରର ଭାବ ଆଦାନପ୍ରଦାନମୂଳକ ଶୈଳ୍ପିକ ମାଧ୍ୟମ । ଢଗଢମାଳି ଏବଂ ପ୍ରବାଦକୁ ସାହିତ୍ୟିକ ମର୍ଯ୍ୟାଦା ପ୍ରଣିଧାନଯୋଗ୍ୟ । ଏଥିରେ କାବ୍ୟିକ କଳ୍ପନା, କବିର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ଶକ୍ତି ଏବଂ ଭାବପ୍ରବଣତା ବରାବର ପରିଲକ୍ଷିତ ହୋଇଥାଏ । କେତୋଟି ଓଡ଼ିଆ ଢଗଢମାଳି ଏବଂ ପ୍ରବାଦର ସାହିତ୍ୟିକ ସ୍ୱରୂପ ବର୍ତ୍ତମାନ ବିଶ୍ଳେଷଣ କରାଯାଇପାରେ ।

ଦଶମୀ ଦିନ ଦଶ କରାଣ୍ଡି, ଏକାଦଶୀ ଦିନ ଲଳିସି
ଦୁଆଦଶି ଦିନ ଗଙ୍ଗା ଶୁଖୁଆ, ଯମ ନ ପାରିବ ଭରସି ।

ଅଳଙ୍କାର ଶାସ୍ତ୍ରର ଲକ୍ଷଣ ଅନୁଯାୟୀ ବ୍ୟଞ୍ଜନ ବର୍ଣ୍ଣର ପୁନଃ ପୁନଃ ଉଚ୍ଚାରଣ ହେଲେ ଅନୁପ୍ରାସ ଅଳଙ୍କାର ଏବଂ ବିଭିନ୍ନ ଅର୍ଥଦ୍ୟୋତକ ଏକଜାତୀୟ ଶବ୍ଦମାନଙ୍କର ପୁନରାବୃତ୍ତି ହେଲେ ଯମକ ଅଳଙ୍କାର ହୁଏ । ଉପରୋକ୍ତ ଢଗରେ 'ଶ' ବ୍ୟଞ୍ଜନବର୍ଣ୍ଣର ପୁନଃ ପୁନଃ ଉଚ୍ଚାରଣ ଯୋଗୁଁ ଏଠାରେ ଅନୁପ୍ରାସ ଅଳଙ୍କାର ହୋଇଛି । 'ପୁନଶ୍ଚ କର୍ମ ଓ ଗୁଣର ପରସ୍ପର ବିରୁଦ୍ଧ ଭାବବର୍ଣ୍ଣିତ ବିରୋଧାଭାସ ଅଳଙ୍କାର ହୁଏ । ଉପରୋକ୍ତ ଢଗରେ କର୍ମ ଏବଂ ଗୁଣର ପରସ୍ପର ବିରୋଧାତ୍ମକ ଅଭିବ୍ୟକ୍ତି ପ୍ରକଟିତ; ତେଣୁ ଏଠାରେ ବିରୋଧାଭାସ ଅଳଙ୍କାରର ସମ୍ଭାବନା ।

ଆଉ ଏକ 'ଢଗ'ର ସାହିତ୍ୟିକ ଛଟା ପରୀକ୍ଷା କରାଯାଇପାରେ ।

କିଆଫୁଲ ବରଷାଦିନେ ବସନ୍ତରେ କେତକୀ
ବାସନାରେ ଦିଗ ବହଟେ ଭ୍ରମର ନ ଯାଏ କଟିକି ।

× × ×

କିରି କିରି କଣ୍ଟା, ଦାନ୍ତ ନିକିଟା ଫୁଲ ଫୁଟେ ଭୁଣ୍‌ଭୁଣ
ତୁହି ଦେଇ ନାହୁଁ ମୁଁ ଖାଇନାହିଁ ହସିବାର କେଉଁ ଗୁଣ ।

ଏଠାରେ କିଆଫୁଲ ଏବଂ କେତକୀ ଫୁଲ ସ୍ୱାଭାବିକ ଭାବରେ ଫୁଟିବାର କଥା କୁହାଯାଇଛି ଭ୍ରମରର ସମ୍ପର୍କ ଅର୍ଥରେ ଯାହା କୁହାଯାଇଛି, ତାହା ସ୍ୱାଭାବିକ ନୁହେଁ । ଏଠାରେ ସ୍ୱଭାବୋକ୍ତି ଅଳଙ୍କାର । ଅନ୍ୟ 'ଢଗ'ରେ 'ଟ' ବର୍ଣ୍ଣର ପୁନଃ ପୁନଃ ଉଚ୍ଚାରଣ ଯୋଗୁଁ ଏଠାରେ ଅନୁପ୍ରାସ ଅଳଙ୍କାର ।

ଆଉ ଗୋଟିଏ ଉଦାହରଣ ଦିଆଯାଉଛି–

ସୁଜନପୀରତି ହେମ (ସୁନା) ବରାବର
ଦେହରେ କୋଟି ବଢ଼ାଇ
କୁଜନ ପୀରତି କାଚ ବରାବର
ତୁଟେ ତ ଯୋଡ଼ ନ ଯାଇ ।

ଏଠାରେ ପ୍ରକୃତ ଏବଂ ନିର୍ମଳ ପ୍ରୀତିର ଲକ୍ଷଣ ଏବଂ କାର୍ଯ୍ୟପେଲା ପ୍ରୀତିର ଲକ୍ଷଣ କଥା କୁହାଯାଇଛି । ବଙ୍ଗଳା ଢଗଢମାଳି ଏବଂ ପ୍ରବାଦସମୂହ ମଧ୍ୟ ସାହିତ୍ୟିକ ଏବଂ କାବ୍ୟିକ ବିଳାସରେ ପରିପୂର୍ଣ୍ଣ । ଯଥା– ''ଅନ୍ଧକାରେ ମାଣିକ ଜ୍ୱଳେ ।'' ଏଠାରେ 'ମାଣିକ'ର ଦୀପ୍ତି ଅନ୍ଧକାରରେ ଉଦ୍ଭାସିତ ହେବା କଥା କୁହାଯାଇଛି ।

'ଅନାବୃଷ୍ଟ୍ୟେ ରାଜ୍ୟ ମଜେ, ପାପ ମଜେ ଧର୍ମ
କୋଟା ଲେଡେ ଚୋର ମଜେ, ଆଲସ୍ୟେ ମଜେ କର୍ମ ।'

ଏଠାରେ ସମସ୍ତ ବିରୋଧ କଥା କୁହାଯାଇଛି । ଯାହାର ଯାହା କାର୍ଯ୍ୟ ନୁହେଁ, ସେ ସେହି କାର୍ଯ୍ୟରେ ଲିପ୍ତ ।

'ଫାଲଗୁଣେ ଆଗୁନ ଚୈତେ ମାଟି
ବାଁଶ କେ ରଖେ ବାଁଶେର ପିତା ମହକେ କାଟି ।
(ବଙ୍ଗଳା)

× × ×

କାଲ ଯାୟ ନା ଜଲ ଯାୟ (ବଙ୍ଗଳା) ଜଳ ଯେପରି ବହିଚାଲେ, ସମୟ ସେପରି ଗତିଶୀଳ ।

× × ×

ପଶ୍ଚିମେ ଧନୁ– ନିତ୍ୟ ଖରା, ପୂର୍ବେ ଧନୁ - ବର୍ଷେ ଧାରା
ପୁବେତେ ଉଠିଲେ କାଁଣ୍ଡ – ଡାଙ୍ଗାଡୋବା ଏକାକାର ।
(ବଙ୍ଗଳା)

ଏହାର ଅର୍ଥ ପଶ୍ଚିମ ପ୍ରଭାତ ଆକାଶରେ ଇନ୍ଦ୍ରଧନୁ ଦେଖାଗଲେ ତାହା ଅନାବୃଷ୍ଟିର ଲକ୍ଷଣ, ପୂର୍ବରେ (ସଂଧ୍ୟାବେଳା)ର ଇନ୍ଦ୍ରଧନୁ ଦେଖାଦେଲେ ପ୍ରଚୁର ବର୍ଷାର ଲକ୍ଷଣ । ଫଳରେ ଖାଲ ଦଣ୍ଡା ଜମିରେ ଜଳଭର୍ତ୍ତି ହୋଇଯାଏ ।

ଅନେକ ମେୟେର ସତୀ ଆଛେ ଧରା ପଡ଼ଛେନ ରାଧା
ଅନେକ ଜନ୍ତୁ ବୋଝା ବୟ ଧରାପଡ଼େଛେ ଗାଧା ।
(ବଙ୍ଗଳା)

ଏହି ବଙ୍ଗଳା ପ୍ରବାଦଟି ଜନମୁଖରେ ବେଶ୍ ପ୍ରଚଳିତ । ରାଧାକୃଷ୍ଣଙ୍କର ଅନୁଗାମିନୀ ହେବାରୁ ତାଙ୍କ ନାମରେ ଅପବାଦ ଲାଗିଲା; ଅଥଚ ଅନେକ ସ୍ତ୍ରୀ ଅଛନ୍ତି ଯେଉଁମାନଙ୍କର ଗୁପ୍ତପ୍ରଣୟ ଜଣାପଡ଼େ ନାହିଁ କି ସେମାନଙ୍କ ନାମରେ ଅପବାଦ ଶୁଣାଯାଏ ନାହିଁ । ସେହିପରି ଅନେକ ପଶୁ ବୋଝ ବୋହିବାର ଦେଖାଯାଏ, ଅଥଚ ଗଧ ନାମରେ ଅପବାଦ ଯେ, ଗଧ ହେଉଛି ଭାରବାହୀ ।

'ରାଜା ଯଦି କରେ ପାପ, ପ୍ରଜାର ଘଟେ ମନସ୍ତାପ' । (ବଙ୍ଗଳା)

ଏହି ବଙ୍ଗଳା ଢଗରେ ଏକ ସାଧାରଣ 'ରାଷ୍ଟ୍ରନୀତି'ର ସାଧାରଣ ସତ୍ୟ ହିଁ ପ୍ରତିଫଳିତ ଯେ, ରାଜା ଅନୀତି କଲେ ପ୍ରଜାବୃନ୍ଦଙ୍କର ମନରେ ତା'ର ପ୍ରଭାବ ପଡ଼ିଥାଏ ।

ଏହିପରି ପ୍ରତ୍ୟେକ ପ୍ରାନ୍ତୀୟ ଭାଷା ଓ ସାହିତ୍ୟରେ ଭାଣି ଭାଣି ଢଗଢମାଳି ତଥା ପ୍ରବାଦ ଭର୍ତ୍ତି ହୋଇ ରହିଛି । ଯାହାର ଅନୁଶୀଳନ କଲେ ଭାରତୀୟ ଲୋକ ସମାଜରେ ପ୍ରଚଳିତ ଢଗଢମାଳି ଏବଂ ପ୍ରବାଦ ମଧ୍ୟରେ ଏକ ଅବିଚ୍ଛିନ୍ନ ଐକ୍ୟ ଦେଖାଯିବାକୁ ମିଳିବ । ବିଶେଷତଃ ଓଡ଼ିଆ, ବଙ୍ଗଳା ଏବଂ ଅସମୀୟା ଭାଷାର ଢଗଢମାଳୀ ଏବଂ ପ୍ରବାଦସମୂହ ଭାବ, ବସ୍ତୁ ଏବଂ ପ୍ରଭାବ ଦୃଷ୍ଟିରେ ପରସ୍ପରର ଅତି ନିକଟବର୍ତ୍ତୀ । □

ରମ୍ୟରଚନା

# ମଡ଼ର୍ଣ୍ଣ ବିୟୁଟି ପାର୍ଲର

ସୋନାଲି ବିରାଟ
+୩ ପ୍ରଥମ ବର୍ଷ କଳା, (ଓଡ଼ିଆ ସମ୍ମାନ)

ପୋଲିସ୍ ସବ୍ ଇନ୍ସପେକ୍ଟର ନିଶାକର ବାବୁଙ୍କ ନିଶର ଆକାର ଦେଖିଲେ ଯେତିକି ଡରମାଡ଼େ ତାଙ୍କର ଶ୍ରୀମତୀ ଓ କନ୍ୟାମାନଙ୍କ ଚେହେରା ତଦ୍ରୂପ । ନିଶାକର ବାବୁଙ୍କର ମାତ୍ର ତିନୋଟି କନ୍ୟା । ବଡ଼ ଝିଅ ଦେଖିବାକୁ ଫୁଟବଲ ଭଳି, ତାର ନାମ ଫୁଟି । ମଝିଆ ଝିଅ ମୁହଁଟି କ୍ରିକେଟ୍ ବ୍ୟାଟ ଭଳି, ତାର ନାମ କୁଟି । ସାନଝିଅ ତାଳ ଗଛ ଭଳି ଡେଙ୍ଗା ଓ ଲଣ୍ଡା, ତାର ନାମ ଲୁଟି । ମାତ୍ର ଝିଅଙ୍କ ବିବାହ ଓ ଭବିଷ୍ୟତ ପାଇଁ ନିଶାକର ବାବୁଙ୍କ ଆଦୌ ଚିନ୍ତାନାହିଁ । କାରଣ ଚେକ୍‌ପୋଷ୍ଟରେ ତାଙ୍କର ଡିୟୁଟି । ଟଙ୍କା ଖାଇ ଖାଇ ଅଜୀର୍ଣ୍ଣ ହାକୁଟି ମାରନ୍ତି । ଟ୍ରକ ଆସିବା ମାତ୍ରେ ହାତ ଦେଖାଇ ଦିଅନ୍ତି, ଗଛର ପତ୍ର ଝଡ଼ିଲା ପରି ଟ୍ରକ୍ ଭିତରୁ ଖଡ଼ଖଡ଼ିଆ ନୋଟ ଗୁଡ଼ିକ ଫଡ଼ଫଡ଼ ହୋଇ ଉଡ଼ିଆସେ । ନିଶାକର ବାବୁ ବାଆଁ ଡାହାଣ ହାତରେ ନୋଟ୍‌ଗୁଡ଼ିକ ଗୁଞ୍ଜି ପକାନ୍ତି । ପକେଟ ଗରମ ହେବାପରେ ଢାବାରେ ବସି ଚିକେନ ଓ ଗରମ ଗରମ ତନ୍ଦୁରି ରୁଟି ଖାଇ ପେଟକୁ ଥଣ୍ଡା କରନ୍ତି । ନିଶକୁ ସାଉଁଟି ବୋତଲର ଠିପି ଖୋଲନ୍ତି । ଚେକ୍‌ପୋଷ୍ଟରେ ଡିୟୁଟି, ତେଣୁ ବ୍ୟାଙ୍କରେ ନୂଆ ନୂଆ ଚେକ୍ ବହି ଓ ଆକାଉଣ୍ଟ୍ ଫିଟିଯାଏ । ବର ଦେଖିଲା ମାତ୍ରେ ପାସ୍ ବୁକ୍‌ରୁ ଫଟାଫଟ ଚେକ୍ କାଟିଦେବେ । କେବଳ ନିଶାକର ବାବୁଙ୍କର କ୍ଷେତ୍ରରେ ନୁହେଁ, ଆଜିକାଲି ମନ୍ତ୍ରୀଙ୍କ ଠାରୁ କିରାଣି ପର୍ଯ୍ୟନ୍ତ, ସମସ୍ତେ ଜୋକ ଡୋରାଣି ପିଇଲା ପରି ଅର୍ଥ ଶୋଷି ଚାଲିଛନ୍ତି । ତେଣୁ ବିବାହ ବୈତରଣୀରେ ଯୌତୁକର ବଢ଼ିପାଣି ଯେତେ ବଢ଼ି ଚାଲିଲେ ବି କାହାରି ଭୟ ନାହିଁ । ବରପିତାମାନେ ବିରାଡ଼ି ପରି ଆଖି ତରାଟି ବସିଲା ବେଳକୁ କନ୍ୟା ପିତାମାନେ ଆଖିମାରୁଛନ୍ତି । କିନ୍ତୁ ନିଶାକର ବାବୁଙ୍କର ପରିସ୍ଥିତି ଗଣ୍ଡଗୋଳିଆ ହୋଇଗଲା । ନିଶକୁ ଯେତେ ମୋଡ଼ିଲେ କିମ୍ବା ଅଣ୍ଟାକୁ ଯେତେ କଉଡ଼ି କାଢ଼ିଲେ ବି ଝିଅ ପାଇଁ ବର ପାତ୍ରଟିଏ ହାବୁଡ଼ିଲା ନାହିଁ । ଗୋଟିଏ ବର୍ଷ ଭିତରେ ଗୋଟିଏ ପରେ ଗୋଟିଏ ଅଠରଟି ବର ବଡ଼ ଝିଅ ଫୁଟିକୁ ଦେଖିବାକୁ ଆସି କିଛି ସମୟ ତାକୁ ମିଟିମିଟି ଅନାଇ ଛାଟିପିଟି ହୋଇ ପଳାଇଗଲେ । ନିଶାକର ବାବୁ ଝିଟିପିଟି ପରି ଟିକ୍ ଟିକ୍ କରୁଥାନ୍ତି । ସବୁ ବିବାହ ପ୍ରସ୍ତାବ ଫସର ଫାଟି ଯାଉଥାଏ । ଚିନ୍ତାର ସୀମା ନାହିଁ । ତେଣେ ନିଶାକର ବାବୁଙ୍କ ଘରକୁ ପ୍ରତିଦିନ ମାଛ, ମାଂସ ଓ ରସଗୋଲା ଇତ୍ୟାଦି ଭିଟାମିନ୍ ଓ ପ୍ରୋଟିନ୍ ଖାଦ୍ୟ ଯାହାସବୁ ବିନା ଶୁଳ୍କରେ ଆମଦାନୀ ହୁଏ ତାକୁ ଖାଇ ନିଶାକର ବାବୁଙ୍କ ସ୍ତ୍ରୀ ଓ ଝିଅମାନେ ଓଜନ, ଆୟତନ ଓ କ୍ଷେତ୍ରଫଳ ବଢ଼ି ଚାଲିଥାଏ । ସେପଟେ ନିଶାକର ବାବୁ ଚନ୍ଦା ହେବାକୁ ଲାଗିଲେ, ଗୋଟିଏ ଯୋଡ଼ିଏ ନିଶ ବି ପାଚିବାକୁ ଆରମ୍ଭ କଲା । କ'ଣ ଯେ କରିବେ ଉପାୟ ପାଉନାହାନ୍ତି । ଦିନ ଛାଡ଼ି ରାତିରେ ବି ନିଶାକର ବାବୁ ନିଶାଚର ଭଳି ଓଡ଼ିଶା କିମ୍ବା ଆନ୍ଧ୍ର ଯେତେ ଟ୍ରକ ଅଟକାଇଲେ ଟଙ୍କାର ସିନା ବନ୍ୟା ହେଲା ବରପାତ୍ରର ଉତ୍କଟ ମରୁଡ଼ି । ଦିନେ ନିଶାକର ବାବୁ ବିମର୍ଷ ବଦନରେ ବଗିଚାରେ ବସିଥିଲେ । ଏତିକି ବେଳେ ତାଙ୍କର ଜଣେ ପୁରୁଣା ବନ୍ଧୁ ଗୋବର୍ଦ୍ଧନ ବାବୁ ଆସି ଉପସ୍ଥିତ ହେଲେ । ଦୁଇ ବନ୍ଧୁ ପରସ୍ପର ଭିତରେ ସୁଖ ଦୁଃଖ ହେଉ ହେଉ ଗୋବର୍ଦ୍ଧନ ବାବୁ ନିଶାକର ବାବୁଙ୍କ ଦୁଃଚିନ୍ତାର ଅସଲ କାରଣଟି ଜାଣି ପାରି ଖୁବ୍ ଜୋରରେ ହସି ଉଠିଲେ ଏବଂ ଏକ ଚତୁର, ସୁନ୍ଦର ଓ ଚମତ୍କାର ଉପାୟ ରହିଛି ବୋଲି ଘୋଷଣା କଲେ । ଗୋବର୍ଦ୍ଧନ ବାବୁ - ବନ୍ଧୁ ନିଶାକର ବାବୁଙ୍କ

କାନ ପାଖରେ ଫୁସ୍ ଫୁସ୍ କହିଲେ, ''ଆପଣ ଆସନ୍ତା କାଲି ଅଫିସ୍ ଯିବାବେଳେ ତିନି ଝିଅଙ୍କୁ ମୋ ଘରେ ଛାଡ଼ି ଦେଇ ଯିବେ । ଆମ ଘର ପାଖରେ ଏକ ମଡର୍ଣ୍ଣ ବିୟୁଟି ପାର୍ଲର'' ଏଖାଲିଛି । ମୋର ସ୍ତ୍ରୀ ଝିଅ ମାନଙ୍କୁ ସେଠାକୁ ନେଇଯିବେ । ଜଣେ ଝିଅ ପିଛା ମାତ୍ର ଦୁଇଶହ ଟଙ୍କା ଖର୍ଚ୍ଚ ହେବ । ଘଣ୍ଟାକ ଭିତରେ ଆପଣଙ୍କର ତିନି ଝିଅ ଭିତରୁ ଜଣେ ମିସ୍ ଇଣ୍ଡିଆ, ଜଣେ ମିସ୍ ୱାର୍ଲଡ୍ ଓ ଜଣେ ମିସ୍ ୟୁନିଭର୍ସ ହୋଇ ବାହାରି ଆସିବେ । ଆଜିକାଲି ବିୟୁଟି ପାର୍ଲରର ଅଦ୍ଭୁତ କରାମତି ରହିଛି । ସମ୍ପୂର୍ଣ୍ଣ ଲଣ୍ଡା ଝିଅ କେଶବତୀ କନ୍ୟା, ଟେରୀ ଝିଅଟିଏ ମୃଗନୟନା ଓ କଳା କିଟିମିଟି ଝିଅଟି ଗୋରା ତକ୍‌ତକ୍ ସାହେବାଣୀ ପାଲଟି ଯିବ । ଆପଣଙ୍କର ଝିଅ ବାହାଘର ଚିନ୍ତା ରହିବ ନାହିଁ । ବରଗୁଡ଼ାକ ଗୁଞ୍ଜୁରୀପଲ ଭଳି ଆପଣଙ୍କ ପାଖକୁ ମାଡ଼ି ଆସିବେ ।

ଏହା ଶୁଣି ନିଶାକର ବାବୁ ଆନନ୍ଦରେ ନିଶ ହଲାଇଲେ ଓ ଗୋବର୍ଦ୍ଧନ ବାବୁଙ୍କ କର ମର୍ଦ୍ଦନ କଲେ । ଗୋବର୍ଦ୍ଧନ ବାବୁଙ୍କ ମୁଣ୍ଡରେ ଗୋବର ପରିବର୍ତ୍ତେ ସୁନାଖଣି ରହିଛି ବୋଲି ସେ ଧରିନେଲେ । ତହିଁ ପରଦିନ ସକାଳେ ନିଶାକର ବାବୁ ପ୍ରଥମେ ତାଙ୍କ ବଡ଼ ଝିଅ ଫୁଚିକୁ ବିୟୁଟି ପାର୍ଲରକୁ ସାମ୍ପୁଲ ପରୀକ୍ଷା ପାଇଁ ନେଇଯିବାକୁ ସ୍ଥିର କଲେ । ହେଡ୍ ପୋଷ୍ଟ ଯିବା ବାଟରେ ଗୋବର୍ଦ୍ଧନ ବାବୁଙ୍କ ଘର ଆଗରେ ଗାଡ଼ିର ବ୍ରେକ୍ ଦେଲେ ଏବଂ ଝିଅକୁ ସେଠାରେ ଓହ୍ଲାଇ ଦେଇ ରାସ୍ତାରେ 'ମେନକା ମଡର୍ଣ୍ଣ ବିୟୁଟି ପାର୍ଲର ଲେଖାଥିବାର ଦେଖିଲେ । ସେଦିନ ନିଶାକର ବାବୁ ମାତ୍ର ଖଣ୍ଡିଏଟି ବେଆଇନ୍ ଟ୍ରକ ଅଟକାଇ କ୍ଲାନ୍ତ ହୋଇ ହାଇମାରି ଘରକୁ ଫେରିଲେ । ସନ୍ଧ୍ୟାରେ ଘରକୁ ଫେରି ଦେଖିଲେ ତାଙ୍କ ଫାଟକ ସାମନାରେ ଚାରି ଗୋଟି ଗାଡ଼ି ଛିଡ଼ା ହୋଇଛି । ସେ ଘର ଭିତରକୁ ପଶି ଡ୍ରଇଂ ରୁମ୍‌ରେ ଚାରିଜଣ ଅପରିଚିତ ଭଦ୍ରବ୍ୟକ୍ତିଙ୍କୁ ଦେଖି ସେମାନେ କିଏ ବୋଲି ପଚାରିଲେ । ଚାରିଜଣ ବ୍ୟକ୍ତି ଏକ ସଙ୍ଗରେ କହି ଉଠିଲେ 'ଆଜି ସକାଳ ଦଶଟା ବେଳେ ଆମର ପୁଅମାନେ ରାସ୍ତାରେ ଗୋଟିଏ ସୁନ୍ଦରୀ ତରୁଣୀ ଯାଉଥିବାର ଲକ୍ଷ୍ୟ କଲେ ସେମାନେ ଭାବିଲେ ବୋଧ ହୁଏ ବମ୍ବେର କୌଣସି ଚଳଚିତ୍ର ନାୟିକା ଭୁବନେଶ୍ୱର ଆସିଛନ୍ତି । ସେମାନେ ସେହି ଯୁବତୀର ପିଛା କଲେ । ତରୁଣୀଟି ଆପଣଙ୍କ ଘର ଭିତରେ ପଶିଗଲା । ସେମାନେ ବୁଝି ଜାଣିଲେ ଯେ, ସେ ଆପଣଙ୍କର ବଡ଼ ଝିଅ । ଆମେ ସେହି ଯୁବକ ମାନଙ୍କର ବାପା । ଆପଣଙ୍କ ଝିଅ ବହ ଆମର ପୁଅ ବାହାଘର ପ୍ରସ୍ତାବ ନେଇ ଆସିଅଛୁ । ଏକାବେଳେକେ ଚାରିଟା ପ୍ରସ୍ତାବ ଶୁଣି ନିଶାକର ବାବୁ ଦିନସାରା ଖଣ୍ଡିଏଟି ଟ୍ରକ ଅଟକାଇଥିବା ଆନନ୍ଦ ଠାରୁ ଶହେଗୁଣ ଆନନ୍ଦିତ ହୋଇ ଭଦ୍ରବ୍ୟକ୍ତି ମାନଙ୍କ ଚା' ଜଳଖିଆର ବ୍ୟବସ୍ଥା ପାଇଁ ଘର ଭିତରକୁ ପଶିଗଲେ । ଘର ଭିତରେ ଦେଖିଲେ ଆଉ ଚାରି ପାଞ୍ଚଜଣ ଭଦ୍ର ମହିଳା ବସି କଥାବାର୍ତ୍ତା କରୁଛନ୍ତି । ବୋଧହୁଏ ସେମାନେ ବରମାନଙ୍କର ମାତା । ନିଶାକର ବାବୁ ସେମାନଙ୍କୁ ନିମସ୍କାର ହୋଇ ପଡ଼ିଲେ । ନିଜ ଝିଅ ଫୁଚିକୁ ମଧ ଚିହ୍ନି ନ ପାରି ନମସ୍କାର ପକାଇ ଦେଲେ । ଚା' ଜଳଖିଆ ଖିଆପିଆ ଓ କଥାବାର୍ତ୍ତା ପରେ ସମସ୍ତେ ବିଦାୟ ନେଲେ । ନିଶାକର ବାବୁ ସଙ୍ଗେ ସଙ୍ଗେ ଗୋବର୍ଦ୍ଧନ ବାବୁଙ୍କ ଫୋନ କରି କହିଲେ, 'ଆପଣଙ୍କୁ କିଭଳି ଧନ୍ୟବାଦ ଦେବି ଭାଷା ପାଉ ନାହିଁ । ମୋ ଝିଅ ବିୟୁଟି ପାର୍ଲରରୁ ଫେରିବା ମାତ୍ରେ ସହରର ସମସ୍ତେ ଭାବିଲେ ବୋଧ ହୁଏ ସ୍ୱର୍ଗରୁ ରମ୍ଭା କିମ୍ବା ଉର୍ବଶୀ କିମ୍ବା ବମ୍ବେର ଜୁହି ଚାଓଲା କିମ୍ବା ମାଧୁରୀ ଦୀକ୍ଷିତ ଆମ ଘରକୁ ଆସିଛନ୍ତି । ତେଣୁ ଏକାଥରେକେ ଚାରିଟା ବିବାହ ପ୍ରସ୍ତାବ । ଜଣେ ଡାକ୍ତର, ଜଣେ ଇଞ୍ଜିନିୟର, ଜଣେ କଲେକ୍‌ଟର ଓ ଜଣେ ବ୍ୟାଙ୍କ ଅଫିସର । ମୁଁ ଲଟେରୀ ପକାଇବି କି ଟସ୍ ପକାଇବି କିଛି ଭାବିପାରୁ ନାହିଁ । ଗୋବର୍ଦ୍ଧନ ବାବୁ ଫୋନ୍‌ରେ ଉତ୍ତର ଦେଲେ, ମୁଁ ଜାଣିଥିଲି ଆପଣଙ୍କ ଝିଅ ବିୟୁଟି ପାର୍ଲରରୁ ଫେରିବା ମାତ୍ରେ ଚୁମ୍ବକ ଭଳି ବର ଗୁଡ଼ିକୁ ଟାଣି ଆଣିବ । ସେ ବିୟୁଟି ପାର୍ଲର ଭିତରେ କେବଳ ଝିଅ ନୁହେଁ ପୁରୁଷଟିଏ ଯଦି ପଶିଯିବ, ତେବେ ସେ ସୁନ୍ଦରୀ ନାରୀ ହୋଇ ବାହାରି ଆସିବ ।''

ଦୁଇଦିନ ଭିତରେ ପ୍ରାୟ ପଚାଶରୁ ଉର୍ଦ୍ଧ୍ୱ ବରଙ୍କ ପ୍ରସ୍ତାବ ଆସିଥିଲା । ଗୋବର୍ଦ୍ଧନ ବାବୁ ବର ମନୋନୟନ କମିଟିର ସଭାପତି ହେଲେ । ବର ମାନଙ୍କର ନାଁ ଗାଁ ଚାକିରୀ ବାକିରୀ ଓ ଦରମା ପତ୍ର ସବୁରି ଯାଞ୍ଚ ହେଲା । ବର ମାନଙ୍କ ତାଲିକା

ଭିତରେ ପ୍ରଥମ ସ୍ତ୍ରୀ ପରିତ୍ୟାଗ କରିଥିବା ଦୁଇଜଣ ଆଇ.ଏସ୍. ଅଫିସର୍, ତିନିଜଣ କ୍ଷମତାସୀନ ମନ୍ତ୍ରୀଙ୍କର କାର୍ତ୍ତିବାନ ଦିଗ୍‌ବିଜୟୀ ପୁତ୍ର ଏବଂ କେତେଜଣ ଭୂତ ପୂର୍ବ ମନ୍ତ୍ରୀଙ୍କର ଅଭୂତ ପୂର୍ବ ସମ୍ପତ୍ତିର ଉତ୍ତରାଧିକାରୀ ବେକାର ଯୁବକ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ । ନିଶାକର ବାବୁଙ୍କ ସ୍ତ୍ରୀ ବ୍ୟାଙ୍କ ଅଫିସର କ୍ୱାଇଁଟିଏ ପାଇଁ ଇଚ୍ଛା ପ୍ରକାଶ କଲେ । କିନ୍ତୁ ନିଶାକର ବାବୁ କହିଲେ, କ୍ୱାଇଁ ବ୍ୟାଙ୍କ ଅଫିସର ହେଲେ ଶ୍ୱଶୁରଙ୍କ ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକ ଏପଟ ସେପଟ କରିବାର ସମ୍ଭାବନା ରହିଛି । ନିଶାକର ବାବୁଙ୍କର ଇଚ୍ଛା ଇଞ୍ଜିନିୟର କ୍ୱାଇଁଟିଏ କରିବେ । କିନ୍ତୁ ଗୋବର୍ଦ୍ଧନ ବାବୁ କହିଲେ ଆଜିକାଲି ଇଞ୍ଜିନିୟର ମାନଙ୍କର ଇଞ୍ଜିନ ବ୍ୟାଟେରୀ ଡାଉନ୍ ହୋଇଯିବାର ଆଶଙ୍କା ରହିଛି । କାରଣ ମନ୍ତ୍ରୀମାନେ ଯନ୍ତ୍ରୀମାନଙ୍କୁ ତମ୍ବ କଲା ଭଳି ରାତାରାତି ଯେଉଁଭଳି ବଦଳି କରି ହେଉଛନ୍ତି ମନ୍ତ୍ରୀଙ୍କ ପକେଟ୍ ଗରମ କରିବାକୁ ଯାଇ ଇଞ୍ଜିନିୟର ମାନଙ୍କ ଇଞ୍ଜିନ୍ ଥଣ୍ଡା ହୋଇଯାଉଛି । ବଡ଼ ଝିଅ ସ୍ମୃତି ଅର୍ଥାତ୍ ଖୋଦ୍ କନ୍ୟାପାତ୍ରୀ ଅତି ଗୋପନିୟ ଫୁସ୍‌ଫୁସ୍ କରି ବୋଉଙ୍କ କାନରେ I.A.S.ସ୍ୱାମୀଟିଏ ପାଇଁ ବ୍ୟାକୁଳ ନିବେଦନ ଜଣାଇଲେ । ଏକଥା ଶୁଣି ଗୋବର୍ଦ୍ଧନ ବାବୁ କହିଲେ, ଆଜିକାଲି IAS ଅଫିସରମାନେ ମନ୍ତ୍ରୀଙ୍କ ପଦ ସେବା କରିବାରେ ବ୍ୟସ୍ତ । ତେଣୁ ସେମାନେ ସ୍ତ୍ରୀଙ୍କର ପଦସେବା କରିବାକୁ ସମୟ ପାଇବେ ନାହିଁ । ବହୁ ଯୁକ୍ତିତର୍କ ଆଲୋଚନା ପରେ ଶେଷରେ ଡାକ୍ତର କ୍ୱାଇଁଟି କରିବାକୁ ନିଷ୍ପତି ନିଆଗଲା । କ୍ୱାଇଁ ପୁଅ ଡାକ୍ତର ହେଲେ ନିଶାକର ବାବୁଙ୍କର ନିଶଠାରୁ ନିଶ୍ୱାସ ପର୍ଯ୍ୟନ୍ତ ସୁରକ୍ଷିତ ରହିବ । ନିଶାକର ବାବୁ ଯେଉଁଭଳି ଜାତିୟ ରାଜପଥରେ ବେଆଇନ୍ ଟ୍ରକ୍ ଗୁଡ଼ିକୁ ଅଟକାଇ ଥାଆନ୍ତି । ସେହିଭଳି ଡାକ୍ତର କ୍ୱାଇଁ ଶ୍ୱଶୁରଙ୍କ ଜୀବନ ରାଜପଥରେ ଜ୍ୱର, ଝାଡ଼ା, ଛିଙ୍କ ଇତ୍ୟାଦି ବେଆଇନ୍ ରୋଗ ଗୁଡ଼ିକୁ ଅଟକାଇ ରଖିବେ । ଦିନେ ସନ୍ଧ୍ୟାରେ ନିଶାକର ବାବୁ ଓ ଗୋବର୍ଦ୍ଧନ ବାବୁ ଜନାର୍ଦ୍ଦନ ବାବୁଙ୍କ ଡାକ୍ତର ପୁଅ ଗଗନ ସହିତ ବିବାହ ପ୍ରସ୍ତାବ ବୁଝାମଣା ପାଇଁ ଘରକୁ ଗଲେ । ଜନାର୍ଦ୍ଦନ ବାବୁ ଆନନ୍ଦରେ ସେମାନଙ୍କୁ ପାଛୋଟି ନେଲେ । ଦେବାନେବା, ଭୋଜିଭାତ ଉପରେ ଘମାଘୋଟ ଆଲୋଚନା ଚାଲିଲା । ଶେଷରେ ଭାବି ସମ୍ବନ୍ଧୀ ଜନାର୍ଦ୍ଦନ ବାବୁ ବହୁତ ଭାବି ଭାବି କହିଲେ 'ମୋର ଧନ ଦଉଲତ କିଛି ଲୋଡ଼ା ନାହିଁ । କେବଳ ରୂପବତୀ ଓ ଗୁଣବତୀ ବୋହୂଟିଏ ଦରକାର । ମୋର ଡାକ୍ତର ପୁଅ ଡାକ୍ତର ଖାନା ଗଲାପରେ ବୋହୂ ଏକୁଟିଆ ବୋର ହେବ, ତେଣୁ ଟି.ଭି.ଟିଏ, ଦେଲେ ଦିନରାତି ଶୋଇ ଟି.ଭି. ଦେଖନ୍ତା । ପୁଅର ଚାକିରୀ ଜାଗାଟି ଖରାଦିନେ ଅଧିକ ଗରମ ହୁଏ । ତେଣୁ ଫ୍ରିଜ୍‌ଟିଏ ଥିଲେ ବୋହୂ ଆମର ଥଣ୍ଡା ପାଣି ପିଅନ୍ତା । ତା' ଛଡ଼ା ସିନେମା, ବଜାର ଯିବା ପାଇଁ ସ୍କୁଟରଟିଏ ଦରକାର ଇତ୍ୟାଦି ଇତ୍ୟାଦି । କିଛି ଦରକାର ନାହିଁ କହି ସବୁ ଜିନିଷ ଡିମାଣ୍ଡ କଲାପରେ ନିଶାକର ବାବୁ ମନେ ମନେ ଭାବୁଥାଆନ୍ତି । ଟି.ଭି. କାହିଁକି, ସ୍କୁଟର କାହିଁକି ସମ୍ବନ୍ଧୀ ଯଦି ମାଗନ୍ତେ ଟ୍ରକ, କାର କିମ୍ବା ଟ୍ରାକ୍ଟର ସବୁ ଦେବା ପାଇଁ ସେ ପ୍ରସ୍ତୁତ ।

ପ୍ରଥମେ କେବଳ ତାଙ୍କର ମାଛ ବୋଝେଇ ଅଣ୍ଡୁ ଟ୍ରକ ଭଳି ବଡ଼ ଝିଅଟି ବିବାହ ବୈତରଣୀ ପାରି ହୋଇ ଯାଉ । (ସେ ଦିନ ଥିଲା ନିଶାକର ବାବୁଙ୍କ ବଡ଼ ଝିଅ ବାହାଘର) । ତାରିଖ ଥିଲା ଏପ୍ରିଲ ପହିଲା । ସେଦିନ ପୁଣି ଆଗରେ ବଡ଼ ଝିଅ ବିୟୁଟି ପାର୍ଲରରେ କିଛି ଘଣ୍ଟା ରହିବା ପରେ ପୁରାପୁରି ଏକ ହଲିଉଡ୍ ଦୁଲହନ ପରି କନ୍ୟା ବେଶରେ ବାହାରି ଆସିଲେ । ଦିନଟି ଥିଲା ଏପ୍ରିଲ ଫୁଲ । ଦୁଲହନ ଦିଶୁଥିଲା ବିୟୁଟିଫୁଲ । ନିଶାକର ବାବୁଙ୍କ ଟାକର ଠାରୁ କୁକୁର ପର୍ଯ୍ୟନ୍ତ ଫିଟ୍‌ଫାଟ୍ ହିରୋ ପରି ଦିଶୁଥିଲେ । ସନ୍ଧ୍ୟାରେ ନିମନ୍ତ୍ରିତ ଅତିଥିମାନେ ଆସିବାକୁ ଆରମ୍ଭ କଲେ । ଫ୍ରାଏଡ୍ ରାଇସ୍ ଓ ଚିକେନ୍ ବାସ୍ନାରେ ଚତୁର୍ଦ୍ଦିଗ ମହକୁଥାଏ । ଯେତିକି ନିମନ୍ତ୍ରିତ ଅତିଥି ଆସିବା କଥା ତା'ର ଦୁଇଗୁଣ କୁକୁର ପଇଁତରା ମାରୁଥାଆନ୍ତି । ମନ୍ତ୍ରୀଙ୍କ ଠାରୁ ଚାଉଟର ପର୍ଯ୍ୟନ୍ତ, ପୋଲିସ ଆଇ.ଜି.ଠାରୁ ହାବିଲଦାର ପର୍ଯ୍ୟନ୍ତ ସମସ୍ତଙ୍କୁ ନିମନ୍ତ୍ରଣ କରାଯାଇଥାଏ । ଭି.ଆଇ.ପି. ମାନଙ୍କର ମହିଳାମାନେ ହନୁମାନ ଗନ୍ଧମାର୍ଦ୍ଦନ ପର୍ବତ ଟେକି ଆଣିଲା ପରି ଉପହାରର ବିରାଟ ପାହାଡ଼ ଧରି ଗେଟ୍‌ଭିତରେ ପଶୁଥାନ୍ତି । ସେହି ବିୟୁଟି ପାର୍ଲରରୁ ସଦ୍ୟ ଫେରନ୍ତା ସେହି ମହିଳା ମାନଙ୍କର ହାଇଲ୍ ଠାରୁ ଲିପ୍‌ଷ୍ଟିକ୍

ମଣ୍ଡିତ ଅଧରର ସ୍ମାଇଲ ତଥା ତାଙ୍କର ହେୟାର ଷ୍ଟାଇଲ ସବୁ ଭିଡ଼ିଓ ରେକର୍ଡିଙ୍ଗ୍ ହେଉଥାଏ । କିଛି ସମୟ ପରେ ବର ଆସିବାର ଶୁଭ ସଙ୍କେତ ମିଳିଲା । ହିରୋସିମା ନାଗାସାକିର ଫୁଟିଥିବା ବୋମା ଠାରୁ ଅଧିକ ଆୱାଜ କରି ଦୁଇ ଚାରୋଟି ବମ୍ ଫୁଟିବାର ଶୁଣାଗଲା । 'ବ୍ୟାଣ୍ଡ ବାଜା ଭିତରୁ ସଦ୍ୟ ପ୍ରସବ ଲାଭ କରିଥିବା ହିନ୍ଦି ଚଳଚ୍ଚିତ୍ର ଯୁବକ ଯୁବତୀ ହାୟା ଚଳଚ୍ଚିତ୍ର ଜଗତର ନାୟକ ନାୟିକାଙ୍କଠାରୁ ଅଧିକ କୁଶଳୀ ଢଙ୍ଗରେ ଡିସ୍କୋ ଓ ବ୍ରେକ୍ ନୃତ୍ୟ ପରିବେଷଣ କରୁଥାନ୍ତି । ଏହି ହିନ୍ଦୀ, ଇଂରାଜୀ ଓ ତେଲୁଗୁମିଶା ନୃତ୍ୟ ପରିବେଷଣ ତାଳେ ତାଳେ ତାଳିମାରି ନାଚି ନାଚି ସହସ୍ରାଧିକ ବରଯାତ୍ରୀ ଦେଶୀ ଓ ବିଦେଶୀ ବୋତଲର ମଦ ବ୍ୟବହାର କରୁ କରୁ ଦନ୍ତାହାତୀ ପଲ ପରି ଢଳି ଢଳି ଚାଲିଥାନ୍ତି । ଏକ ସୁସଜ୍ଜିତ କାର ଭିତରେ ଗଭର୍ଣ୍ଣର ପରି ଗର୍ବରେ ବସି ଥିବା ବର ମହୋଦୟ ଫାଟକ ନିକଟରେ ପହଞ୍ଚିଗଲେ । ଦେଖଣାହାରୀଙ୍କର ପାଟି ତୋବାଳି, ସ୍ତ୍ରୀ ଲୋକମାନଙ୍କର ଶଙ୍ଖ ହୁଳହୁଳି, କୁକୁର ମାନଙ୍କର କାମୁଡ଼ା କାମୁଡ଼ି କଳି ଓ ରୋଷଣୀ ଝାଡ଼ବେଳୀ ଭିତ୍ରରେ ନିଶାକର ବାବୁ ଷଣ୍ଢ ପରି ବରକୁ ବରଣ କରିବା ପାଇଁ ଆଗକୁ ମାଡ଼ିଗଲେ । ବିବାହ ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହେବା ପୂର୍ବରୁ ବର ହ୍ୱିସ୍କି ବୋତଲଟିଏ ଖୋଲି ଢକ ଢକ ପିଇବାକୁ ଲାଗିଲେ । ଶ୍ୱଶୁର ଭୟରେ ଢେଂପ ଢୋକିଲେ । ନିଶାକର ବାବୁ ଆଲ୍ଟ୍ରା ଭୁକ ଲାଇଟରେ ନାଲିନାଲି ଆଖି ଓ ବ୍ରାଙ୍ଗିଙ୍କ ଆଖି ଭିତରେ କିଛି ଫରକ୍ ଦେଖିଲେ ନାହିଁ । ଘୁଷୁରି ପଲ ପରି ମାଡ଼ି ଆସିଥିବା ବରଯାତ୍ରୀମାନେ କୁକୁଡ଼ା ମାଂସର ବାସ୍ନା ପାଇଁ ମଣିଷ ଖିଆ ବାଘ ପରି ଖାଇବା ଟେବୁଲ ଉପରେ କୁଦି ପଡ଼ିଲେ, ନିଶାକର ବାବୁ ସେହି ନିଶାଗ୍ରସ୍ତ ବରଯାତ୍ରୀମାନଙ୍କର ଖିଆପିଆ ତଦାରଖ କରୁଥାନ୍ତି । ଜଣେ ଜଣେ ବରଯାତ୍ରୀ ନିଶା ଜୋର୍‌ରେ ଖାଇବା ପତ୍ର ଉପରେ ଢୁମେଇ ପଡ଼ୁଥାନ୍ତି । କିଛି ଚିକେନ୍ ପଡ଼ିଆକୁ ନାକ କାନରେ ଗୁଞ୍ଜୁଥାନ୍ତି । ଆଉ କେତେଜଣ ବରଯାତ୍ରୀ ଖଇରିକୁ ଗାଲରେ ପାଇବର ପରି ମଡ଼ାଇଥାନ୍ତି । ଆଉ କେତେଜଣ ରାକ୍ଷସ ପରି ମାଂସ ଖାଇବାକୁ ବ୍ୟସ୍ତ ଥାଆନ୍ତି । ଏସବୁ ଦୃଶ୍ୟ ଦେଖି ନିଶାକର ବାବୁ ଭାବୁଥାନ୍ତି ଏହି ଅର୍ଦ୍ଧଚେତନାଶୂନ୍ୟ ବରଯାତ୍ରୀମାନଙ୍କୁ କୁକୁଡ଼ା ମାଂସ ପରିବର୍ତ୍ତେ କୁକୁର ମାଂସ ପରିବେଷଣ କରିଥିଲେ ମଧ୍ୟ ଖାଇଯାଇଥାନ୍ତେ । ନିଶାକର ବାବୁ ଦେଖିଲେ ବର ନିଘୋଡ଼ ନିଦରେ ଶୋଇ ପଡ଼ିଲେଣି । ବିବାହ ଲଗ୍ନ ସମୟ ହୋଇଗଲାଣି । ଯେତେ ଡାକିଲେ ବ୍ରାଙ୍ଗିଙ୍କ ନିଦ ଭାଙ୍ଗୁ ନାହିଁ । ସେ ଭାବିଲେ ଡାକ୍ତର ବ୍ରାଙ୍ଗିଙ୍କୁ ଦେଖିବା ପାଇଁ କୌଣସି ଡାକ୍ତର ଡାକିବେ କି ? ନିମନ୍ତ୍ରିତ ଅତିଥି ଭିତରୁ ସେ ଜଣେ ଦୁଇଜଣ ଡାକ୍ତରଙ୍କୁ ଆବିଷ୍କାର କରି ଡାକି ଆଣିଲେ । ସେମାନେ ବରର ନାଡ଼ି ଚିପି ନିଶା ଜୋର ହୋଇଯାଇଛି ଏବଂ ଡେକାଡ୍ରେନ୍ ଇଞ୍ଜେକ୍ସନ ଦେବାକୁ ପଡ଼ିବ କହିଲେ । ଇଞ୍ଜେକ୍ସନ ନେବାପରେ ବର ଆଖି ଖୋଲିଲେ ଓ ବେଦୀ ଉପରେ ବସିଥିବା କନ୍ୟା ଆଡ଼କୁ ତରାଟି ଚାହିଁ ବମ୍ବେର ହୀରୋ ପରି ବେଦୀ ଉପରକୁ କୁଦି ପଡ଼ିଲା । ପୁରୋହିତ ବଡ଼ ପାଟିରେ ମନ୍ତ୍ରପାଠ କଲାବେଳେ ବର ମହାଶୟ ଗୁଣୁ ଗୁଣୁ ହୋଇ 'ଦିଲ୍‌ୱାଲେ ଦୁଲ୍‌ହନିଆଁ ଲେ ଯାଏଙ୍ଗେ' ସିନେମାର ଗୀତ ଗାଉଥାନ୍ତି । ହାତଗଣ୍ଠି ପଡ଼ିଲା । ରାତି ଗଲା ପାହି, ନିଶାକର ବାବୁ ମାରିଲେ ହାଇ । ସକାଳେ କନ୍ୟା ବିଦାୟର କରୁଣ ଦୃଶ୍ୟ । ସମସ୍ତଙ୍କ ଆଖିରୁ ଟୋପା ଟୋପା ଲୁହ ଝରି ପଡ଼ୁଥିଲା ବେଳେ ନିଶାକର ବାବୁଙ୍କ ନିଶ ଆବୃତ ଓଠରୁ ଝରି ପଡ଼ୁଥିବା ହସର ନାଏଗ୍ରା ଜଳପ୍ରପାତ । ସକାଳ ସୂର୍ଯ୍ୟର ସୁନେଲି କିରଣର ଝଟକ ପରି ନିଶାକର ବାବୁ ସତେ ଯେପରି ଦିଶୁଥିଲେ ପୃଥିବୀର ସର୍ବଶ୍ରେଷ୍ଠ ଫୁଟବଲ ଖେଳାଳୀ 'ପେଲେ'.ପରି । ବିବାହ ଓ ଯୌତୁକ ମୈଦାନରେ ବଡ଼ ଝିଅ ଫୁଟିକୁ ଫୁଟ୍‌ବଲ ଭଳି ଏକ ସୁନ୍ଦର କର୍ଣ୍ଣର ସଟ୍ ମାରି ସମ୍ବନ୍ଧୀଙ୍କ ନେଟ୍ ଭିତରକୁ ସେ ବଲଟିକୁ ପଠାଇ ପାରିଛନ୍ତି । ଅବଶ୍ୟ ତାଙ୍କର ଏହି ବିଜୟ ସୂଚକ ଗୋଲ୍ ଦେବା ପକ୍ଷରେ ବିୟରଟି ପାର୍ଲରର ଅନୁକୂଳ ପବନ ସାହାଯ୍ୟ କରିଛି । ସେହି ଭଳି ବରପକ୍ଷ ନିଶାପାଣିର ପିଚ୍ଛିଳ ପଡ଼ିଆରେ କଚଡ଼ା ଖାଇ ବଲଟିକୁ ଅଟକାଇବାକୁ ଅସମର୍ଥ ହୋଇଛନ୍ତି । ବିୟରଟି ପାର୍ଲର ଏବଂ ବୋତଲ ସବୁ କମାଲ କରିଦେବା ବୋଲି ନିଶାକର ବାବୁ ପୁଣି ଥରେ ହରିବୋଲ ଛାଡ଼ିଲେ । ❑

# ଗଳ୍ପ ବିଭାଗ



ଦିନ ପହରକ ସମୟରେ ଅବଧାନଙ୍କୁ ପଦାଆଢ଼େ ତଲପ ହେଲା । ଡାକିଦେଲେ 'ଆରେ ନିଆଁ ଆଣରେ, ଧୂଆଁପତ୍ର ଆଣରେ, ନୋଟା ଆଣରେ ।'

– ବ୍ୟାସକବି ଫକୀର ମୋହନ ସେନାପତି

# ସୂଚୀପତ୍ର


| | | | |
|---|---|---|---|
| ୧. | ବସନ୍ତ ଋତୁର ହୃଦୟ | ଅଧ୍ୟାପକ ମହେନ୍ଦ୍ର କୁମାର ଦାସ | ୩୯ |
| ୨. | କେବଳ ସେହି ଦିନକୁ ଅପେକ୍ଷା | ଅଧ୍ୟାପକ ବିଜୟ କୁମାର ମିଶ୍ର | ୪୪ |
| ୩. | ମୁଁ ହିଁ ଦସ୍ୟୁ ମୁହିଁ ଦାମ୍ଭିକ | ରଘୁନାଥ ଖୁଣ୍ଟିଆ | ୪୭ |
| ୪. | ଆଜିକା ଯୁଗର ସନ୍ତାନ | ପ୍ରଣବ କୁମାର ସ୍ୱାଇଁ | ୫୦ |
| ୫. | ମାଗୁଣିର ଭୋଟ | ଅଜୟ କୁମାର ପଣ୍ଡା | ୫୩ |
| ୬. | ଚହଲା ପାଣି | ବାସବକ୍ରାନ୍ତ ବେହେରା | ୫୭ |
| ୭. | ଛାଟ | ପ୍ରିୟଙ୍କା ମହାନ୍ତି | ୬୧ |
| ୮. | ମୁଖା | ସୁଚିତ୍ରା ରାଉତରାୟ | ୬୫ |
| ୯. | କଷ୍ଟ ହେବ ସତ ସଫଳ ହେବେ | ରାଜକିଶୋର ବାରିକ | ୬୯ |
| ୧୦. | ଏ ଯୁଗର ଭକ୍ତି | ସୁଭଦ୍ରା ବାରିକ୍ | ୭୧ |
| ୧୧. | ସାଧକ ସନ୍ଥ ତୁଳସୀ | ଦିପିକର ସ୍ୱାଇଁ | ୭୩ |
| ୧୨. | ନାରୀ | ସୁଭଦ୍ରା ମହାପାତ୍ର | ୭୪ |
| ୧୩. | ପ୍ରେମ ଚିଠି | ସୁବ୍ରତ ଦାସ୍ | ୭୫ |
| ୧୪. | ପୂର୍ବ ଜନ୍ମେ ମା' ପର ଜନ୍ମେ ମା' | ସ୍ୱର୍ଣ୍ଣମୟୀ ଜେନା | ୭୭ |
| ୧୫. | ଶାଶ୍ୱତ ପ୍ରେମ | କଂଗଲୀ ପ୍ରସାଦ ମଲିକ୍ | ୭୯ |
| ୧୬. | ''ମନେ ମନେ ରାଜା'' ଶୁଣିଥିବା କାହାଣୀ | ମୁରଲୀଧର ମହାନ୍ତି | ୮୦ |
| ୧୭. | ଗଧସବୁ ଭାର ବୋହିଲେ | ଝିଲି ମଲ୍ଲିକ୍ | ୮୨ |
| ୧୮. | ଗପଟିଏ | ଏଲିନା ଭୋଇ | ୮୩ |
| ୧୯. | ଭାରତୀୟ ସଂସ୍କୃତି ଓ ନାରୀ | ପ୍ରିୟଙ୍କା ସ୍ୱାଇଁ | ୮୪ |




# ବସନ୍ତ ଋତୁର ହୃଦୟ

ମୂଳ ଇଂରାଜୀ ରଚନା : ଡବ୍ଲ୍ୟୁ. ବି. ୟେଟ୍‌ସ୍
ଅନୁବାଦ : ହେମନ୍ତ କୁମାର ଦାସ
ବରିଷ୍ଠ ଅଧ୍ୟାପକ ଇଂରାଜୀ ବିଭାଗ

ବୟୋବୃଦ୍ଧ ବ୍ୟକ୍ତିଟିଏ । ପକ୍ଷୀର ପାଦ ପରି ପ୍ରାୟ ହାଲୁଆ ଦିଶୁଥିଲା ତାଙ୍କର ମୁଖମଣ୍ଡଳ । ଇଫ୍ ଗିଲର ବିସ୍ତୃତାଞ୍ଚଳକୁ ମଣ୍ଡିତ କରି ରହିଥିବା ହାଜେଲ୍ ଗଛରେ ପରିପୂର୍ଣ୍ଣ କ୍ଷୁଦ୍ର ଦ୍ୱୀପର ସମତଳ ପ୍ରସ୍ତର ବେଳାଭୂମିର ଶଯ୍ୟା ଉପରେ ବସିରହି ସେ ଗଭୀର ଚିନ୍ତାରେ ନିମଗ୍ନ ଥିଲେ । ତାଙ୍କ ନିକଟରେ ବସିରହିଥିଲା ସତର ବର୍ଷ ବୟସର ଜଣେ ପିଙ୍ଗଳ ବର୍ଣ୍ଣମୁଖୀ ପିଲାଟିଏ । ସ୍ଥିର ଜଳରାଶି ଉପର ଦେଇ ଭାସି ଯାଉଥିବା ପତଙ୍ଗମାନଙ୍କୁ ଶିକାର କରିବା ଉଦ୍ଦେଶ୍ୟରେ ଥଣ୍ଟ ବୁଡ଼ାଉଥିବା ସ୍ୱାଲୋ ପକ୍ଷୀମାନଙ୍କୁ ସେ ଚାହିଁ ରହିଥିଲା । ବୃଦ୍ଧ ବ୍ୟକ୍ତି ଜଣକ ନୀଳାଭ ଭେଲଭେଟ୍‌ର ଏକ ଛିନ୍ନ ବସ୍ତ୍ର ପରିଧାନ କରିଥିଲେ । ପିଲାଟି ଏକ ଫ୍ରିଜ୍ କୋଟ୍ ପିନ୍ଧିଥିଲା ଓ ତା'ର ବେକରେ ଝୁଲି ରହିଥିଲା ଏକ ଜପାମାଳି । ଦୁଇଜଣଙ୍କ ପଶ୍ଚାତ୍‌ଭାଗରେ ରହିଥିବା କିଛି ବୃକ୍ଷରାଜିଙ୍କ ଆଢୁଆଳରେ ଅର୍ଦ୍ଧଲୁକ୍କାୟିତ ଭାବରେ ଦୃଶ୍ୟମାନ ହେଉଥିଲା ଆଶ୍ରମଟିଏ । ଅନେକ ଦିନ ତଳେ ମହାରାଣୀଙ୍କ ବିଧର୍ମୀ ଦଳର ବ୍ୟକ୍ତି ସମୂହ ଆଶ୍ରମଟିକୁ ପୋଡ଼ି ଦେଇଥିଲେ । କିନ୍ତୁ ପରେ ପରେ ପିଲାଟି ନିଜ ପ୍ରଚେଷ୍ଟାରେ ଏହାକୁ ରଶ୍ମନାମିତ ଏକ ପ୍ରକାର ତୃଣ ଦ୍ୱାରା ଛପରକରି ବାସୋପଯୋଗୀ କରିଥିଲା ଏହି ଉଦ୍ଦେଶ୍ୟରେ ଯେ ବୃଦ୍ଧ ବ୍ୟକ୍ତି ଜଣକ ତାଙ୍କ ଜୀବନର ଅନ୍ତିମ ପର୍ଯ୍ୟାୟରେ ସେଠାରେ ବିଶ୍ରାମ ନେବେ । ବୃଦ୍ଧଟି ଆଶ୍ରମକୁ ଲାଗି ରହିଥିବା ବଗିଚାର ଯତ୍ନ ସର୍ବଦା ନେଉଥିଲେ । ତାଙ୍କ ଶ୍ରମରେ ବିନିଯୋଗ ହୋଇଥିବା କୋଦାଳର ସ୍ୱର୍ଣ୍ଣ ଲାଭକରି ବହୁ ତପସ୍ୱୀଙ୍କ ପ୍ରଦତ୍ତ କମଳ ଓ ଗୋଲାପ ଫୁଲ ଗଛର ସମ୍ଭାର ବଗିଚାଟିରେ ପରିବ୍ୟାପ୍ତ ଥିଲା । ବଗିଚାର ଅପର ପ୍ରାନ୍ତକୁ ଘେରି ରହିଥିବା ସଙ୍କୀର୍ଣ୍ଣ ଇଲାକାର ଶୋଭା ବର୍ଦ୍ଧନ କରୁଥିବା ଫର୍ଣ୍ଣ ଉଦ୍ଭିଦଙ୍କ ସହିତ ସେହିସବୁ ଅପର୍ଯ୍ୟାପ୍ତ ଓ ବିଶୃଙ୍ଖଳିତ ଫୁଲ ଗୁଡ଼ିକର ସାକ୍ଷାତ ଓ ମିଶ୍ରଣର ଅସ୍ପଷ୍ଟ ଚିହ୍ନ ଦୂରରୁ ଦୃଷ୍ଟିଗୋଚର ହେଉଥିଲା । ବଢ଼ିଯାଉଥିବା ଫର୍ଣ୍ଣ ଉଦ୍ଭିଦଗୁଡ଼ିକ ଏତେ ଘଞ୍ଚ ଥିଲେ ଯେ ସେମାନଙ୍କ ମଧ୍ୟଦେଇ ପିଲାଟିଏ ଚାଲିଗଲେ ସେ ଦୃଶ୍ୟମାନ ହେବ ନାହିଁ । ଏପରିକି ପାଦର ଆଙ୍ଗୁଠିକୁ ଭୂମି ଉପରେ ଆଶ୍ରାକରି ଠିଆ ହେଲେ ମଧ୍ୟ ପିଲାଟିକୁ ଦେଖିବା ସହଜ ହେବ ନାହିଁ । ଫର୍ଣ୍ଣ ଉଦ୍ଭିଦ ରହିଥିବା ସ୍ଥାନର ଅପରପାର୍ଶ୍ୱରେ ରହିଥିଲା ଅନେକ ହାଜେଲ୍ ଗଛ ଓ ଛୋଟ ଛୋଟ ଓକ୍ ଗଛ ।

ପିଲାଟି କହିଲା, 'ଗୁରୁଜୀ ! ଆପଣଙ୍କର ଏହି ଦୀର୍ଘ ଉପବାସ ଏବଂ ରାତ୍ରିପରେ ହାଜେଲ ଓ ଓକ୍ ଗଛ ଏବଂ ଜଳାଶୟରେ ବାସ କରୁଥିବା ଜୀବମାନଙ୍କୁ ଆବାହନ କରିବା ନିମିତ୍ତ ଆପଣଙ୍କର ସ୍ୱାସ୍ଥ୍ୟ ଅନୁମୋଦନ କରୁନାହିଁ । ଏହିସବୁ ପରିଶ୍ରମରୁ ନିବୃତ୍ତ ରହି କିଛି ସମୟ ବିଶ୍ରାମ ନିଅନ୍ତୁ । ଆଜିକାଲି ମୋତେ ଲାଗୁଛି ଯେପରି ମୋ କାନ୍ଧ ଉପରେ ଆଶ୍ରା ନେଉଥିବା ଆପଣଙ୍କ ହାତର ଭାର ପୂର୍ବାପେକ୍ଷା ଅଧିକ ବଢ଼ିଯାଇଛି ଏବଂ ଆପଣଙ୍କ ପାଦର ସ୍ଥିରତା ମୁଁ ଜାଣିବାରେ କ୍ରମଶଃ ହ୍ରାସ ହୋଇଯାଉଛି । ଲୋକେ କୁହନ୍ତି ଯେ ଆପଣ

ଲଗିଲ ପଚାଶଠାରୁ ଅଧିକ ବୟସ୍କ, ତଥାପି ବି ଆପଣଙ୍କ ବିଶ୍ରାମ ଆବଶ୍ୟକ କରିବେ ନାହିଁ । ଆପଣତ ଜାଣନ୍ତି ବୟସାଧିକ୍ୟ ଜୀବନରେ ବିଶ୍ରାମ ନେବା କେତେ ଜରୁରୀ ।'' ଖୁବ୍ ଆଗ୍ରହରେ ପିଲାଟି କହି ଚାଲିଲା, ସତେ ଯେପରି ତା'ର ହୃଦୟର ଭାଷା ତା'ର କଥାରେ ପରିସ୍ଫୁଟ ହେଉଥିଲା । ବୃଦ୍ଧବ୍ୟକ୍ତି ଜଣକ ଯତ୍ନଶୀଳ ଧୀର ଗଳାରେ ଉତ୍ତର ଦେଉଥିଲେ, ଯେମିତିକି ତାଙ୍କର ହୃଦୟ ସୁଦୂର ଅତୀତର ଦିନ ଓ ଘଟଣା ସହିତ ପର୍ଯ୍ୟୁକ୍ତ ଥିଲା ।

''ମୁଁ କାହିଁକି ବିଶ୍ରାମ ନେଇପାରୁନାହିଁ, ସେ କଥା ତୁମକୁ କହିବି,'' ବୃଦ୍ଧ ବ୍ୟକ୍ତିଟି ପିଲାଟିକୁ କହିଲେ । ''ଏ କଥା ଜାଣିବା ତୁମ ପକ୍ଷରେ ଉଚିତ ହେବ, କାହିଁକି ନା ଦୀର୍ଘ ପାଞ୍ଚ ବର୍ଷ ଧରି ତୁମେ ଅତ୍ୟନ୍ତ ବିଶ୍ୱାସ ଓ ଏପରିକି ଅତ୍ୟନ୍ତ ସ୍ନେହର ସହିତ ମୋର ସେବା କରି ଆସିଛ । ଏହାଦ୍ୱାରା କିଛି ପରିମାଣରେ ମୋ' ନିଃସଙ୍ଗ ଜୀବନର ଦୁର୍ଭାଗ୍ୟପୂର୍ଣ୍ଣ ଦୁର୍ବିସହତାକୁ ଲାଘବ କରିବାରେ ସାହାଯ୍ୟ କରିଛ, ଯେଉଁ ନିଃସଙ୍ଗତା ଜ୍ଞାନୀଜନଙ୍କ ଜୀବନକୁ ସର୍ବଦା ପ୍ରଭାବିତ କରିଥାଏ, ବର୍ତ୍ତମାନ ମୋ ପରିଶ୍ରମର ଉଦ୍ଦେଶ୍ୟ ଏବଂ ମୋ ଆଶା ଆକାଂକ୍ଷାର ବିଜୟ ମୋ'ର ହାତ ପାହାନ୍ତାରେ । ତେଣୁ ଏହି ଜ୍ଞାନ ଲାଭ କରିବା ତୁମର ନିହାତି ପ୍ରୟୋଜନ ।''

''ଗୁରୁଜୀ ! ଭାବନ୍ତୁ ନାହିଁ ଯେ ଏ ବିଷୟରେ ମୁଁ ଆପଣଙ୍କୁ ପ୍ରଶ୍ନ କରିବି । ବର୍ତ୍ତମାନ ପରିସ୍ଥିତିରେ ମୋ ଜୀବନରେ କାର୍ଯ୍ୟ ହେଉଛି କୁଟୀର ମଧ୍ୟରେ ଅଗ୍ନିକୁ ପ୍ରଜ୍ୱଳିତ କରି ରଖିବା ଓ କୁଟୀରଟିକୁ ଭଲ ଭାବରେ ଛପର କରିବା । ଯେପରିକି ବର୍ଷାପାଣି ସେଥିରୁ ନିର୍ଗତ ହେବନାହିଁ କିମ୍ବା ପବନରେ ଛପର ଉଡ଼ିଯାଇ ଗଛ ଡାଳରେ ଲାଖି ରହିବ ନାହିଁ । ଆହୁରି ମଧ୍ୟ ମୋର କାର୍ଯ୍ୟ ହେଉଛି, ବହି ଥାକରୁ ବୃହଦାକାର ପୁସ୍ତକ ସବୁକୁ ତଳକୁ ଆଣିବା ଏବଂ ଏକ ଅବ୍ୟଗ୍ରୀ ଓ ଭକ୍ତିପୂତ ହୃଦୟର ଅଧିକାରୀ ହେବା । ଈଶ୍ୱର ତାଙ୍କର ସମସ୍ତ ସଜୀବ ସୃଷ୍ଟି ପାଇଁ ଭିନ୍ନ ଭିନ୍ନ ଜ୍ଞାନ ପ୍ରଦାନ କରିଛନ୍ତି । ସେମାନଙ୍କ ପାଇଁ କିଛି କର୍ତ୍ତବ୍ୟ ସମ୍ପାଦନ କରିବା ହେଉଛି ମୋ'ର ଜ୍ଞାନ ।''

''ତୁମେ ଭୟଭୀତ ଅଛ'', ବୃଦ୍ଧ ବ୍ୟକ୍ତି ଜଣକ କହିଲେ, ଏବଂ ତାଙ୍କର ଚକ୍ଷୁଯୁଗଳ ସାମୟିକ କ୍ରୋଧରେ ଝଲସି ଉଠିଲା ।

ପିଲାଟି କହିଚାଲିଲା, ''ବେଳେ ବେଳେ ରାତିରେ ଆପଣ ଯେତେବେଳେ ଗାଢ଼ , ଲାଲ୍ ରଙ୍ଗିଆ ଆଣ୍ ଗଛର ବାଡ଼ିଟିଏ ହାତରେ ଧରି ଅଧ୍ୟୟନରତ ଥାଆନ୍ତି, ସେତେବେଳେ ମୁଁ ଦୁଆର ମୁହଁ ସାମ୍ନା ଅଞ୍ଚଳକୁ ଚାହିଁ ରୁହେ ଓ ଏକ ବିରାଟକାୟ ଧୂସରିଆ ଲୋକଟିଏ ହାଜେଲ୍ ଗଛ ମଧ୍ୟଦେଇ ଘୁଷୁରି ଆଡ଼େଇ ଆସୁଥିବାର ଦେଖେ ଏବଂ ସେହି ସମୟରେ ଲାଲ୍ ଟୋପି ପିନ୍ଧିଥିବା ଅନେକ କ୍ଷୁଦ୍ରାକାର ବ୍ୟକ୍ତି ସେମାନଙ୍କ ସାମ୍ନାରେ କେତେଗୁଡ଼ିଏ ଧଳା କ୍ଷୁଦ୍ରାକାର ବ୍ୟକ୍ତି ସେମାନଙ୍କ ସାମ୍ନାରେ କେତେ ଗୁଡ଼ାଏ ଧଳା ଗାଈମାନଙ୍କୁ ଆଡ଼େଇ ହ୍ରଦପଟୁ ଆସୁଥିବାର ମଧ୍ୟ ଦେଖିବାକୁ ପାଏ । ସେହି ଧୂସରିଆ ଲୋକଟିକୁ ମୁଁ ଯେତିକି ଭୟ କରେ, କ୍ଷୁଦ୍ରାକାର ମଣିଷମାନଙ୍କୁ ମୁଁ ସେତିକି ଭୟ କରେ ନାହିଁ । କାରଣ ହେଉଛି ସେମାନେ ଯେତେବେଳେ ଘର ପାଖକୁ ଆସନ୍ତି, ସେତେବେଳେ ସେମାନେ ଗାଈ ଦୁହଁନ୍ତି, ଫେନିଳ ଦୁଗ୍ଧକୁ ପାନ କରନ୍ତି ଏବଂ ନୃତ୍ୟକରିବା ଆରମ୍ଭ କରନ୍ତି । ମୁଁ ଜାଣେ ନୃତ୍ୟକୁ ଭଲ ପାଉଥିବା ହୃଦୟ ସୁସ୍ଥ ରୁହେ । କିନ୍ତୁ ସେ ସବୁ କାର୍ଯ୍ୟ ପାଇଁ ମୁଁ ସେମାନଙ୍କୁ ଭୟ କରେ ଏବଂ ମୁଁ ମଧ୍ୟ ଭୟ କରେ ବାୟୁ ମଣ୍ଡଳରୁ ଅବତରଣ କରୁଥିବା ସେହି ଶ୍ୱେତ ବାହୁଯୁକ୍ତା ରମଣୀମାନଙ୍କୁ, ଯେଉଁମାନେ ଗୋଲାପ ଫୁଲ ଓ କର୍ଣ୍ଣ ଫୁଲରେ ସେମାନଙ୍କ ମସ୍ତକକୁ ଶୋଭନୀୟ ଭାବରେ ମଣ୍ଡିତ କରିଥାନ୍ତି ଏବଂ ଏଣେତେଣେ ଧୀର ପଦରେ ବିଚରଣ କରୁଥାନ୍ତି, ଯେଉଁମାନଙ୍କର ଜୀବନ୍ତ କେଶରାଶି ଅସ୍ଥିର ହୋଇ ଉଠୁଥାନ୍ତି ମସ୍ତକରେ ଶୋଭିତ କମନୀୟ ପୁଷ୍ପଗୁଚ୍ଛର ସଙ୍ଗ ଲାଭକରିବା ପାଇଁ । ମୁଁ ଶୁଣିବାକୁ ପାଇଛି ଯେ ସେହି

କେଶରାଶିସବୁ ବେଳେବେଳେ ମୁକୁଳିତ ହୋଇ ଓ କେତେବେଳେ ସେମାନଙ୍କ ମସ୍ତକର ପାର୍ଶ୍ୱଦେଶରେ ଏକତ୍ର ଭାବରେ ସମାବେଶ ହୋଇ ସେମାନଙ୍କର ଭାବନାର ଇଙ୍ଗିତରେ କିପରି ସେହି କ୍ଷୁଦ୍ରକାର ମଣିଷମାନଙ୍କ ସହିତ କଥା ହୁଅନ୍ତି । ସେମାନଙ୍କର ମୁଖମଣ୍ଡଳ କୋମଳ ଓ ସୁନ୍ଦର, କିନ୍ତୁ ମୁଁ 'ସିଦ୍ଧେ'ଙ୍କୁ ଭୟ କରେ ଏବଂ ଭୟଙ୍କରେ ସେହି କଳାକୁ, ଯିଏ ସେମାନଙ୍କୁ ଆମର ନିକଟବର୍ତ୍ତୀ କରାଏ ।''

ବୃଦ୍ଧ ବ୍ୟକ୍ତିଟି କହିଲେ, ''ତୁମେ କାହିଁକି ସେହି ପୁରାତନ ଈଶ୍ୱରଙ୍କୁ ଭୟ କରୁଛ, ଯିଏ ତୁମ ପିତା ଓ ତାଙ୍କର ପିତା ଏବଂ ପ୍ରପିତାମହଙ୍କୁ ସାହସିକତାର ସହିତ ଯୁଦ୍ଧ କରିବା ପାଇଁ ଆବଶ୍ୟକ ହେଉଥିବା ବର୍ଚ୍ଛା ତିଆରି କରିଥିଲେ ? ତୁମେ କାହିଁକି ସେହି କ୍ଷୁଦ୍ରକାର ବ୍ୟକ୍ତିଙ୍କୁ ଭୟ କରୁଛ, ଯେଉଁମାନେ ରାତ୍ରିରେ ହ୍ରଦର ଗଭୀରତା ମଧ୍ୟରୁ ବାହାରି ଆସି ଜ୍ୱଳନ୍ତ ଚୁଲ୍ଲୀର ଚତୁପାର୍ଶ୍ୱରେ ଉଡ଼ିବୁଲୁଥିବା ଝିଙ୍କାରିଙ୍କ ଗହଣରେ ସଙ୍ଗୀତ ଗାନକରନ୍ତି ? ଆମର ଦୁର୍ଦ୍ଦିନରେ ସେମାନେ ଏବେ ବି ଆମ ପୃଥିବୀ ସୌନ୍ଦର୍ଯ୍ୟର ସୁରକ୍ଷା କରୁଛନ୍ତି । କିନ୍ତୁ ମୁଁ ତୁମକୁ ନିଶ୍ଚିନ୍ତ ଭାବରେ କହିବି, ମୁଁ କାହିଁକି ଉପବାସ କରିଛି ଓ ପରିଶ୍ରମ କରିଛି; ଯେଉଁ ସମୟରେ ଅନ୍ୟମାନେ ପରିଣତ ବୟସର ଅନ୍ତିମ ଭାଗରେ ନିଦ୍ରାରେ ନିମଗ୍ନ ରୁହନ୍ତି । ତୁମର ଥରୁଟିଏ ସାହାଯ୍ୟ ବିନା ମୁଁ କେବେହେଲେ ସଫଳତାର ସହିତ ଉପବାସ ଓ ପରିଶ୍ରମ କରିପାରିନଥାନ୍ତି । ମୋ' ପାଇଁ ତୁମର ଏହା ଶେଷ କାର୍ଯ୍ୟ । ତୁମେ ଏବେ ଯାଇପାର । ନିଜ ପାଇଁ କୁଡ଼ିଆଟିଏ ନିର୍ମାଣ କର ଓ ନିଜର ଜମି ଚାଷ କର । କୌଣସି ଏକ ଝିଅକୁ ପସନ୍ଦ କରି ବିବାହ କରିନିଅ । ଏବଂ ପୁରାତନ ଈଶ୍ୱରଙ୍କୁ ଭୁଲିଯାଅ । ମୋ ମୃତ୍ୟୁ ପୂର୍ବରୁ ଏହି ଛୋଟ କୁଡ଼ିଆରେ ମୁଁ କିଛି ଅର୍ଥ ରଖିଯାଇଥିବି, ଯେଉଁଥିରେ ତୁମେ ତୁମ କୁଡ଼ିଆର ଛପରକୁ ମଜଭୁତ କରି ତିଆରି କରିବ ଏବଂ ଭୂଗର୍ଭସ୍ଥ କୋଠରୀରେ ଜିନିଷପତ୍ର ସଞ୍ଚିତ କରି ରଖିବ ଓ କାନ୍ଥ ଆଲମାରିରେ ଖାଦ୍ୟପୂର୍ଣ୍ଣକରି ରଖିବ । ଜୀବନ ସାରା ମୁଁ ଜୀବନର ରହସ୍ୟ ଉନ୍ମୋଚନ କରିବାରେ ସମୟ ବିତେଇ ଦେଇଛି । ଯୌବନାବସ୍ଥାରେ ମୁଁ ସୁଖୀ ନଥିଲି କାରଣ ମୁଁ ଜାଣିଥିଲି ଯେ ଏହା କ୍ଷଣସ୍ଥାୟୀ, ଦେଖୁ ଦେଖୁ ଏହି ଅବସ୍ଥା ଅତିକ୍ରାନ୍ତ ହୋଇଯିବ । ପୁରୁଷାବସ୍ଥାରେ ମଧ୍ୟ ମୁଁ ସୁଖୀ ନଥିଲି, କାରଣ ମୁଁ ଜାଣିଥିଲି ଯେ ଜୀବନରେ ବୟସଚକ୍ରର ଗତିରେ ଏହି ଅବସ୍ଥାର ମଧ୍ୟ ଅନ୍ତ ଘଟିବ । ତେଣୁ, ଯୌବନାବସ୍ଥା, ପୁରୁଷାବସ୍ଥା ଓ ସାରାଜୀବନକାଳ ମଧ୍ୟରେ ମୁଁ ସେହି ମହାନ୍ ରହସ୍ୟର ଅନ୍ୱେଷଣରେ ନିଜକୁ ସମର୍ପି ଦେଇଥିଲି । ମୁଁ ଏପରି ଏକ ଜୀବନ ପାଇଁ ବ୍ୟାକୁଳିତ ଥିଲି, ଯାହାର ପ୍ରାଚୁର୍ଯ୍ୟତା ଅନେକ ଶତାବ୍ଦୀକୁ ପରିପୂର୍ଣ୍ଣ କରି ରଖିଥିବ । ମୁଁ ଅଶୀଟି ଶୀତର ଜୀବନକୁ ଘୃଣା କରୁଥିଲି । ଦେଶର ପୁରାତନ ଈଶ୍ୱରମାନଙ୍କ ପରି ମୁଁ ହୋଇପାରିବି ! ଯୁବକ ଅବସ୍ଥାରେ ସ୍ପେନର ଏକ ଆଶ୍ରମରେ ରହିଥିବା ଏକ ଇହୁଦି ପାଣ୍ଡୁଲିପି ଅଧ୍ୟୟନ କରିବାର ସୁଯୋଗ ଲାଭ କରିଥିଲି । ସେଥିରେ ଲେଖାଥିଲା ଯେ, ସୂର୍ଯ୍ୟ ମେଷ ରାଶିକୁ ଚଳନ କରିବା ପରେ ଓ ସିଂହ ରାଶିକୁ ଅତିକ୍ରମ କରିବା ପୂର୍ବରୁ ଏମ ମୁହୂର୍ତ୍ତ ଆସେ ଯାହାକି ଅମର ଶକ୍ତିର ସଙ୍ଗୀତରେ କମ୍ପିତ ହୁଏ ଓ ଯେଉଁ ବ୍ୟକ୍ତିମାନେ ଏହି ମୁହୂର୍ତ୍ତକୁ ଆବିଷ୍କାର କରନ୍ତି ଏବଂ ସେହି ସଙ୍ଗୀତକୁ ଶ୍ରବଣ କରନ୍ତି, ସେମାନେ ଅମର ଶକ୍ତି ସ୍ୱରୂପ ହୋଇଯାନ୍ତି । ମୁଁ ଆୟାରଲାଣ୍ଡକୁ ପ୍ରତ୍ୟାବର୍ତ୍ତନ କରିବା ପରେ ପରି ମନୁଷ୍ୟ ଓ ଗୋ-ଡାକ୍ତର ମାନଙ୍କୁ ପଚାରି ଜାଣିବାକୁ ଚାହିଁଲି, ସେମାନେ ଏହି ମୁହୂର୍ତ୍ତର ଆଗମନ ସମ୍ପର୍କରେ ଅବଗତ ଅଛନ୍ତି କି ନାହିଁ । ଯଦିଓ ସମସ୍ତେ ଏ ସମ୍ପର୍କରେ ଶୁଣିଥିଲେ, କାହାକୁ ହେଲେ ସମୟ ସୂଚକ ଘଡ଼ି ଉପରେ ଏହି ମୁହୂର୍ତ୍ତର ଉପସ୍ଥିତି ସମ୍ପର୍କରେ ମାଲୁମ ନଥିଲା । ତେଣୁ ମୁଁ ଯାଦୁବିଦ୍ୟାରେ ମନୋନିବେଶ କଲି । ଉପବାସ ଓ ପରିଶ୍ରମରେ ମୁଁ ମୋ ଜୀବନକୁ ଅତିବାହିତ କଲି । ଆଶା ରଖିଥିଲି ଯେ ଈଶ୍ୱର ଓ ପରି ରାଇଜର ମନୁଷ୍ୟଙ୍କୁ ମୋ ସପକ୍ଷକୁ ଆଣିବି ଏବଂ ପରିଶେଷରେ ଏବେ ପରିଭାଇଜର

ଜଣେ ମନୁଷ୍ୟ ମୋତେ କହିଛନ୍ତି ଯେ, ସେହି ମୁହୂର୍ତ୍ତ ଆସନ୍ନ । ଲାଲ୍ ରଙ୍ଗର ଏକ ଟୋପି ପରିଧାନ କରିଥିବା ଜଣେ ମନୁଷ୍ୟ, ଯାହାଙ୍କର ଅଧର ସଦ୍ୟ ଦୋହନୀତ ଦୁଗ୍ଧ ଫେଣର ଶୁଭ୍ରତାରେ ଶୁଭ୍ର ଦିଶୁଥିଲା । ମୋ'ର କର୍ଣ୍ଣରେ ସେ ଫୁସ୍‌ଫୁସ୍ କରି ଏହି କଥା କହିଲେ । ଆସନ୍ତା କାଲି ପ୍ରତ୍ୟୁଷ ପରେ ଏକ ଘଣ୍ଟାର ପରିସମାପ୍ତିର ଠିକ୍ ପୂର୍ବରୁ ମୁଁ ସେହି ମୁହୂର୍ତ୍ତକୁ ଆବିଷ୍କାର କରିବି ଏବଂ ତା'ପରେ ମୁଁ ଦକ୍ଷିଣ ରାଜ୍ୟକୁ ଗମନ କରିବି ଏବଂ କମଳା ଗଛର ପରିବେଷ୍ଟନୀ ମାଧ୍ୟମରେ ଧଳା ମାର୍ବଲରେ ଏକ ରାଜ ପ୍ରାସାଦ ନିର୍ମାଣ କରିବି । ସାହସୀ ଓ ସୁନ୍ଦର ମଣିଷକୁ ଏକତ୍ର କରି ନିଜର କିପରି ଏବଂ ମୋ ଯୌବନର ଅମର ରାଜ୍ୟରେ ପ୍ରବେଶ କରିବି । କିନ୍ତୁ ମୁଁ ସମସ୍ତ ସଙ୍ଗୀତକୁ ଶ୍ରବଣ କରିପାରେ । ନିକଟରେ ଦୁହାଁ ଯାଉଥିବା ନୂତନ ଦୁଗ୍ଧର ଫେଣ ଯେଉଁ କ୍ଷୁଦ୍ରାକାର ମନୁଷ୍ୟର ଅଧରରେ ଲାଗି ରହିଥିଲା, ସେ ମୋତେ କହିଲେ ଯେ ତୁମକୁ ନିଶ୍ଚିତ ଭାବରେ କୌଣସି ଗଛରୁ ପୁଳାଏ ସବୁଜ ଶାଖା ସଂଗ୍ରହ କରିବାକୁ ହେବ ଏବଂ ମୋ କୋଠରୀର ଦୁଆର ମୁହଁ ଓ ଝରକା ନିକଟରେ ଥୁଳ କରିବାକୁ ହେବ । ତା'ପରେ ତୁମକୁ ଚଟାଣ ଉପରେ ଜାତା ସବୁଜ ତୃଣ ବିଛେଇବାକୁ ପଡ଼ିବ ଏବଂ ସନ୍ନ୍ୟାସୀମାନଙ୍କ ପ୍ରବର ଗୋଲାପ ଫୁଲ ଓ କଇଁ ଫୁଲରେ ଟେବୁଲ୍ ଓ ତୃଣର ଶଯ୍ୟାକୁ ଆବୃତ କରିବାକୁ ହେବ । ଆଜି ରାତ୍ରିରେ ତୁମକୁ ଏହା ସମ୍ପାଦନ କରବାକୁ ପଡ଼ିବ । ପ୍ରତ୍ୟୁଷ ପରେ ଏକ ଘଣ୍ଟାର ଶେଷଭାଗ ଆନକୁ ତୁମେ ନିଶ୍ଚିତ ଆସିବ ଓ ମୋତେ ଆବିଷ୍କାର କରିବ ।''

ପିଲାଟି କହିଲା, ''ତା'ପରେ କ'ଣ ଆପଣ ସମ୍ପୂର୍ଣ୍ଣ ଭାବରେ ଯୁବକ ହୋଇଯିବେ ?''

ବୃଦ୍ଧ ବ୍ୟକ୍ତିଟି କହିଲେ, ''ସେତେବେଳେ ମୁଁ ତୁମ ଭଳି ଯୁବକ ହୋଇଯିବି, କିନ୍ତୁ ବର୍ତ୍ତମାନ ମୁଁ ତଥାପି ବି ବୃଦ୍ଧ ଓ କ୍ଳାନ୍ତ । ମୋତେ ତୁମେ ମୋ'ର ତକିଆ ଓ ପୁସ୍ତକ ନିକଟକୁ ନେଇଯିବାରେ ନିଶ୍ଚିତ ଭାବରେ ସାହାଯ୍ୟ କରିବ ।''

ପିଲାଟି ଯେତେବେଳେ ବୃଦ୍ଧ (ଯାଦୁକର)ଙ୍କୁ ତାଙ୍କର କୋଠରୀରେ ଛାଡ଼ି ଦେଇ ଆସିଲା ଏବଂ ପ୍ରଦୀପ ପ୍ରଜ୍ଜ୍ୱଳନ କଲା, ସେଥିରୁ ଏକ ଆଶ୍ଚର୍ଯ୍ୟଜନକ ମଧୁର ବାସ୍ନାର ମହକ ଯେପରି ନିସୃତ ହେଉଥିଲା । ପ୍ରଦୀପଟିର ନିର୍ମାଣ ତରିକା ସେହିପରି ଥିଲା । ପିଲାଟି ତା'ପରେ ଜଙ୍ଗଲକୁ ଗଲା । ହାଜେଲ୍ ବୃକ୍ଷରୁ ସବୁଜ ଶାଖା କାଟିବା ଆରମ୍ଭ କଲା । ଦ୍ୱୀପର ପଶ୍ଚିମ ସୀମାଞ୍ଚଳରୁ ତୃଣ କାଟି ବଡ଼ ବଡ଼ ବିଡ଼ା ବାନ୍ଧିଲା । ସେହି ଅଞ୍ଚଳରେ ରହିଥିବା ଛୋଟ ଛୋଟ ପାହାଡ଼ର ସ୍ଥିତିରେ ପରିବର୍ତ୍ତନ ଆସି ସୃଷ୍ଟି ହୋଇଥିଲା ଗଡ଼ାଣିଆ ବାଲୁକା ଓ ମୃତ୍ତିକା ସ୍ତୂପ । ସେହି ସ୍ଥାନରୁ ଆବଶ୍ୟକତା ଅନୁଯାୟୀ ଯଥେଷ୍ଟ ପରିମାଣର ତୃଣ କାଟିବା ପୂର୍ବରୁ ରାତ୍ରି ଆସିଯାଇଥିଲା । ଏବଂ ଯଥା ସ୍ଥାନକୁ ଶେଷ ତୃଣ ବିଡ଼ା ବୋହିନେବା ପୂର୍ବରୁ ଏବଂ ଗୋଲାପ ଫୁଲ ଓ କଇଁ ଫୁଲ ସଂଗ୍ରହ କରିବା ପାଇଁ ପେରିଯିବା ପୂର୍ବରୁ ପ୍ରାୟ ମଧ୍ୟରାତ୍ରି ବିରାଜମାନ କରିଥିଲା । ରାତ୍ରିଟି ବହୁତ ସୁନ୍ଦର ଓ ଉଷ୍ଣତାର ଆରାମ ପ୍ରଦାନ କରୁଥିଲା । ଜଣାପଡୁଥିଲା ଯେମିତି ପ୍ରତ୍ୟେକ ଜିନିଷ ମୂଲ୍ୟବାନ ପଥରର କଳାକୃତିରେ ନିର୍ମିତ ହୋଇଥିଲା । ଦକ୍ଷିଣରେ ରହିଥିବା 'ସ୍ଲିୟୁଥ୍ ଉଡ୍' ପରିଦୃଶ୍ୟ ହେଉଥିଲା, ସତେ ଯେପରି ତାହା 'ସବୁଜ ବୋଣିଲ୍' ନାମକ ମୂଲ୍ୟବାନ୍ ପଥରରୁ ଖୋଦିତ ହୋଇଛି । ଯେଉଁ ଜଳରାଶି ଏହାକୁ ପ୍ରତିଫଳିତ କରୁଥିଲା, ତାହା ମୂଲ୍ୟବାନ୍ ପାଣ୍ଡୁର ଓ ପାଲ୍ ପଥର ପରି ଉଦ୍ଭାସିତ ହେଉଥିଲା । ପିଲାଟି ଯେଉଁ ଗୋଲାପ ଫୁଲ ତୋଳି ଜମା କରିଥିଲା, ତାହା ରକ୍ତବର୍ଣ୍ଣର ବହୁମୂଲ୍ୟ ରୁବି ମଣି ଭଳି ଉଜ୍ଜ୍ୱଳିତ ଦିଶୁଥିଲା । କେଉଁ ଫୁଲର ଶୋଭା ମୁକ୍ତାର ଫିକା ଶୁଭ୍ରତାର ଅନୁରୂପ ଥିଲା । ପ୍ରତ୍ୟେକ ଜିନିଷର ରୂପରେ ଯେପରି ଅକ୍ଷୟଶୀଳତାର ଛାପ ରହିଥିଲା । କେବଳ ଏକ ଜୁଳୁଜୁଳିଆ ପୋକଟିଏ ଛାଇ ଅନ୍ଧକାର ସ୍ଥାନରେ ଧୀରେ ଧୀରେ ଏଣେ ତେଣେ ଉଡ଼ି ବୁଲୁଥିଲା । ତା'ର ନିସ୍ତବ୍ଧ ଶିଖା

ସ୍ଥିର ଭାବରେ ଝଟକୁଥିଲା । ଜୁଳୁଜୁଳିଆ ପୋକଟି ଏକମାତ୍ର ଜୀବ ଭାବରେ ବଞ୍ଚିଥିବା ଭଳି ଦୃଷ୍ଟିଗୋଚର ହେଉଥିଲା । ମରଣଶୀଳ ଆଶା ଭଳି ତାହା ବିନାଶଶୀଳ ରୂପରେ ପ୍ରତୀୟମାନ ହେଉଥିଲା । ବହୁ ସଂଖ୍ୟକ ଗୋଲାପ ଫୁଲ ଓ କର୍ଣ୍ଣ ଫୁଲକୁ ନିଜ ବାହୁରେ କୁଣ୍ଢେଇ ଧରିଥିଲା ପିଲାଟି । ଜୁଳୁଜୁଳିଆ ପୋକଟିକୁ ଧରି ପର୍ଣ୍ଣ ଓ ରୁବି ସଦୃଶ ଗୋଲାପ ଓ କର୍ଣ୍ଣଫୁଲର ମଧ୍ୟସ୍ଥଳୀକୁ ନେଇଗଲା । ବୃଦ୍ଧ ଲୋକଟି ଅର୍ଦ୍ଧନିଦ୍ରିତ ଅବସ୍ଥାରେ ସେଠାରେ ବସି ରହିଥିଲେ । ଦେଇଥିବା ତୃଣ ବିଦାକୁ ଖୋଲି ପିଲାଟି ତାକୁ ଚଟାଣ ଓ ଟେବୁଲ୍ ଉପରେ ବହଳିଆ କରି ପକାଇ ଦେଲା । ତା'ପରେ ସେ ଏକ ଗ୍ରହଣୀୟ ସ୍ତ୍ରୀ ଓ ହାସ୍ୟାତଲ୍ଲୀନ ସନ୍ତାନସନ୍ତତି ଲାଭକରି ପୁରୁଷାବସ୍ଥାର ସୁଖମୟ ଜୀବନ ବିତେଇବାର ସ୍ୱପ୍ନ ଦେଖିବା ପାଇଁ କବାଟକୁ ଧୀରେ ବନ୍ଦ କରିଦେଲା ଓ ଚଟାଣରେ ଆଚ୍ଛାଦିତ ତୃଣ ଶଯ୍ୟା ଉପରେ ଶୟନ କଲା । ଭୋରୁ ଭୋରୁ ସେ ନିଦରୁ ଉଠିପଡ଼ିଲା ଓ ସମୟ ସୂଚକ ଘଣ୍ଟିକୁ ଧରି ହୁଦଦାରକୁ ଗଲା । ବୁଢ଼ାଙ୍କ ପାଇଁ ଦଳାରେ କିଛି ପାଉଁରୁଟି ଓ ସୁରା ରଖିଦେଲା, ଯେପରି ତାଙ୍କ ଯାତ୍ରାର ପ୍ରାରମ୍ଭରେ ସେ ଖାଦ୍ୟାଭାବ ସମସ୍ୟାର ସମ୍ମୁଖୀନ ହେବେ ନାହିଁ । ତା'ପରେ ସେ ସୂର୍ଯ୍ୟାସ୍ତ ପରେ ଏକ ଘଣ୍ଟାର ଶେଷ ସମୟ ପର୍ଯ୍ୟନ୍ତ ଅପେକ୍ଷା କରି ରହିଲା । କ୍ରମଶଃ ପକ୍ଷୀମାନେ ରାବ କରିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଲା । କ୍ରମଶଃ ପକ୍ଷୀମାନେ ରାବ କରିବା ଆରମ୍ଭ କରିଦେଲେ । ଯେତେବେଳେ ଶେଷ ବାଲୁକା କଣିକା ନିପତିତ ହେଉଥିଲା, ଲାଗୁଥିଲା ହଠାତ୍ ସମସ୍ତ ଜିନିଷ ଯେପରି ସେମାନଙ୍କ ସଙ୍ଗୀତର ଝଙ୍କାରରେ ଝଙ୍କୃତ ହୋଇ ଉଠୁଥିଲା । ସାରା ବର୍ଷର ଏହି ସମୟ ହେଉଛି ସବୁଠାରୁ ଅଧିକ ସୁନ୍ଦର ଓ ଉଦ୍ଭାବିତ ମୁହୂର୍ତ୍ତ । ବସନ୍ତ ଋତୁର ହୃଦୟ ଏଥିରେ ସ୍ପନ୍ଦିତ ହେଉଥିବାର ଜଣେ ଶ୍ରବଣ କରିପାରିବ । ପିଲାଟି ଶଯ୍ୟା ତ୍ୟାଗ କରି ବୁଢ଼ାଙ୍କୁ ଖୋଜିବାକୁ ବାହାରିଗଲା । କୋଠରୀର ଦୁଆର ମୁହଁ ବୃକ୍ଷରୁ ହଣାହୋଇ ଆସିଥିବା ସବୁଜ ଶାଖାରେ ପରିପୂର୍ଣ୍ଣ ହୋଇଥିବାରୁ ସେ ସବୁକୁ ଆଡେଇ ତାକୁ କୋଠରୀ ମଧ୍ୟକୁ ଯିବାକୁ ପଡ଼ିଲା । ଯେତେବେଳେ ପିଲାଟି କୋଠରୀ ମଧ୍ୟରେ ପ୍ରବେଶ କଲା, ସେତେବେଳେ ଚଟାଣ କାନ୍ଥ ଓ ଟେବୁଲ୍ ଉପରେ ସୂର୍ଯ୍ୟାଲୋକ ବୃତ୍ତାକାରରେ ଦିପ୍ ଦିପ୍ ହୋଇ ପଡୁଥିଲା ।

ସବୁ ଜିନିଷ କୋମଳ, ସବୁଜ ଛାଇରେ ପରିପୂର୍ଣ୍ଣ ହୋଇଥିଲା । କିନ୍ତୁ ବୃଦ୍ଧ ଲୋକଟି ସମସ୍ତ ଗୋଲାପ ଫୁଲ ଓ କର୍ଣ୍ଣଫୁଲକୁ ନିଜ ବାହୁ ମଧ୍ୟରେ ଶକ୍ତ ଭାବରେ ଜାବୁଡ଼ି ଧରି ବସି ରହିଥିଲା । ଛାତି ଉପରେ ଲୋଟି ପଡ଼ିଥିଲା ତାଙ୍କର ମସ୍ତକ । ତାଙ୍କର ବାମ ହସ୍ତ ନିକଟରେ ଟେବୁଲ୍ ଉପରେ ଚମଡ଼ାର ଗୋଟିଏ ଅର୍ଥଥଳି ରହିଥିଲା । ଯେଉଁଥିରେ ସ୍ୱର୍ଣ୍ଣ ଓ ରୌପ୍ୟଖଣ୍ଡ ସବୁ ପୁରି ରହିଥିଲା, ଯାହାକି କୌଣସି ସ୍ଥାନକୁ ଯାତ୍ରା କରିବା ଲାଗି ଉଦ୍ଦିଷ୍ଟ ଥିଲା । ତାଙ୍କର ଦକ୍ଷିଣ ହସ୍ତ ନିକଟରେ ଗୋଟିଏ ଲମ୍ବା ବାଡ଼ି ରହିଥିଲା । ପିଲାଟି ବୃଦ୍ଧ ଲୋକଟିକୁ ସ୍ପର୍ଶ କଲା । ହେଲେ ତାଙ୍କର ପ୍ରତିକ୍ରିୟା କିଛି ନଥିଲା । ତା'ପରେ ପିଲାଟି ତାଙ୍କର ଦୁଇ ହାତକୁ ଉପରକୁ ଟେକି ଧରିଲା, କିନ୍ତୁ ଅତ୍ୟଧିକ ଥଣ୍ଡାରେ ନିସ୍ତେଜ ହୋଇ ରହିଥିଲା ହାତ ଦୁଇଟି ତତ୍‌କ୍ଷଣାତ୍ ଜୋର୍‌ରେ ତଳକୁ ଝୁଲି ପଡ଼ିଲା ।

ପିଲାଟି କହିଲା, 'ଭଲ ହୋଇଥାନ୍ତା ଯଦି ସେ ତାଙ୍କର ପ୍ରାର୍ଥନା କରିଥାନ୍ତେ ଓ ତାଙ୍କର ଜପମାଳିକୁ ଚୁମି ରହିଥାନ୍ତେ ।'' ବୃଦ୍ଧଙ୍କର ଛିନ୍ନ ଉଜ୍ଜ୍ୱଳ ନୀଳ ଭେଲଭେଟ୍ ବସ୍ତ୍ରଟି ଉପରେ ପିଲାଟିର ନଜର ପଡ଼ିଲା । ଫୁଲର ପରାଗ ରେଣୁ ଜମି ରହିଥିଲା ସେଥିରେ । ତାକୁ ସେ ଚାହିଁ ରହିଥିବା ବେଳେ ଝରକା ନିକଟରେ ବୃକ୍ଷରୁ କଟା ହୋଇ ଆସି ଗଦା ହୋଇଥିବା ଶାଖା ଉପରେ ପୂର୍ବରୁ ଆସି ବସିରହିଥିବା ଥ୍ରସ୍ ପକ୍ଷୀଟିଏ ସଙ୍ଗୀତ ଗାନକରିବା ଆରମ୍ଭ କରିଦେଲା । ❒

# କେବଳ ସେହି ଦିନକୁ ଅପେକ୍ଷା

ଅଧ୍ୟାପକ ବିଜୟ କୁମାର ମିଶ୍ର
ବିଭାଗୀୟ ମୁଖ୍ୟ, ଶିକ୍ଷା ବିଭାଗ

କେତେଥର ଆସି ସରପଞ୍ଚ, କୁଳିନେତା, ଖୋଜିଦେଇଗଲେଣି ମକରଧ୍ୱଜ ଓରଫ୍ ମକରାକୁ । କାରଣ ଏମାନଙ୍କ ତାଗିଦ୍ ଯାହା ହେଲେ ବି ଗାଁରୁ ଶହେରୁ ଦେଢ଼ଶ ପର୍ଯ୍ୟନ୍ତ ଲୋକ ଯିବା ଦରକାର । ମକରାକୁ ନିଶ୍ଚୟ ଆଣିବାକୁ ହେବ । କାରଣ ମକରା ହାତରେ ଗାଁର ପନ୍ଦର ବରଷରୁ ତିରିଶ ବରଷ ପର୍ଯ୍ୟନ୍ତ ଟୋକା । ତା' ହାତରେ ଯେଉଁ କାମ ଦରକାର ପଡ଼ିବ ମକରାକୁ ଧରିଲେ ସବୁ ଠିକ୍ ହୋଇଯିବ । ତା'ଛଡ଼ା ଦୁଇ ଦୁଇଟା ବାତ୍ୟାପରେ ମକରା ବୁଢ଼ାଠାରୁ ଟୋକା ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରିୟ ପାତ୍ର ହୋଇଯାଇଛି । ଅସମୟରେ କେବଳ ଦରକାର ଗାଁର ଏକମାତ୍ର ଟୋକା ମକରା ।

ସେ ଯେଉଁ କଥା କହିବ କେହି ତା' କଥାକୁ ଟାଳି ପାରିବେ ନାହିଁ । ତାହାରି କଥାରେ ଗାଁରେ ନାଲି ସଡ଼କ ଜାଗାରେ କଟା ସଡ଼କ ହୋଇଛି । ନଳକୂଅ ବସିଛି, କ୍ଲବଘର ତିଆରି ହୋଇଛି, ରେସନ କାର୍ଡ଼ଠାରୁ ଆରମ୍ଭ କରି ଅଧାର କାର୍ଡ଼ ପର୍ଯ୍ୟନ୍ତ ଯାହାର ଯେତେବେଳେ ଦରକାର, ସବୁ ମକରା ଜରିଆରେ ହୋଇଛି ।

ହେଲେ ମକରା ଜମାରୁ ପାଠ ପଢ଼ିଛି ତୃତୀୟ ଶ୍ରେଣୀଯାଏ । ପା' ପୁଣି ଠିକ୍ କି ଭୁଲ୍ ସେଇଁ ସବୁ ଜାଣେ । ନାଁଟାକୁ ବହୁତ କଷ୍ଟେମଷ୍ଟେ ଇଂରାଜୀ ଆଉ ଓଡ଼ିଆରେ ଠିକ୍ କରି ଲେଖି ଜାଣିଛି, ବାସ୍ ତେଣିକି ସବୁ ତୁମେ ଲେଖିବ ।

ତେବେ ଆଜି କାହିଁକି ମକରା ଖୋଜା ଚାଲିଛି । କ'ଣ ପାଇଁ ତାହାର ଆଜି ଦରକାର ।

ଭୁବନେଶ୍ୱରରେ ଗୋଟେ ବଡ଼ ସଭା ହେବ, ସବୁ ଲୋକ ରାଇଜସାରା ବୁହାହୋଇ ଆସିବେ । ସମସ୍ତଙ୍କୁ ଖାଇବାକୁ ଦିଆଯିବ ସେଠାରେ । ତାବାଦେ ଜଣକୁ ଦୁଇଶହ ଟଙ୍କା ଲେଖାଏଁ ମଧ୍ୟ ଦିଆଯିବ । ଗାଡ଼ିରେ ସମସ୍ତେ ଯିବେ ଓ ରାଲିରେ ଯୋଗଦେବେ । ଖାଇବେ ପିଇବେ ଦୁଇଶହ ଟଙ୍କା ଆଣି ସେହି ଗାଡ଼ିରେ ଘରକୁ ସଂଧ୍ୟା ସୁଦ୍ଧା ଫେରିବେ ।

ଘରକୁ ଆସୁ ଆସୁ ମକରାର ଏକମାତ୍ର ଜେଜେମା ସୋଦରି ବୁଢ଼ୀ ରାଗ, ଗାଳି, ଅଭିମାନ,ସ୍ନେହଭରା କଣ୍ଠରେ କହିପକେଇଲା– ମକରାରେ ତୋତେ ନୁହଁ ସରପଞ୍ଚ ଆଉ କୁଳିନେତା ଯୋଗଣିଆ ଅକୁରା ଖୋଜି ଖୋଜି ଗଲେଣି । ତୁ କୁଆଡ଼େ ଆଜି ଭୌଁସର ଯିବୁ । ମକରା କହିଲା ଆସିଲା ବେଳେ ସବୁ ବାଟରେ ଦେଖା ହୋଇଥିଲେ, କଥା ହୋଇକରି ଏଇନେ ଆସୁଛି । ଗାଧୋଇପଡ଼ି ଚାଲିଯିବି । ଶୀଘ୍ର ଫେରି ଆସିବି ।

ଆରେ ଖାଇକରି କିଛି ଯିବୁନି । ସେମିତି ଯିବୁ, ଆଗରୁ ଟିକେ କହିଥିଲେ କ'ଣ ଦି'ଟା ଫୁଟାଇ ଦେଇଥାନ୍ତି । ତୁ କିଛି ଚିନ୍ତା କରନା ଜେଜେମା' । ସବୁ ସୁବିଧା ସରକାର କରିଛନ୍ତି । ଗାଡ଼ିରେ ନେବେ, ଖାଇବାକୁ ଦେବେ, ଫେରେ ଫେରିଲା ବେଳକୁ ହାତରେ ଯିବାଆସିବା ଖର୍ଚ୍ଚ ଦୁଇଶହ ଟଙ୍କା ମଧ୍ୟ ଦେବେ ।

ନିଆଁ ଲଗା ଟଙ୍କା କଥା ମୋତେ କହନା । କେମିତି ତୁ ଭଲରେ ଯାଇ ଭଲରେ ଆସେ । ସେହି ମୋର ଜଗା ପାଖରେ ଅଛି । ଭଲ କରି ଖାଇବୁ, ଖରାରେ ବେଶୀ ଠିଆ ହେବୁନି । ତୋ ଦେହ ଭଲ ନାହିଁ ହେଲା ! ତେଣିକି ତୋ ଇଚ୍ଛା ତୁ ଯାହା କରିବୁ ।

ଗାଁ ସେମୁଣ୍ଡରେ ବଡ଼ ବଡ଼ ଦୁଇଟା ବସ୍ ଠିଆ ହୋଇଗଲାଣି । ସମସ୍ତେ ବରଯାତ୍ରୀ ଗଲାଭଳିଆ ନୂଆ ନୂଆ ପ୍ୟାଣ୍ଟସାର୍ଟ ପିନ୍ଧି ବାହାରିଗଲେଣି । ସରପଞ୍ଚ ସମସ୍ତଙ୍କ ହାତରେ ଗୋଟେ ଗୋଟେ ବାଉଁଶ ପାଳିଆ ବାଡ଼ିରେ ଲାଗିଥିବା ପତାକା ଆଉ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ଼ ଧରାଇ ଦେଇଛି । ସେମାନେ ଭୁବନେଶ୍ୱରରେ ଧାଡ଼ିକରି ଯିବେ ଆଉ ହାତରେ ପ୍ଲାକାର୍ଡ଼କୁ ଧରିଥିବେ ।

ଗାଡ଼ି ଯାଇ ପହଞ୍ଚିଲା ଭୁବନେଶ୍ୱରରେ । ସମସ୍ତେ ଗାଡ଼ିରୁ ଓହ୍ଲାଇ ପଡ଼ି ଏକଜୁଟ ହେଲେ । ସମସ୍ତଙ୍କୁ ଏକଜୁଟ କରିବାର କାମ ହେଲା ମକରାର । ଦୁଇଧାଡ଼ି କରି ସମସ୍ତେ ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାହାରିଲେ । ମଝିରେ ଥାଏ ମକରା । ସ୍ଲୋଗାନ ଦି ଚାରିଟା ମୁଖସ୍ଥ କରି ତା'କୁ ବଡ଼ ପାଟିରେ କହି କହି ମଝିରେ ଚାଲିଥାଏ ମକରା । ବଡ଼ ବଡ଼ କୋଠା, ଶହ ଶହ ଗାଡ଼ିମଟର, କେତେକଥା- ସବୁ ଲେଖାଯାଇ ବଡ଼ ବଡ଼ ବ୍ୟାନର ଟଙ୍ଗା ଯାଇଛି । ସବୁକୁ ଯେମିତି ମକରା ଦେଖି ଦେଉଥାଏ, ଆହୁରି ଜୋରରେ ବଡ଼ ବଡ଼ ପାଟିକରି ସ୍ଲୋଗାନ ସବୁ ଦେଉଥାଏ ।

ଫଟବାଲାଙ୍କୁ ଦେଖି ମକରା ଆହୁରି ଜୋରରେ ଉତ୍ଫୁଲ୍ଲିତ ହୋଇ ଆହୁରି ବଡ଼ ବଡ଼ ପାହୁଣ ପକାଇ ଜୋର୍ ଜୋର୍ କରି ଚିଲେଇ ଚିଲେଇ ସ୍ଲୋଗାନ ଦେବା ଆରମ୍ଭ କଲା । ସମସ୍ତେ କହୁଥାନ୍ତି ମକରାଇ ତୋର ନୁହେଁ ଏଇ ଚାଲିବା ଓ କଥା କହିବା ନୁହଁ ଆଜି ଟିଭିରେ ଦେଖେଇବ । ଏକଥା ଶୁଣି ମକରା ଆହୁରି ଜୋର୍‌ରେ ତା'ର କାର୍ଯ୍ୟକ୍ରମ ଆରମ୍ଭ କରିଦେଲା ।

ରାଲି ପହଞ୍ଚିଗଲା ଠିକଣା ଜାଗାରେ । ସେତେବେଳକୁ ମକରାର ହୋସ୍ ଉଡ଼ିଯିବା ଉପରେ । ଭୀଷଣ ଖରା, କିଛି ଖାଇନି, ଶୋଷରେ ତାଳୁଫା ଲାଗିଯାଉଥାଏ । ମୁହଁ କଳାକାଠ ପଡ଼ିଗଲାଣି । ପାଖରେ ଥିବା ଦୋକାନକୁ ଯାଇ ପାଣିମୁନ୍ଦେ ମାଗିଲା । ସେ କହିଲେ ପାଉଚ ପାଣି ଅଛି ସାଧାପାଣି ନାହିଁ । ମକରା ମୁହଁ ଶୁଖେଇ ସେଇଠୁ ଫେରିଲା, ଖୋଜିଲା ସରପଞ୍ଚ ଆଉ କୁଜି ନେତାଙ୍କୁ । ହେଲେ ସେ ଭିଡ଼ ଭିତରେ ଆଉ ବା କାହାକୁ ପାଇବ ।

ଜଣେ ଆସି କହିଲା ଚାଲ ଖାଇବା ଦିଆଗଲାଣି । ମକରା ଆରପଟକୁ ଯାଇ ଯାହା ଦେଖିଲା, ତା' ହୋସ୍ ଉଡ଼ିଗଲା । ଗୋଟେ ବିରାଟ ଲାଇନ ଲାଗିଛି, ତା ନମ୍ବର ବୋଧେ ଶହେ ଜଣଙ୍କ ପଛକୁ । ତାକୁ ଧରେଇ ଦିଆଗଲା ଗୋଟେ ଖଲିପତରରେ ଥାଳି ଆଉ ଗୋଟେ ପାଣି ପାଉଚ । ଢକ ଢକ ସେହି ପାଣି ପାଉଚ ପିଇନେଲା ମକରା । ଆଉ ଗୋଟେ ମାଗିଲା ବେଳକୁ ସେ ଲୋକ ଆଉ ନାହିଁ ।

'ଅଧଘଣ୍ଟାଏ ପରେ ମକରାର ପାଳି ଆସିଲା । ଦୁଇ ଗାଡୁଆ ଭାତ, ଡାଲମା ଗୋଟେ ଡଙ୍କା ଆଉ ଆଚାର ଟିକିଏ । ବାସ୍ ଏତିକି । ମକରା ଭାବୁଥିଲା ଆଉ ଗଣ୍ଡେ ଭାତ ମାଗିବାକୁ, ମାତ୍ର ସେତିକି ପାଇବା ବେଳକୁ ତା'କୁ କିଏ ପଛରୁ ପେଲି ସାରିଲାଣି । ମକରା ଭାବିଲା ଖାଇସାରିଲେ ଆଉଥରେ ମାଗିବି । ପେଟ ପୁରେଇକି ଖାଇବି ।

ଦୁଇଗୁଣ୍ଡାରେ ମକରା ତା'କୁ ଗ୍ରାସିଦେଲା । ପାଖରେ ଥିବା ହାତଧୁଆ ଡ୍ରମ ଭିତରୁ ପାଣି ଆଣି ଦିଗିଲାସେ ପିଇଗଲା । ସେ କିଛି ନୁହେଁ ପୁଣି ଭାବିଲା ଆଉ ଥରେ ଠିଆ ହୋଇ ଖାଇବ । ଖାଇବା ପାଖରେ ପହଞ୍ଚିବା ସମ୍ଭବ ନୁହେଁ । କାରଣ ସେତେବେଳକୁ ସେ ଯେଉଁ ଲାଇନ ଦେଖିଲା ପ୍ରାୟ ଦେଢ଼କିଲୋମିଟର ଯାଏ ଲାଇନ ଲମ୍ବିଗଲାଣି ।

ଦିନସାରା ବାଧାକୁ ସମ୍ଭାଳି ନପାରି ପାଖରେ ଥିବା ଗଛମୂଳରେ ସୁଲୁସୁଲିଆ ପବନରେ ମକରା ଶୋଇଗଲା । ଟିକେ ବିଶ୍ରାମ ନେଇ ଉଠିଲେ ଗାଡ଼ି ପାଖକୁ ଚାଲିଯିବ । ଜଣକୁ ପଚାରିଲା ଗାଡ଼ି ଆମର କୁଆଡ଼େ ଗଲା । ସମସ୍ତେ କହିଲେ ଗାଡ଼ି ଏଇଠି ଆସିବ । ତୁମେ ତୁମର ଗାଡ଼ି ନମ୍ବର ଜାଣିଛ । ମକରା କହିଲା, ନେଳିଆ ଗାଡ଼ିଟା, ଆମ ଗାଁ ଗାଡ଼ି ଗୋଟେ, ମୁଁ ଯେଉଁଥିରେ ଆସିଥିଲି ସେଇଟା ଆମ ଗାଁ ଗାଡ଼ି ନୁହେଁ । ଆମ ଗାଁ ଗାଡ଼ିକୁ ମୁଁ ଚିହ୍ନିପାରିବି ।

ମକରା ଶୋଇକରି ସପନ ଦେଖୁଛି । ସପନ ଭାଙ୍ଗିଲା ବେଳକୁ ଦିନ ପାଞ୍ଚଟା । କାଉ କୋଇଲି ବି ପାଖରେ ନାହାନ୍ତି । ମକରା ଚାରିପଟେ କେବଳ ପଡ଼ି ରହିଛି ପ୍ଲାଷ୍ଟିକ୍ ଗିଲାସ ଆଉ ଦରଚିରା ଖଲି ପତର । ମକରାର ହୋସ୍ ଉଡ଼ିଗଲା । ସମସ୍ତେ କ'ଣ ପଳେଇଲେଣି । ମୋତେ କେହି ଡାକିଲେନି । ବଡ଼ ଅଜବ ଲୋକ ସବୁ । ସମସ୍ତଙ୍କୁ ମୁଁ ଖୋଜୁଛି, ଅଥଚ ମୋତେ ଛାଡ଼ି ସମସ୍ତେ ପଳେଇଲେଣି । ଆରେ ସରପଞ୍ଚ, ଯୁବନେତା ଆଉ ଏମେଲେ ସବୁ ଗଲେ କୁଆଡ଼େ ।

ମକରାର ପାଦତଳୁ ମାଟି ଖସିଗଲା । ମନେପଡ଼ିଲା ତା'ର ଜେଜେମା'ର କଥା । ବିଲ ମୁଣ୍ଡରେ ବନ୍ଧା ହୋଇଛି ଗାଈଟା । ସଂଜ ବୁଡ଼ିବାକୁ ବସିଲାଣି, କେମିତି ଗାଁକୁ ଯିବ । ଜେଜେମା' ବ୍ୟସ୍ତ ହେଉଥିବ ।

ତା'ରି ଆଖି ସାମ୍ନାରେ ଗୋଟେ ଟ୍ରକ୍ ଦେଖିଲା । ଗାଡ଼ିଟା ଯିବା ଯିବା ଉପରେ ହେଉଛି । ମକରା ଚଟ୍‌କରି ଚଢ଼ି ଗଲା ସେହି ଗାଡ଼ି ଉପରକୁ । ଟ୍ରକର ଗୋଟେ କଣକୁ ଜାକିଜୁକି ହୋଇ ବସିଥାଏ । ଟ୍ରକଟା କୁଆଡ଼େ ଯାଉ ମୁହଁ କରିଛି ଆମ ଗାଁ ଆଡ଼ିକି । ସତକୁ ସତ ସେହି ଟ୍ରକଟା ସାଙ୍ଗେ ସାଙ୍ଗେ ଛାଡ଼ିଲା । ଓହୋ ମକରା ଟିକେ ଆଶ୍ୱସ୍ତ ହେଲା ।

ଯେତେବେଳେ ଗାଡ଼ିଯାଇ ରସୁଲଗଡ଼ ଛକ ହେଲା, ଗାଡ଼ି ଆଉ ଆଗକୁ ଯିବାର ବାଟ ନାହିଁ । କୁଆଡ଼େ ଗାଡ଼ିସବୁ ଚେକିଂଙ୍ଗ ହେଉଛି । ମାଓବାଦି ଭୁବନେଶ୍ୱରକୁ ପଶିଆସିଛନ୍ତି । ତେଣୁ ସବୁ ଗାଡ଼ି ଚେକିଂ ଚାଲିଛି । ଯେତେବେଳେ ଏହି ଟ୍ରକର ପାଳି ପଡ଼ିଲା । ଦୁଇଚାରିଟା ପୁଲିସ୍‌ବାଲା ଖପ୍‌ଖପ୍ କରି ଗାଡ଼ି ଉପରକୁ ଉଠିଗଲେ। ଦେଖିଲେ ମକରା ଗୋଟାଏ ଚୋରଙ୍କ ପରି ଗୋଟେ କ'ଣରେ ବସିଛି ।

ଫଟ୍‌କରି ତା'କୁ ମାଡ଼ି ବସିଲେ, ତା' ନାଁ, ଗାଁ, ଠିକଣା ସବୁ ପଚାରିବା ପୂର୍ବରୁ ତା' ଗାଲକୁ ଠୋ ଠୋ କରି ତିଇଟା ବସେଇଦେଲେ । ଜଣେ ବଡ଼ ପାଟିକରି କହିଲା, ସାର୍ ଗୋଟେ ମାଓବାଦି ଜୀବନ୍ତ ଧରାପଡ଼ିଛି । ମକରାର କୌଣସି କଥାକୁ କେହିଶୁଣିବାକୁ ରାଜି ନଥାନ୍ତି ।

କମିସନରେଟ ପୁଲିସ୍, ଆଇଜି, ଡିଜି, ସମସ୍ତେ ପହଞ୍ଚିଗଲେଣି । ମିଡ଼ିଆ ବାଲାବି ସେଇଠି ଥାଆନ୍ତି । ସମସ୍ତେ ଏକାଠି ହୋଇ ଗୋଟେ ବିରାଟ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି ।

ବଡ଼ ପାହ୍ୟାର ପୋଲିସ୍ ଅଫିସର ସବୁ କିଭଳି ଭାବରେ ମାଓ ବାଦିକୁ ଖୋଜି ଖୋଜି ପାଇଲେ ଏବଂ ଜୀବନ୍ତରେ ଧରିଲେ, ବୀରଦର୍ପରେ ମେଡ଼ିଆ ଆଗରେ ଗୋଟି ଗୋଟି କରି ବଖାଣୁଥାଆନ୍ତି । କାରଣ ମାଓବାଦିର ଧରାରୁ ସେମାନଙ୍କର ପ୍ରମୋସନ୍ ହେବାର ବାଟ ଫିଟିଯାଇଥାଏ ।

ତା'ପରଦିନ କୋର୍ଟରେ ମକରାକୁ ହାଜର କରାଗଲା । ମକରା ଯେତେ ପ୍ରକାରେ ନିଜର ସଫେଇ ଦେଲେ ମଧ୍ୟ କିଛି କାମ କରିନଥିଲା । ଶେଷରେ ତାକୁ ଜେଲ୍ ପଠାଇ ଦିଆଗଲା । ଜଣେ ମାଓବାଦି ହିସାବରେ ।

ସେହିଦିନ ମକରା ସେହି ଜେଲ୍‌ରେ ଶପଥ କରିଥିଲା, ହଉ କେବେ ବି ଯଦି ମୁକ୍ତି ପାଏ ତେବେ ନିଶ୍ଚୟ ମାଓବାଦି ହେବି ଆଉ ତୁମର ଓରିମାନା ସବୁ ନେବି । କେବଳ ସେହି ଦିନକୁ ଅପେକ୍ଷା । ▫

# ମୁଁ ହିଁ ଦମ୍ଭ, ମୁଁ ହିଁ ଦାମ୍ଭିକ

ରଘୁନାଥ ଖୁଣ୍ଟିଆ
ଲାଇବ୍ରେରୀଆନ

ଜଗତରେ ଜଣେ କେବଳ ମୁଁ କହିବି ସେ ହେଉଛନ୍ତି ସୃଷ୍ଟିର କର୍ତ୍ତା । ଯିଏ ଏ ମାନବ ଜାତିକୁ ତିଆରି କରିଛି । ଅନ୍ୟ କାହାର ଶକ୍ତି ଏପର୍ଯ୍ୟନ୍ତ ଆସିନାହିଁ, ଯିଏ ମୁଁ ଓ ଦାମ୍ଭିକତା ଦେଖାଇ ଏ ସଂସାରରେ ତିଷ୍ଠି ରହିଛି । ତ୍ରେତୟା ଯୁଗରେ ଦମ୍ଭ ଦେଖାଇ ଥିଲା ବାଳୀ ଯିଏ ଦିନେ ନିଜର ବଳକୁ ନେଇ ଏତେ ଦାମ୍ଭିକତା ଦେଖାଇ ଥିଲା ଯେ ଦିନେ ସେ ବିଶାଳ ସମୁଦ୍ରକୁ ତା ସାଙ୍ଗରେ ଲଢ଼ିବା ପାଇଁ ଆହ୍ୱାନ ଦେଇଥିଲା, ମାତ୍ର ବୃଦ୍ଧ ସମୁଦ୍ର ବାଳୀର ଦମ୍ଭ ଆଗରେ ନତ ମସ୍ତକ ହୋଇ ଫେରି ଯାଇଥିଲେ । ଦମ୍ଭ ଆଗରେ ଅସହାୟ ହୋଇ ହିମାଳୟ ମଧ୍ୟ ବାଳୀର ଦାମ୍ଭିକତା ଆଗରେ ହାରମାନୀ ଫେରିଯାଇଥିଲେ । ଦୁନ୍ଦୁଭି ଭଳି ମହାପରାକ୍ରମୀ ରାକ୍ଷାସ ମଧ୍ୟ ବାଳୀର ଦମ୍ଭ ଆଗରେ ହାରମାନୀ ଥିଲା ।

ଦମ୍ଭରେ ମଦମାଇ ରାବଣର ଦମ୍ଭକୁ ମଧ୍ୟ ବାଳୀ ଚୂର୍ଣ୍ଣ କରି ଦେଇଥିଲା । ମାତ୍ର ଦମ୍ଭ ଓ ଦାମ୍ଭିକତା ବେଶିଦିନ ତିଷ୍ଠି ରହିନଥାଏ ଶ୍ରୀହରିଙ୍କ ମୁଁ ପାଖରେ । କାରଣ ତାଙ୍କର ଯେତେବେଳେ ମନେ ପଡ଼ିଯାଏ ସେଇ 'ମୁଁ' କଥା ସେ ଦାମ୍ଭିକତାକୁ ବିନାଶ କରିବାକୁ ବେଶୀ ସମୟ ଦେଇନଥାନ୍ତି । କାରଣ ସେ ହେଉଛନ୍ତି ଆଦି ଅନ୍ତର 'ମୁଁ' ।

ରାବଣର ଦଶମୁଣ୍ଡ, କୋଡ଼ିଏ ହାତ, ମାତ୍ର ତା ପାଖରେ ଥିବା ଅହଂକାର ରୂପି ଦମ୍ଭକୁ ଦିନେ ଗୋଟିଏ ମୁଣ୍ଡଥିବା ମାଙ୍କଡ଼ ତା ସ୍ୱର୍ଣ୍ଣର ଲଙ୍କାକୁ ଚୂରମାର କରିଥିଲା । ତାର ଦଶ ମୁଣ୍ଡ, କୋଡ଼ିଏ ବାହୁ ସାମାନ୍ୟତମ କ୍ଷତି ପହଞ୍ଚାଇ ପାରିନଥିଲା ତାର ଦମ୍ଭ ମଧ୍ୟ ଦିନେ ଚୂରମାର ହୋଇଥିଲା । ଦ୍ୱାପର ଯୁଗରେ ମହାପ୍ରତାପି କଂସର ଦମ୍ଭ ମଧ୍ୟ ରହିନଥିଲା । ଗୋଟିଏ ଛୋଟ ଦଶବର୍ଷର ବାଳକ ହାତରେ । ସେ ଛୋଟ ବାଳକ ଥିଲେ ସ୍ୱୟଂ ଭଗବାନ କୃଷ୍ଣ । ତେଣୁ ଗୁରୁଦେବ ସର୍ବଦା କୁହନ୍ତି ରେ ମଣିଷ ତୋ ଠାରୁ ଶ୍ରେଷ୍ଠ ପ୍ରାଣୀ ଏ ଜଗତରେ ବର୍ତ୍ତମାନ ପର୍ଯ୍ୟନ୍ତ ଆଉ କେହି ନାହାନ୍ତି ତେଣୁ ତୁ ଦମ୍ଭକୁ ପରିତ୍ୟାଗ କରି ମୋ ପାଖରେ ଶରଣ ନେଇଯା ମୁଁ ତୋ କର୍ମ ପାଇଁ ମଜୁରୀ ତୋ ଘରେ ଦେଇଆସିବି, ତୋର ମୋ ପାଖକୁ ଆସିବାକୁ ପଡ଼ିବ ନାହିଁ ।

ଥରେ ଗୁରୁଦେବ ତାଙ୍କ ପ୍ରବଚନ କାଳରେ କହୁ କହୁ କହୁଥିଲେ ଗୋଟିଏ କାଳ୍ପନିକ ଉଦାହରଣ ଦେଇ, ଯେ ମୃତ୍ୟୁ ଦେବତା 'ଯମ' ଦିନେ ଏକା ଥରକେ ତିନିଜଣ କୁକର୍ମୀ ଅଳ୍ପ ଦମ୍ଭ ଥିବା ମୂର୍ଖଙ୍କୁ ଦେଖି ଚିତ୍ରଗୁପ୍ତଙ୍କୁ ଏହାର କାରଣ ପଚାରିଲେ, ଚିତ୍ରଗୁପ୍ତ କହିଲେ ହେ ଦେବ ଏ ତିନିଜଣ ସମସ୍ୱଭାବର । ଏଣୁ ଏମାନଙ୍କ ଆୟୁ ଯେତେ ବେଳେ ଏକା ସମୟରେ ସରିଛି, ତେଣୁ ଏମାନଙ୍କର ଏକ ସମୟରେ ବିଚାର ହେବା ଦରକାର । ଯମ ଦେବତା ଚିତ୍ରଗୁପ୍ତଙ୍କୁ ପ୍ରଥମ ବ୍ୟକ୍ତି ବିଷୟରେ ପଚାରିଲେ, ଚିତ୍ରଗୁପ୍ତ ତାଙ୍କର ପାଞ୍ଜିଖୋଲାଇ କହିବାକୁ ଲାଗିଲେ ପ୍ରଭୁ ଏ ବ୍ୟକ୍ତି ତା ଜୀବନରେ ପର ବରଣ୍ଡାରେ ଅଇଁଠା ଖାଇ ବଢ଼ିଥିଲା, ଯିଏ ଯେତେବେଳେ ଯୌବନ ଅବସ୍ଥାରେ ପହଞ୍ଚିଲା ସେ ତାର ପୂର୍ବ କଥା ସବୁ ଭୁଲିବାକୁ ବସିଲା । ପରଧନ, ପରନାରୀ, ଚୋରୀ ଇତ୍ୟାଦି କରିବା ଓ ମଣିଷକୁ ପୋକ, ମାଛି ପରି ବ୍ୟବହାର କରି ମହା ଆନନ୍ଦ ପାଇଲା । ତାର ଚଳଣୀ ମଧ୍ୟ ଖୁବ୍ ଭଲ ହେବାକୁ ଲାଗିଲା । ତା ପରେ ସେ ନୂତନ ନୂତନ ଉପାୟରେ ଘରଭାଙ୍ଗିବାକୁ ଲାଗିଲା । ତାକୁ ସହାୟତା

କରିବାକୁ  ଜଣେ ବଡ଼ ଘର ଲଙ୍କା ମଧ୍ୟ ଲୁଟିଗଲା । ତା କଥାରେ ପରିଚାଳିତ ହୋଇ ସେ ମଣିଷକୁ ପୋକ, ମାଛିଭାବି ତା ଦାମ୍ଭିକତାର ପରିଚୟ ଦେଲା । ଲୋକେ ତାକୁ ଘୃଣା କରନ୍ତି, ମାତ୍ର କେହି ଡରରେ କିଛି କହିପାରନ୍ତି ନାହିଁ । ଏଣୁ ଏହାର ପ୍ରକୃତ ଦଣ୍ଡ ଆପଣ ବିଚାର କରନ୍ତୁ । ଯମରାଜ ଦ୍ୱିତୀୟ ବ୍ୟକ୍ତି ବିଷୟରେ ପଚାରିଲେ । ଏହାର ଅପରାଧ କ'ଣ ? ଏ ମଧ୍ୟ ଜଣେ ଅନାହାର, ଦରିଦ୍ର ଘରେ ଜନ୍ମ ନେଇଥିଲା । ଯା ଘରେ ପରଧନ ପଶିବା ଦିନଠାରୁ ଇଏ ଭୁଲିଗଲା ଯେ ମୋ ବାପା ଦିନେ ମଜୁରୀ ଲାଗି ଆମକୁ ଚଳାଉଥିଲା ବୋଲି ଯେମିତି ଆଉ ସୁବିଧା ଆସିଗଲା ଇଏ ଦୁଇ ଜଣ କୁଚକ୍ରୀଙ୍କୁ ସମର୍ଥନ କରି ତାର ଦାମ୍ଭିକତାକୁ ବହୁମାତ୍ରାରେ ପ୍ରୟୋଗ କରି ମଣିଷକୁ ଏ ମଧ୍ୟ ପୋକ, ମାଛି ଭାବିଛି ପ୍ରଭୁ । ଯା ଯୋଗୁ ସେ କୁଚକ୍ରୀ ବହୁ ସୁବିଧା ନେଇଛନ୍ତି ଓ ଏ ମଧ୍ୟ ଦମ୍ଭ ଦେଖାଇ ବହୁ ଲୋକଙ୍କୁ କୁଚକରେ ପକାଇଛି । ଯମ ପଚାରିଲେ ଆଉ ତୃତୀୟ ବ୍ୟକ୍ତିର କର୍ମ କ'ଣ ? ପ୍ରଭୁ ତୃତୀୟ ବ୍ୟକ୍ତି ସମସ୍ତଙ୍କଠାରୁ ମହାପାପୀ । ଏ କାରଣ ନୁହେଁ ପ୍ରଭୁ । ଏ ଯେଉଁ ପତ୍ରରେ ଖାଇଛି । ସେହି ପତ୍ରରେ ବିଷ୍ଠା ଛାଡ଼ିଛି ପ୍ରଭୁ । ଏହାର ବାଲ୍ୟ କାଳ ମଧ୍ୟ ପ୍ରଥମ ଓ ଦ୍ୱିତୀୟଙ୍କ ପରି କଟିଛି ମାତ୍ର ଏହାର ଦାରିଦ୍ର୍ୟ ପାଇଁ  କେଉଁ ଲୋକ ଯାକୁ ସାହାଯ୍ୟର ହାତ ବଢ଼ାଇ ଛନ୍ତି ଇଏ ସେଇମାନଙ୍କ ନାଁରେ ମିଛ, ଖଚ କହି ଅସୁବିଧାରେ ପକାଇଛି । ଇଏ ଦିନେ ମଧ୍ୟ ସେଇ କୁଚକ୍ରି ମାନଙ୍କ ଦ୍ୱାରା ପରିଚାଳିତ ହୋଇ ଚୋରୀ, ନାରୀ, ମିଛର ଆଶ୍ରୟ ନେଇଛି । ଏହାର ଆଉ ଗୋଟିଏ ବିଶେଷତ୍ୱ ହେଲା ଏ ଖଚ ଖାଇ 'ଦିଅଁ' କୁ ମଧ୍ୟ ଖାଉଛି । 'ଯମରାଜ' ହସିଲେ ଏବଂ ଦୂତ ମାନଙ୍କୁ ଆଦେଶ ଦେଲେ ଏମାନଙ୍କୁ ନେଇ ତତଲା କଡ଼େଇରେ ପକାଅ, ଏମାନଙ୍କର ଦମ୍ଭ ଚୂରମାର ହେଇଯାଉ । ଏଇତ ଗଲା ଦମ୍ଭ କଥା । ଆଉ ଥରେ ଗୁରୁଦେବ ଏ ସଂସାରରେ କିପରି ଧନ ଓ ଲକ୍ଷ୍ମୀ ଆସିଲା ପରେ ମଣିଷ ନାରାୟଣଙ୍କ ସବୁଭୁଲି ଯାଉଛନ୍ତି ସେ ବିଷୟରେ ଏକ କାଳ୍ପନିକ ଉଦାହରଣ ଦେଇ ସୁନ୍ଦର ଭାବରେ ବୁଝାଉ ଥାନ୍ତି ଆପଣ ଯିଏ ନ ଶୁଣିବେ ଖୁସି ହୋଇ ଯିବେ ଏବଂ ନିଶ୍ଚୟ ପ୍ରଭୁଭକ୍ତି ଆପଣଙ୍କ ମନରେ ଜାଗ୍ରତ ହେବ ଏଥିରେ ସଂଦେହ ନାହିଁ । ଥରେ ମାତା ଲକ୍ଷ୍ମୀ ନାରାୟଣଙ୍କ କହିଲେ ପ୍ରଭୁ ମୁଁ ପ୍ରବେଶ କଲା ପରେ ଦେଖୁଛି ଯାହା ପାଖକୁ ଯାଉଛି ସେ ଆପଣଙ୍କୁ ଭୁଲି ଯାଉଛି । ନାରାୟଣ କହିଲେ ମୋତେ ପରୀକ୍ଷା କରି ଦେଖାଇ ପାରିବ । ଲକ୍ଷ୍ମୀ କହିଲେ ପ୍ରଭୁ ମାୟାନଗରୀରେ ଜଣେ ଧନୀ ସେଠ ଅଛି । ମୋ ଦ୍ୱାରା ତା'ର ଲକ୍ଷ୍ମୀ ଭଣ୍ଡାର ପରିପୂର୍ଣ୍ଣ, ତେଣୁ ସେ ଏବେ ଭଗବତ ପ୍ରବଚନ ସହିତ ଦାନ, ଧ୍ୟାନରେ ମନନିବେଶ ପୂର୍ବକ ଆନନ୍ଦରେ କାଳ କାଟୁଛି । ଆପଣ ଯାଇ ସେଠାରେ ସାଧୁ ବେଶଧରି ପ୍ରବଚନ ଦିଅନ୍ତୁ । କିଛି ଦିନ ପରେ ମୁଁ ମଧ୍ୟ ଯୋଗୀନୀ ବେଶରେ ସେଠାକୁ ଯାଇ ପ୍ରବଚନ ଦେବି । ଦେଖିବେ ମୁଁ ଗଲାପରେ ଆଉ ସେଠାରେ ଆପଣଙ୍କ ସ୍ଥାନ ରହିବ ନାହିଁ । ସେଇଆ ହେଲା, ନାରାୟଣଙ୍କୁ ସାଧୁ ବେଶ ଧାରଣ କରିବାକୁ ପଡ଼ିଲା । ଆଉ ସାଧୁଙ୍କୁ ଦେଖି ସେଠ୍ ମହା ଆନନ୍ଦରେ ତାଙ୍କୁ ଆତିଥ୍ୟତା ପୂର୍ବକ ତା ଉଆସକୁ ନେଇଗଲା ଓ ସବୁଦିନ ସଂଧ୍ୟାରେ ତାତ୍ତ୍ୱିକ ଓ ମାର୍ମିକ ଧର୍ମ ଆଲୋଚନା ସାଧୁଙ୍କ ଦ୍ୱାରା ମହା ଆନନ୍ଦରେ ଲାଗି ରହିଥାଏ ।

ମା' ଲକ୍ଷ୍ମୀ ମଧ୍ୟ ମାୟାନଗରୀର ଅନତି ଦୂରରେ ପ୍ରବଚନ ଦେବା ଆରମ୍ଭ କଲେ । ସେଠ୍‌ଙ୍କ କାନରେ ଏକଥା ପଡ଼ିବା ମାନେ ସେଠ୍ ଆନନ୍ଦ ସହକାର ଯୋଗିନୀଙ୍କୁ ସହ୍ରାଦ ପୂର୍ବକ ତାଙ୍କ ଉଆସକୁ ଆଣିଲେ ଓ ନିଜେ ଅଭ୍ୟର୍ଥନା ପାଇଁ ଦ୍ୱାର ଦେଶରେ ଉପସ୍ଥିତ ରହିଲେ । ଯୋଗିନୀଙ୍କୁ ଦେଖି ସେଠ୍ ଅତି ଆନନ୍ଦରେ ତାଙ୍କର ପଦ ପ୍ରକ୍ଷାଳନ କରି ପ୍ରଣାମ କଲା ଓ ଉଆସକୁ ଯିବା ପାଇଁ ନିମନ୍ତ୍ରଣ କଲା । ଯୋଗିନୀ ସେଠ୍‌କୁ କହିଲେ ମୁଁ ଯିବି ଯେ ମୋତେ ଭାରି ଶୋଷ ଲାଗୁଛି ମୋତେ କିଛି ପାଣି ଦିଅନ୍ତୁ ପିଇବା ପାଇଁ । ସେଠ୍ ପାଣିର ବନ୍ଦୋବସ୍ତ କରିବାକୁ ଆଦେଶ ଦେଇ ପାଣି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତି । ପାଣି ଆସିଲା ସେଠ୍ ଯୋଗୀନିଙ୍କୁ ପାଣି ନିଜ ହାତରେ ଦିଅନ୍ତେ ଯୋଗୀନି କହିଲେ ମୁଁ କାହା ପାତ୍ରରେ

କିଛି ଗ୍ରହଣ କରେ ନାହିଁ ଓ ସେ ନିଜ କମଣ୍ଡଳୁରୁ ଏକ ପାତ୍ର ବାହାର କରି ସେଥିରେ ପାଣି ପିଇଲେ ଓ ସେ ଗ୍ଲାସଟିକୁ ଫୋପାଡ଼ି ଦେଲେ । ସେଠ୍ ଭାବୁଥାନ୍ତି ଏ ଯୋଗିନୀ ନା ପାଗେଳୀ ? ପୁଣି ସେ ଗ୍ଲାସ୍‌ଟି ମଧ୍ୟ ସ୍ୱର୍ଣ୍ଣ ପରି ଚମକୁ ଥାଏ । ସେଠ୍ ଯିବା ପୂର୍ବରୁ ତାର କର୍ମଚାରୀ ମାନଙ୍କୁ ଇସାରା ଦେଲେ ସେ ଗ୍ଲାସଟିକୁ ଆଣିବା ପାଇଁ । ଯୋଗୀନଙ୍କୁ ଉଆସରେ ଛାଡ଼ି ସେଠ୍ ସୁନାରୀକୁ ଡାକି ପରିକ୍ଷା କରନ୍ତେ ସେ ଗ୍ଲାସଟି ପ୍ରକୃତ ସୁନାର ଥିଲା । ମଧ୍ୟାହ୍ନରେ ଯୋଗିନୀଙ୍କ ପାଇଁ ଖାଦ୍ୟ ଯାଆନ୍ତେ ସେଠ୍‌ଙ୍କ ମନରେ ଉଙ୍କି ମାରିଲା ଯେ ଯୋଗିନୀତ କହୁଥିଲେ କାହା ପାତ୍ରରେ କିଛି ଗ୍ରହଣ କରିବେ ନାହିଁ ତେଣୁ ଲୋଭରେ ଅନେକ ପ୍ରକାର ଅନ୍ନ, ବ୍ୟଞ୍ଜନ ପ୍ରସ୍ତୁତ କରିନେଲେ । ଏବଂ ସାଷ୍ଟାଙ୍ଗ ପ୍ରଣିପାତ ହୋଇ ଯୋଗିନୀଙ୍କ ପାଖରେ ଠିଆ ହୋଇ ଲକ୍ଷ୍ୟ କରୁଥାନ୍ତି ଯେତେ ପ୍ରକାର ଖାଦ୍ୟ ଯାଇଥାଏ ଯୋଗିନୀ ସେତେଥର କମଣ୍ଡରେ ହତ ପୁରାଇ ଆଆନ୍ତି ଓ ସେତେ ପାତ୍ର ବାହାରୁ ଥାଏ ଅବିକଳ ସ୍ୱର୍ଣ୍ଣ ରଙ୍ଗର । ଯୋଗିନୀ ଖାଇ ସାରିଲା ପରେ ସେଠ୍ ସେ ସବୁକୁ ମଧ୍ୟ ନେଇ ସୁନାରୀକୁ ଦେଖାଇଲେ । ସେଗୁଡ଼ିକ ମଧ୍ୟ ସୁନା ଥିଲା ।

ତା' ପରେ ଯୋଗୀନୀ ପ୍ରବଚନ ଦେବା ଆରମ୍ଭ କଲେ ସେଠ୍‌ଙ୍କ ପ୍ରରୋଚନାରେ ଯୋଗିନୀଙ୍କୁ ଖୁସି କରିବା ପାଇଁ ବହୁ ଲୋକଙ୍କର ସମାଗମ କରାଗଲା । ଯୋଗିନୀଙ୍କ ସେବା ମଧ୍ୟ ବଢ଼ାଇ ଦିଆଗଲା । ତେଣେ ନାରାୟଣ ରୂପଧାରୀ ସାଧୁଙ୍କ ପାଇଁ କାହା ପାଖରେ ସମୟ ନଥାଏ । ସେଠ୍ ମଧ୍ୟ ସାଧୁଙ୍କୁ ନିୟମିତ ଦେଖା କରୁଥିଲେ, ଦେଖା କରିବାକୁ ମଧ୍ୟ ଭୁଲିଗଲେ ।

ଥରେ ଯୋଗିନୀଙ୍କ ପ୍ରବଚନ ସରିଥାଏ । ସେଠ୍ ଯୋଗୀନୀଙ୍କ ପାଖରେ ବସିଥାନ୍ତି, ଯୋଗିନୀ କହିଲେ ସେଠ୍ ମୋତେ ଏ ଘର ଭଲ ଲାଗୁନାହିଁ ମୋର ଆଉ ଗୋଟେ ଘରେ ରହିବା ପାଇଁ ବ୍ୟବସ୍ଥା କରନ୍ତୁ । ସେଠ୍ ସଙ୍ଗେ ସଙ୍ଗେ କର୍ମଚାରିକୁ ସାଙ୍ଗରେ ଧରି ଯେଗିନୀଙ୍କୁ ନେଇ କହିଲେ ମା, ଆପଣ ଯେଉଁ ଘର ଚାହିଁବେ ସେ ଘରେ ରହି ପାରିବେ । ଯୋଗିନୀ ରୂପଧାରୀ ଲକ୍ଷ୍ମୀ, ନାରାୟଣ ରୂପି ସାଧୁଙ୍କୁ ଦେଖିଲେ ଓ ଉଭୟେ ଉଭୟଙ୍କୁ ଚିହ୍ନି ଯୋଗିନୀ କହିଲେ ଏଇ ଯୋଉ ଘରଟାରେ ଏ ସାଧୁ ଅଛନ୍ତି ଏଘରଟି ବହୁତ ଭଲ ହୋଇଛି ମୋତେ ଏଇ ଘରଟି ଦେଲେ ବହୁତ ଭଲ ହୁଅନ୍ତା । ନାରାୟଣ ଚିନ୍ତା କଲେ ଲକ୍ଷ୍ମୀତ ମୋତେ କହିଥିଲେ ଯେ ମୋର ଯେଉଁଠି ପ୍ରବେଶ ସେଠି ଆପଣଙ୍କ ସ୍ଥାନ ନାହିଁ ଇଏ ଆଉ ସେଇଆ ହେବନିତ, ଠିକ୍ ସେଇଆ ହେଲା । ସେଠ ସାଧୁଙ୍କୁ ସେ ଘର ଛାଡ଼ି ଚାଲି ଯିବାକୁ ନିର୍ଦ୍ଦେଶ ଦେଲେ । ମାତ୍ର ନିରୁପାୟ ସାଧୁ କହିଲେ ମୁଁ ଏ ଘର ଚାଡ଼ିବି ନାହିଁ । ଯୋଗିନୀ କହିଲେ ତାହାଲେ ମୁଁ ଚାଲି ଯାଉଛି । ସେଠ୍ ଦେଖିଲେ ଏ ଯୋଗିନୀ ଯୋଗୁ ମୋ ଭଣ୍ଡାରଘର ସୁନାରେ ପରିପୂର୍ଣ୍ଣ ହୋଇ ଗଲାଣି, ଇଏ ଚାଲି ଗଲେ ମୋର ତ ସର୍ବନାଶ ଜାଣ । ତେଣୁ ସେଠ୍ ତା'ର ଲୋକମାନଙ୍କୁ ନିର୍ଦ୍ଦେଶ ଦଲେ ଏ ସାଧୁଙ୍କୁ ଧକ୍କା ଦେଇ ପଦାରେ ଛାଡ଼ି ଦିଅ । ଏଇଠୁ ଆରମ୍ଭ ହେଲା ଦମ୍ଭ ଭାଙ୍ଗିବାର ପର୍ବ । ସାଧୁଙ୍କୁ ସେଠ୍‌ଙ୍କ ଦରବାରରୁ ବାହାର କରିଦିଆଗଲା । ସଂଧ୍ୟାରେ ସାଧୁ ରୂପଧାରୀ ନାରାୟଣଙ୍କ ଯୋଗିନୀ ରୂପଧାରୀ ଲକ୍ଷ୍ମୀ ଭେଟ ହୋଇ କହିଲେ ଦେଖିଲେତ ପ୍ରଭୁ ମୁଁ ଆପଣଙ୍କୁ କହିଥିଲିନା ମୋର ପ୍ରବେଶ ପରେ ଆପଣଙ୍କର ସ୍ଥାନ ନାହିଁ । ନାରାୟଣ କହିଲେ ହଁ ଆପଣଙ୍କ କଥା ଠିକ୍ ହେଉ ଲକ୍ଷ୍ମୀ । ଲକ୍ଷ୍ମୀ ତା'ପରେ ନିଜ ଯୋଗ ବଳରେ ସେଠ୍‌ର ଅର୍ଜ୍ଜିତ ଧନ ଓ ସେ ଦେଇଥିବା ଧନକୁ ହରଣ କରିଆଣିଲେ । ପ୍ରଭାତ ହେଲାରୁ ସେଠ୍ ସେତେବେଳେ ଦେଖନ୍ତି ଯେ ତାଙ୍କ ଭଣ୍ଡାର ଘର ସମ୍ପୁର୍ଣ୍ଣ ଖାଲି ଓ ତାଙ୍କ ବ୍ୟବହାର ପାଇଁ ଲୁଗା ଖଣ୍ଡେ ବି ନାହିଁ ସେ ଚିନ୍ତାକଲେ ଯେ ଏ ମାୟା ନଗରୀରେ ହରିନାମ କେବଳ ସାର । ସେ ପାଗଳପ୍ରାୟ ହୋଇ ଗାଇ ଚାଲିଲେ ଦମ୍ଭ କାହାର ସେ ରଖି ନାହାଁନ୍ତି, ମୋର ବା କିପରି ରଖିଥାନ୍ତେ । ତେଣୁ ମୁଁ ଦମ୍ଭ ଓ ଦମ୍ଭିକତା ପରିତ୍ୟାଗ କରି ହରିନାମ ଗାନକରି, ହରିନାମ କୀର୍ତ୍ତନ କରି ନିଜ ଜୀବନକୁ ସାର୍ଥକ କରିବି । କୁକର୍ମ କରୁଥିବା ଲୋକକୁ ଯେତିକି ଦଣ୍ଡ ମିଳିଥାଏ, କୁକର୍ମୀକୁ ସହଯୋଗ କରିଥିବା ଲୋକଙ୍କୁ କୁକର୍ମୀଠାରୁ ଶତିଏ ଭାଗ ଅଧିକ ଦଣ୍ଡ ମିଳିଥାଏ । ❐

# ଆଜିକା ଯୁଗର ସନ୍ତାନ

ପ୍ରଣବ କୁମାର ସ୍ୱାଇଁ
ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ

''ପିତା ସ୍ୱର୍ଗ, ପିତା ଧର୍ମ
ପିତାହିଁ ତପେର ନନ୍ଦନା
ପିତୃପ୍ରୀତି ଚାରିଯେଧାନେ
ସର୍ବ ଦେବତାର ବନ୍ଦନା ।''

ପିତାମାତା ହେଉଛନ୍ତି ସ୍ୱର୍ଗ ସମାନ । ପିତା ହେଉଛନ୍ତି ସନ୍ତାନର ତପସ୍ୟା ସଦୃଶ । ପିତାଠାରୁ ସନ୍ତା ସୃଷ୍ଟି ହୁଏ । ମାତା ଧାରଣ କରେ ଏବଂ ବୃଦ୍ଧିପ୍ରାପ୍ତ କରାଏ । ମାତା ସେବା ଓ ଭକ୍ତି ଦ୍ୱାରା ସ୍ୱାମୀଙ୍କୁ ସନ୍ତୁଷ୍ଟକରି ତାଙ୍କର ଭଲଗୁଣ ଗୁଡ଼ିକ ମାଗିନେଇ ସନ୍ତାନକୁ ଜନ୍ମ ଦେଇଥାଏ । ସେଥିପାଇଁ ସେ ମା' ।

ଶ୍ରୀରାମଚନ୍ଦ୍ରଙ୍କ ପିତୃ ଭକ୍ତି କଥା ସର୍ବ ଜନିତ । ପିତୃ ସତ୍ୟ ପାଳନ କରି ସେ ଚଉଦ ବର୍ଷ ବନକୁ ଯାଇଥିଲେ । ପିତାଙ୍କ ସୁଖ ନିମନ୍ତେ ଗଙ୍ଗାପୁତ୍ର ଭୀଷ୍ମ ନିଜେ ବିବାହ ନ କରିବାକୁ ପ୍ରତିଜ୍ଞା ବଦ୍ଧ ହୋଇଥିଲେ । ଅନ୍ଧ ପିତାମାତାଙ୍କୁ ବହନ କରି ଶ୍ରବଣକୁମାର (ସିନ୍ଧୁମୁନି) ତୀର୍ଥ ଦର୍ଶନ କରାଇଥିଲେ । ମାତା ଆମ ପାଇଁ ଦେବୀ ସଦୃଶ । ହେଲେ ଆଜି କାଲିର ପିଲାମାନେ କିଛି ବି ବୁଝନ୍ତିନାହିଁ । ସବୁବେଳେ ପିତାମାତାଙ୍କ ପ୍ରତି ଅବ ହେଳିତ । ପଦର୍ଶନ କରିଥାଆନ୍ତି, ବୁଝନ୍ତି ନାହିଁ କି ସେମାନଙ୍କର ବାପା, ମା' ସେମାନଙ୍କ ପ୍ରତି କେତେ ଯେ କଷ୍ଟ ସହିଛନ୍ତି ।

ଅନ୍ଧ ପିତାମାତା ବୁଲିବାକୁ କହିଲେ ବୋଲି, ଶ୍ରବଣ କୁମାର ଶିକା ବାହୁଙ୍ଗୀରେ ବସାଇ ତୀର୍ଥ ଭ୍ରମଣ କରାଇଥିଲେ । ହେଲେ ଆଜିକା ଯୁଗର ଯଦି ବାପା, ମା' କୁହନ୍ତି, ପୁଅରେ ଆମକୁ ଟିକିଏ ରଥଯାତ୍ରା ବୁଲାଇ ନେଲେ ହୁଅନ୍ତାନି ! ପୁଅ କୁହେ, ବାପା ଏ ଭିଡ଼ରେ କ'ଣ ଯିବ ଯେ ? ଘରେ ବସି ଟିଭିରେ ଦେଖ । ଭଲ ଦେଖି ପାରିବ । ଆଉ କେତେବେଳେ ଯାଇ ବୁଲି ଆସିବା । ଏହା କହିଦେଇ ଚାଲିଯାଏ । କିନ୍ତୁ ପ୍ରେମିକା ବା ସ୍ତ୍ରୀ କହିଲେ, ସବୁ କାମକୁ- ପଛରେ ପକାଇ ଚାଲିଯାଏ ବୁଲିବାକୁ । ଥରଟିଏ ଭାବେ ନାହିଁ ଯେ, ଏଇ ବାପା ମା'ଙ୍କ ପାଇଁ ଆମେ ଏ ପୃଥିବୀ ପୃଷ୍ଠକୁ ଆସିଲୁ । କେତେ କଷ୍ଟ ସହି ସେ ଆମକୁ ଜନ୍ମ ଦେଇ ଲାଳନ ପାଳନ କରିଥାଏ । ଯିଏ ଆମ ସହ ଆଦ୍ୟରୁ ଅଛନ୍ତି, ହଠାତ୍ ଏ ଦୁଇଦିନ ଭିତରେ ସ୍ତ୍ରୀ କିମ୍ବା ପ୍ରେମିକା ଆସିଲେ, ଆମେ ସେମାନଙ୍କୁ ଖୁବ୍ ଶୀଘ୍ର ଭୁଲିଯାଉ ।

ଦଶରଥଙ୍କର ଆଜ୍ଞାରେ ରାମଚନ୍ଦ୍ର ସବୁ ସୁଖକୁ ତ୍ୟାଗ କରି ଚଉଦ ବର୍ଷ ବନକୁ ଯାଇଥିଲେ । କାହିଁକି ନା ସେ ପିତୃ ଧର୍ମ ପାଳନ କରିଥିଲେ । ଯଦି ଏବେକା ଯୁଗରେ ବାପା ସାମାନ୍ୟ କ'ଣ କହିଦେଲେ, ପିଲାମାନେ ସେ ସବୁ ପାଳନ ନ କରି ପୂର୍ବ ଭୁଲାଇ ଚାଲିଯାଉଛନ୍ତି । ଆଦେଶ ପାଳନ କରିବା ତ ଦୂରର କଥା କହିବାକୁ ଠିକ୍ ଭାବରେ ବୁଝାଇ ପାରୁ ନାହାନ୍ତି । ସତରେ କେତେ ଦୁଃଖ ପାଇ ନଥିବେ ଆମର ବାପା ଓ ମା' ମାନେ... ।

ସବୁବେଳେ ଗୋଟେ କଥା ମନେ ରଖିବେ; 'ଯତ୍ କର୍ମ ତତ୍ ଫଳ' । ଯେ ଯେମିତି କର୍ମ କରିବ ସେ ସେମିତି ଫଳ ପାଇବ । ଆମେ ଯଦି ବାପା ମା'ଙ୍କୁ ଅବହେଳିତ କରିବା, ଆମ ପିଲାମାନେ ବି ଆମକୁ ଅବହେଳିତ କରିବେ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

**ପିଲାମାନଙ୍କ ପାଇଁ ପିତାମାତାଙ୍କର କର୍ତ୍ତବ୍ୟ :**

ଶିଶୁଟି ତା'ର ପରିବାର ଭିତରେ ଶିକ୍ଷା ଲାଭ କରେ । ତେଣୁ କୁହାଯାଏ ପିତାମାତା ହିଁ ଶିଶୁର ଶ୍ରେଷ୍ଠ ଅଭିଭାବକ । ପରିବାର ଭିତରେ ଥାଇ ସେ ନିଜକୁ ଗଢ଼ିତୋଳେ- ପିତାମାତା ତଥା ଅଭିଭାବକଙ୍କ ଆଦର୍ଶରେ । ନାନା, ଆଦର୍ଶ, ଆଚରଣ, ଅନୁକରଣ ଓ ଅନୁସରଣରେ ତା'ର ମାନସିକ ବିକାଶ ହୁଏ । ପରିବାର ଭିତରୁ ଶିକ୍ଷା କରିଥିବା ଶିଷ୍ଟାଚାର ବିଦ୍ୟାଳୟରେ ପରିଲକ୍ଷିତ ହୋଇଥାଏ । ପିତାମାତା ଶିଶୁର ମାନସିକ ଅବସ୍ଥା ଦେଖି ତାକୁ ଉଚିତ୍ ମାର୍ଗରେ ପରିଚାଳିତ କରିଥାନ୍ତି । ଏହାଛଡ଼ା ପରିବାରର ସଦସ୍ୟମାନଙ୍କ ଚଳଣି ଭିତରେ ଶିଶୁଟିଏ ଯାହା ଶିକ୍ଷା ଲାଭ କରେ ତାହା ତା'ର ମନରେ ଗଭୀର ରେଖାପାତ କରିଥାଏ । ଏହି ସମୟରେ ପରିବାର ଭିତରେ ଶିଶୁଟିଏ ଯଦି ଉଚିତ୍ ଶିକ୍ଷା ନ ପାଇଲା, ତେବେ ଭବିଷ୍ୟତ ଜୀବନରେ ସେ ଦୟା-ମାୟା, ସ୍ନେହ, ଶ୍ରଦ୍ଧା ତଥାଶୂନ୍ୟ ମଣିଷ ହେବା ବିଚିତ୍ର ନୁହେଁ । ଯଦି ପରିବାର ଭିତରେ ଶିଶୁଟିଏ ଉଚିତ୍ ଶିକ୍ଷା ଲାଭ କଲା,ତା'ର ମୂଲ୍ୟ କଳନା କରିହେବ ନାହିଁ ।

**ପିତାମାତାଙ୍କ ପାଇଁ ସନ୍ତାନର କର୍ତ୍ତବ୍ୟ :**

ପ୍ରତ୍ୟେକ ସନ୍ତାନମାନେ ପିତୃଯଜ୍ଞ ଓ ମାତୃଯଜ୍ଞ କରିବା ଉଚିତ୍ । ଯଜ୍ଞମାନେ ହୋମପୂଜା ନୁହେଁ । ଯଜ୍ଞମାନେ ହେଉଛି, ସେବାଦାନ ଓ ସମ୍ବର୍ଦ୍ଧନା । ପିତାଙ୍କୁ ସେବା ଦାନରେ ତୃପ୍ତ କରି ସନ୍ତାନ ମାନେ ଆଶିର୍ବାଦ ପ୍ରାପ୍ତ ହେବା ଉଚିତ୍ । ଏହାଦ୍ୱାରା ଜୀବନଟା ସୁଖଦ ଓ ଉର୍ଦ୍ଧ୍ୱମୁଖୀ ହୁଏ । ପିତାମାତା ଓ ସନ୍ତାନର ସମ୍ପର୍କ ଆତ୍ମାର ସମ୍ପର୍କ । ତେଣୁ ସନ୍ତାନର ଅନ୍ୟ ନାମ 'ଆତ୍ମଜ' । ପ୍ରତ୍ୟେକ ସନ୍ତାନ ନିକଟରେ ପିତା ଓ ମାତା ସର୍ବଦା ପୂଜ୍ୟ ଏବଂ ଦେବତା ସ୍ୱରୂପ । ତେଣୁ ପ୍ରତ୍ୟେକ ସନ୍ତାନମାନେ ପିତାମାତାଙ୍କର ସେବା କରିବା ଉଚିତ୍ । କାହିଁକି ନାଁ ସେମାନେ ହେଲେ ଆମ ଜନ୍ମଦାତ୍ରୀ । ବହୁତ ଦୁଃଖ-କଷ୍ଟ ସହି ଆମକୁ ଛୋଟରୁ ବଡ଼ କରନ୍ତି । ଯଦି ଆମେ ଆମ ଦେହର ଶେଷ ରକ୍ତ ବିନ୍ଦୁ ଦେଇ ଦେଲେ ବି, ତଥାପି ଆମେ ସେମାନଙ୍କର ଋଣ ପରିଶୋଧ କରିପାରିବା ନାହିଁ । ଯଦି ଆମେ ବାପା ମା'ଙ୍କୁ କିଛି ଟଙ୍କା ଦେଉ ରଖିବା ପାଇଁ, ସେମାନେ ଯଦି ସେଥିରୁ କିଛି ଟଙ୍କା ଖର୍ଚ୍ଚ କରିଦେଇ ଥିବେ, ସେମାନଙ୍କୁ ଆମେ ହିସାବ ମାଗିଥାଉ । ଏତେ ଟଙ୍କା କ'ଣ କଲ ବା କେମିତି ଖର୍ଚ୍ଚ କଲ ! ହେଲେ ଆଜି ଯାଏ ବି ବାପା ମା' ପଚାରନ୍ତି ନାହିଁ ଯେ, ତୁ ବଡ଼ ହେଲୁ କେମିତି ! କେତେ କଷ୍ଟରେ ପାଠ ପଢ଼ାଇ ସେମାନେ ତମକୁ ହାକିମ୍ କରି ପାରିଛନ୍ତି । କେତେ ଅଳି ଅର୍ଦ୍ଦଳି ସହିଛନ୍ତି । ସତରେ କେତେ ସ୍ୱାର୍ଥପର ଏ ସନ୍ତାନ ମାନେ । ଆମର ପ୍ରଥମ କର୍ତ୍ତବ୍ୟ ବା ଦାୟିତ୍ୱ ହେଲା ଯେ, ଆମେ ଆମ ପିତା ମାତାଙ୍କୁ ଭଲରେ ରଖିବା । ପ୍ରତ୍ୟେକ ସନ୍ତାନ ମାନେ ଗୋଟେ ଗୋଟେ ରାମଚନ୍ଦ୍ର ବା ଶ୍ରବଣ କୁମାର ହେବା ଉଚିତ୍ ।

କିନ୍ତୁ ଏ ସମାଜରେ ଏମିତି ପିଲା ଅଛନ୍ତି, ସବୁବେଳେ ଖରାପ୍ କାମରେ ଧ୍ୟାନ ଦେଉଛନ୍ତି । ଧୂମ୍ରପାନ ଓ ମଦ୍ୟପାନ କରୁଛନ୍ତି । ବାପା ମା'ଙ୍କୁ ଗାଳି କରି, ତାଙ୍କ ଆଖିରେ ଲୁହ ଦେଇ ସବୁ ପଇସାକୁ ନଷ୍ଟ କରିଦେଉଛନ୍ତି । କୁସଙ୍ଗଙ୍କ ସହ ବନ୍ଧୁ ବାନ୍ଧୁଛନ୍ତି । ୨୪ ଘଣ୍ଟା Facebook ଆଉ Whats App ରେ on line ରହୁଛନ୍ତି । କଥାରେ ଅଛି—

'ଦୁର୍ଜନ ସଙ୍ଗେ କଲେ ବାସ,
ନିଶ୍ଚେ ଘଟିବ ସର୍ବନାଶ ।'

ଗୋଟେ ପିଲା ଯେତେ ଭଲ ହେଇ ଥାଉ ନାଁ କାହିଁକି, ଯଦି ସେ ଗୋଟେ ଖଳ ପ୍ରକୃତିର ଲୋକ ସହ ସମ୍ପର୍କ ଯୋଡ଼ିଲା ତା' ହେଲେ ସେ ଅଳ୍ପ ସମୟ ଭିତରେ ପୂରା ପୁରି ଖରାପ୍ ହୋଇଯିବ ।

ଟିଭିରେ ଭଲ ଶିଖିବାକୁ ମିଳେ ପୁଣି ଖରାପ୍ ବି ମିଳେ । ଆମେ ଯଦି କେବଳ ନ୍ୟୁଜ୍ ଦେଖିବା ତା' ହେଲେ ଆମେ ସେଥିରୁ କିଛି ଭଲକଥା ଶିଖିପାରିବା ବା ଜାଣି ପାରିବା । ହେଲେ ଆମେ ସେ ସବୁ ନ ଦେଖି ଆଲୁସାଲୁ ଦେଖୁଛେ । ମୋବାଇଲ୍ ଫୋନ୍ ଦ୍ୱାରା ଆମେ କଥାବାର୍ତ୍ତା ହୋଇ ପାରୁଛେ । ଜରୁରୀ କାଳୀନ କଥା ବି ମଧ୍ୟ ହୋଇ ପାରୁଛେ । କିନ୍ତୁ ଏ ମୋବାଇଲ୍‌କୁ ଆମେ ଅପ ବ୍ୟବହାର କରୁଛେ । ସବୁବେଳେ ମିଛ କହୁଛେ । ଯାକୁ ତା'କୁ ଭଲପାଇ ସମୟ ନଷ୍ଟ କରୁଛେ ।

ତେଣୁ ଆମେ ସବୁବେଳେ ଖରାପ୍ ଜିନିଷ ପ୍ରତି ଧ୍ୟାନ ନ ଦେଇ ଭଲ ଜିନିଷ ପ୍ରତି ଧ୍ୟାନ ଦେବା ଉଚିତ୍ । ତା'ହେଲେ ଆମେ ବହୁତ ଆଗକୁ ଯାଇ ପାରିବା ଏବଂ ଆମ ପିତାମାତାଙ୍କର ବି ପ୍ରିୟ ସନ୍ତାନ ହୋଇ ପାରିବା । ତାଙ୍କରି ଆଶିର୍ବାଦରେ ଆମେ ମହା ଆନନ୍ଦରେ ରହିବା । ପିତାମାତାଙ୍କ ସେବା କରିବା ଓ ତାଙ୍କ ମନରେ ଦୁଃଖ କି କଷ୍ଟ ଦେବା ନାହିଁ । ତାଙ୍କର ଆଜ୍ଞାଧୀନ ହୋଇ ରହିବା । ତା' ହେଲେ ଯାଇ ଆମେ ଗୋଟେ ଗୋଟେ ସୁଯୋଗ୍ୟ ସନ୍ତାନ ହୋଇ ପାରିବା ।

ଉପଦେଶ :

ଆଜିକାଲି ସମାଜରେ ଯୁବଗୋଷ୍ଠୀ ମଧ୍ୟରେ ଯେଉଁ ଉଶୃଙ୍ଖଳତା, ଶାରିରିକ ହୀନତା ଆଚରଣ ପରିଦୃଷ୍ଟ ହେଉଛି ସେଥିପାଇଁ ଦାୟୀ କେବଳ ଅସଫଳ ପାରିବାରିକ ଜୀବନ । ପରବର୍ତ୍ତୀ ସମୟରେ କୁସଙ୍ଗ, ଉପଯୁକ୍ତ ଶିକ୍ଷା ଓ ମାର୍ଗ ଦର୍ଶନର ଅଭାବରୁ ସେମାନଙ୍କ ଆଚରଣ ବଦଳିଯାଏ । ପରିବାର ହେଉଛି ଶିଶୁର ଚରିତ୍ର ଗଠନ ପାଇଁ ସର୍ବଶ୍ରେଷ୍ଠ ସ୍ଥଳ । ଧର୍ମ, ନୀତି, ଆଦର୍ଶ, ଏସବୁକୁ ପ୍ରତ୍ୟେକ ପିତାମାତା ତାଙ୍କର ଶିଶୁକୁ ଶିଖାଇବା ଉଚିତ୍ । ଏ ସବୁ ଶିଖିଲେ ସେ ଭବିଷ୍ୟତରେ ଏକ ଆଦର୍ଶ ସନ୍ତାନ ହୋଇପାରିବ । ଆଜିର ଏ ଦୁନିଆରେ ଅର୍ଥର ଦାସ ହୋଇ ପଡ଼ିଥିବା ପିତାମାତା ପିଲାମାନଙ୍କୁ ସମୟ ଦେବା ପାଇଁ ପୂରା ଅକ୍ଷମ । ଏହାର ପ୍ରଭାବ ସେମାନଙ୍କ ସନ୍ତାନ ଉପରେ ପଡୁଛି । ଫଳରେ ସେମାନଙ୍କର ମାର୍ଗ ଭିନ୍ନ ହୋଇ ଯାଉଛି । ଏହାର ମୂଳ କାରଣ ହେଲେ ସେମାନଙ୍କର ପିତାମାତା । ପ୍ରତ୍ୟେକ ପିତାମାତା ତାଙ୍କର ସନ୍ତାନଙ୍କୁ ଭଗବତ୍ ଭକ୍ତି, ସତ୍ୟ କଥନ, ଶିଷ୍ଟାଚାର, ସୁଖୀ ଓ ସଦାଚାର ଇତ୍ୟାଦି ଶିଖାଇବା ଉଚିତ୍ । ଏସବୁ ସେ ଶିଖିଲେ ସେ ଭବିଷ୍ୟତରେ ଅଯୋଗ୍ୟ ସନ୍ତାନ ନ ହୋଇ ସୁଯୋଗ୍ୟ ସନ୍ତାନ ହୋଇ ପାରିବ ।

ଏ ସମାଜ ପାଇଁ ମୋର ଗୋଟେ ଛୋଟ ଅନୁରୋଧ – ଆମେ ସବୁ କିଛି ଭୁଲିଯାଇ, ପ୍ରଥମେ ଆମ ପିତାମାତାଙ୍କର ସେବା କରିବା ଉଚିତ୍ ଯାହାଦ୍ୱାରା ଆମେ ସମାଜରେ ଗୋଟିଏ ଗୋଟିଏ ଆଦର୍ଶ ସନ୍ତାନ ରୂପେ ପରିଗଣିତ ହୋଇପାରିବା । ❑



# ମାଗୁଣିର ଭୋଟ୍

ଅଜୟ କୁମାର ପଣ୍ଡା
+୩ ପ୍ରଥମ ବର୍ଷ କଳା

ସେଦିନ ଗଡ଼ ମଧୁପୁରର ଦାସ ସାହିରେ ପହଞ୍ଚିଥିବା ମଟର କାରକୁ ଦେଖି ସେଠାକାର ସବୁଲୋକ ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲେ । କି କଥା, ଯେଉଁ ଠିକି ଗାଁ ଖାଁ ଶଗଡ଼ଗାଡ଼ି ଛଡ଼ା ଅନ୍ୟ କିଛି ଯାନ, ଏମିତି କି ମଟର ସାଇକେଲ ଖଣ୍ଡେ ବି ଯାଏ ନାହିଁ । ସେଇଠି ଆଜି ମଟର ଗାଡ଼ି, ଆଶ୍ଚର୍ଯ୍ୟ ହେବା କଥା ମଧୁପୁର, ଦେଉଳିପଦା, ସାରଙ୍ଗ, ନରଦା ଓ ନିକେଇଗଡ଼ ମଧୁପୁର ପଞ୍ଚାୟତ । ଏହି ସବୁ ଗାଁଠାରୁ ଗଡ଼ ମଧୁପୁର ଜନସଂଖ୍ୟା ଅଧିକ । ମୁଖ୍ୟ ରାସ୍ତାଠାରୁ ପାଖାପାଖି ୩୫ କିଲୋମିଟର ଦୂର ଗଡ଼ମଧୁପୁର ଯାତାୟତ ପାଇଁ ସଡ଼କ ପଥ ସେତେ ଉନ୍ନତ ନାହିଁ । ରାସ୍ତା ଖରାପ ହୋଇଥିବାରୁ ଶଗଡ଼ରେ ଗଲେ କମ୍ ସେ କମ୍ ଘଣ୍ଟାର ରାସ୍ତା । ଆଉ ମଟରରେ ୩ଘଣ୍ଟାରୁ କମ୍ ସମୟ ଲାଗିବନି । ଗଡ଼ମଧୁପୁରର ଜନସଂଖ୍ୟାକୁ ଏହାର ଦାସ ସାହିର ଏକ ବିଶେଷ ଅବଦାନ ରହିଛି । ଗାଁରେ ରହୁଥିବା ଅନ୍ୟାନ୍ୟ ଲୋକମାନଙ୍କ ଅପେକ୍ଷା ଏଠାକାର ଦାସ ଓ ସେଠୀ ମାନଙ୍କର ସଂଖ୍ୟା ଅଧିକ । ତଥାପି ଦାସ ସାହିଟି ମୁଖ୍ୟ ଗାଁ ଠାରୁ ପଶ୍ଚିମକୁ ଆହୁରି ୫ କିଲୋମିଟର ଜଙ୍ଗଲ ଭିତର ଅବସ୍ଥିତ । ବେଳେ ବେଳେ ବାହାଘର ସମୟରେ ବୋହୂ ଆସିବାକୁ ବା ଝିଅ ବିଦା ହେବାକୁ ଏଠାକୁ ଶଗଡ଼ ଯାଏ । ହେଲେ ଆଜି ଏଠାରେ ମଟର ? ଲୋକମାନେ କାମଧନ୍ଦା ଛାଡ଼ି ମଟର ଦେଖୁଛନ୍ତି । ଝିଅ ବୋହୂ ମାନେ ଘରେ ଥାଇ କବାଟବାଟେ ମଟରକୁ କଣେଇ ଚାହିଁଛନ୍ତି । ଆଉ ଏହି ନଙ୍ଗଳା ଗାଣ୍ଡିଆ ପିଲାମାନେ ତାପଛେ ପଛେ ଧାଇଁଛନ୍ତି । ସମସ୍ତେ ଅବାକ୍ ହୋଇ ଚାହିଁ ରହିଥିଲେ । ହଠାତ୍ ସାହିର ମଝି ଭାଗରେ ମଟରଟି ରହିଲା । ତାଭିତରୁ ଧୋବ ଧାଉଳିଆ ବାବୁ ୭/୮ ଜଣ ଓହ୍ଲାଇଲେ । ଲୋକମାନେ କିଛି ବୁଝିପାରୁ ନଥାନ୍ତି । ହେଲେ ମାଗୁଣି ସବୁ ବୁଝି ପାରୁଥିଲା ।

ମାଗୁଣି ନାଏକ । ବୟସ ପାଖାପାଖି ୬୦ ହେବ । ମୁହଁରେ ମୋଟା ନିଶ, ବଳିଷ୍ଠ ଦେହେରା, ଡେଙ୍ଗା ହୋଇ କଳା ଲୋକଟେ । ବୟସ ଯେମିତି ତା' ପାଖରେ ହାର ମାନିଛି । ଏବେବି ସେ କାର୍ଯ୍ୟକ୍ଷମ । ସବୁ କାମ କରେ । ଜଙ୍ଗଲରୁ କାଠ ବୋହିବା, ପଥର ତାଡ଼ିବା, ଜମିଚାଷ କରିବା, ସବୁ କାମ କରେ । ସେଥିଲା ଦାସ ସାହିର ମୁଖିଆ । ସେ ମୁଖିଆ ହେବା ପଛରେ ମଧ ଗୋଟିଏ କୌତୁହଳପୂର୍ଣ୍ଣ ଘଟଣା ଅଛି । ଆଜିକୁ ୪୦ ବର୍ଷ ତଳେ । ଗଡ଼ମଧୁପୁର ଜଙ୍ଗଲରେ ଗୋଟାଏ ହେଟାବାଘ ମାତିଥିଲା । ଛେଳି ମେଣ୍ଢା ସବୁଖାଇ ଯାଉଥିଲା । ତା ଭୟରେ ଜଙ୍ଗଲକୁ କେହି ଯାଉନଥିଲେ । କିନ୍ତୁ ହଠାତ୍ ଦିନେ ଦେଖିଲା ବେଳକୁ ହୁ ହୁ ଖରା ବେଳଟାରେ ମାଗୁଣି କାଠରେ କ'ଣ ଗୋଟାଏ ନେଇ ଆସୁଛି... । ପାଖରେ ଯାଇ ଦେଖିଲା ବେଳକୁ ହେଟା ବାଘ ମରି ପଡ଼ିଛି । ପଚାରିଲାରୁ କହିଲା, 'ମୋର ଛେଳି ଗୋଠରୁ ଗୋଟାଏ ଧରି ପଳାଉଥିଲା, ଲକ୍ଷକରି କାନ ମୁଣ୍ଡାକୁ ତୀର ମାରିଲି, ଉଡ଼ିଛାଡ଼ି ବାଘଟା

ସେଇଟି ପଡ଼ିଗଲା ।' ସେତେବେଳକୁ ତାକୁ ମାତ୍ର ୨୫ ବର୍ଷ । ସେହି ଦିନଠୁଁ ସାହିବାଲା ତାକୁ ମୁଖିଆ କରି ଦେଲେ । ଏବେ କେତେ କ'ଣ ବଦଳି ଗଲାଣି । ସେତେବେଳର ଛୋଟ ସାହିଟି ଏବେ ଗୋଟିଏ ଗାଁ ହେବାକୁ ବସିଲାଣି । ତଥାପି ମାଗୁଣି ତାକୁ ସମ୍ଭାଳିଛି । ମାଗୁଣି ଦୂରରୁ ମଟର ଏବଂ ସେଥିରୁ ଓହ୍ଲାଇ ଥିବା ଲୋକଙ୍କୁ ଦେଖି ଠିକ୍ ଠଉରାଇ ପାରିଥିଲା ଯେ ଭୋଟ୍ ବେଳ ଆସିଗଲା । ନହେଲେ ଏମାନଙ୍କର ଆମ ପାଖରେ କ'ଣ କାମ ? କେହି ମରିଗଲେ ହଜିଗଲେ, କିମ୍ବା ସାହିରେ ମହାମାରୀ ପଡ଼ିଲେ ଯିଏ ହାଲତ ବୁଝିବାକୁ ଥରଟେ ଆସନ୍ତି ନାହିଁ, ନିଜର ସ୍ୱାର୍ଥ ନଥିଲେ ସେମାନେ ଆସନ୍ତେବା କାହିଁକି ? ହଉ, ସେମାନେ ସେମାନଙ୍କ କାମ କରନ୍ତୁ । ଏକଥା ଭାବି ମାଗୁଣିଆ-ତା' ଘର ଚାରିପାଖ ବାଡ଼ରେ ମରାମତି କାମର ଲାଗି ପଡ଼ିଲା ।

କିଛି ସମୟ ଲୋକମାନଙ୍କ ସହ କଥା ହେବା ପରେ, ଧୋବ ଧୋବଳିଆ ବାବୁମାନଙ୍କ ମଧ୍ୟରୁ ୩ଜଣ ମାଗୁଣିଆ ଘର ଆଡ଼କୁ ମୁହାଁଇଲେ । ବୁଢ଼ାକୁ ବାହାରେ ଦେଖି ପଚାରିଲେ, 'ତମ ନାଁ ମାଗୁଣି ନାଏକ' ? ବୁଢ଼ା କହିଲା ହଁ ଆଜ୍ଞା, ତମେ ଏ ସାହିର ମୁଖିଆ, ବୁଢ଼ା ଉତ୍ତର ଦେଲା– ହଁ । ସେମାନେ କହିଲେ ଆମେ ସହରରୁ ଆସିଛୁ । ତୁମ ସାହିରେ ଆମେ ଅନେକ ଅଭାବ ଅସୁବିଧା ଦେଖିଲୁ । ଏତେ ଅସୁବିଧାରେ ରହି ମଧ୍ୟ ତୁମେ ଥରେ ହେଲେ ବି ପ୍ରତିବାଦ କରୁନାହଁ ? ବୁଢ଼ା କିଛି ନକହି ସେମିତି ଚାହିଁ ରହିଲା । ସେମାନେ ପୁଣି କହି ଚାଲିଲେ । ଛାଡ଼, ତୁମର ସେ ସବୁ କଥା ଭାବିବା କିଛି ଦରକାର ନାହିଁ । ଆମେ ସବୁ ବୁଝିବୁ । ଆମ ଦଳ, ମଧୁ ପୁରର ମୁଖିଆଙ୍କ ପୁଅକୁ ସମର୍ଥନ କରୁଛି । ତମେ ତମ ସାହିରେ କୁହ ତାକୁ ଜିତାଅ । ତାପରେ ତମର ସବୁ ଅସୁବିଧା ଆମର । ଆମେ ସେ ସବୁ ଦୂର କରିବୁ । ସମସ୍ତଙ୍କର ଇନ୍ଦିରା ଆବାସ ହେବ, ଗାଁରେ ବିଦ୍ୟାଳୟ ତିଆରି ହେବ, ସମସ୍ତେ ପାଠପଢ଼ିବେ ଇତ୍ୟାଦି ଇତ୍ୟାଦି । ଏତିକି ବେଳେ ଜଣଙ୍କ ନଜର ଯାଇ ପଡ଼ିଲା ବାଡ଼ି ଭିତରେ ବୁଲୁଥିବା ପିଲା ଉପରେ । କଳା ମଚମଚ ରଙ୍ଗ ତା ଦେହର । ନାକର ଦି ପୁଡ଼ାରେ ଶିଙ୍ଘାଣି ଭର୍ତ୍ତି । ତେଲ ନଲାଗି ବାଳ ଗୁଡ଼ିକ ଫୁରୁଫୁରୁ ହୋଇ ଉଡୁଛି । ଉଲଗ୍ନ ଦେହ । ଜଣେ ପଚାରିଲା ଏ କିଏ ? ବୁଢ଼ା କହିଲା ଇଏ ମୋ ନାତି, ଅନାମ । ସଙ୍ଗେ ସଙ୍ଗେ ସେ ଦୌଡ଼ିଯାଇ ତାକୁ କାଖେଇ ପକେଇଲା ଆଉ କହିଲା, ଭାରି ଗୁଲୁଗୁଲିଆ ହୋଇଛି । ପକେଟ୍‌ରୁ ୧୦୦୦ ଟଙ୍କିଆ ନୋଟ୍ ଖଣ୍ଡିଏ କାଢ଼ି ତା ହାତରେ ଧରାଇ ଦେଲା । ଏତିକି କହି ସେମାନେ ଚାଲିଗଲେ... ଆଉ କହିଗଲେ ଆମ କଥା ମନେରଖିବ । ବୁଢ଼ା ଆଗରୁ କେବେ ନାଲିଆ ନୋଟ୍ ତାର ଆଖି କେବେ ଦେଖି ନଥିଲା । ଆଖି ଫେଡ଼ା ଫେଡ଼ା କରି ସେଇଟାକୁ ଚାହିଁ ରହିଥିଲା ।

ତାପରଦିନ ଆଉଦଳେ ଆସିଲେ, ପୁଣି ମାଗୁଣି ପାଖକୁ ଗଲେ । ସେଇମିତି କହିଲେ, ଅନେକ ପ୍ରତିଜ୍ଞା, ଅନେକ ସାନ୍ତ୍ୱନା, କୂଅ ଖୋଳିଦେବୁ, ରାସ୍ତା ତିଆରି କରିବାକୁ, ବସ୍ ଚଳାଚଳ, କୁଟୀର ଶିଳ୍ପ, ଡାକ୍ତରଖାନା ଆହୁରି କେତେ କ'ଣ । ସେମାନଙ୍କ ମନୋନୀତ ପ୍ରାର୍ଥୀ ଥିଲେ, ପାଟପୁରର ମୁଖିଆଙ୍କ ପୁଅ । ବୁଢ଼ା ଘରେ ଧୋତି, ଲୁଗା, ଗାମୁଛା ଥୋଇ ଯାଉ ଯାଉ କହିଗଲେ ଆମ କଥା ତମକୁ ଲାଗିଲା । ଆମକୁ ଭୁଲିବନି ।

ଆଉ ତା' ପରଦିନ ସାହିକୁ ଆସିଲା ନିଜେ ରାଜମଧୁପୁର ଜମିଦାରଙ୍କର ସାନଭାଇର ପୁଅ । ସେ ଆସି ମାଗୁଣିକୁ କହିଲା, ଦେଖ୍ ମାଗୁଣି । ମୁଁ ଏଥର ସରପଞ୍ଚ ଇଲେକ୍‌ସନରେ ଠିଆ ହୋଇଛି । ତମ ଲୋକଙ୍କୁ କହିବାକୁ ମୋତେ ଭୋଟ ଦେବେ । ବହୁତ ଲୋକ ବହୁତ କଥା

କହିବେ, ହେଲେ ତୁ ଆମ ଘରେ କାମ କରିଛୁ, ଆମକୁ ଭଲ ଭାବରେ ଚିହ୍ନିଛୁ । ଆମେ ଜମିଦାର ଘରର ଲୋକ, ଆମେ ତମ ମାନଙ୍କ ପାଇଁ କ'ଣ କରିଛୁ ଆଉ କରିବୁ ସେ କଥା ତୁ ଭଲ ଭାବେ ଜାଣିଛୁ । ବଡ଼ବାପା (ଜମିଦାର ହରିହର ମର୍ଦ୍ଦରାଜ) କହିଛନ୍ତି ତାକୁ ଦେଖା କରିବୁ । ଯାହା କରିବୁ ତାଙ୍କୁ ପଚାରି ବୁଝି ସୁଝି କରିବୁ ।

ସବୁ ଲୋକ ତ ଭଲ ଲାଗୁଛନ୍ତି । ସମସ୍ତେ ଭଲ କଥା କହୁଛନ୍ତି । କାହା ସହିତ ମାଗୁଣିର କିଛି ଶତ୍ରୁତା ନାହିଁ । କାହାକୁ ସେ ସମର୍ଥନ କରିବ ? ସେ ତ ମୂର୍ଖ ଲୋକ । ସେବା କ'ଣ ଜାଣିବ, ହେଲେ ବାପ ଅଜା ଅମଳରୁ ଜମିଦାରଙ୍କର ଲୁଣ ଖାଇଛି, ଜମିଦାରଙ୍କର ସାନ ଭାଇର ପୁଅ, ତାକୁ ଭୋଟ୍ ନଦବା କିପରି ? ତାମୁଣ୍ଡରେ କିଛି ପଶିଲାନି । ସିଧା ଚାଲିଲା ଗଡ଼ମଧୁପୁରର ଜମିଦାର ହରିହର ମର୍ଦ୍ଦରାଜଙ୍କ ପାଖକୁ । ସାଆନ୍ତକୁ ଲମ୍ବ ଚଉଡ଼ା ଜୁହାର କରି ତା ଅସୁବିଧା ବିଷୟରେ କହିଲା । ଜମିଦାର କହିଲେ ତୁ ତୋ କାମ କର । କ'ଣ କରିବାକୁ ହେବ ମୁଁ ତୋତେ ଠିକ୍ ସମୟରେ ଜଣେଇବି ।

ଫେରିଆସିଲା ବୁଢ଼ା ସେଦିନ । ତା ମୁଣ୍ଡ ହାଲକା ଲାଗିଲା । କହିଲା ଯାହାହେଉ ଜମିଦାର ସାଆନ୍ତେ ଯାହା କହିବେ ସେଇଆ ହେବ । ଏଇମିତି ଆଉ ଚାରିଦିନ ବିତିଗଲା । ଭୋଟ୍ ଆଉ ଦୁଇଦିନ ବାକି । ମାଗୁଣିଆ ସକାଳୁ ସକାଳୁ ପଖାଳ କଂସାଏ ଧରି ବସିଛି । ତାକୁ ଜମିଦାରଙ୍କଠାରୁ ଡ଼ାକରା ଆସିଲା । ସେ ସାଙ୍ଗେ ସାଙ୍ଗେ ସେ ଗଣ୍ଡାକ ଗିଳି ପକାଇ ଯାଇ ହାଜର ହେଲା ଜମିଦାରଙ୍କ ପାଖରେ । ଜମିଦାର ଚୁପ୍ ଚୁପ୍ କି କହିଲେ ତମ ସାହି ଲୋକଙ୍କୁ କହିବୁ ପାଟପୁର ମୁଖିଆ ପୁଅକୁ ଭୋଟ ଦେବେ । ବୁଢ଼ାକୁ କଥାଟା ଅଡୁଆ ଲାଗିଲା । ସେ କହିଲା - ତମ ପୁତୁରା ଥାଇଁ ଥାଇଁ । ଜମିଦାର କହିଲେ– ଛାଡ଼୍ ସେ ପୁତୁରା । କେଉଁଥିରେ ତୋର ଫାଇଦା ହେବ ଦେଖ୍ । ତୁ ମୋ କଥା ମାନ୍ । ମୁଁ ସୁପାରିଶ କରି ତୋ ପାଇଁ ଗୋଟେ ଇନ୍ଦିରା ଆବାସ ଘର, ଦୁଇ ଟଙ୍କିଆ ଚାଉଳ, ଆଉ ଟଙ୍କାର ବ୍ୟବସ୍ଥା କରି ଦେବି । ବୁଢ଼ାକିଛି ବୁଝି ପାରିଲାନି । ଖାଲି ମୁଣ୍ଡ ଦୁଲାଇ ଘରକୁ ଫେରିଲା ।

ବୁଢ଼ା ଘରକୁ ଫେରି ଭାବିହେଲା । ଗରିବ ହେଲେ ମଧ୍ୟ ତାର ଯେ ଗୋଟାଏ ସଚ୍ଚା ହୃଦୟଥିଲା । ଯେଉଁ ଜମିଦାରଙ୍କ ଲୁଣ ଖାଇଛି ତାଙ୍କ ପୁଅକୁ ସାମାନ୍ୟ ଭୋଟ୍ ଖଣ୍ଡେ ଦବନି । ନାନା, ଏମିତି ହେବ ନାହିଁ, ତାପର ଦିନ ବୁଢ଼ା ଗୋଟାଏ ସଭା ଡକାଇଲା, ଭୋଟ୍ ଆଉ ଦିନେ ବାକି । ସମସ୍ତଙ୍କ ମତ ଲୋଡ଼ିଲା, ସେ କିଛି କହିବା ଆଗରୁ ତା'ର ଲୋକମାନେ ତିନିଭାଗ ହୋଇସାରିଥିଲେ । ସେ କହି ଉଠିଲା, ଆମେ ଏକଥିଲେ ଏକ ହୋଇ ରହିବା । ଯାହାକୁ ଭୋଟ୍ ଦେବା ଜଣକୁ । ତମେମାନେ ଜମିଦାରଙ୍କ କଥା ମାନ ନାହିଁ । ସେତ ପଇସା ଖାଇଛି । ନହେଲେ କ'ଣ ନିଜ ପୁତୁରା ବିରୁଦ୍ଧରେ କୁହନ୍ତା । ମୋ କଥା ମାନ । କାଲି ସକାଳୁ ଭୋଟ ପୂର୍ବରୁ ମୁଁ ତୁମ ମାନଙ୍କୁ କହିବି କାହାକୁ ଭୋଟ୍ ଦେବ । ସଭାଶେଷ ହେଲା, ଯେଝା ଘରକୁ ଯେଝା ଗଲେ ।

ସେ ଦିନ ରାତିରେ ସାରା ସାହି ମାଉଁଶ ଆଉ ହାଣ୍ଡିଆରେ ଭାସୁଥିଲେ । ସକାଳ ହେଲା, ବୁଢ଼ା ବାହାରିଗଲା ଗାଁ ମୁଣ୍ଡକୁ ସମସ୍ତଙ୍କୁ କହିବା ପାଇଁ ଦେଖିଲା 'କୁସ୍ ଦାସ' ଦଳେ ଲୋକଙ୍କ ସହ ଭୋଟ ଦେଇ ବାହାରିଛି । ସେ ତା' ପାଖକୁ ଯାଇ କହିଲା ଆରେ କୁସ, ସମସ୍ତେ ଆମେ ଜମିଦାରଙ୍କ ପୁତୁରାକୁ ଭୋଟ ଦବା । ସେ କହିଲା ଆମେ ପାଟପୁର ମୁଖିଆଙ୍କ ପୁଅକୁ ଦବୁ । ଏକଥା ଆମକୁ ନିଜେ ଜମିଦାର କହିଛନ୍ତି । ବୁଢ଼ା କହିଚାଲିଗଲା – ଦେଖବାପ ! ଆମକୁ କେହି ଦେଇନିକି

ଦବନାହିଁ । ବୁଝିନା ନୂଆ ଦେଖୁଛୁ । ମୁଁ ଏମିତି କେତେ ଦେଖିଲିଣି । ଭୋଟ ପରେ କେହି ଆମକୁ ମୁହଁ ଦେଖାଇବେନି । ''ବୁଧ କହିଲା– ଦେଖ ବଡ଼ବା, ତୁ ବୁଢ଼ା ହେଲୁଣି ତୋ କଥା ତୁ ବୁଝ, ଆମ କଥା ଆମେ ବୁଝିବୁ । ବୁଢ଼ା ରାଗିଗଲା, କାଲିର ପିଲା ମୋ ଆଗରେ କହିବ । ଏକଥା ଭାବି ବସାଇଲା କାବୁଡ଼ା ତା ଗାଲରେ । ସେ ତ ଚୋକାଳିଆ ଲୋକ । ସେଟା ଛାଡୁଛି କେଉଁଠି । ସେତ ବେଳକୁ ମାଗୁଣିଆ ପୁଅ ପହଞ୍ଚି ଘଟଣାକୁ କାବୁ କରିବାକୁ ଚେଷ୍ଟା କରୁଥାଏ । ଆରମ୍ଭ ହୋଇଗଲା କନ୍ଦଳ ଦୁଇ ଗୋଷ୍ଠୀ ମଧ୍ୟରେ । ହଠାତ୍ ଠେଙ୍ଗାରେ ମାଗୁଣୀ ପୁଅର ମୁଣ୍ଡକୁ କିଏ ଗୋଟାଏ ପାହାର ବସାଇଲା । ଧାର ଧାର ହୋଇ ରକ୍ତ ଝରିଗଲା । ସେ ସେହିଠାରେ ଟଳି ପଡ଼ିଲା । ଆଉ ଉଠିଲାନି । ଲୋକମାନେ ଯିଏ ଯୁଆଡ଼େ ଚାଲିଗଲେ । ମାଗୁଣି ବୁଢ଼ା ସେଇଠି ସେମିତି ବସିଥାଏ । ତା ପୁଅର ରକ୍ତାକ୍ତ ମୁଣ୍ଡକୁ ବୁଢ଼ା କୋଳରେ ରଖି ପଡ଼ିଥାଏ । ନୀରବ ନିଶ୍ଚଳ ଭାବରେ । ଶେଷରେ ବୁଢ଼ା ଆଖିରୁ ଦୁଇଧାର ଲୁହ ବୋହିଗଲା । ସେ ଘଟଣା ଦେଖିଥିବା ଲୋକେ କୁହନ୍ତି । ଏଇଟା ମାଗୁଣିଆ ଆଖିରେ ପ୍ରଥମ ଲୁହ । ହଁ କାନ୍ଦବାନି ବି କେମିତି । ଭେଣ୍ଡା ପୁଅ ମରିଛି । ତାହିଁ ତାହିଁ କ'ଣ ହୋଇଗଲା । କି ଭୋଟ୍ । ଭୋଟ୍‌ରୁ ବୁଢ଼ାକୁ କ'ଣ ମିଳିବ ? ସେ ଗରିବ ଥିଲା ଗରିବ ରହିବ । ସେମାନଙ୍କ ଭଳି ମଳି ମୁଣ୍ଡିଆଙ୍କୁ ପଚାରେ ବା କିଏ ? ଭୋଟ୍ ବେଳେ ସମସ୍ତେ ଡାକିବେ, ତା ପରେ କେହି କାହାରିକୁ ଚିହ୍ନନ୍ତିନି ।

ଭୋଟ୍ ସରି ସଞ୍ଜଯାଇ ରାତି ହେବାକୁ ବସିଲାଣି । ଫଳାଫଳ ଜଣା ପଡ଼ିଲାଣି । ଲୋକମାନେ ପୁଣି ମଦ-ମାଉଁସ ଖାଇବେ । ସେଇ ଖୁସିରେ ପତାକାଧରି ଅନୁଭାଇ ଜିନ୍ଦାବାଦ କହି ଗାଁକୁ ବୁଲିବାକୁ ସଜହେଲେଣି । ଗାଁରେ ଛୁଆମାନଙ୍କ ଭିତରେ ମିଠେଇ ବଣ୍ଟା ହେଲାଣି । ହେଲେ ମାଗୁଣିଆ ବୁଢ଼ା କୋକେଇ ସଜାଡୁଛି ତା ପୁଅ ପାଇଁ । ଯାହା ହେଲେବି ଅନ୍ତ୍ୟେଷ୍ଟି କ୍ରିୟା କରିବାକୁ ପଡ଼ିବନା । ତା'ର ଭ୍ରୂକ୍ଷେପ ନାହିଁ । କିଏ ଜିତିଲା, କିଏ ହାରିଲା, ତା'ର କ'ଣ ଯାଏ ଆସେ ? ସେତ ତା ଜୀବନର ସବୁଠାରୁ ମୂଲ୍ୟବାନ ଜିନିଷ ହରେଇଛି । ଯାହା କି ସେ କେବେ ବି ଫେରି ପାରିବନି । କୋକେଇ ବାନ୍ଧି ସାରିଲା ବେଳକୁ ତା'ର ନଙ୍ଗଳା ଗାଣ୍ଡିଆ ନାତି ଟୋକାଟା ହାତରେ ଗୋଟେ କ'ଣ ଧରି ତା ପାଖରେ ଧାଇଁ ଧାଇଁ ପହଞ୍ଚିଲା । କହିଲା, 'ବା ବା ଆମଲ ନୂଆ ସରପଞ୍ଚ ଆଜି ମିଠେଇ ଦେଲେ । ଦେଖୁନୁ ବି'ଟା ଆଣିଚି, ତୁ ଗଲୁନି କାହିଁକି ? ଯାଇଥିଲେ ଆଣିଥାନ୍ତୁ । ହଉ ମୋ ଲୋ ଗୋଟେ ଅଧ ତୋଇ ଗୋଟେ । ବୁଢ଼ା କ'ଣ କହିବ ବୁଝି ପାରିଲାନି । ତାକୁ କୁଣ୍ଢେଇ ଭୋ ଭୋ ହୋଇ କାନ୍ଦି ପକାଇଲା । ଭଗବାନଙ୍କୁ ଡାକିଲା ହେ ଭଗବାନ ସମସ୍ତଙ୍କୁ ଯଦି ମୋ ନାତି ଭଳି ମନ ଦେଇଥାନ୍ତି ତାହେଲେ ଆଜି ହୋଇଥିବା ଦଙ୍ଗା, ମାଡ଼ପିଟ୍ ହୋଇ ନଥାନ୍ତା । ବେଶ୍ ରାତି ଯାଏଁ ବୁଢ଼ାର କାର୍ଯ୍ୟ ଶୁଭୁଥିଲା । ପୁଅର କ୍ରିୟା କର୍ମ ସାରି ବୁଢ଼ା ଘରକୁ ଫେରିଲା । ପୁଣି ବାହାରିଗଲା ଜଙ୍ଗଲକୁ ସବୁଦିନ ପରି । ମାଗୁଣିଆ ବୁଢ଼ାକୁ ଦେଖିଲେ ଲାଗୁଥିଲା ସତେ ଯେମିତି ତା ଛାତିଟା ପଥର ପାଲଟି ଯାଇଛି । ❑

# ଚହଲା ପାଣି

ବାସବକୃଷ୍ଣ ବେହେରା
+୩ ପ୍ରଥମ ବର୍ଷ କଳା

ବଞ୍ଚିବା ପାଇଁ ବେଳେବେଳେ ଏମିତି ଛଳନା କରିବାକୁ ପଡ଼େ । ଅତୀତକୁ ଭୁଲିଯିବାର, ପାଶୋରି ଦେବାର ଅଭିନୟ କରିବାକୁ ହୁଏ । ନିଷ୍ଠୁର ନଗ୍ନ ବାସ୍ତବତାକୁ ନେଇ କଷ୍ଟ ହୁଏନି । ସେଇଥିପାଇଁ ତ ସୁନା ସହିତ ଖାଦ ମିଶିଥାଏ । ଜୀବନର ଏମିତି କେତେଗୁଡ଼ା ଏଣେତେଣେ ପଡ଼ିଥିବା ଅନୁଭୂତିକୁ ଏକାଠି କରି ବେଳେ ବେଳେ ସୁରେଖା ତା'ର ଅବସର ସମୟରେ ଅତୀତର ପୃଷ୍ଠା ଓଲଟାଏ । ଅଦ୍ଭୁତ ଏ ସ୍ମୃତିର ଘର । ଟିକିଏ ନୀରବ ହୋଇ ବସିଲେ ସ୍ମୃତିର ଶିଉଳି ଘେରା ପାହାଚରେ ଗୋଡ଼ ଖସିଯାଏ । ଅତୀତର ରୋମାଞ୍ଚ କୋଣାରୁ ଖୋଳପା ଛାଡ଼ିଯାଏ ଆଉ ତା' ଭିତରୁ ଡେଣାଝାଡ଼ି ବାହାରି ଆସେ ସ୍ମୃତିର ପ୍ରଜାପତି । ଯଦିଓ ସେ ତା'ର ନିତିଦିନିଆ ଜୀବନରେ ସବୁକିଛି ଭୁଲିଯିବାର ଅଭିନୟ କରେ । ଯେଉଁ ସ୍ମୃତିର କିଛି ବି ଆରମ୍ଭ, ମଧ୍ୟକୁ ଆଉ ଶେଷନାହିଁ; ତାକୁ ସାଇତି ରଖି କ'ଣ ବା କରିଥାନ୍ତା ସୁରେଖା ?

ସମୁଦ୍ରରେ ଢେଉ ଉପରେ ଢେଉ ଉଠେ । କେତେ ଆସି କୂଳରେ ବାଡ଼େଇ ହୁଏ, ଥମି ଯାଏ; ଫେରିଯାଏ । ଜୀବନର ଢେଉ ବି ଏମିତି ହଠାତ୍ ଆସେ ଆଉ ଅଜାଣତେ ଫେରିଯାଏ । କେଇଟାକୁ ଗଣି ରଖେନା । ଗଣି ଲାଭ କ'ଣ ? ଜୀବନଟାକୁ କେବଳ ଜ୍ୟାମିତିକ ବୃତ୍ତରେ ଆଙ୍କି ମିଶାଣ, ଗୁଣନ, ଫେଡ଼ାଣର ଚିତ୍ର ବିଚିତ୍ର ରଙ୍ଗ ଦେଇ ସତରେ ବଞ୍ଚି ହୁଏନା । ହିସାବୀ ଦୁନିଆରେ ସେଥିଲାଗି ଇଞ୍ଚ ଇଞ୍ଚ ହୋଇ ସୁରେଖା ମରିଯାଏ । ମରିଯାଇ ପୁଣି ବଞ୍ଚେ । ପୁଣି ଦେଖେ ସେହି ସୁନ୍ଦର ସକାଳ, ତା ଘରର ଝରକା ସେପଟୁ ଝଟକି ଉଠି ହସୁଛି । ସ୍ୱାଗତ କରୁଛି ତାକୁ । ସନ୍ଧ୍ୟା ଆସେ, ସୁରେଖା ମରିବାର ଶପଥ ନେଇ ସନ୍ଧ୍ୟାଠୁ ବିଦାୟ ମାଗି ନିଏ । ଆଖିବୁଜି ଜୀବନର ପୃଷ୍ଠା ଓଲଟାଏ ଆଉ ଆଖି ଫିଟାଇଲା ବେଳକୁ ଦେଖେ ତା ଘରର ଝରକା ସେପଟେ ସେହି ନିର୍ଲଜ ସକାଳଟା ଦାନ୍ତ ନିକୁଟି ତାକୁ ଖତେଇ ହେଉଛି ।

ଏହିଭଳି ଭାବରେ ନିତିଦିନିଆ ଜୀବନ ତା'ର ଆରମ୍ଭ ହୋଇ ଗତାନୁଗତିକ ଢାଞ୍ଚାରେ ଶେଷ ହୋଇଯାଏ । ହେଲେ ଆଜି ତା' ଜୀବନରେ କିଛିଟା ହଲଚଲ ଆସିଛି । ଚା'କପେ କରି ମଧ୍ୟ ପିଇ ପାରିଲା ନାହିଁ ସୁରେଖା । କେମିତି ପିଅନ୍ତା ? ସ୍ୱାମୀ ରଞ୍ଜନ ସେଆଡ଼େ ହସ୍ପିଟାଲରେ ପଡ଼ିଛନ୍ତି । ଦିଅର ମନୋଜ ସକାଳୁ ହସ୍ପିଟାଲ୍ ଯାଇଛି । ଆଉ ନିଜେ ସୁରେଖା ତ ରାତିସାରା ଜଗି ଜଗି ଏଇ ଆସି ପହଞ୍ଚିଲା । ରାତି ଅନିଦ୍ରା ଯୋଗୁଁ ଆଖି ପୋଡୁଛି । ନିଦରେ ଆଖିପତା ଢୁଳୁ ଢୁଳୁ ହେଉଛି । ରଞ୍ଜନଙ୍କ ରୋଗୀଣା ପାଣ୍ଡୁର ମୁହଁଟା ନାଚି ଉଠୁଛି । ତା' ସହିତ ଆଉ ଜଣକର ଚେହେରା ବି ନାଚି ଉଠୁଛି । ନା-ସେ ଏମିତି ସମୟରେ କାହାରିକୁ ମନେ ପକାଇବନି । ଅଥଚ ସବୁ କଥା କ'ଣ ମନେ ପକାଇବାକୁ ହୁଏ । ଅନେକ କଥା ଛାଏଁ ଛାଏଁ ଫୁଲ ଫୁଟିଲା ଭଳି ଆସି ମନ ଡାଳରେ ଫୁଟନ୍ତି ।

ଆଇନା ପାଖରେ ଆସି ଠିଆ ହେଲା ସୁରେଖା । କେମିତି ଶୁଖିଲା ଦିଶୁଛି ମୁହଁଟା । ଅଚିହ୍ନା ଲାଗୁଛି । ବେକ, କାନ, ହାତ ଫୁଙ୍ଗୁଳା । ଗୋଟାଏ ଦିନରେ ବୟସ ସତେକି ଢେର ବଢ଼ି ଯାଇଛି । ଆଡ଼ଭୋକେଟ୍ ରଞ୍ଜନ ରାୟଙ୍କୁ ବାହା ହୋଇ ସେ ବଞ୍ଚିବା ପାଇଁ ତାର ସମସ୍ତ ଗହଣା ନିର୍ବିକାରରେ ଗୋଟିଏ ପରେ ଗୋଟିଏ ଖୋଲି ଦେଇଛି । ରଞ୍ଜନଙ୍କର ଶୁଷ୍କ, ପାଣ୍ଡୁର ମୁହଁ ଦେଖିଲା ବେଳେ ଗହଣାଠୁ ଲୋଭ ପ୍ରଶମିତ ହୋଇ ବଞ୍ଚିବାର ମୋହ ବଢ଼ିଯାଏ । ଅଥଚ ହାତରେ ସୁନା ମୁଦିଟା ଏପର୍ଯ୍ୟନ୍ତ ବି ରହିଛି । ଚେଷ୍ଟା କରି ବି ସବୁ ଅଭାବ, ଅସୁବିଧା

ଭିତରେ ହାତରୁ ସେଇ ଟିକକ ଜିନିଷକୁ ଖୋଲି ପାରିନାହିଁ ସୁରେଖା । କେବେ କେବେ ରଞ୍ଜନଙ୍କୁ ଅସହାୟ ଦୃଷ୍ଟିରେ କିମ୍ବା ମନୋଜଙ୍କ ଖାଲି ଆଖି ଦେଖି ମନେ ମନେ କହିଛି 'ଏହି ମୁଦିଟା ମୋର ସମ୍ବଳ, ଏହା ପଛରେ ଅନେକ କାହାଣୀ । ପ୍ଲିଜ୍ ତୁମେ କେହି ସେ ମୁଦିଟା ଉପରେ ଆଖି ପକାଅନା । ସେ କାହାଣୀ ସଂପର୍କରେ ମୋତେ ବି କିଛି ପଚାରନା ।

ରଞ୍ଜନ କିମ୍ବା ମନୋଜ କେବେ ବି ସେ ମୁଦି କଥା କି ତା ଅତୀତ କଥା ପଚାରି ନାହାଁନ୍ତି । କାହିଁକି ପଚାରିବେ ? ସେ ସେମାନଙ୍କୁ ସ୍ନେହ, ମମତା, ପ୍ରେମ, ସେବା ଦେବାର କ'ଣ କେବେ କାର୍ପଣ୍ୟ କରିଛି ? କେତେ ଗୁଡ଼ା ବର୍ଷ ଏଇଟି ସେ ଜଳି ଜଳି ବିବର୍ଣ୍ଣ, ନିସ୍ତେଜ ହୋଇ ଯାଇଛି । ତଥାପି ସୁରେଖାର ମନେହୁଏ ସ୍ନେହ ମମତାର ବିପୁଳ ପସରା ମେଲାଇ ସେ ରଞ୍ଜନଙ୍କ ଭଳି ସ୍ୱାମୀ ଆଉ ମନୋଜଙ୍କ ଭଳି ଆଜ୍ଞାବହ ଦିଅରଙ୍କୁ ଦିନ ଦିନ, ବର୍ଷ ବର୍ଷ କେବଳ ପ୍ରତାରିତ କରି ଆସିଛି । ସେ ନିଜେ ଏକ ଛଳନାର ପ୍ରତିମୂର୍ତ୍ତି । ଆପଣାକୁ ଠକାଇଛି ଆଉ ନିଜର ଆପଣାର ମାନଙ୍କୁ ବି ଠକାଇଛି ।

ହାତରେ ଧରିଥିବା ତା' କପଡ଼ା ଚହଲି ଉଠିଲା । କିଛି ଭରମ ତା' ସୁରେଖା ଉପରେ ପଡ଼ିଗଲା । କେମିତି ଏକ ଯନ୍ତ୍ରଣା ଚହ୍‌କିନା ଦେହରେ ଖେଳାଇ ହୋଇଗଲା । ହାତଟା ପୋଛି ଦେଇ ଦେଇ ତା ଦୃଷ୍ଟି ପୁଣି ସେହି ମୁଦିଟା ଉପରକୁ ଚାଲି ଆସିଲା । ସୁରେଖାର ଆଖି ବୁଜି ହୋଇଗଲା । କେତେ ସ୍ମୃତି, କେତେ ବ୍ୟଥା ନେଇ ସତରେ ଏ ମୁଦିଟା ତା ପାଖରେ ରହିଛି । ଏଇ ଟିକକ ସନ୍ତକ ହିଁ ମନେ ପକାଇ ଦିଏ ଅପରୂପଙ୍କର ଲୁହ ଧୁଆ ସ୍ମୃତିକୁ । କେତେ ଯତ୍ନ କେତେ ଅନୁରାଗ ଭିତରେ ସେ ଅତୀତ ବଞ୍ଚିଛି ସତେ ! ଅତୀତ ଏମିତି ଏକ ପୃଷ୍ଠଭୂମି, ଯାହାକୁ କି ନିଜ ଆଡୁ ଖୋଳିବାକୁ ପଡ଼େନା । ସେ ଆପଣା ଛାଏଁ ଖୋଲି ହୋଇଯାଏ । ଟିକିଏ ଆଘାତ, ଟିକିଏ ଅନୁଶୋଚନା, ଟିକିଏ ନିରୋଳା ସମୟ ପାଇଲେ ଅତୀତର ଖୋଳପା ଛାଡ଼ିଯାଏ । ଝରକା ଭିତରୁ ସେ ପଟର ସୁନେଲି ସକାଳଟାକୁ ଅନାଇଲା ଭଳି ସୁରେଖା ନିଜେ ଅଜାଣତରେ ସେମିତି ମନର ଝରକା ଖୋଲି ଅତୀତକୁ ଉଙ୍କିମାରେ । ଅପରୂପଙ୍କ ଚେହେରା ବାରମ୍ବାର ତା'ର ସାମ୍ନାରେ ଝଲସେ । ପର୍ଦ୍ଦା ହଟେଇଲା ଭଳି ସେ ଚେହେରାକୁ ସେ ଘୁଞ୍ଚେଇ ପାରେନା ?

ଅପରୂପଙ୍କ ସହିତ ନିବନ୍ଧ ସରି ଯାଇଥିଲା । ଡାକ୍ତର ଜ୍ୱାଇଁ ପାଇ ବାପା ବୋଉ ସମସ୍ତେ ଖୁସି ହୋଇ ଯାଇଥିଲେ ? ନିର୍ବନ୍ଧ ଦିନ ନିଜେ ଅତି ସରାଗରେ ଏହି ମୁଦିଟା ସୁରେଖା ହାତରେ ପିନ୍ଧାଇ ଦେଇଥିଲେ ଅପରୂପ । ତାଙ୍କର ସେହି ଟିକକ ପରଶ ସୁରେଖାର ସାରା ଦେହରେ ଶିହରଣ ସୃଷ୍ଟି କରିଥିଲା । ତାଙ୍କର ଚେହେରା କଥାବାର୍ତ୍ତା ତାକୁ ଅତି ଆପଣାର ଲାଗିଥିଲା । ସେଦିନ ରାତିସାରା ଅପରୂପଙ୍କୁ ନେଇ ମିଠା ମିଠା ସ୍ୱପ୍ନରେ ସେ ବୁଡ଼ି ଯାଇଥିଲା । ତାର କିଛି ଦିନ ପରେ ହିଁ ସୁରେଖା ଆଙ୍ଗୁଳିରେ ବଥଟିଏ ବାହାରି ପାଚିବାକୁ ଆରମ୍ଭ କରିଥିଲା । ନିଜେ ବୋଉ ଅପରୂପଙ୍କୁ ଡାକିବା ପାଇଁ ପରାମର୍ଶ ଦେଇଥିଲା । ତେଣୁ ଦ୍ୱିତୀୟଥର ଅପରୂପଙ୍କ ସହିତ ସୁରେଖାର ଦେଖା ହୋଇଥିଲା । ନିଜେ ସେ ଅପରେସନ୍ କରିଥିଲେ ଘାଆକୁ । ତାଙ୍କ ହାତରେ ଛୁରୀ, କଞ୍ଚି ଦେଖି ଭୟରେ ପ୍ରଥମେ ଶିହରି ଉଠିଥିଲା ସୁରେଖା । ତା' ଆଖିରେ ଭୟ ଦେଖି ହସିଥିଲେ ଅପରୂପ ଆଉ କହିଥିଲେ ଅତଗା ଜଣେ ଡାକ୍ତରକୁ ବାହା ହେବାକୁ ଯାଉଥିବା ଝିଅଟିର ଏମିତି ସବୁ ଭୟ ରହିବା ଉଚିତ୍ ନୁହେଁ । ଲଜ୍ଜାରେ ବୁଡ଼ି ଯାଇଥିଲା ସତ କିନ୍ତୁ ତାଙ୍କର ଏ ମୃଦୁ ଆକ୍ଷେପ ତାକୁ ଭଲ ଲାଗୁଥିଲା । ବଥଟାକୁ କାଟିଲା ବେଳେ ନିଜେ ଯନ୍ତ୍ରଣାରେ ଛଟପଟ ହୋଇ ଉଠିଥିଲା ଆଉ ତା ହାତକୁ ଧରି ରଖିଥିଲେ ବାବା ବୋଲି । ବ୍ୟାଣ୍ଡେଜ୍ ବନ୍ଧା ପରେ କୃତଜ୍ଞତାରେ ତାର ଆଖି ନଇଁ ଆସୁଥିଲା ବେଳେ ସେ ଦେଖିଥିଲା ଅପରୂପ ତାକୁ ଚାହିଁ ରହିଛନ୍ତି ସ୍ୱପ୍ନ ବିଭୋର ଆଖିରେ । ତାଙ୍କ ଆଖି ସହ ଆଖି ମିଶିଗଲା । ଏକାନ୍ତରେ ଅପରୂପ ମୁଦିଟା ଉପରେ ନିଜ ଓଠ ଲଗେଇ ଟିକିଏ ମୁରୁକି ହସିଦେଇଥିଲେ । ତା' ଲଜକୁଆ ଗାଲ ଶାନ୍ତ ପିଲାଟିଏ ପରି ସେ ଚାଲିଗଲେ । ସୁରେଖା କ'ଣ ସତରେ ଜାଣିଥିଲା ସେ ବିଦାୟଟା ହେବ ବୃତ୍ତାନ୍ତ ବିଦାୟ ?

ତା' ର କିଛି ସମୟ ପରେ ସୁରେଖା ଶୁଣିଥିଲା ଅପରୂପ ଟ୍ରକ୍ ଚକା ତଳେ ପଡ଼ି ଯାଇଛନ୍ତି । ବାପା କହିଲେ, ସେ ନିଜେ ସମସ୍ତେ ଅପରୂପଙ୍କର ରକ୍ତାକ୍ତ ଦେହଟାକୁ ଦେଖି ପିଲାଙ୍କ ଭଳି କାନ୍ଦି ଉଠିଥିଲା ସୁରେଖା । ପୃଥିବୀରୁ ଶେଷ ବିଦାୟ ମାଗିନେବା ଆଗରୁ ଯନ୍ତ୍ରଣାଭରା ଆଖିରେ ସାମାନ୍ୟ ଟିକେ ଚାହିଁଥିଲେ ଅପରୂପ । ସେ ଚାହାଁଣି ତାର ମୁହଁ ଉପରେ ହିଁ ନିବଦ୍ଧ ଥିଲା ଯେମିତି ସେ କହିଗଲେ ।

"ମୋତେ ଅସମୟରେ ବିଦାୟ ନେବାକୁ ପଡ଼ିଲା ରେଖା । ଦୁଃଖ କରିବନି । ଏ' ତ ଦୁନିଆର ସାଧାରଣ ଘଟଣା । ଆଗପଛ ହୋଇ ସମସ୍ତେ ଯିବା । ଏଠି ନହେଲା ନାହିଁ, ଆର ପୁରରେ ନିଶ୍ଚେ ଆମର ମିଳନ ହେବ ।"

ଅପରୂପଙ୍କର ନିର୍ଜୀବ ଦେହଟା ଉପରେ ନିଜର ଭାଲସାନ୍ୟ ଲୋଟାଇ ଦେବାକୁ ଗଲାବେଳେ ଅପରୂପ ମାଆଙ୍କର 'ଅଲକ୍ଷଣୀ' କଥା ଶୁଣି ଅଟକି ଯାଇଥିଲା ସୁରେଖା । ବାପା ବାହାରକୁ ଟାଣି ନେଇ ଆସିଥିଲେ ତାକୁ । ପଛରୁ କିଛି ବି ଶୁଣିପାରୁ ନଥିଲା ସୁରେଖା । ତା' ପରେ ରଞ୍ଜନଙ୍କ ସହିତ ଆକସ୍ମିକ ଭାବରେ ତାର ବାହାଘର ହୋଇଗଲା । ଗୋଟିଏ ଛୋଟିଆ ସ୍ମୃତି ସବୁଦିନ ଲାଗି ବିଗତ ଦିନର ଭଡ଼ାଡ଼ରେ ଲୁଚିଗଲା । ତା'ଉପରେ ବହଳ ଧୂଳିମାଟି ଜୁଡ଼େଇ ହୋଇ ପଡ଼ିଲା । ସ୍ୱାମୀ, ସଂସାର ଭିତରେ ଭୁଲିଗଲା ସୁରେଖା । ଗୋଟିଏ ଜୀବନର ଆକସ୍ମିକ ବିପର୍ଯ୍ୟୟର କଥା ।

ମନୋଜ କଲେଜ ଗଲାପରେ ରଞ୍ଜନ କଚେରି ବାହାରି ଗଲା ପରେ ଖାଇ-ପିଇ ଯେତେବେଳେ ବିଛଣାରେ ସୁରେଖା ମୁହଁ ମାଡ଼ି ପଡ଼ିଥାଏ ଠିକ୍ ସେତିକିବେଳେ ଅଜାଣତରେ ତାର ମନର ଗମ୍ଭୀରି କବାଟଟା ଖୋଲିଯାଏ । ଟିକି ଟିକି ଛିଣ୍ଡା ସ୍ମୃତି ସବୁଜୀବନରେ ଛୁଞ୍ଚି ହୋଇ ଯାଆନ୍ତି । ତାକୁ ସବୁ ଜୀବନଟା କେମିତି ରହସ୍ୟମୟ ଲାଗେ ।

କେତେକେତେ କଥା ସବୁ ମନେ ପଡ଼େ । ସେ ଭାବେ ପ୍ରତିଟି ଜୀବନରେ ଏମିତି କିଛି ନା କିଛି କୌତୂହଳ ଭରା କାହାଣୀ ଲୁଚି ରହିଛି । ସେଥିପାଇଁ ସୁରେଖା ମଣିଷକୁ ଏକ ଛାପାବହି ସହ ତୁଳନା କରେ । କିନ୍ତୁ ସେ ବହି ପଢ଼ିବାର ସୁଯୋଗ ସମସ୍ତଙ୍କର ଭାଗ୍ୟରେ ଜୁଟେନି । ତେଣୁ ଜଣେ ଜଣକୁ ଠିକ୍ ବୁଝି ପାରେନି । ସେଥିପାଇଁ ସମସ୍ତଙ୍କ ଭିତରେ ଥାଇ ବି ଜୀବନଟା ଏତେ ଲମ୍ବା ଏକୁଟିଆ ଲାଗେ । ଏହିଭଳି ଭାବନାର ସୁଅରେ ଭାସିଗଲା ବେଳେ ତା ଆଖି ମୁଦିଟା ଉପରେ ପଡ଼େ । ଇଚ୍ଛା ହୁଏ ଖୋଲିଦେବ, ଫିଙ୍ଗିଦେବ କିମ୍ବା ହାତ ବାକ୍ସରେ ରଖିଦେବ । କିନ୍ତୁ ଖୋଲୁ ଖୋଲୁ ହାତ ଅଟକି ଯାଏ । କିଏ ଯେମିତି ଦୁଇଟି ସଜଳ ଆଖି ମେଲି କହେ, 'ସାମାନ୍ୟ ମୁଦିଟା କ'ଣ ତମକୁ ଅଡୁଆ ଲାଗୁଛି ରେଖା ? ସ୍ମୃତିର କ'ଣ କିଛି ମୂଲ୍ୟ ନାହିଁ ? ଜୀବନଟା କ'ଣ ଗୋଟାଏ ଫିଙ୍ଗା ଫୋପଡ଼ାର ସହର ? ତମେ କ'ଣ ସତରେ ସେହି ସ୍ନେହସିକ୍ତ କେତୋଟି ମୁହୂର୍ତ୍ତକୁ ମୁଦି କାଢ଼ି ଦେଲାପରେ ନିଜ ଭିତରୁ କାଢ଼ି ଦେଇ ପାରିବ ? ପ୍ଲିଜ୍ ସୁରେଖା, ତୁମେ ବଞ୍ଚିଥିଲା ଯାଏଁ ମୋତେ ତୁମ ମନ ଭିତରେ ଟିକିଏ ସ୍ଥାନ ଦିଅ ।

ସୁରେଖାର ଆଖି ଛଳ ଛଳ ହୋଇଯାଏ । ଓଠ କାମୁଡ଼େ ସେ । ସତରେ ତ ମୁଦିଟା କ'ଣ କ୍ଷତି କରୁଛି । ବରଂ ତା ଦେହ ନଙ୍ଗଳା, ବେକ ଫୁଙ୍ଗୁଳା ଓ ଆଙ୍ଗୁଳିଟା ଶୋଭାକର ଦିଶୁଛି । ସେଥିପାଇଁ ବାପଘରୁ ଆଣିଥିବା ବେକର ହାର, କାନଫୁଲ ଖୋଲି ସ୍ୱାମୀ ରଞ୍ଜନ ହାତକୁ ବଢ଼ାଇ ଦେଇଛି ନିର୍ବିବାଦରେ । ମୁଦିଟା ଉପରେ ସ୍ୱାମୀଙ୍କର ଆଖି ପଡ଼ିଛି କି ନା କେଜାଣି । ପଡ଼ିଥିଲେ ସେ କିଛି କହି ନାହାନ୍ତି କି ଅନ୍ୟ ଗହଣା ଭଳି ମୁଦିଟାକୁ ସୁରେଖା ବି ରଞ୍ଜନଙ୍କ ହାତକୁ ଟେକି ଦେଇ ପାରିନି । ଗୋଟାଏ ଆତ୍ମାର ପ୍ରୀତି ଉପହାରକୁ ସେ କ'ଣ ସମ୍ମାନ ଜଣାଇ ସାଇତି ପାରିବନି । ଅନେକଥର ଇଚ୍ଛା ହୋଇଛି ତା ଜୀବନର ଏହି ଛୋଟ କାହାଣୀକୁ ରଞ୍ଜନ କିମ୍ବା ମନୋଜଙ୍କ ଆଗରେ କହି ସେ ନିଜକୁ ମୁକ୍ତ କରି ଦିଅନ୍ତା, ହାଲକା ହୋଇ ଯାଆନ୍ତା । କିନ୍ତୁ ପାରେନା । ସରଳ ସ୍ୱଚ୍ଛନ୍ଦ ସଂସାରରେ ରଞ୍ଜନଙ୍କ ମନରେ ସନ୍ଦେହର ନୀଳ ବିଷ ଜାଣି ଜାଣି ସେ ଭରିଦେବ କାହିଁକି । ମନୋଜକୁ କହିଦେଲା ପରେ ନିଜର ପ୍ରସ୍ତିହୋଇ ରହିବ କ'ଣ ସତେ ? ଗୋଟିଏ ସଜଳ ସ୍ମୃତି ଏମିତି ବଂଶ କାଗଜ ଭଳି ମୋଡ଼ି ମୋଡ଼ି ହୋଇ ଲୋଚାକୋଚା ଭାବରେ ମନର ଗମ୍ଭୀରାରେ ପଡ଼ିଥାଉ । ହେଇ ବଂଶ ଭଲ । ଚିରଦିନ ଯେ ପୃଥିବୀର ଆଲୋକ ଦେଖିବାକୁ ଯାଇ ଅନ୍ଧାରରେ ମିଶିଯାଇଛି ସେହି ଅନ୍ଧାରରେ ପଡ଼ି ରହିଥାଉ...

– ଭାଉଜ !

– ହିଁ, ତମେ କେତେବେଳେ ? ତହାସୁ ତାରା ଭଳି କହିଲା ସୁରେଖା । ମନୋଜଙ୍କର ଝାଳ ସରସର ମୁହଁ ଦେଖି ସେ ବ୍ୟସ୍ତ ହୋଇ ଉଠିଲା । ଅଜଣା ଆଶଙ୍କାରେ ତା ମନ ଥରିଉଠିଲା । ତା'ହେଲେ ରଞ୍ଜନ କ'ଣ ।

.... ଏମିତି ଅପରୂପ ସେଦିନ...

ଆଉ ସୁରେଖା ମନୋଜଙ୍କର ମୁହଁରୁ ସେମିତି କିଛି ନିଷ୍ଠୁର ସତ୍ୟ ଶୁଣିବା ଆଗରୁ ନିଜ କାନ ଦୁଇଟା ଚାପି ଧରିଲା ।

– ଭାଇଙ୍କର ରକ୍ତ ଦରକାର ।

– କ'ଣ ?

କିଛି ବୁଝି ନପାରିଲା ଭଳି ବୁଦ୍ଧୁବୁଦ୍ଧୁ ହୋଇ ଚାହିଁଲା ମନୋଜଙ୍କ ମୁହଁକୁ । ଛିଃ, କି ଆଶଙ୍କା ସେ କରୁଥିଲା । ଏବେ ଅମଙ୍ଗଳ । ମନୋଜଙ୍କ ଝାଉଁଳା ମୁହଁକୁ ଦେଖି ବୁଝିଲା ସୁରେଖା ଟଙ୍କା ନାହିଁ । ସୁନାମଧନ୍ୟ ଆଡ୍‌ଭୋକେଟ୍ ରଞ୍ଜନ ରାୟ ଆଜି ରକ୍ତ ପାଇଁ ମୃତ୍ୟୁ ଶଯ୍ୟାରେ ଛଟପଟ । ରଞ୍ଜନଙ୍କ ଓକିଲାତିରେ ସୁନାମ ଥିଲା, ଟଙ୍କା ନଥିଲା । କଳାଧନର ଓଲଟା ମିଶାଣ ଶିଖି ନଥିବାରୁ ତାଙ୍କର ସବୁ କେସ୍ ଫ୍ଲପ୍ ମାରୁଥିଲା । ରଞ୍ଜନଙ୍କ ହାତକୁ କେସ୍ ଦେବାକୁ କେହି ଭରସି ପାରୁ ନଥିଲେ । ଓକିଲାତିରେ ନେଇଆଣି ଥୋଇ ନ ଜାଣିଲେ ଚାହା କପେ ପିଇବାକୁ ମିଳିବନି । ସେହି ଅବସ୍ଥା ହିଁ ରଞ୍ଜନଙ୍କର ହୋଇଛି । କଳା-ଧଳାର ସୀମାରେଖା ଟାଣି ରଞ୍ଜନ ରାୟ ଅସମୟ ଭାବରେ ଠକି ଯାଇଛନ୍ତି । ଆଜି ତାଙ୍କର ରକ୍ତ ଦରକାର । ସେ ରକ୍ତ ବି ଏମିତି ହୋଇଥିବ କିଏ ଜଣେ ଦିନକ ପାଇଁ ବଞ୍ଚିବା ଲାଗି ବର୍ଷ ବର୍ଷର ସଞ୍ଚିଥିବା ରକ୍ତକୁ କେଇଟି ଟଙ୍କାରେ ବିକି ଦେଇ ଯାଇଥିବ । ସେହି ରକ୍ତ ଆଜି ଲୋଡ଼ା ରଞ୍ଜନଙ୍କର । ଯାହାକି ତାଙ୍କୁ ଜୀବନ ଦେବ । ନଚେତ୍ ରଞ୍ଜନଙ୍କର ଜୀବନ-ଦୀପ ସବୁଦିନ ପାଇଁ ... ଆଉ ତାପରେ ? ଯେଉଁ ଅନାଗତ ଆତ୍ମାଟି ପେଟରେ ଖେଳୁଛି ପୃଥିବୀର ଆଲୋକ ଦେଖିବା ପାଇଁ ? ନା, ନା ସେ ରଞ୍ଜନଙ୍କୁ ଏମିତି ଲିଭିଯିବାକୁ ଦେବନି । ଏମିତି ନିଜ ମଥାରୁ ସିନ୍ଦୂର ପୋଛି ଦେଇ ହାତରେ କାଚ ଭାଙ୍ଗି ପାରିବନି । ଅସହାୟତାର ଅନ୍ଧକାର ଭିତରେ ହଜି ଯାଉଥିଲାବେଳେ ସୁରେଖାର ଅଙ୍ଗୁଳି ଉପରେ ମୁଦିଟା ଯେମିତି ଝକ୍ ଝକ୍ କରି ଉଠିଲା । ଆଶାର ଆଲୋକରେ ଉଜ୍ଜ୍ୱଳ ହୋଇ ଉଠିଲା ସୁରେଖାର ଆଖି ଦୁଇଟା । ପରକ୍ଷଣରେ କେଉଁ ଏକ ବ୍ୟଥାତୁର ବେଦନାରେ ତାର ମୁଖ ବିକୃତ ହୋଇଗଲା । ହାତରେ ବସିଯାଇଥିବା ମୁଦିଟାକୁ ସେ ବହୁ କଷ୍ଟରେ ଖୋଲି ମନୋଜଙ୍କର ହାତକୁ ବଢ଼ାଇ ଦେଲା । ଆଶ୍ଚର୍ଯ୍ୟରେ ମନୋଜ ତାକୁ ଚାହିଁ ରହିଥିଲେ । ତା'ପରେ ଧିରେ ଧିରେ କହିଲେ, 'ଭାଉଜ, ଏ ମୁଦିଟା ପଛରେ ପରା କ'ଣ କାହାଣୀ ଥିଲା ? ତୁମେ ପରା ଏ ମୁଦିଟା କେବେ ବି ଦେବନି ବୋଲି ଭାଇଙ୍କ ଆଗରେ ଶପଥ କରିଥିଲ ?'

ମନୋଜଙ୍କ ପ୍ରଶ୍ନରେ ସୁରେଖାର ଆଖି ଦୁଇଟା ସଜଳ ହୋଇଗଲା । ଥପ୍ ଥପ୍ ହୋଇ ଗଡ଼ି ପଡ଼ିଲା କେତେ ଟୋପା ଲୁହ । ସେଠି ଥିଲା ମନୋଜଙ୍କର ସବୁ ପ୍ରଶ୍ନର ଉତ୍ତର । ଯେମିତି ସେ କହିବାକୁ ଚାହୁଁଥିଲା; ଆଉ କ'ଣ ମୋର ଉପାୟ ଅଛି ? ମୁଁ ସଂପୂର୍ଣ୍ଣ ନିରୁପାୟ ମନୋଜ । ଅତୀତର ଛୋଟ କାହାଣୀଟା ଆଜିଠୁ ସରିଗଲା । ହଜିଗଲୁ ନିଜେ ହିଁ ଆଜି ସେ ଅତୀତର ସବୁ ସ୍ମାରକୀ ଶେଷ କରିଦେଲି । ସ୍ୱାମୀ ପାଇଁ ହିନ୍ଦୁ ନାରୀ ସବୁ ପ୍ରକାର ତ୍ୟାଗ କରିପାରେ ମନୋଜ । ନିଜକୁ ତିଳ ତିଳ କରି ବାଣ୍ଟି ଦେଇପାରେ । ସ୍ୱାମୀବିହୀନ ଜୀବନ ନାରୀ କେବେ ବି ସ୍ୱପ୍ନରେ କଳ୍ପନା କରିପାରେନି । ଏ ମୁଦି କ'ଣ ରଞ୍ଜନଙ୍କ ଜୀବନ ଠାରୁ ଅଧିକ ମୂଲ୍ୟବାନ୍ ? ଯେଉଁ ସ୍ମୃତିର କିଛି ବି ଆରମ୍ଭ କି ଶେଷ ନାହିଁ ସେଭଳି ସ୍ମୃତିକୁ ସାଇତି ସମ୍ଭଳ କରି ଲାଭ କ'ଣ ? ଜୀବନରେ ଛୋଟ ଛୋଟ ଆବଶ୍ୟକତା ପାଖରେ ସ୍ମୃତି କେତେ ମୂଲ୍ୟହୀନ । ତେଲ ଲୁଣର ସଂସାରରେ ଅତୀତ ସତରେ ଏମିତି ଫିକା ପଡ଼ିଯାଏ ?

ମନୋଜ ସୁରେଖାର ଲୁହଭରା ଆଖି ଦୁଇଟିକୁ ଚାହିଁ ନିଜ ପ୍ରଶ୍ନର ଉତ୍ତର ପଢ଼ିବାକୁ ଚେଷ୍ଟା କରୁଥିଲା ବେଳେ ସୁରେଖା ଲୁଗା କାନିରେ ଆଖିପୋଛି କିଂକର୍ତ୍ତବ୍ୟବିମୂଢ଼ ଦିଅର ମନୋଜଙ୍କୁ ହଲାଇ ଦେଇ ଆକୁଳ କଣ୍ଠରେ କହିଲା ।

'ଆରେ ! ତୁମେ କ'ଣ ଠିଆ ହୋଇ ରହିଲ ଯେ ? ତୁମ ଭାଇଙ୍କର ପରା ରକ୍ତ ଦରକାର ? ତୁମ ଭାଇ ଭଲ ହେଲା ପରେ ମୁଁ ସେ ମୁଦିର କାହାଣୀ କହିବି । ତୁମେ ଯାଅ ତ ଆଗେ ଜଲଦି ।' □

# ଛାଟ

ପ୍ରିୟଙ୍କା ମହାନ୍ତି
+୩ ପ୍ରଥମ ବର୍ଷ କଳା (ଓଡ଼ିଆ ସମ୍ମାନ)

କିଛି ସମୟ ଅଖୁଦୁଇଁ ବସି ରହିବା ପରେ ହଠାତ୍ ଦେହକୁ ଟାଣି ଉଠିଲେ ମଧୁସୂଦନ । ସାମ୍ନାରେ ବାଦାମବାଲା, ମିଠେଇବାଲା, ପାନଦୋକାନୀ ତାଙ୍କ ଅଡ଼କୁ ଉତ୍ସୁକତାରେ ଅନେଇ ରହିଛନ୍ତି । ସେପଟରେ ଲାଗିଥିବା ବସିଥିବା ଏଇ ଲୋକଗୁଡ଼ାକର ଭାଷାରେ ତାହାଣି ତାଙ୍କୁ ମନେ ହେଲା ଅତ୍ୟନ୍ତ ନିର୍ଦ୍ଦିଷ୍ଟ ଓ ଚେତନାୟ । ଅଳ୍ପ ଦୋହଲେଇବା ମାତ୍ରେ ମଧୁସୂଦନ ଦେଖିଲେ ସିନେମା ପୋଷ୍ଟରରେ ସେଇ ଅର୍ଦ୍ଧନଗ୍ନ ଦୃଶ୍ୟ, ଯାହ ଏକ ଜୁଆର ସ୍ଥାନରେ ଚିତ୍ରାପିତ ହୋଇ ପ୍ରଲୁବ୍ଧ କରୁଥିଲା ଦର୍ଶକଙ୍କୁ । ଠିକ୍ ତ ତଳକୁ ଯେଉଁଠି ଲେଖା ହୋଇଥିଲା 'ଏଠାରେ ପରିସ୍ରା କରନ୍ତୁ ନାହିଁ' – ସେଇ ଉପେକ୍ଷିତ କୋଣରେ ମୁଣ୍ଡଗଣ୍ଡିକୁ ଛାତିର ନଇଁ ବସିଥାଏ ଭିକାରିଟିଏ, ଦୁଇ ଅଖି ଗଳିରେ ମୁହଁ ଭାଙ୍ଗି, ଆଶୀର୍ବାଦ ପ୍ରାପ୍ତିର କାମନାରେ । ଅନ୍ୟମନସ୍କ ଭାବରେ ମଧୁସୂଦନ ଭାର ପାଇଁ ଏଣିକିକୁ ଯାଇ ଯାଇ ଅଚେତନ ହୋଇଗଲେ ଯେ ଚାବି ଅଛି ପ୍ରଭୁପାଦ ପାଖରେ, ନିଜ ଭିତର ବୃତ୍ତିକୁ ସାମ୍ନା କରି ବିବ୍ରତିତ ଅବସ୍ଥାରେ ଠିଆ କରି ରହିଛି ସିନେମା ହଲ ଭିତରେ । ନିଜକୁ ଧିକ୍କାରିଲେ ମଧୁସୂଦନ । ତାଙ୍କୁ କେଉଁ ଅଧିକାର ଭୋଗବାଦୀ ଜୀବନର ମୁଲାୟମ କୋଳକୁ ସେ ଠେଲି ଦେଉଛନ୍ତି କେମିତି ? ଯାହ ମଣିଷକୁ ଚିନ୍ତାଶିଳ ନକରି ନିଃଶେଷ କରିଦିଏ – ତା' ପ୍ରତି ଏତେ ପ୍ରଲୋଭନ କାହିଁକି ? କାହିଁକି ସିନେମାର ବାସ୍ତବ ଦେହର ଦୃଶ୍ୟ ଶୁଦ୍ଧ ହସ୍ତର ଭଙ୍ଗୀକୁ ମଣିଷ ପସନ୍ଦ କରେ ଯାଏ ବସନ୍ତର ? ବର୍ଣ୍ଣିଲ ଗାଡ଼ିର ଉପରରେ ଥାଆ ଉପରେ ପାଦ ଦେଇଲେ ମଧୁସୂଦନ । ମୁଣ୍ଡ ଭିତରେ ଜମାଟ ବାନ୍ଧୁଥିବା ତାଙ୍କୁ ଅସଂଖ୍ୟ ସମ୍ଭବ ଲୋକେ ପ୍ରଶ୍ନ – ଏଇ ଦୃଶ୍ୟ ଦେଖାଇବାକୁ କ'ଣ ପ୍ରଭୁପାଦ ତାଙ୍କୁ ସକାଳେ ପାଞ୍ଚୋଟି ଅଣିଥିଲା ଶିଷ୍ୟ ? ପ୍ରଭୁପାଦଙ୍କ ଲୁଚି ବ୍ୟାପକତାର କାରଣ ଭଳି ସଂକୁଚିତ ବିକୃତି ତାଙ୍କୁ ଅସହ୍ୟ ଯନ୍ତ୍ରଣାରେ ଛଟପଟ କଲା । ଶାନ୍ତ ଶାନ୍ତ ସବୁଦିନ ଓ ନିଜର ଦାୟିତ୍ୱ ବାଣରେ ବନ୍ଧା ମଧୁସୂଦନ ପ୍ରତିଦିନ ସକାଳ ଓ ସଂଜରେ ପିଲାମାନଙ୍କର ଉଜ୍ଜ୍ୱଳ ମଙ୍ଗଳକାମନା କରି ରାଧାମାଧବ ମନ୍ଦିରରେ ଯୋଡ଼ହାତ ହୋଇ କରୁଣ ଭିକାରି ସାଜିବାର ପ୍ରଥା କ'ଣ ଏୟା ? ଅବଶ୍ୟ ବ୍ୟକ୍ତି ବିଶେଷରେ ସୁଖର ସଂଜ୍ଞା ନିରୂପିତ ହୁଏ । ପ୍ରଭୁପାଦ ସୁଖୀ ହୋଇଛି ତା' ବସ୍ତୁବାଦୀ ଜୀବନର ଚଟାଣରେ ଚାଲି, କନ୍ଦେଇ ଗାଡ଼ିର ମୁଲାୟମ ଗଦିରେ ବସି, ବହୁତଳ ପ୍ରାସାଦର ମାଲିକ ହେବାର ତୃପ୍ତିରେ । କିନ୍ତୁ ମଧୁସୂଦନ ଓ ପ୍ରଭୁପ୍ରୀତରେ ସାମାନ୍ୟତମ ସୁଖର ଉପାଦାନ ଖୋଜି ପାଇନାହାନ୍ତି ତ ! ବଡ଼ ହତଭାଗ ହୋଇଛନ୍ତି, ଏଇଥିପାଇଁ ଯେ ତାଙ୍କରି ଭଳିଆ ବୃଦ୍ଧମାନେ ସମାଜରେ ନିଜକୁ ନିଆରା କରି ଉପସ୍ଥାପିତ କରିବାକୁ ଯାଇ ସମସ୍ୟାର କାରଣ ହେବେ ଜାଣିଥିଲେ ବୃଦ୍ଧି ବର୍ଜନ ପ୍ରବୃତ୍ତିରୁ ନିଜକୁ ନିବୃତ୍ତ କରିଥାନ୍ତେ । ଏଭଳି ଦୃଶ୍ୟକୁ ସାମ୍ନା କରିବାର ଦୁର୍ଭାଗ୍ୟ ତାଙ୍କର କେବେ ବି ଆସି ନଥା'ନ୍ତା ! ଆହା ! ପ୍ରଭୁପାଦ ହେଇପାରିଲାନି ମଣିଷ । ମଣିଷ ହେବାର ସାଧନାରୁ ତାକୁ ନିବୃତ୍ତ କଲା କିଏ ? ସମ୍ଭ୍ରାନ୍ତ ହେବାର କାମନା ତାକୁ କ'ଣ ପାଗଳାମି ଦେଲା ପିଶାଚଙ୍କ ଉପତ୍ୟକାରେ ? ଏବେ ତାକୁ ସବୁ ଭଲ ଅନୁଭବ ତାଙ୍କୁ ଲାଗେ ପିଶାଚଙ୍କ ଅଲଗା ଉପତ୍ୟକା ଭଳି । କ'ଣ ପାଇଁ କାହା କୋମଳ ପଲ୍ଲୀ କୋଳ ଛାଡ଼ି ମଣିଷ ଧାଇଁଛି ସେ ଉପତ୍ୟକାକୁ ? ତାଙ୍କ ମନର ଅଶାନ୍ତ ସମୁଦ୍ରରେ ମୁଣ୍ଡ ପିଟୁଥିଲା ବାରମ୍ବାର ଜିଜ୍ଞାସାର ଅଶାନ୍ତ ଢେଉମାଳା । ତା' ଭିତରେ

ସ୍ପଷ୍ଟ ଦିଶୁଥିଲା ଜୀବନକୁ ବୁଝିବା ଓ ଧରି ରଖିବାର ତପସ୍ୟା, ଶୈଶବର ସ୍ମୃତି - ଯାହା କେହି କେବେ ବି ଅଲଗା କରିପାରେ ନାହିଁ, ଜୀବନର ବୃହତ୍ତର ବ୍ୟାଖ୍ୟା ବଳୟରୁ । ଗୁରୁଜନଙ୍କ ଆଗରେ ଅଣ୍ଟା ସଳଖ, ମୁହଁ ଟେକି କଥା କହିବା ତ ଦୂରର କଥା– ଚାଲିବାକୁ ମଧ୍ୟ ସାହାସ ଜୁଟଉ ନଥିଲା । ବାପା ଡାକିଦେଲେ 'ଆଜ୍ଞା' ବୋଲି ପାଟିରୁ ବାହାରୁ ବାହାରୁ ହାଜିର ହେବାକୁ ପଡୁଥିଲା । ପିନ୍ଧା ଲୁଗାଟା ଠିକ୍ ଥିଲେ ମଧ୍ୟ ଆଉ ଥରେ ସଂଯତ କରି ନେବାକୁ ହାତ ଲମ୍ବି ଯାଉଥିଲା । ବୁକୁରେ ଆନୁଗତ୍ୟରେ ଥିଲା ଗୋଟେ ପରିପୂର୍ଣ୍ଣ ଆତ୍ମ ସମର୍ପଣ । ବିଶ୍ୱସ୍ତତାରେ ଭରପୂର ଥିଲା ସାଧନା । ନିଜକୁ ସ୍ୱତନ୍ତ୍ର ରୂପେ ଗଢ଼ି ହେଉନଥିବା ବାପାଙ୍କ ସ୍ୱପ୍ନକୁ ଛାଡ଼ି । କିନ୍ତୁ ପ୍ରଭୁପାଦର ଭୂମିଷ୍ଠ ଲଗ୍ନକୁ ସମୟ ପୋଛି ଦେଲାଣି ଟାଣକାର ବୋଧିଦୀପ୍ତ ଶିକ୍ଷା । ତାଙ୍କର ସ୍ୱପ୍ନ ମାନେ ପଡୁଛି, ଦିନେ ଖରାବେଳେ ପ୍ରଭୁପାଦ ତା' ସାଙ୍ଗମାନଙ୍କ ମେଳରେ ତେନ୍ତୁଳି ଗଛକୁ ଟେକା ମାରୁଥିବା ଦେଖି ହାତରେ ଗୋଟେ ଛାଟ ଧରି ଭୟ ଦେଖାଇ ଡାକି ଆଣିଲେ ଘରକୁ । ଡାକି ଆଣିଲେ ଠିକ୍ ନୁହେଁ, ସେ ଦେଖି ଦେଖି ଚାଲି ଆସିଲେ । ବାପାଙ୍କ ହାତରେ ଛାଟ ଦେଖିଲେ କେଉଁ ପିଲା ଭୟ ନ କରିବ । କାହାର ବହପ ଅଛି ସେ ଛାଟକୁ ଅସ୍ୱୀକାର କରି ରହିଯିବାକୁ । ପ୍ରଭୁପାଦ ଡରିଗଲା । ତା' ଚାଲିରୁ ବାରି ହେଉ ପଡୁଥିଲା ଗୋଟାଏ ଭୟାର୍ତ୍ତ ଭାବ । କିନ୍ତୁ ମଧୁସୂଦନ ବାଡ଼େଇଲେ ନାହିଁ କି ଛାଟଟାକୁ ତଳକୁ ଫିଙ୍ଗି ଦେଲେ ନାହିଁ । ବରଂ ଦାଣ୍ଡ ପିଣ୍ଡାକୁ ଡାକି ନେଇ ବସିବାକୁ କହିଲେ । ଦେଖେଇ ଦେଲେ ଡାହାଣ ପଟ ଛାମୁଣ୍ଡିଆ ତଳେ ବୃନ୍ଦାବତୀଙ୍କ ମଥାନ ଉପରେ କଦଳୀ ପାଟୁକା ଦିଆରି ଶିକାରେ ବସି ଗଦ ଗୁଅରୁ ଝୁଲୁଥିବା ବସୁନ୍ଧରା ଘଡ଼ିକୁ । ଗୋଟାଏ ଛିଦ୍ର କରାଯାଇଥାଏ ଘଡ଼ିଟିର ତଳ ପଟରେ ଓ ସେଥିରେ ଲଗେଇ ଦିଆଯାଇଥାଏ କୁଟାଖିଏ । ପୂର୍ଣ୍ଣ ଛିଦ୍ର ଦେଇ କୁଶ ଅଗରୁ ଝରୁଥାଏ ଥପ୍‌ଥପ୍ ପାଣି । ଭିଜୁଥାଏ ତୁଳସୀ ମୂଳ, ଚଉରା ମଥାନ । ସେ ପ୍ରଭୁପାଦକୁ ଇଙ୍ଗିତରେ ଛାଟ ହଲାଇ କହିଲେ– ଦେଖୁଛୁ ? ପ୍ରଭୁପାଦର ପାଟିରେ କିଛି ହେଲେ ଭାଷା ନ ଥିଲା । କିନ୍ତୁ ପ୍ରଭୁପାଦର ମାଆ ଛିଡ଼ା ହେଇ ଚାହିଁ ରହିଥିଲେ ସେ ଦୃଶ୍ୟକୁ । ମଧୁସୂଦନ ପତ୍ନୀଙ୍କ ଉଦ୍ଦେଶ୍ୟରେ କହି ଚାଲିଲେ– 'ଏଇଟା ଜୀବନ । ଝରିପଡ଼ିବା, ଅନ୍ୟ ପାଇଁ ନିଃଶେଷ ହୋଇଯିବା, ନିଜକୁ ରିକ୍ତ କରି ଅନ୍ୟକୁ ପୂର୍ଣ୍ଣତର କରିବାର ପ୍ରୟାସ ହିଁ ଜୀବନ । ଆଉ ଏ... ଖରାବେଳେ ବିଶ୍ରାମ ନ କରି ଟେକା ମାରୁଛି, କ୍ଷତାକ୍ତ କରୁଛି ଗଛକୁ, ପତ୍ରକୁ, ଫଳକୁ । ଧୈର୍ଯ୍ୟ ପାଇଁ ଅଭ୍ୟାସ କରାଯାଏ, ଅପେକ୍ଷା କଲେ ସମୟ ତୋଳି ଆଣେ ଗଛର ଫଳ । ବିଶ୍ରାମ, ଆହାର, ଶୟନ ଯେଉଁ ବୟସର ସାଧନା, ସେ ବୟସ କାହିଁକି ଅଭିଶପ୍ତ ହେବ ଅପହଂସ ସମୟର ସାୟାହ୍ନରେ ? ପ୍ରଭୁପାଦ କ'ଣ ବୁଝିଲା ଧୀରେ ଉଠିଯାଇ କାଠି ମସିଣାରେ ଗଡ଼ି ପଡ଼ିଲା, ବହିଟେ ମୁଣ୍ଡ ଉପରେ ରଖିଦେଇ । ତାପରଠୁ ମଧୁସୂଦନ କେବେ ବି ଛାଟ ଧରି ନାହାଁନ୍ତି । ଆବଶ୍ୟକ ନ ହେଲେ କାହାର ସମ୍ଭାବନାକୁ ମଧ୍ୟ କାମନା କରାଯାଏ ନାହିଁ । ଆଉ ଅନାବଶ୍ୟକ ଭାବରେ ଯେଉଁ ପ୍ରାଚୁର୍ଯ୍ୟର ଉପସ୍ଥାପନ ଏଠି, ତାହା ସୁସ୍ଥ ବିକାଶ ପାଇଁ କେବେ ବି ପ୍ରୟୋଜନ ନୁହେଁ; ବରଂ ଏକ ସୁପ୍ତ ଆଗ୍ନେୟଗିରିର ପ୍ରସ୍ତୁତି ଏସବୁ ! କରୁଣାକାତର ମଧୁସୂଦନ ଅନ୍ୟମନସ୍କତାରେ ହାତ ମୁଠା ମୁଠା କଲେ । ଏଣିକି ତେଣିକି ଚାହିଁଲେ । କାହିଁ କେଉଁଠି ଛାଟ ? ମିଳିଯାଆନ୍ତା ନାହିଁ ? ଜୀବନରେ ଦ୍ୱିତୀୟବାର ଛାଟ ଧରିବାକୁ ସେ ଉଦ୍‌ବିଗ୍ନ ହେଇ ଉଠୁଥିଲେ । କିନ୍ତୁ ତାଙ୍କ ଅଥିଲା ହାତକୁ ଆଉ କେଉଁ ଛାଟ ବା ଦମ୍ଭ ହେବ ? ସଂସାର ଡାଳର ପାଚିଲା ଫଳ ସେ । ଝଡ଼ିବାକୁ ଆଉ କେତେ ମାତର । ସେ କ'ଣ ଛାଟ ଧରି ବାଟ ଦେଖେଇ ପାରିବେ ବିକାଶର ବାରୁଦ ପାହାଡ଼ରେ ଛିଡ଼ା ହେଇ ନିଜ ନିଜ ଆବାହନୀ ମନ୍ତ୍ର ଗାଉଥିବା ପ୍ରଭୁପାଦମାନଙ୍କୁ ? ନିଜ ଭିତରେ ଅବଶେଷକୁ ସେ ଚିହ୍ନି ପାରୁଥିଲେ । ହୁଏତ ପ୍ରଭୁପାଦ ସାଙ୍ଗରେ ଗାଁରୁ ଏଠିକି ନ ଆସିଥିଲେ ଭଲ ହୋଇଥାନ୍ତା । ଅନ୍ତତଃ ଜୀବନରେ ସେ ଏଭଳି ଏକ ଅସନ୍ତୋଷକୁ ସାମ୍ନା କରି ନଥାନ୍ତେ । ଅନ୍ତତଃ ଶାନ୍ତିରେ ମରିବା ପାଇଁ ସେ ଯେଉଁ ବାଟରେ ଯାଉଥିଲେ ସେ ବାଟ ଏମିତି ଅଶାନ୍ତିର ମଇଳା କର୍ଦ୍ଦମାକ୍ତ ରାସ୍ତାରେ ଶେଷ

ହୋଇନଥାନ୍ତା । କିନ୍ତୁ ସେ ଖୁସି ହେଉଥିଲେ ତ ସଂବାଦଟା ଶୁଣି । କେମିତି ବା ନ ହୋଇଥା'ନ୍ତେ । କେଉଁ ମଣିଷ ତାର ଉତ୍ତର ପୁରୁଷଙ୍କ ସଫଳତାରେ ଖୁସି ନ ହୁଏ ? କିଏ ନ ଚାହେଁ ନିଜ ପୁଅ ବା ନାତି ନାତୁଣୀ ସମାଜରେ ପାଞ୍ଚଜଣଙ୍କ ଭିତରୁ ଜଣେ ହୋଇ ବାହାରନ୍ତୁ ? ଅନ୍ୟମାନଙ୍କ ପାଇଁ ଆଦର୍ଶ, ଅନୁକରଣୀୟ ହୁଅନ୍ତୁ ? ସକାଳେ ମଧୁସୂଦନ ଠାକୁର ପୂଜା ସାରି, କ'ଣ ଟିକିଏ ଜଳଖିଆ ଖାଇ ଦାଣ୍ଡ ବାରଣ୍ଡାରେ ବସି ମାଳି ଗଡ଼ାଉଥିଲେ । ହଠାତ୍ ତାଙ୍କୁ ବିସ୍ମିତ କରି ପ୍ରଭୁପାଦ କାରରୁ ଓହ୍ଲାଇ ପଡ଼ିଲା । ପାଖକୁ ଆସି ପ୍ରଣାମ କରି କହିଲା– 'ବାହାରି ପଡ଼ନ୍ତୁ ବାପା ! ତେଣେ ସମସ୍ତେ ଆପଣଙ୍କୁ ଅପେକ୍ଷା କରି ବସିଛନ୍ତି ପରା ! ଆରେ ମୁଁ ଆଉ କାହିଁକି ଯିବି । ମୋ ଆଖିକୁ ତ ଭଲ କରି ଦିଶୁନି । କ'ଣ ଦେଖିବି ? ତମ ଚିଠି ପାଇ ଖୁସି ଲାଗିଲା । ଯାହା ହେଉ ମୋ ନାତୁଣୀକୁ ଠାକୁର ଆହୁରି ବଡ଼ କରନ୍ତୁ । ତୁ କାହିଁକି ଆସିଲୁ, ମୁଁ ଗଲେ କ'ଣ ଏତେ ସମୟ ବସି ଦେଖିପାରିବି, କାହିଁ ସେମିତି ଲାଗୁନି ତ !''– 'ନା ବାପା, ଆପଣ ସେମିତି କୁହନ୍ତୁନି । ପୁଷ୍ପଗଂଧା ମନ ଦୁଃଖ କରିବ । ମୁଁ ଆସିଲାବେଳେ କହୁଥିଲା–ଜେଜେ ଦେଖିଲେ ଭାରି ଖୁସି ହେବେ । ତାଙ୍କର ଇଚ୍ଛା ଥିଲା ତାଙ୍କ ବଂଶର ପିଲାମାନେ ସମାଜରେ ନିଜର ଆଇଡେଣ୍ଟି ରଖନ୍ତୁ । ହିରୋଇନ୍ ରୋଲରେ ଅଭିନୟ କରିବା ଏଇ ମୋର ପ୍ରଥମ ସିନେମା । ମୋର ଏ ସଫଳତା ପାଇଁ ଜେଜେ ନିଶ୍ଚେ ପୁରସ୍କାର ଦେବେ । – 'ହଁ ରେ, ମୋ ଇଚ୍ଛା ସଫଳ ହେଲା । ଏଣିକି ଶାନ୍ତିରେ ମରିପାରିବି । ଏ ଦୁନିଆରେ ଧନ ବଞ୍ଚେ ନାହିଁ, କ୍ଷମତା ବଞ୍ଚେ ନାହିଁ, ଖାଲି ଯାହା ବଞ୍ଚି ରହେ ମଣିଷପଣିଆ । ସେଇ ଟିକକ ଥିଲେ ପାଞ୍ଚ ଜଣଙ୍କଠୁ ଆପେ ଅଲଗା ଦିଶେ ମଣିଷ । ପୁଷ୍ପଗଂଧା ମୋ ନାତୁଣୀ, ମୋ ସ୍ୱପ୍ନର ସାର୍ଥକତା । ତା' ପାଇଁ ଡେରିଲାଗି କରିବୁ ? ଚାଲ୍, ମୋ ଆଖିକୁ ନ ଦିଶୁ ପଛେ ମୁଁ ଯିବି ।' ଡୋର ବଂଧା ଚଷମାଟାକୁ କାନରେ ଖୋସି ଦେଇ, ବଙ୍କୁଲି ବାଡ଼ିକୁ ସଳଖି ଧରି, ଗାମୁଛାଟା ଝାଡ଼ି ଦେଇ ଗାଡ଼ି ଭିତରେ ଆସି ବସିଲେ ମଧୁସୂଦନ । ସହରରେ ପହଞ୍ଚିବାକୁ ତାଙ୍କୁ ମାତ୍ର ପଇଁତିରିଶି ମିନିଟ୍ ଲାଗିଲା । ଗାଡ଼ିରୁ ଓହ୍ଲାଇବା ମାତ୍ରେ ବୋହୂ ଅନୁପମା ଓ ନାତୁଣୀ ପୁଷ୍ପଗଂଧା ଆସି ତାଙ୍କର ପାଦ ଛୁଇଁ ପ୍ରଣାମ କଲେ । ମଧୁସୂଦନ ଆଶୀର୍ବାଦ କରିବାକୁ ଯାଇ ଅଟକି ଗଲେ ସେ ଦୁହିଁଙ୍କ ପୋଷାକ ପରିଧାନର ଚାକଚକ୍ୟ ଦେଖି । କାହିଁ କେତେ ବର୍ଷ ତଳେ ଯାତ୍ରାର ରାଣୀ ଓ ରାଜକନ୍ୟାମାନେ ଯେମିତି ଜରିଲଗା ପୋଷାକ ପିନ୍ଧି ବାହାରୁଥିଲେ, ତାଙ୍କ ଆଖିକୁ ବୋହୂ ଓ ନାତୁଣୀଙ୍କ ବେଶ ଠିକ୍ ସେମିତି ଲାଗିଲା । ଅତୀତରେ ଯାତ୍ରାର ରାଜାରାଣୀଙ୍କ ପୋଷାକପତ୍ର ଓ ଚାଲିଚଳଣ ଦେଖି ସେମାନଙ୍କ ପ୍ରତି ଘୋର ବିତୃଷ୍ଣା ସୃଷ୍ଟି ହେଉଥିଲା ତାଙ୍କର । କ'ଣ ଗୋଟେ କହିବାକୁ ଇଚ୍ଛା କରି ମଧ କହିବାର ସ୍ପୃହା ହେଲା ନାହିଁ ପ୍ରଭୁପାଦଙ୍କର । କ'ଣ ପାଇଁ ସେମାନଙ୍କ ସୁଖ ସୁରାକୁ ନିଷ୍ଠୁର ଭାବରେ ଆଘାତ କରିବେ ସେ ? ସେ କ'ଣ ଆଉ ସେଇ ପୂର୍ବ ସାମର୍ଥରେ ଗଢ଼ିପାରିବେ ପୃଥିବୀକୁ ? ସେଇ ଦୃଷ୍ଟିକଟୁ ଦୃଶ୍ୟକୁ, ଅଳ୍ପକେ ସହି ନେଲେ ମଧୁସୂଦନ । ସହରୀ ଜୀବନର ଅଜବ କାଇଦା ଦିନକୁ ଦିନ ବଦଳି ଚାଲିଛି । ପୋଷାକ ପତ୍ରରେ ପରିବର୍ତ୍ତନ ଆସିଛି । ତାକୁ ସେ ବିରୋଧ କଲେ ସଫଳ ହେବେ ନାହିଁ । ତା' ହେଲେ କ'ଣ ନିରବ ରହିବେ ? ଅବଶ୍ୟ ବିଫଳତା ନିରବତାର ପ୍ରତିପକ୍ଷ ନୁହେଁ । ତେଣୁ ସେ ଆକ୍ଷେପ କରିବା ସ୍ୱରରେ ଉପହାସ କରି କହିଲେ– 'ମୋ ନାତୁଣୀ କ'ଣ ମୋ ପାଇଁ ଏ ବେଶ ହୋଇଛି ?' ମଧୁସୂଦନ ଏ କଥାର ମର୍ମ କାହାରିକୁ ଅବୁଝା ରହିଲା ନାହିଁ । ତେବେ ଚେଇଁ ଶୋଇବା ନ୍ୟାୟରେ ସମସ୍ତେ ଆଢ଼ ହୋଇଗଲେ । ଖାଲି ପୁଷ୍ପଗଂଧା ଆଢ଼ଲୁଚା ମାରି ମୁହଁ ଛିଞ୍ଚାଡ଼ିଲା– 'ଧେତ୍, ତମର ଏ ବୟସରେ ବି ରସିକତା ଯାଇନି ଜେଜେ !' କଥା ସେତିକିରେ ଛିଡ଼ିଗଲା । ଠିକ୍ ଦଶଟା ବେଳକୁ ପ୍ରିମିୟର୍ ସୋ ଆରମ୍ଭ ହେଇଯିବ । ସମସ୍ତ କଳାକାର, ନିର୍ମାତା, ନିର୍ଦ୍ଦେଶକ, ସହକାରୀ ଓ ତାଙ୍କ ପରିବାରକୁ ନିମନ୍ତ୍ରଣ କରାଯାଇଛି ଏହି ପ୍ରିମିୟର ସୋ ଦେଖିବାକୁ ଆସିବା ପାଇଁ । ଯେପରିକି ସିନେମା ପତ୍ରିକାର ସଂପାଦକ, ସାମ୍ବାଦିକମାନଙ୍କୁ ମଧ ଡକାଯାଇଛି ଓ ସେମାନେ

ପରିସ୍ଥିତିରେ ଯଥେଷ୍ଟ ସହାୟକ ହେବେ । ବସ୍ତୁତଃ ତାହା ଏକ ବିଜ୍ଞାପନ ମେଳା । ନିଜକୁ ଯଥାଯଥ ଉପସ୍ଥାପନ ଓ ପରିଚିତ କରେଇବା ପାଇଁ ଅନୁପମା ପୂର୍ବରୁ ସଜେଇ ଦେଇଛନ୍ତି ପୁଷ୍କରଂଧାକୁ । ସେମାନେ ସିନେମା ହଲ୍ ପାଖରେ ପହଂଚିଲାବେଳକୁ ଅନ୍ୟମାନେ ପ୍ରାୟ ଆସିଯାଇଥିଲେ । ସମସ୍ତ ଯେମିତି ଅପେକ୍ଷା କରୁଥିଲେ ନବାଗତା ହିରୋଇନ୍ ପୁଷ୍କରଂଧାକୁ । ସେମାନେ ସିନେମା ହଲ୍ ପାଖରେ ପହଞ୍ଚିଲାବେଳକୁ ଅନ୍ୟମାନେ ପ୍ରାୟ ଆସିଯାଇଥିଲେ । ସମସ୍ତେ ଯେମିତି ଅପେକ୍ଷା କରୁଥିଲେ ନବାଗତା ହିରୋଇନ୍ ପୁଷ୍କରଂଧାକୁ । ଗାଡ଼ିରୁ ଓହ୍ଲାଇବା ମାତ୍ରେ 'ହାଲୋ', 'ହାଏ' ସାଙ୍ଗକୁ କରମର୍ଦ୍ଦନ, ନମସ୍କାର ପର୍ବ ଚାଲିଲା । ତା ଭିତରେ ପରସ୍ପର କୁଶଳ ଜିଜ୍ଞାସା । ସେମାନଙ୍କ ଭିତରେ କେହି ଜଣେ ସାଧାରଣ ଲୋକ ପରି ମନେ ହେଲା ନାହିଁ ମଧୁସୂଦନଙ୍କର । ସମସ୍ତେ ଅଭିଜାତ୍ୟ, ସମସ୍ତେ ଯେମିତି ରାଜ ପରିଷଦବର୍ଗ । ଗୋଟାଏ ଦେଶ, ଜାତି, ସଂସ୍କୃତି ଓ ପରଂପରାର ନିୟାମକ, ନିର୍ବାହକ । ଏମାନଙ୍କ ଭିତରେ ନିଜକୁ ସାମିଲ କରି ପାରୁନଥିଲେ ମଧୁସୂଦନ । ଏକୁଟିଆ ଦେଖି ପାରୁଥିଲେ ନିଜକୁ । ଯଥାରୀତି ପରିଚୟ, ଉଦ୍‌ବୋଧନୀ, ପ୍ରୋତ୍ସାହନ ପର୍ବ ଇତ୍ୟାଦିର ଶେଷ ପରେ ପ୍ରଦର୍ଶିତ ହେଲା ସିନେମା । ସିନେମାଟି ମୂଳତଃ ନାଚ, ଗୀତ, ପ୍ରେମ ବ୍ୟଂଜିତ ମନୋରଂଜନ । ଗୋଟାଏ ଶସ୍ତା କଥାବସ୍ତୁ ସାଙ୍ଗକୁ ପୁଷ୍କରଂଧାର ଅଙ୍ଗ ପ୍ରଦର୍ଶନର ଉଦ୍ଭଟ ନୃତ୍ୟ ଓ ଖଳନାୟକ ସହ ନାୟକର ଫାଇଟିଂ ବ୍ୟତୀତ ସେଥିରେ ଅନ୍ୟ ଗ୍ରହଣଯୋଗ୍ୟ କଥା, ଉପଭୋଗ କଲା ଭଳି କିଛି ନଥିଲା । ବରଂ ବିତୃଷ୍ଣା ଓ ବିରକ୍ତି ସୃଷ୍ଟି ହେଲା ତାଙ୍କ ଭିତରେ । ଅଭିନୟ ନାମରେ ନିଜ ନାତୁଣୀର ଏପରି ଅଶ୍ଳୀଳ ତଥା ନିର୍ଲଜ୍ଜ ଅଙ୍ଗ ପ୍ରଦର୍ଶନକୁ ସେ ଆଦୌ ବରଦାସ୍ତ କରିପାରିଲେ ନାହିଁ । ପରଦାକୁ ଚାହିଁବାକୁ ତାଙ୍କର ସାମାନ୍ୟତମ ଉତ୍ସାହ କିମ୍ବା ସାହାସ ନଥିଲା । ଯେତେବେଳେ ତାଳି ମାରି ସେଇ ସବୁ ଦୃଶ୍ୟକୁ ଅନ୍ୟମାନେ ଉପଭୋଗ କରୁଥିଲେ ସେତେବେଳେ ତୀବ୍ର ଯନ୍ତ୍ରଣାରେ ଅତିଷ୍ଠ ହୋଇ ମଧୁସୂଦନ ବାହାରି ଆସିଲେ ହଲ୍ ବାହାରକୁ । ବଙ୍କୁଲି ବାଡ଼ିର ଆଶ୍ରାରେ ଅନ୍ୟମନସ୍କ ଭାବରେ ଧୀରେ ଧୀରେ ଚାଲି ଚାଲି ସେ କେତେବେଳେ ଆସି ପ୍ରଭୁପାଦର ପ୍ରାସାଦ ସାମ୍ନାରେ ପହଂଚି ଯାଇଥିଲେ । ଫାଟକ ପାଖରେ ଛିଡ଼ା ହୋଇଥିବା ଦରୱାନ ତାଙ୍କୁ ଦେଖିବା ମାତ୍ରେ ଫାଟକ ଖୋଲି ଦେଲା । ପଥଶ୍ରମ ଜନିତ କ୍ଲାନ୍ତିରେ ଥକ୍କା ହୋଇ ବାହାରର ଚେୟାରରେ ବସି ପଡ଼ିଲେ ମଧୁସୂଦନ । ହୃଦ୍‌ଯନ୍ତ୍ରର ସ୍ପନ୍ଦନ ବଢ଼ିଯାଇଥିଲା ତାଙ୍କର । ସେ ଯେମିତି ଝାଉଁଳି ପଡୁଥିଲେ । ଠିକ୍ ସେତିକିବେଳେ ଗେଟ୍ ପାଖରେ ଗାଡ଼ିଟାଏ ଛିଡ଼ା ହେବା ସହିତ ଫାଟକ ଖୋଲିବାର ଶବ୍ଦ ହେଲା । ଟିକିଏ ସଚେତନ ହୋଇ ସେଣିକି ଚାହିଁଲେ ମଧୁସୂଦନ । ଭିତରକୁ ପଶି ଆସୁଥିଲେ ପ୍ରଭୁପାଦ । ତାଙ୍କ ଉପରେ ଆଖି ପଡ଼ିବା କ୍ଷଣି ମଧୁସୂଦନଙ୍କ ଦେହରୁ ଯାବତୀୟ କ୍ଳାନ୍ତି ଓହ୍ଲେଇଗଲା ଓ ତାଙ୍କ ହାତଟା ବଙ୍କୁଲି ବାଡ଼ି ଉପରେ ଶକ୍ତ ହୋଇ ଉଠିଲା । ସେ ଉଠି ଛିଡ଼ା ହୋଇପଡ଼ିଲେ । ଅନେକ ବର୍ଷ ତଳର ସେ ଖରାବେଳର ତାହାଣିରେ ରଂଜିତ ହେଲା ଆଖି । ପ୍ରଭୁପାଦ ଜରିଯାଇ ପଚାରିଲେ– 'ଆପଣ କାହାକୁ କିଛି ନକହି ଏମିତି ପଳେଇ ଆସିଲେ କାହିଁକି ?' ଆମେ ଭାବିଲୁ ଆପଣ ଲାଟ୍ରିନ୍ ଗଲେ । କିନ୍ତୁ ନ ଫେରିବାରୁ ମୁଁ କେତେ ଖୋଜିଲି । ଗୋଟେ ପାନ ଦୋକାନୀ କହିଲା ଆପଣ ରାସ୍ତାରେ ଚାଲିଚାଲି ଆସିଲେ ବୋଲି । □

# ମୁଖା

ସୁଚିତ୍ରା ରାଉତରାୟ
+୩ ଦ୍ୱିତୀୟ ବର୍ଷ କଳା (ଓଡ଼ିଆ ସମ୍ମାନ)

ଆଜ୍ଞା ! ନିଦ ଲାଗିଲା କି ? ପାଖରେ ବସିଥିବା ଲୋକଟି ବିରକ୍ତିମିଶା ସ୍ୱରରେ କହିଲେ । ପ୍ରକୃତିସ୍ଥ ହେଲେ ଚିନ୍ମୟ ସାମନ୍ତ । ନିଦ ତ ନୁହେଁ, ଟିକେ ଥକା ଲାଗୁ ଥିଲା । କ୍ଳାନ୍ତି ଆସୁଥିଲା । ଆଖି ମୁଦି ଆସୁଥିଲା । ବାହାରେ ଝାଂଜି ପବନ ବହୁଥିଲା ।

ପ୍ରକୃତରେ ସେ ତନ୍ଦ୍ରାଚ୍ଛନ୍ନ ଥିଲେ । ତିନି ଦିନ ଧରି ଘର ଛାଡ଼ିଥିଲେ । ଆଉ ଆଜି ବସ୍‌ରେ ଫେରୁଛନ୍ତି । ଆସିଥିଲେ କାମ୍‌ରେ ।

କାହାକୁ କହିବେ ମନର କଥା ? କାହାକୁ କହନ୍ତୁ ନ କହନ୍ତୁ, ନିଜ ସ୍ତ୍ରୀକୁ କ'ଣ କହିବେ ? କ'ଣ କହି ସେ ସନ୍ତୁଷ୍ଟ କରିବେ ?

କବାଟ ଖୋଲୁ ଖୋଲୁ ତାଙ୍କ ମୁହଁକୁ ଦେଖିଲେ ସମସ୍ତେ ଜାଣି ଯାଆବେ କି ଆପଣ ଛାର୍ପେ ଛାର୍ପେ, ତାଙ୍କୁ କିଛି କହିବାକୁ ପଡ଼ିବା ନାହିଁ ।

କିନ୍ତୁ ଯଦି ସ୍ତ୍ରୀ ତା' ମୁହଁକୁ ଅନେଇ ପଚାରି ଦିଅନ୍ତି, କ'ଣ ହେଲା ? ଏମିତି କାହିଁକି ଦିଶୁଛ ?

ପିଲାମାନେ ଯଦି ପଚାରି ଦିଅନ୍ତି, ବାପା ! କେବେ ଆପଣଙ୍କ ବହି ଷ୍ଟେଜ୍ ହବ ଆମେ ସମସ୍ତେ ଯିବା ନା ?

'ଦେଖ ! କହି ଦେଉଛୁ ଏବେ, ଆମେ ନିଶ୍ଚିୟ ଯିବୁ ।' ସାନ ପୁଅ କହିଲା, 'ପରୀକ୍ଷା ପରେ ବାପାଙ୍କ ବହିଟା ଷ୍ଟେଜ ହୁଅନ୍ତା କି ?' ବଡ଼ ପୁଅ କହିଲା ଧେତ୍‌ତେରିକି, 'ପରୀକ୍ଷାଟା କ'ଣ ଶୀଘ୍ର ସରୁଛି କି ?' ସାନପୁଅ କହିଲା 'ଆରମ୍ଭ ତ ହୋଇନାହିଁ ସରିବ କ'ଣ ?' ବଡ଼ ପୁଅ କହୁଛି ତା ସାନ ଭାଇକୁ 'କାହିଁକି ଏ ଖରାଦିନଟାରେ ପରୀକ୍ଷା ହୁଏ କେଜାଣି ।'

ବଡ଼ ପୁଅ ତା' ସାନଭାଇକୁ ବୁଝାଇ ଦେଉଛି, ତୁ ଏମିତି ବ୍ୟସ୍ତ କାହିଁକି ହେଉଛୁ ? ସେ ବହି କ'ଣ ଥରେ ହେବ ନା କ'ଣ ? ପୁଣି ଅନ୍ୟ ଯେଉଠି ହେବ, ଆମେ ଦେଖିବା ।

'ଆମ ସହରକୁ ଏଥର ତ 'କାଳେଣି ଘଣ୍ଟ' ଅପେରା ପାର୍ଟି ଆସିବାର ଅଛି । ଆସିଲେ ଦେଖିବା ।'

'ବାପାଙ୍କ ବହି ଯେଉଁ ପାର୍ଟି ନେଇଥିଲା ତ ?' ସାନପୁଅ ବଡ଼ ପୁଅକୁ ପଚାରୁଥିଲା ବସ୍ ଭିତରେ ଚିନ୍ମୟ ସାମନ୍ତ ଥିଲେ ନିର୍ବାକ ଓ ନିଷ୍ପାପ । ସେ ସ୍ଥିତାବସ୍ଥାରେ ନଥିଲେ ଜଡ଼ ଭରତ ପାଲଟି ଯାଇଥିଲେ ।

ଏ କ'ଣ ସବୁ ସେ ଭାବୁଛନ୍ତି ? ସେ ସଜାଗ ହୋଇ ବସିଲେ । ବସ କାଚ ଭିତରେ ବାହାର ଜଗତକୁ ଚାହିଁଲେ ।

ଆକାଶ ଥିଲା ପରିଷ୍କାର । ଝାଂଜି ପବନ ବହିବା ତଥାପି କମିବାକୁ ନାହିଁ ।

'କେତେଟା ଟାଇମ୍ ହେବ ଆଜ୍ଞା !' ପାଖରେ ବସିଥିବା ଭଦ୍ରଲୋକଙ୍କୁ ପଚାରିଲେ ।

'ଚାରିଟା ବାଜିବାକୁ କୋଡ଼ିଏ ମିନିଟ୍ ବାକି ଅଛି ।' କୁଣ୍ଠିତ ସ୍ୱରରେ କହିଲେ ଭଦ୍ରଲୋକ ।

ତଥାପି ଝାଂଜି ପବନ ବହୁଛି । କମିବାକୁ ନାହିଁ । ସେ ଅଣନିଃଶ୍ୱାସୀ ହୋଇ ଯାଉଥିଲେ । କେତେବେଳେ ଠିକଣା ଜାଗାରେ ବସ୍ ପହଞ୍ଚିବ । ତା'ପରେ ରିକ୍ସା । ରିକ୍ସା ଭଡ଼ିବ ପ୍ରାୟ ଅଧ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ପୂର୍ବରୁ । ନୂଆ ରାସ୍ତା ତିଆରି ଚାଲିଛି ।

ସବୁ ନୂଆ ବସ୍ତିର ରାସ୍ତା ଓସାର ଗଡ଼ି ଉଠିଲା ବେଳେ ଏମିତି ଅବସ୍ଥା ହୁଏ । ହଜାର ହଜାର ମାଇଲ୍ ରାସ୍ତା ଘାଟ ତିଆରି ହେବା ପୂର୍ବରୁ କେମିତି ମାନଚିତ୍ର ଥିଲା ଓଡ଼ିଶାର ?

ସବୁ ରାସ୍ତାଘାଟ ତିଆରି ହେବାକୁ କେତେ ବର୍ଷ ଲାଗିଥିବ ? କେତେବର୍ଷ ସେ ଅନ୍ୟମନସ୍କ ହୋଇ ପଡୁଥିଲେ । ଗୋଟିଏ ଛୋଟ ବିସ୍ଫୋରଣ ।

'ଟକା ପଙ୍କ୍‌ଚର ହୋଇଗଲା ଆଜ୍ଞା ! ଆପଣମାନେ ଟିକେ ସମସ୍ତେ ଓହ୍ଲାଇ ପଡନ୍ତୁ ।' ବସ୍ କ୍ଲିନର ସମସ୍ତଙ୍କୁ ସତର୍କ କରାଇଦେଲେ ।

'ମାତ୍ର ଦଶ ପନ୍ଦର ମିନିଟ୍‌ରେ ସବୁ ଠିକ୍ ହୋଇଯିବ ।'

ଅନ୍ୟ ପାସେଞ୍ଜରମାନଙ୍କ ପରି ବିନୟ ସାମନ୍ତ ଚୁପ୍‌ଚାପ ପଦାକୁ ବାହାରି ଆସି ଥିଲେ ।

ରାସ୍ତା କଡ଼ରେ ଗୋଟିଏ ବଡ଼ ପୋଖରୀ । ପୋଖରୀରେ କିଛୁ ଦଳଗଛି । ଏ ସଂସାରଟା ଗୋଟାଏ ଆବର୍ଜନା ପୂର୍ଣ୍ଣ ଦଳଗଛି ପୋଖରୀ ଛଡ଼ା କିଛି ନୁହେଁ । ବିନୟ ଅନୁଭବ କଲେ ।

ଝାଳୁଆ ମୁହଁରେ ସେ ହାତ ମାରିଲେ । ମୁହଁଟା ତେଲ ଚିକିଟା ହୋଇ ଯାଇଛି । ଅଠାଅଠା ଲାଗୁଛି ଦେହସାରା । ଆସ୍ତେ ଆସ୍ତେ ରୁମାଲ କାଢ଼ି ମୁହଁ ପୋଛିଲେ ।

କିଛି ଦୂର ଗୋଟିଏ କଅଁଳା ବାଛୁରୀ ହମା ରଡ଼ି ଛାଡ଼ି ଦୌଡୁଛି । ମା'କୁ ଖୋଜୁଛି ବୋଧହୁଏ, କ୍ଷୀର ଖାଇବା ପାଇଁ । ଗାଈଆଳ ଟୋକା ଆମ୍ବ ଗଛକୁ ଢେଲାମାରି କଷି ଆମ୍ବଗୁଡ଼ାକୁ ଖସେଇ ପକଉଥିଲା । ଆଉ ଗୋଟିଏ ପିଲା ଗଛକୁ ଚଢ଼ି ପେଣ୍ଡା ଆମ୍ବ ତୋଳୁଥିଲା ଡେମ୍ଫ ସହ ।

ପଖାଳରେ ଡେମ୍ଫ ବୁଡ଼ାଇ ଖାଇଲେ ଭଲ ଲାଗେ ଖରାଦିନେ । ବିନୟ ସାମନ୍ତଙ୍କ ଚିନ୍ତା ସବୁ ବିକ୍ଷିପ୍ତ ହୋଇ ପଡୁଥିଲା ।

ବସ୍ ଠିକ୍ ହୋଇଗଲାଣି । କିଛି ଲୋକ ଦେହରୁ ସାର୍ଟ କାଢ଼ି କାନ୍ଧରେ ପକେଇ ସାରିଲେଣି । କେତେକ ଭଦ୍ରଲୋକମାନେ ହିଁ ଲୋକ ଲଜ୍ୟାକୁ ଡରି ଅସମ୍ଭବ ଝାଳ ସତ୍ତ୍ୱେ ସାର୍ଟ ପିନ୍ଧିଛନ୍ତି ।

ହେଲିଭଲି ତ ବିନୟ ସାମନ୍ତଙ୍କ ଅବସ୍ଥା । ନହେଲେ କ'ଣ କ୍ଷତି ହୋଇ ଯାଇଥାଆନ୍ତା, ମ୍ୟାନେଜର ଓ ଡାଇରେକ୍ଟରଙ୍କ କଥାମାନି ନେଇଥିଲେ । କାହିଁକି ଏ ଭୁଲ୍ ସେ କଲେ ? କେଉଁଥି ପାଇଁ ଏ ଶାସ୍ତି ସେ ପାଇଲେ ? ନିଜ ଗାଲରେ କିଏ ଠୋ କରି ଚଟକଣିଟିଏ କଷିଦେଲା ଅବା । କୁନୁରିଆ ମଶାଟା ତାଙ୍କ ଗାଲରେ ବସିଥିଲା । ତାକୁ ସେ ଘଉଡ଼ାଇ ଦେଲେ । ତିନିଦିନ ଡାଇରେକ୍ଟର ବାହାରେ ବାହାରେ କଟିଲା । 'ଆଜି ହେବ' 'କାଲିହେବ' କହି ଦୁଇଦିନ ବିତିଗଲା । ଅବଶ୍ୟ ଆଗିଆରେ କିଛି ଭଣା କରିନଥିଲେ ମ୍ୟାନେଜର ବାବୁ । ଦୁଇରାତି ଯାତ୍ରା ଦେଖିଲା ପରେ ଠିକ୍ କରାଗଲା, କାଲି ହିଁ, ତାଙ୍କ ବହି ରିଅଲସାଲ୍ ହେବ । ସହଜେ ତ ନିଜେ ନାଟୁଆ ଲୋକ । ନାଟକୁ କିଏ ବା ଭଲ ନପାଏ । ପିଲା ଦିନେ ତାଙ୍କର ନାଟ ଦେଖିବା ଥିଲା ନିଶା । ବାପାଙ୍କ ଠାରୁ ଗାଳି ଖାଇଲେ ବି ସେ ଲୁଚିଛପି ଯାତ୍ରା ଦେଖିବାକୁ ଚାଲି ଯାଆନ୍ତି ।

ସେ ସମୟ ଥିଲା ଅଲଗା । ଏବେତ ସବୁ ସିନେମା ଷ୍ଟାଇଲ୍‌ରେ । ଅପେରା ପାର୍ଟି ପରସ୍ପର ଭିତରେ ତୀବ୍ର ପ୍ରତିଯୋଗିତା ଆରମ୍ଭ କରି ଦେଇଛନ୍ତି । ଅଭିନୟ ଦୃଶ୍ୟ ସଜ୍ଜା ସବୁ ଯେମିତି ନିଖୁଣ । ସବୁ ଯେମିତି ଜାଦୁକରୀ ମାୟା ।

ଗାଁର ଶିକ୍ଷିତ ବେକାର ଯୁବକ ଯୁବତୀମାନେ ତ ଏବେ ଯାତ୍ରା ପାର୍ଟିରେ । ଏବେ ତ ଅପେରା ପାର୍ଟି ଲାଭଜନକ ବ୍ୟବସାୟରେ ପରିଣତ ହେଲାଣି । ଗୋଟିଏ ଗୋଟିଏ ରାତିରେ ଟିକେଟ ବିକ୍ରିହୁଏ ଷାଠିଏ ସତୁରି ହଜାର ଟଙ୍କା । ହିଁ ତା'ଠାରୁ ବି ଅଧିକ ।

ଯଦି ଭଲ ଅପେରା ପାର୍ଟି ଆଣିବାକୁ ଚାହିଁ, ତା' ହେଲେ ବର୍ଷକ ଆଗରୁ ଆହ୍ୱାନ୍ କରିବାକୁ ହେବ । ନହେଲେ ପସ୍ତେଇବାକୁ ପଡ଼ିବ । ଗାଁଠାରୁ ସହର ପର୍ଯ୍ୟନ୍ତ ଲୋକଙ୍କୁ ନିଶା ଘାରିଛି ।

ନଅ ଦଶ ବର୍ଷର ତଳ କଥାଟିଏ ତାଙ୍କର ମନେ ପଡୁଥିଲା । ବିନୟ ସାମନ୍ତ ଅଧ୍ୟାପନା କରୁଥିବା ଜାଗାରେ ଏମିତି ଦୁର୍ଘଟଣାଟିଏ ଘଟିଥିଲା । କଲେଜ ତରଫରୁ ଆସିଥିଲା ଅପେରା ପାର୍ଟି । ଅଧ୍ୟାପକମାନେ ଟିକେଟ କାଟୁଥିଲେ । ଭିଡିରେ ଝଡ଼ବରସର ଦେହ ଓ ହାତ । କଲେଜ ପ୍ରାୟ ପାଞ୍ଚ ଛଅ ଦିନ ବନ୍ଦ ରହୁଥିଲା ।

ଶେଷ ଦିନର ବହି ଥିଲା 'ସ୍ୱର୍ଣ୍ଣ ମନ୍ଦିର ଓ ଇନ୍ଦିରା' । ଓଃ କିଛାତିଫଟା ଲୋକ ! ଶେଷକୁ ଟାଇପଟ ପାଲ ଟେକି ଦିଆଗଲା । ବିସ୍ମିତ ହୋଇ ଯାଇଥିଲେ ଅଧ୍ୟାପକ ଚିନ୍ମୟ ସାମନ୍ତ । କ'ଣ ହୋଇପାରେ ? ପ୍ରକୃତରେ କଳା ପ୍ରତି ଆଗ୍ରହ ନା ଅପେରା ପାର୍ଟିର ପ୍ରଚାରରେ ଲୋକ ପାଗଳ ।

ଅପେରା ପାର୍ଟିରେ ମ୍ୟାନେଜରଙ୍କୁ ପୂର୍ବ ରାତିରେ ସେ ଭେଟିଥିଲେ ବହିମାନଙ୍କରେ ତ୍ରୁଟିବିଚ୍ୟୁତି ସମ୍ପର୍କରେ ଠିକେ ଠିକେ କହିଥିଲେ । ତାଙ୍କ ବୟସ ଦେଖି ନିର୍ଦ୍ଦେଶକ ଓ ମ୍ୟାନେଜରବାବୁ ପରିହାସ ଛଳରେ କହିଥିଲେ । ଆପଣ ତ ସାହିତ୍ୟ ଉଦ୍ୟମାନ ଯୁବ ଅଧ୍ୟାପକ । ଆପଣ ଦେଖିଲେ ଲେଖି ପାରିବେ ଏକା । ଠିକ୍ ଅଛି ଆପଣ ଯୁଗ ଭୁଲିକୁ ବର୍ଷି ଖଣ୍ଡେ ବହି ଲେଖନ୍ତୁ । ମୁଁ ପ୍ରସ୍ତୁତ ଅଛି ସ୍କ୍ରିପ୍ଟ ନେବାକୁ ଏବଂ ଷ୍ଟେଜ୍ କରିବାକୁ ।

ତା'ପରେ ଅପେରା ପାର୍ଟି ଚାଲିଯାଇଥିଲା ଚିନ୍ମୟ ସାମନ୍ତଙ୍କ ଛାତି ଭିତରେ ଅବଶୋଷଟିଏ ଛାଡ଼ିଦେଇ । ଏହା ପରିବର୍ତ୍ତନ ଘଟିଛି । ବେସରକାରୀ କଲେଜରୁ ପି.ଏସ୍.ସି. ପାଇଁ ସରକାରୀ କଲେଜରେ ଚାକିରି; କିନ୍ତୁ ନାଟକ ଲେଖିବାର ନିଶା ତାଙ୍କୁ ପାଗଳ କରିଥିଲା । ଦର୍ଶକଙ୍କ ମନକୁ ଛୁଇଁ ପାରିଲା ଭଳି ସେ ନାଟକ ଲେଖୁ ଥିଲେ ।

ବହୁ ମାନପତ୍ର, ବହୁ ଅନୁଷ୍ଠାନ ତରଫରୁ ସେ ପୁରସ୍କୃତ ହୋଇଥିଲେ । ରାଜ୍ୟ ଠାରୁ ଆରମ୍ଭ କରି ଭାରତ ସରକାରଙ୍କ ପର୍ଯ୍ୟନ୍ତ ବହୁ ମାନପତ୍ର ଓ ଉପଢୌକନରେ ଘର ଭର୍ତ୍ତି ହୋଇଯାଇଥିଲା । ତାଙ୍କର ବହୁ ନାଟକ ପେଶାଦାର କଳାକାରମାନଙ୍କ ଦ୍ୱାରା ସ୍ଥାୟୀ ରଙ୍ଗମଞ୍ଚରେ ବହୁବାର ଅଭିନୀତ ହୋଇ ପ୍ରଶଂସିତ ହୋଇଥିଲା । କିନ୍ତୁ କାହିଁକି କେଜାଣି ସେ ଖୁସି ନଥିଲେ । ନଅ ଦଶ ବର୍ଷ ତଳର ସ୍ମୃତିଟିଏ ତାଙ୍କୁ କେମିତି ଅସନ୍ତୋଷ ଓ କ୍ଷୁଧାର୍ତ୍ତ କରିଥିଲା ନାଟକ ଲେଖିବାର କ୍ଷେତ୍ରରେ । ହଜାର ହଜାର ଦର୍ଶକଙ୍କ ତାଳି ମାଡ଼ରେ ନିଜେ ଆତ୍ମହରା ହେବେ । ତା' ହେଲେ ଯାଇଁ ତାଙ୍କ ତୃଷା ମେଣ୍ଟିବ । କେବେ ସେ ସୁଦିନ ଆସିବ ?

ବିଶିଷ୍ଟ ତବଲାବାଦକଙ୍କର ପୁଅ ସେ । ବାପାଙ୍କଠାରୁ ନିଷ୍ଠା କ'ଣ, ଶିଖିଛନ୍ତି । ପ୍ରତିଦିନ ରାତି ଚାରିଟାରୁ ଆରମ୍ଭ କରି ଦେଉଥିଲେ ଧୂନ୍.... ତା' ତେରେ କଟି ତା', ତା' କିଟିତା- ଗଧି ଘେନେ ଧା.... । ଚିନ୍ମୟ ବାପାଙ୍କ ଆଡ଼କୁ ଚାହାନ୍ତି । ଭାବ ବିହ୍ୱଳ ହୋଇ ପଡ଼ନ୍ତି । କି ସାଧନା, କି ଲୟ, କି ତାଳ ! ଯେମିତି ଆତ୍ମମଗ୍ନ ସନ୍ନ୍ୟାସୀଟିଏ ଯୋଗୀଟିଏ ।

ଚିନ୍ମୟ ନିଜକୁ ଧନ୍ୟ ମନେ କରନ୍ତି । ତାଙ୍କର ପୁଅ ହୋଇ ଥିବାରୁ ଏତେ ସାଧନା ନିଷ୍ଠା ସତ୍ତ୍ୱେ ସେ ଅପେରା ପାର୍ଟି ପାଇଁ ଖଣ୍ଡେ ନାଟକ ଲେଖି ପାରୁନଥିଲେ । ଏମିତି ଏକ ଅଭାବିତ ସମୟରେ 'ବାଜେଣି ଘଣ୍ଟି' ଅପେରା ପାର୍ଟିର ମ୍ୟାନେଜର ତାଙ୍କୁ ଠାବ କରି ମୁକ୍ତ ହସ୍ତରେ ପନ୍ଦର ହଜାର ଟଙ୍କାର ଗୋଟିଏ ଚେକ୍ କାଟି ଥୋଇ ଦେଇ ଗଲା ଏବଂ ଅତି ଆତ୍ମୀୟ ଭଳି କାନ୍ଧରେ ହାତ ରଖି ଭରସା ଦେଇଥିଲା । ମୁଁ ଅଛି ସାର୍ ଆପଣଙ୍କ ପଛରେ । କିନ୍ତୁ ଗୋଟିଏ ସର୍ତ୍ତରେ ସାର୍ । ଆପଣ ହିଁ ଆମ ପାର୍ଟି ପାଇଁ ଗୋଟିଏ ନାଟକ ଲେଖିବେ ।

କେତେ ପାଠ ପଢ଼ିଥିବ ଏ ମ୍ୟାନେଜର ବାବୁଟି ? ନିଜେ ଗୋଟିଏ ଚମତ୍କାର ଅଭିନେତା ପରି ଅଭିନୟ କରି ଚାଲିଗଲା । ମ୍ୟାନେଜର ବାବୁଙ୍କୁ ସି-ଅଫ୍ କଲାବେଳେ ସେ କେବଳ ହସୁଥିଲେ । ଏକ ବ୍ୟାବସାୟିକ ହସ । ଯାହା ବାଧ୍ୟ ହସ ।

ଆଉ କେତେ ରୟାଲିଟି ପାଆନ୍ତି ସେ ନାଟକ ବହିରୁ ? ସବୁବେଳେ ଗୋଟିଏ ଅଭିଯୋଗ ଶୁଣିବାକୁ ମିଳେ, ଗାଁଆ ପିଲାଏ ଏ ନାଟକକୁ କ'ଣ ବୁଝିବେ । ଆପଣ ତ ଆମ ହାତ ବନ୍ଧ କରିଦେଲେ ତ ଆଉ ତାହା ହେଲେ ଆମ ଲକ୍ଷ୍ମୀ ଭଣ୍ଡାରକୁ କିଛି କିଛି ଧନ ଆଣିବେ । ଆପଣଙ୍କ ହାତ ଚିକ୍କଣ ହୋଇଯିବ ।

ଗୋଟିଏ ପ୍ରଶ୍ନ ଆପଣା ଛାଏଁ ଚିନ୍ମୟଙ୍କର ମନକୁ ଆସିଲା । କେତେଟଙ୍କା ମିଳେ ଗୋଟିଏ ସିନେମା ସ୍କ୍ରିପ୍ଟ ଲେଖିଦେଲେ ? କେତେ ଟଙ୍କା ହୋଇପାରେ ? ପଚାଶ ହଜାର ନା ଲକ୍ଷେ ?

ବମ୍ବେ ନଗରୀର ସିନେମା ସ୍କ୍ରିପ୍ଟ ଲେଖୁଥିବା ବେଳେ ଭଣ୍ଡ, ପ୍ରତାରକଙ୍କ କଥା ଭାବିଲା ମାତ୍ରେ ଗୋଟିଏ ଟଙ୍କା ଭାବ ଉତୁରି ଆସେ ଚିନ୍ମୟଙ୍କ ମୁହଁରେ । ଅଥଚ ସେଇ ସିନେମା ହିଁ ଆଜି କାଳ ହୋଇଛି ସମାଜର ।

ଆଉ ଅଳ୍ପ ଦିନ ରହିଲା ବାହାଘର ଓ ଚୁଡ଼ାଘର । ଘରେ ଏକମାତ୍ର ଭଉଣୀକୁ ସେ ବାହା ଦେବେ । ସେ ଅକ୍ଷମତାକୁ ପ୍ରକାଶ କରିବାକୁ ପିଲାଟା ତାଙ୍କୁ ଧିକ୍କାର କରୁଥିଲା । ତାଙ୍କ ଚାକିରୀକୁ ନିନ୍ଦା କରୁଥିଲା । ଶେଷରେ ଓପାସରେ ଶୋଇଲା । ଯେତେ-ଡାକିଲେ ବି ରାତିରେ ଖାଇଲାନି । ଏକା ଜିଦ୍ ।

ଏସବୁରେ ସାମିଲ ନହୋଇ ସେ କ'ଣ ଭଲ ନାଟକ ଲେଖି ପାରିବେନି କି ? ଗାନ୍ଧିଜୀଙ୍କର କେଉଁ ନିଶା ଥିଲା ? ସେତ ଦେଶର ସ୍ୱାଧୀନତା ପାଇଁ କୋଟି କୋଟି ଜନତାଙ୍କୁ ଏକଜୁଟ୍ କରାଇ ପାରିଲେ । ଠାକୁରଙ୍କ ପାଖରେ ଦିନୁଟିଏ ସ୍କ୍ରିପ୍ଟ ରହିଲା । ଗଭୀର ଆନ୍ତରିକତା ସହ ତାଙ୍କୁ କୋଳରେ ପ୍ରଥମେ ଧରିଲେ । ଏତେ ନାଟକ ଲେଖି ସେ ପୁରସ୍କୃତ ହୋଇଥିଲେ ସୁଦ୍ଧା କେମିତି ଗୋଟାଏ ନୂଆ ଉନ୍ମାଦନାରେ ସେ ଉଲ୍ଲସିତ ହେଉଥିଲେ । ସେଇଠି ହିଁ ତାଙ୍କ ବହି ରିହର୍ସାଲ୍ ପାଇଁ ପ୍ରସ୍ତୁତ ହେବ । ସେଦିନ ଘରେ ଉପସ୍ଥିତ ଥିବେ । ଯଥା ସମୟଠାରୁ ଅଧଘଣ୍ଟା ବିଳମ୍ବରେ ଘର ପହଞ୍ଚିଲା । କାରରେ ଥିଲେ ଚଳଚ୍ଚିତ୍ର ଜଗତର ଜଣେ ନିର୍ଦ୍ଦେଶକ ବନ୍ଧୁ ଯାହାଙ୍କୁ ସେ ଜାଣନ୍ତି ।

କାହାଣୀ କାହିଁ ? ଖାଲି ବୋମା ମାଡ଼, ଧର୍ଷଣ, ଖୁଣାରାଜ, ଲୁଣ୍ଠନ । ଛି ! କି ବୀଭତ୍ସ ଦୃଶ୍ୟ ସବୁ ଖଞ୍ଜା ଯାଇଥିଲା ସିନେମା ଷ୍ଟାଇଲ୍‌ରେ । କାହାଣୀର ନାଆଁ ଗନ୍ଧ ନାହିଁ ।

ସେ କେତେ ବଳିଷ୍ଠ କାହାଣୀଟିଏ ନେଇଛନ୍ତି । କାଲି ତାଙ୍କ ନାଟକ ରିହର୍ସାଲ୍ ହେବ । ତା'ପରେ ସେ କାହିଁକି କେଜାଣି ବ୍ୟାକୁଳ ହୋଇ ପଡ଼ିଲେ । କ'ଣ ସେ ଘଟିବାକୁ ଯାଉଛି, ଚିନ୍ମୟ ଭାବି ପାରିଲେନି । ତାଙ୍କର ମନେହେଲା, ଯେମିତି ନିଜ ଉଦରର ବଢ଼ିଲା ଝିଅକୁ ପ୍ରଥମେ ଶାଢ଼ୀ କାଢ଼ି ଜିନ୍ ଓ ଟପ୍ସ୍ ସାର୍ଟ ପିନ୍ଧାଇ ଦେଉଛନ୍ତି । ତା'ପରେ ସ୍କର୍ଟ ଓ ବ୍ଲାଉଜ୍, ତା'ପରେ ତା'ପରେ.... ।

ଚିତ୍କାର କରି ଉଠିଲେ ନାଟ୍ୟକାର ଚିନ୍ମୟ ସାମନ୍ତ । କ'ଣ ନା ଓଡ଼ିଶାରେ କଳାର ମୃତ୍ୟୁ ଘଟିନାହିଁ । କଳକଣ୍ଠି ଯନ୍ତ୍ରରେ, ସ୍ଲୋଗାନ୍‌ରେ, ଭାଷଣରେ, ବଜାରରେ ଓ ସଂସ୍କୃତି ମଣ୍ଡପରେ ଲମ୍ବା ଲମ୍ବା ଭାଷଣ ଦେଉଛନ୍ତି । କଳା ନାଆଁରେ କଳା ବଜାରୀ ଚାଲିଛି । ଗାଁ ମାଟିରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଛନ୍ତି । ଏହା ମାଧ୍ୟମରେ ଗରିବ ମାନଙ୍କର ରକ୍ତ ଶୋଷୁଛନ୍ତି । କେହି କାହାକୁ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି । ନିଜର ଆତ୍ମବଡ଼ିମା, ଅହଂକାରର ନାଗରା ଧରି ଗାଆଁରୁ ଗାଆଁକୁ ସହରରୁ ସହର ବୁଲି ପ୍ରଚାରରେ ଲାଗିଛନ୍ତି । କିନ୍ତୁ ଏଇଟା ଓଡ଼ିଶା ମାଟି ବୋଲି ମନେରଖିବା ଉଚିତ୍ ।

ନଦିଆ କୀର୍ତ୍ତନ କରି ରାଧାଗୋବିନ୍ଦ ମୂର୍ତ୍ତିକୁ ବିମାନରେ ବସାଇ ମେଲଣକୁ ନେଇ ଯିବାର ଦୃଶ୍ୟ ତାଙ୍କୁ ବିମୋହିତ କରେ । ସେ ଭାବ ବିହ୍ୱଳିତ ହୋଇ ପଡ଼ିଲେ ।

ପନ୍ଦର ହଜାର ଟଙ୍କା ପାଇଁ ସେ ନିଜର ବିବେକ ଓ ଆତ୍ମାକୁ ବିକି ଦେଇ ପାରିବେନି । ବାରଙ୍ଗନା ଭଳି ନାଚି ପାରିବେନି ଡାଇରେକ୍ଟରଙ୍କ ନିର୍ଦ୍ଦେଶରେ । ଏମିତି ଗୋଟାଏ ଶବ୍ଦ ମଧ୍ୟ ବଦଳେଇ ପାରିବେନି ମ୍ୟାନେଜରଙ୍କ ଶତ ଅନୁରୋଧରେ । ଆଉ ଡେରି କରିବା ଉଚିତ୍ ନୁହେଁ । ଆଉ ବିଳମ୍ବ କଲେ ସେମାନେ ବିଚ୍ ରାସ୍ତାରେ ବେଇଜତ୍ କରାଇବାକୁ ପଛାଇବେ ନାହିଁ । ସେମାନେ ଆଉ କେହି ନୁହନ୍ତି । ସେମାନେ ଆଗାମୀ ବଂଶଧର । ଦ୍ୟୁତିମାନ ଉଲ୍କାପିଣ୍ଡ । ସେମାନେ ତଥାକଥିତ ମୁକ୍ତିର ମଶାଲ ।

ବହୁଦିନ ଧରି ହଜି ଯାଇଥିବା ପୁଅକୁ ପାଇବା ଦିନ ବାପା ଯେମିତି ଖୁସିରେ ଆତ୍ମହରା ହୋଇଯାଏ । ସେମିତି ନିଜ ପାଣ୍ଡୁଲିପି ଖଣ୍ଡକ ଛାତିରେ ଜାକିଧରି ସେ ଭେଁ ଭେଁ ହୋଇ କାନ୍ଦି ଉଠିଲେ ।

କେତେବେଳେ ସେ ବସ୍‌ଷ୍ଟାଣ୍ଡରେ ପହଞ୍ଚି ଗଲେଣି ତାଙ୍କୁ ଜଣା ନଥିଲା । କାହାକୁ ଅନେଇଲେ ନାହିଁ । ପଛକୁ ଫେରି ଚାହିଁଲେ ନାହିଁ । କାହାର ସାହାଯ୍ୟ ନେଲେ ନାହିଁ । □

# କଷ୍ଟ ହେବ ସତ ସଫଳ ହେବେ

ରାଜକିଶୋର ବାରିକ
ଅଧ୍ୟାପକ ଗଣିତ ବିଭାଗ

ଆଜ୍ଞା ଯାହା କହିବି ସତ କହିବି ସତ କହିବାକୁ ଡରିବି ନାହିଁ ।

କଥାରେ ଅଛି ଅତିଥି ଦେବୋ ଭବ, ପୂର୍ବେ ଘରକୁ ଅତିଥି ଆସିଲେ ଘରେ ଗୋଟିଏ ଖୁସିର ମାହୋଲ ହୋଇଯାଏ । ପିଲାମାନେ ବହୁତ ଖୁସି ହୁଅନ୍ତି । କାରଣ ତାଙ୍କୁ ପାଠ ପଢ଼ିବାକୁ ପଡ଼ିବନି, ବହୁତ ମଜା ହେବ, ସମୟବି ଆନନ୍ଦରେ କଟିଯିବ । ଖାନା ପିନା ବି ଭଲ ହେବ, କିନ୍ତୁ ଆଜିକାଲି ସହରରେ ଗାଁରେ ମଧ୍ୟ ଏକକ ପରିବାର କେହି ଯଦି ଆତ୍ମୀୟ ସ୍ୱଜନ ଘରକୁ ଆସନ୍ତି ଦିନେ ଓଳିଏ ରହି ଯାଆନ୍ତି- ସେ କେବେ ଯିବେ ତା'ର ପ୍ରତୀକ୍ଷାରେ ଗୃହିଣୀଟି ଚିନ୍ତାରେ ରହିଥାଏ କାରଣ ତାଙ୍କ ଉପରେ ରନ୍ଧାବଢ଼ାର ଭାର ବଢ଼ିଯାଏ । ଇଆଡ଼େ ପିଲାମାନଙ୍କର ପାଠପଢ଼ା ନଷ୍ଟ । ଏଠି ମୁଁ କହିବାକୁ ବାଧ ହେଉଛି ଆରେ କ'ଣ ଆମେ ପାଠ ପଢୁନଥିଲୁ ନା ଘରେ ପରିବାରର ସଦସ୍ୟ କମ୍ ଥିଲେ ? କିନ୍ତୁ ସେଥିରେ ଆମର ମାଆମାନେ ଅତିଥି ହୁଅନ୍ତୁ ବା ଆତ୍ମୀୟ ସ୍ୱଜନ ହୁଅନ୍ତୁ ସେମାନଙ୍କର ଯଥେଷ୍ଟ ଚର୍ଚ୍ଚା କରୁଥିଲେ । କିନ୍ତୁ ଆଜିକାଲି ଏବେ ଆଉ ସେ କଥା ନାହିଁ, ଘରେ ରୋଷେଇ ହେଲା ତ ଭଲ କଥା ନହେଲେ ହୋଟେଲ, ଢାବା କ'ଣ ନାହିଁ । ସେଠୁଁ କିଣା ହୋଇ ଆସିବ, ନହେଲେ ସିଧା ଅତିଥିଙ୍କୁ ପଚାରିବେ ଆପଣ କେବେ ଯିବେ ଏଇତ ହେଲା ଗୃହିଣୀ ମାନଙ୍କ ସିଧା ଅତିଥି ମାନଙ୍କୁ ପ୍ରଶ୍ନ ।

ଆମେ ଜାଣିଛୁ ଅତିଥି ପରାୟଣତା ଆମ ଓଡ଼ିଆ ଜାତିର ବୈଶିଷ୍ଟ କିନ୍ତୁ ଆଜି ଏହା ଦେଖିବା ବିରଳ । କାରଣ ଆଜି କାଲି କୌଣସି ବିବାହ ବା ଜନ୍ମଦିନ ଉତ୍ସବ ହେଲେ ଆମେ ଖୋଜିଖୋଜି କରି ବନ୍ଧୁମାନଙ୍କୁ, ସାଙ୍ଗ ସାଥି ଘରକୁ ଯାଇ ନିମନ୍ତ୍ରଣ କରିଆସୁ । କିନ୍ତୁ ଉତ୍ସବରେ ଡାକିଥିବା ଅତିଥି ଖାଇଲେକି ନାହିଁ ତାଙ୍କୁ ଦେଖିବାକୁ ବେଳ ନାହିଁ, ସମସ୍ତେ ବ୍ୟସ୍ତ ନିଜ ବେଶ ପୋଷାକ ସାଜସଜ୍ଜାରେ, କିଏ ଗଲା, କିଏ ଆସିଲା, କିଏ ଖାଇଲା, କିଏ ଆଇଲା ନାହିଁ ବିଭିନ୍ନ ପ୍ରକାରର ଷ୍ଟଲ ଖୋଲାଯାଇଛି, ଖାଅ ଦିଅ, ପ୍ଲେଟ ଧର ବୁଲିବୁଲି କେଉଁଠି କଣ ଅଛି ଖୋଜି ଖୋଜି ଖାଅ, କିଏ ସେଠି ନଥିବେ କିଛି କହିବା ପାଇଁ କାହାର ସମୟ ନାହିଁ, ଦେଖିବାକୁ ମଧ୍ୟ ନାହିଁ, ଏଇତ ଅତିଥି ମାନଙ୍କୁ ବ୍ୟବହାର । ସତ କହିବାକୁ ଗଲେ ମୋତେ ଆଦୌ ଏଭଳି ଭୋଜିରେ ଯିବାକୁ ଇଚ୍ଛା ହୁଏ ନାହିଁ । କିନ୍ତୁ ଅବସ୍ଥା ଦେଖି ନିଜକୁ ବଦଳିବାକୁ ପଡ଼ିବ, ଯେତିକି ଅତିଥି ଚର୍ଚ୍ଚା କରିପାରିବ ସେତିକି ଡାକିବ, ଯଦି ଠିକ୍ ଭାବରେ ସେମାନଙ୍କ କଥାବୁଝି ପାରିବନି ତାଙ୍କୁ ଡାକିବ କିଆଁ, ଏଇତ ଗଲା ଆଜିର ଅତିଥି ଚର୍ଚ୍ଚା ।

ଆଜିର ପାଠପଢ଼ା ବ୍ୟବସ୍ଥା ଦେଖିଲେ ମୁଁ ବେଳେ ବେଳେ ଭାବେ ପିଲାଙ୍କ ଭବିଷ୍ୟତ କ'ଣ ହେବ, ପିଲାମାନେ ଆଜି ନିଜ ମନରୁ କିଛି କରିବା, ଲେଖିବା, କହିବା ଆଦୌ କରି ପାରୁ ନାହାନ୍ତି । ତାଙ୍କର ଚିନ୍ତନ ଶକ୍ତିକୁ

ସଙ୍କୁଚିତ କରି ଦିଆଯାଉଛି । କାରଣ ତାଙ୍କ ପାଖରେ ବିନା ପରିଶ୍ରମରେ ପରୀକ୍ଷାରେ ନମ୍ବର ପାଇବା ପାଇଁ ସବୁ ସାମଗ୍ରୀ ରହିଛି । ଟେଷ୍ଟ ପେପର ପଢ଼, ନୋଟକୁ ପଢ଼, MBD ପଢ଼ କିମ୍ବା Internetରୁ ଉତ୍ତର ଦେଖି ଉତ୍ତର ଲେଖ । ଟିକେ ପ୍ରଶ୍ନ ଏପଟ ସେପଟହେଲେ ଉତ୍ତର ଲେଖିବା କଷ୍ଟକର ନିଜ ମନକୁ ପଢ଼ିବା, କୋଚିଂରେ ପଶିଲେ ସ୍ୱାଧ୍ୟାୟ କରିବାକୁ ବେଳନାହିଁ, ବେଢ଼ଙ୍ଗିଆ ବେଶ ପୋଷାକ ପିନ୍ଧି ରାସ୍ତା ରୋକ ଆନ୍ଦୋଳନ କଲାପରି ଫେଁ ଫେଁ ହେବାପାଇଁ ସମୟ ରହିଛି ଆଉ ବହୁତ ସମୟ ସେମାନଙ୍କର ମୋବାଇଲିରେ ଅଶ୍ଳୀଳ ଖେଳ, ଅଶ୍ଳୀଳ କଥା ହେବାପାଇଁ ସମୟ ଅଛି । ଏଥି ପାଇଁ ଆମେମାନେ ଦାୟୀ, ହଁ ସତକଥା ହେଲା ଆଗରୁ ବେଶ ପୋଷାକ ଅତି ସାଧାରଣ ଥିଲା ଏବେ ପାଶ୍ଚାତ୍ୟର ଝଲକ ଦେଖିବାକୁ ମିଳୁଛି । ଶାଢ଼ୀ ଓ ଧୋତି ପିନ୍ଧିବା ଉଠି ଗଲାଣି ଠିକ୍ ଅଛି ପିନ୍ଧ, କିନ୍ତୁ କଥାରେ ଅଛି 'ଆପରୁଚି ଖାନା ଓ ପର ରୁଚି ପେହେନା' । ନିଜ ରୁଚିରେ ଖାଇବା ଏବଂ ଅନ୍ୟ ଆଖିକୁ ଯାହା ଭଲ ଦିଶିବ ତାହା ପିନ୍ଧିବ । ଦୁଇ ଦିନ ତଳେ ମୁଁ ଗୋଟିଏ ମଲ୍‌କୁ ଯାଇଥିଲି ସେଠି ଦୁଇଜଣ ମହିଳା ଠିଆ ହୋଇ ଜିନିଷ ଦେଖୁଥାନ୍ତି । ସେମାନେ ଲେଗିନସ୍, ଜିନସ୍ ଓ କୁର୍ତ୍ତା ପିନ୍ଧିଥାନ୍ତି ମୁଁ ଭାବିଲି ସେମାନେ ଦୁଇ ଭଉଣୀ କିମ୍ବା ଦୁଇ ସାଙ୍ଗ ହୋଇଥିବେ କିନ୍ତୁ ତାଙ୍କ କଥା ବାର୍ତ୍ତାରୁ ଜଣା ଗଲା ଯେ ସେମାନେ ମା ଓ ଝିଅ, ମା ଯଦି ଏହିପରି ପୋଷାକ ପିନ୍ଧେ ଏବଂ ଝିଅଠାରୁ ସୁନ୍ଦର ଦେଖାଯିବା ପାଇଁ ଚେଷ୍ଟାକରେ ତାହାହେଲେ କ'ଣ ପିଲାମାନେ ମାଆକୁ ମାନିବେ କାହିଁକି । ଏ ହେଉଛି ମାଆ ମାନଙ୍କର ମାନସିକତା । ଆଜ୍ଞା ମା ମାନେ ସିନା ମାଆ ପରି ହେଲେ ଭଲ ଲାଗନ୍ତା । ମାଆମାନେ ଯେତେବେଳେ ପିଲାମାନଙ୍କୁ ବାହାରକୁ ଛାଡୁଛନ୍ତି ସେତେବେଳେ ଦେଖିବା କଥା ମୋ ପିଲାଟୀ ଉଚିତ୍ ପୋଷାକ ପିନ୍ଧିଛିତ ? ପୋଷାକ ତାକୁ ମାନୁଛିତ, ଅନ୍ୟର ଦୃଷ୍ଟିକଟୁ ହେଉ ନାହିଁତ । ଏ ବିଷୟରେ ମା' ମାନେ ସଚେତନ ହେବାର ସମୟ ଆସିଛି । ହେଲେ ଆଜିର ମା'ମାନେ ପିଲାମାନଙ୍କ ପାଇଁ ଛୋଟ ଏବଂ ଅଶ୍ଳୀଳ ଦେଖାଯାଉଥିବା ପୋଷାକ କିଣୁଛନ୍ତି । ଆଜ୍ଞା ଏ ମାନସିକତା ବନ୍ଦ କରନ୍ତୁ, ଶିଖନ୍ତୁ ବିଦେଶୀ ମାନେ ଭାରତକୁ ଆସି ଧୋତି ଫତେଇ ପିନ୍ଧୁଛନ୍ତି, ମୁଣ୍ଡରେ ଚନ୍ଦନ ଚିତା କରୁଛନ୍ତି, ସ୍ତ୍ରୀ ଲୋକ ଶାଢ଼ୀ ବୁଡ଼ି ପିନ୍ଧୁଛନ୍ତି ସେମାନେ ଓ ତାଙ୍କ ପିଲାମାନଙ୍କୁ ଗୀତା, ବେଦ ପଢ଼ାଉଛନ୍ତି, କିନ୍ତୁ ଆମ ଭାରତୀୟ ମାନେ ପିଲାମାନଙ୍କୁ ଗୀତା, ବେଦ ଓ ଭାଗବତ ବଦଳରେ ଅନ୍ୟ ସଂସ୍କାରର ଖରାପ କଥା ଶିଖାଉଛନ୍ତି ।

ଆଜ୍ଞା ଏବେ ସମୟ ଆସିଛି ପିଲା ମାନଙ୍କୁ ପାଠ ପଢ଼ିବା ସହିତ ଉତ୍ତମ ଚରିତ୍ର ଗଠନ, ଶାଳୀନତା, ଶୃଙ୍ଖଳିତ ବ୍ୟବହାର ସକାରାତ୍ମକ ଚିନ୍ତନକୁ ଅଗ୍ରାଧିକାର ଦେବା ଓ ସଫଳତାର ସହ ଜୀବନ ପଥରେ ଅଗ୍ରସର ହେବା ପାଇଁ ମନରେ ଭରି ଦିଅନ୍ତୁ କଷ୍ଟ ହେବ ସତ କିନ୍ତୁ ସଫଳ ହେବେ । □

# ଏ ଯୁଗର ଭକ୍ତି

ସୁଭଦ୍ରା ବାରିକ୍
+୩ ଦ୍ୱିତୀୟ ବର୍ଷ କଳା

ଆଜିକାଲି ଲୋକମାନେ ମନ୍ଦିର ଯାଆନ୍ତି ସତ; କିନ୍ତୁ ସେମାନେ ଠାକୁର ପୂଜିବାକୁ ଯାଆନ୍ତି ନାହିଁ, ସେମାନେ ଯାଆନ୍ତି ନିଜବେଶ ପୋଷାକ ଆଉ ଷ୍ଟାଇଲକୁ ଦେଖାଇବା ପାଇଁ ।

ଷ୍ଟାଇଲବାଲୀ, ହିଲ୍‌ବାଲୀ, ବବ୍‌ବାଲୀ, ଫେସନବାଲୀ, ସହରୀଆଣୀ, ରସକିଆଣୀ, ବାବୁଆଣୀମାନେ ସଞ୍ଜହେଲେ ମନ୍ଦିରକୁ ଫୁର୍ତ୍ତିରେ ହେଉ ବା ଭକ୍ତିରେ ହେଉ ବାହାରନ୍ତି । କିଏ ସିନା ସକାଳ ହେଲେ ଗାଧୋଇ ପାଧୋଇ ବାହାରନ୍ତି ମନ୍ଦିରକୁ ପୂଜା କରିବାକୁ ହେଲେ ଏମାନେ ସଞ୍ଜହେଲେ ବାହାରନ୍ତି ଠାକୁର ପୂଜିବାକୁ । ସେଇଥିରେ ପୁଣି ଚିକିମିକିଆ ଶାଢ଼ୀ ପିନ୍ଧିଲା ବେଳେ ପିନ୍‌ମରା କୁଞ୍ଚକୁ ଠିକ୍ ତଳକୁ ରଖନ୍ତି । କାରଣ ଅଙ୍ଗ ପ୍ରଦର୍ଶନ ଆଧୁନିକ ଷ୍ଟାଇଲ୍‌ରେ ଗଣା, ଆଜିର ଯୁଗରେ ଯେଉଁ ଭଦ୍ର ମହିଳା ହିସାବରେ ତାଙ୍କୁ କେହି ଗଣିବେନି । ସେ ଯାହାହେଉ, ଶାଢ଼ୀ ରଙ୍ଗକୁ ମ୍ୟାଚିଙ୍ଗକରି କାନ୍ଧକଟା, ପେଟକଟା, ପିଠିକଟା, ପତଳା ବ୍ଲାଉଜ ପିନ୍ଧନ୍ତି । ଏଥି ସହିତ ମ୍ୟାଚିଙ୍ଗ ଚୁଡ଼ି, ଟିକିଲି ଓ କାନ୍ଧରେ ଛୋଟ ବଡ଼ ଭ୍ୟାନିଟ୍ । ଓଡ଼ିଆ ଘରର ଝିଅମାନେ ବାହା ହେଲାପରେ ଟିକିଲି ବଦଳରେ ସିନ୍ଦୁର ପିନ୍ଧନ୍ତି । ହେଲେ ଆଜିକାଲି ଆଧୁନିକ ଯୁଗରେ ଓଡ଼ିଆ ଘରର ବୋହୂମାନେ ଷ୍ଟାଇଲ୍‌ମାରି ଶାଢ଼ୀ ସହିତ ମ୍ୟାଚିଙ୍ଗ୍ କରି ଟିକିଲି ପିନ୍ଧୁଛନ୍ତି । ପୁଣି ସେଥିରେ ଦେହକୁ ଦାମି ଅତରର ମହମହ୍ ଗନ୍ଧ, କ୍ରିମ୍ ଓ ପାଉଡ଼ର ମଖା ମୁହ ସାଙ୍ଗକୁ ସରୁ, ମୋଟା, ଚେପଟା ଓଠରେ ବହଳେ ଲିପଷ୍ଟିକ୍ । ମନେହୁଏ ସତେ ଯେମିତି ଠାକୁର ଠାକୁରାଣୀମାନେ ସହରର ଗଳିକନ୍ଦି ମଡ଼ର୍ଣ୍ଣ ନାରୀମାନଙ୍କ ଶାଢ଼ୀ, ଚୁଡ଼ି, ଟିକିଲି ଓ ଷ୍ଟାଇଲି ମୁତାବକ କୃପା କରନ୍ତି । ପତ୍ନୀ ଅଜ୍ଞାବହ୍ ସ୍ୱାମୀମାନେ ନିଜ ନିଜର ପେଟି, ମୋଟି, ଗେଡ଼ି, ପତଳୀ, ସ୍ତ୍ରୀମାନଙ୍କୁ ସ୍କୁଟର, ମଟର ସାଇକେଲ, ଲୁନା ନହେଲେ ଶେଷକୁ ରିକ୍ସାରେ ଠେଲା ଓ ଘୋଷଡ଼ା ଦିଏ ଯେ ଏମାନେ ଧରମଭାଇ, ଭିଣୋଇ ନହେଲେ ଭାବଦୋସ୍ତି ପଡ଼ିଶା ବାଲାଙ୍କ ସହିତ ଯିବାକୁ ପଛାନ୍ତି ନାହିଁ । ପାଖ ମନ୍ଦିର ହୋଇଥିଲେ ଏକାକୀ ଯିବାକୁ ଅଧିକ ପସନ୍ଦ କରନ୍ତି ।

ଗଲାବେଳେ ବାଟରେ ଦୋକାନରୁ ଚାରି ପାଞ୍ଚଟା କଦଳୀ କିଣନ୍ତି ଭୋଗ ପାଇଁ, ହେଲେ ଲୋଭନୀୟ ଲାଲବୁହା ପାଚିଲା କାଠିଆ ନୁହେଁ କି ମୋଟା ମୋଟା ପାଟକପୁରା କଦଳୀ ନୁହେଁ । ଏସବୁ ଅଧିକ ଦାମ୍, ଏ ସବୁ କଦଳୀ ପୁଅ ଝିଅଙ୍କ ପାଇଁ ଗଲାବେଳେ ନେବାକୁ ହୁଏ, କିନ୍ତୁ ଠାକୁରଙ୍କ ପାଇଁ ବୁଝି ବୁଝି, ଜବରଦସ୍ତି କାର୍ବାଇଡ୍ ପଚା, ଦରପାଚିଲା ବା ସାମାନ୍ୟ ପାଚି ଶସ୍ତାରେ ଯୋଗାଡ଼ କରିବାକୁ ହୁଏ । ଗରିବ ବିଦୁର ଘରଣୀ କାଠିଆ କି ପାଟକପୁରା କଦଳୀ ଦେଇ ନ ଥିବେ । ତା' ପରେ ଠାକୁରତ ବିଦୁର ଘରଣୀଠାରୁ କଦଳୀ ଚୋପା ଛଡ଼େଇ ଖାଇଗଲେ । ଏକଥା ପରକୁ ଯୁକ୍ତି ଦେଖାଇ

ଆଧୁନିକମାନେ ସବୁଠାରୁ ଶସ୍ତା କଦଳୀ କିଣି ସ୍କୁଟର ଆଦି ପଛରେ ଓଢ଼ଣା ଖସେଇ କାନି ଉଡ଼େଇ, ଗୋରାଗୋରା, ସାବନ ସାବନା ଚେହେରା ଦେଖାଇ ଯାତ୍ରା କରନ୍ତି ।

ମନ୍ଦିର ଦ୍ୱାରଦେଶରେ ପହଞ୍ଚି ନିଜ ନିଜର ହାଇହିଲ୍ ବା କଠଉ ଭଳିଆ ଚପଲ ସବୁ ଏଠି ସେଠି ରଖି ମନ୍ଦିର ବେଢ଼ାକୁ ଲକ୍ଷ୍ମୀପାଦ ପକାନ୍ତି । ସହଧର୍ମିଣୀଙ୍କ ପଛେ ପଛେ ସ୍ୱର୍ଗ ସର୍ବସ୍ୱ ସ୍ୱାମୀମାନେ ଧୀରେ ଧୀରେ ଚାଲନ୍ତି । ବାହାରେ ଚପଲ ରଖି ଆସିଥିବାରୁ ସେମାନଙ୍କ ମନ ଚପଲ ପାଖରେ ଥାଏ । କାରଣ ଯୁଗଥିଲା ଭରତ ଶ୍ରୀରାମଙ୍କଠାରୁ ପାଦୁକା ମୁଣ୍ଡରେ ଆଣିଥିଲେ, ହେଲେ ଏକଳି ଯୁଗର ଭକତ ସବୁ ମନ୍ଦିର ପାଖରୁ ଚପଲ କୌଶଳରେ ଲୁଚେଇ ନେବାରେ ଦକ୍ଷ । ଯଦି ପୃଥିବୀରେ କୌଣସି ରାଷ୍ଟ୍ର ସୁଦକ୍ଷ ଚପଲ ଚୋରଙ୍କୁ ସ୍ୱର୍ଣ୍ଣ ରୌପ୍ୟ ଆଦି ପଦକ ପୁରସ୍କାର ଦେବାକୁ ଘୋଷଣା କରେ, ତେବେ ଓଡ଼ିଶା ନିଶ୍ଚୟ ସବୁତକ ସ୍ୱର୍ଣ୍ଣପଦକ ହାସଲ କରିବ । ଏଥିପାଇଁ ଭକ୍ତିଆ ସ୍ୱାମୀ-ସ୍ତ୍ରୀମାନେ ଠାକୁର ଦର୍ଶନ ସାଙ୍ଗକୁ ମଝିରେ ମଝିରେ ବାହାରେ ରଖିଥିବା ଯୋତା, ଚପଲ ଦର୍ଶନ କରୁଥାନ୍ତି ।

ଠାକୁରଙ୍କୁ 'ତ୍ୱମେବ ମାତା ଚ' କହିଲା ବେଳକୁ ଯୋତା ଚପଲ କଥାମନେ ପଡ଼େ ତା ଆଡ଼କୁ ଚାହିଁ ଚାହିଁ ପାଟିରୁ ବାହାରି ପଡ଼େ 'ପିତା ତ୍ୱମେବ', 'ତ୍ୱମେବ ବନ୍ଧୁଶ୍ଚ' କହିଲା ବେଳକୁ ଜୋତା ଚପଲ ହରଣ ଚାଲହେବା ଆଶଙ୍କା ଆସେ । ଏଣୁ 'ସଖା ତ୍ୱମେବ' କହିଲା ବେଳକୁ ଅଖି ଆପେ ଆପେ ଯୋତା ଚପଲ ଆଡ଼କୁ ଚାଲିଯାଇଥାଏ । 'ତ୍ୱମେବ ବିଦ୍ୟା' ଠାକୁରଙ୍କୁ ଚାହିଁ କହୁ କହୁ 'ଦ୍ରବିଣ ତ୍ୱମେବ' ଚାହିଁ କହି ହୋଇଯାଏ । ସ୍ତବର ଶେଷ ଧାଡ଼ିକ 'ତ୍ୱମେବ ସର୍ବ ମମଦେବ ଦେବ' ଦୁଇଥର କହିଲା ବେଳକୁ ପ୍ରଥମଥର ଠାକୁରଙ୍କୁ ଚାହିଁ ହୁଏତ ଦ୍ୱିତୀୟ ଥର ଯୋତା ଚପଲ ଆଡ଼କୁ ଚାହିଁ ହୋଇଯାଏ ।

ମୁଁ ସବୁ ଭାଇ ଭଉଣୀ ଓ ଗୁରୁଜନମାନଙ୍କୁ ଅନୁରୋଧ କରୁଛି ତମମାନଙ୍କର ମନ୍ଦିର ଯିବାରେ ଭକ୍ତି ରହୁ, ଶୋଭନୀୟତା ରହୁ, ଗୋଟିଏ ମିନିଟ୍ ପାଇଁ ହେଲେ ପଛକେ ଭଗବାନଙ୍କୁ ଧ୍ୟାନରେ ଡାକନ୍ତୁ ଓ ଭକ୍ତିରେ ଡାକନ୍ତୁ । □



# ସାଧକ ସନ୍ଥ ତୁଳସୀ

ଦୀପିକା ସ୍ୱାଇଁ
+୨ ଦ୍ୱିତୀୟ ବର୍ଷ

ଯୁଗ ଅନୁସାରେ ଭଗବାନଙ୍କୁ ପାଇବାର ସହଜ ବାଟସବୁ ମହାପୁରୁଷ ମାନେ କହିଛନ୍ତି । ଯେମିତି ସତ୍ୟ ଯୁଗରେ ତପସ୍ୟା, ତ୍ରେତୟାରେ ଯଜ୍ଞ, ଦ୍ୱାପରରେ ପୂଜାର୍ଚ୍ଚନାରେ ଭଗବାନଙ୍କୁ ସହଜରେ ପାଇ ହେଉଥିଲା । କଳିଯୁଗରେ ମହାପୁରୁଷମାନେ ନାମ ସାଧନାକୁ ଗୁରୁତ୍ୱ ଦେଉଥିଲେ । ସନ୍ଥ ତୁଳସୀ ଦାସଙ୍କର ରାମନାମ ସାଧନା ଥିଲା ମୁଖ୍ୟ ଆଧାର । ସନ୍ଥ ତୁଳସୀ ଦାସ କାଶୀରେ ଥିଲା ବେଳେ ରାମନାମ ଜପକରି ଅଲୌକିକ କାର୍ଯ୍ୟ ସାଧନ କରୁଥିଲେ । ଏସବୁ ଦେଖି ଲୋକମାନେ ଆଶ୍ଚର୍ଯ୍ୟ ହୋଇ ସନ୍ଥ ତୁଳସୀଙ୍କୁ ପଚାରିଲେ- ସନ୍ଥଜୀ । ଆପଣ କାହା ବଳରେ ଏ ସିଦ୍ଧି କରିଛନ୍ତି । ସନ୍ଥଜୀ ଉତ୍ତର ଦେଲେ– 'ମୋ ଜୀବନରେ ଶ୍ରେଷ୍ଠ ସାଧନା ହେଉଛି ରାମନାମ ।' ୧୫୫୪ ଶ୍ରାବଣ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥି ଶନିବାର ସନ୍ଥ ଗୋସ୍ୱାମୀ ତୁଳସୀ ଦାସ ଉତ୍ତର ପ୍ରଦେଶର ବାନ୍ଦାଜିଲ୍ଲା ରାଜପୁରରେ ଭୂମିଷ୍ଠ ହୋଇଥିଲେ । ତାଙ୍କ ପିତା ପଣ୍ଡିତ ଆତ୍ମାରାମ ଦୁବେ ଏବଂ ମାତା ହୁଲସୀ ଦେବୀ । ସେ ସମୟରେ ଭାରତ ବର୍ଷରେ ସାମାଜିକ ଓ ଧାର୍ମିକ ବିପର୍ଯ୍ୟୟ ଘଟିଥିଲା । ଜନ୍ମ ସମୟରେ ସେ କାନ୍ଦିବା ପରିବର୍ତ୍ତେ ରାମ ରାମ ଉଚ୍ଚାରଣ କରିଥିଲେ । ତେଣୁ ସମସ୍ତେ ତାଙ୍କୁ ଡାକୁଥିଲେ ରାମବୋଲା । ଜନ୍ମରୁ ତାଙ୍କର ୩୨ଟି ଦାନ୍ତ ଥିଲା । ମାଆର ସ୍ନେହ ମମତାକୁ ଜାଣିବାର ବହୁ ପୂର୍ବରୁ ମାତା ହୁଲସୀ ଇହଧାମ ତ୍ୟାଗ କରିଥିଲେ । ସେବିକା ଚୁନିଆ ଶିଶୁକୁ ନିଜ ଗାଁ ହରିପୁରେ ଯତ୍ନରେ ବଢ଼ାଇଲେ ମାତ୍ର କିଛି ବର୍ଷ ପରେ ସେ ବି ସର୍ପଦଂଶନରେ ଚାଲିଗଲେ । ପିତା ଆତ୍ମାରାମ ଦୁବେ ରାମବୋଲାକୁ ଅଶୁଭ ସନ୍ତାନ ଭାବି ତ୍ୟାଗକଲେ । ଏହା ପରେ ସମ୍ପୂର୍ଣ୍ଣ ଅନାଥ ହୋଇଗଲେ ରାମବୋଲା । ଦ୍ୱାର ଦ୍ୱାର ବୁଲି ଭିକ୍ଷା କଲେ । କେହି ଦିଅନ୍ତି ତ କେହି ଦିଅନ୍ତି ନାହିଁ । କେହି ମଧ ଘୃଣା କରନ୍ତି । ପରେ ଭଗବାନ୍ ଶଙ୍କରଙ୍କ ଆଦେଶ ହେଲା । ସିଦ୍ଧ ମହାତ୍ମା ନରହରି ଆନନ୍ଦ ଚିତ୍ରକୁଟରୁ ଆସି ହରି ପୁରରେ ପହଞ୍ଚିଲେ । ଗ୍ରାମବାସୀଙ୍କ ସ୍ୱୀକୃତି କ୍ରମେ ରାମବୋଲାକୁ ନେଇ ଆସିଲେ ଅଯୋଧ୍ୟା । ସରଯୁ ନଦୀରେ ବିଧିପୂର୍ବକ ପଞ୍ଚ ସଂସ୍କାର କରି ରାମତାରକ ମନ୍ତ୍ର ଦେଲେ । ସେହିଠାରେ ରାମ ବୋଲା ହେଲେ ତୁଳସୀ ଦାସ । ଗୁରୁ ନରହରି ଆନନ୍ଦ ବିଭିନ୍ନ ଧର୍ମ ଶାସ୍ତ୍ର ଏବଂ ପାଣିନୀ ବ୍ୟାକରଣ ସୂତ୍ର ପଢ଼ାଇଲେ ତୁଳସୀ ଦାସଙ୍କୁ । ଏହାପରେ କାଶୀରେ ସନ୍ଥ ମଧୁସୂଦନ ସରସ୍ୱତୀଙ୍କ ଠାରୁ ବେଦ ବେଦାନ୍ତ ଇତ୍ୟାଦି ଶିକ୍ଷାକଲେ । ତୁଳସୀ ଦାସ ପତ୍ନୀ ରତ୍ନାବଳୀଙ୍କ ପ୍ରତି ଅତ୍ୟନ୍ତ ଆସକ୍ତ ଥିଲେ । ଦିନେ ପତ୍ନୀ ତାଙ୍କୁ ଭର୍ତ୍ସନା କଲେ । ସେହି ଅନୁସାରେ କିଛି ଶିଖିଲେ । 'ରାମଙ୍କ' ସନ୍ଧାନରେ ଲାଗିଗଲେ । ଜୀବନ ସଫଳ ହୋଇଗଲା । ସମାଜରେ ସମସ୍ତ ବିପଦ ହିଁ ମଣିଷ ପାଇଁ ଭଲ ସୁଯୋଗଟିଏ ସୃଷ୍ଟି କରେ । ସଙ୍କୋଚ ଓ ସତ୍ୟ ସଂକଳ୍ପ ପାଖରେ ଈଶ୍ୱର ପହଞ୍ଚି ଆଶୀର୍ବାଦ ଦିଅନ୍ତି । ବିପଦରେ ପଡ଼ି ଧୈର୍ଯ୍ୟ ଧରିବା ମଣିଷ ପଣିଆର ଶ୍ରେଷ୍ଠ ଉଦାହରଣ । ସୁନାକୁ ଯେପରି ପଥରରେ ଘର୍ଷଣ କରି ପରୀକ୍ଷା କରାଯାଏ । ସେହିପରି ମଣିଷ ପାଇଁ ବିପଦ ଓ ସମସ୍ୟା ହିଁ କଷଟି ପଥର । ❑

# ନାରୀ

ସୁଭଦ୍ରା ମହାପାତ୍ର
+୩ ତୃତୀୟ ବର୍ଷ

ନାରୀ ! ନାରୀର ଆସନ କେତେ ଉଚ୍ଚରେ । ନାରୀ ପାଇଁ ଦେଶ ବଞ୍ଚେ । ନାରୀ ଏକା ଧାରାରେ ଜାୟା, ଜନନୀ, ଭଗିନୀ । ସେଥିପାଇଁ ସେ ନିଜେ ଦୁଃଖରେ ରହି ଅନ୍ୟକୁ ଖୁସି ରଖିବାକୁ ଚେଷ୍ଟା କରେ । ସେଥିପାଇଁ ସେ ତା'ର ସବୁ ସୁଖଶାନ୍ତିକୁ ଜଳାଞ୍ଜଳି ଦେଇଦିଏ । ଭାରତୀୟ ସଂସ୍କୃତିରେ ନାରୀକୁ ମାତା ରୂପରେ ସ୍ୱୀକାର କରି ଏହା ପ୍ରମାଣିତ କରିଛି ଯେ, ନାରୀ ପୁରୁଷର କୋମଳ କାମ ଉପଭୋଗର ସାମାଗ୍ରୀ ନୁହେଁ ବରଂ ବନ୍ଦନୀୟ ଏବଂ ପୂଜନୀୟ । କିନ୍ତୁ ଆଜିର ମଣିଷ ତାହା ବୁଝେ ନାହିଁ, କରେ ତା' ଉପରେ ଆକ୍ରମଣ । ଦିଏ ତାକୁ ଯନ୍ତ୍ରଣା । ଯଦି ଗୋଟିଏ ମା' କୋଳରେ ଶିଶୁପୁତ୍ର ବଦଳରେ କନ୍ୟାଟିଏ ହୁଏ, ତା'ର କୁଆଁ କୁଆଁ ଡାକରେ ପିତାମାତା ଦୁହିଙ୍କ ମୁଣ୍ଡରେ ଚଡ଼କ ପଡ଼ିଲା ଭଳିଆ ଲାଗେ । କାହିଁ ଏ ଅନ୍ୟାୟ ଅବିଚାର, ଝିଅ ସତରେ ବାପା ମାଆଙ୍କ ଉପରେ ବୋଝ । ଆଜିର ଦୁନିଆରେ ପୁଅ କ'ଣ କରିପାରୁଛନ୍ତି ଯେ ଝିଅ କରିପାରିବେନି । ନାରୀ କଲ୍ୟାଣମୟୀ, ସ୍ନେହମୟୀ, ମମତାମୟୀ ସବୁ ଶକ୍ତିର ଆଧାର । ନାରୀ ପୂଜିତା, କେତେକ ଯୌତୁକ ଲୋଭୀ ରାକ୍ଷାସ ତାଙ୍କର ଝିଅଟିଏ ଦରକାର ନାହିଁ । ଆବଶ୍ୟକ ନାହିଁ ତା'ର ରୂପଗୁଣ । ଲୋଡ଼ା ନାହିଁ ତା'ର ସ୍ନେହ, ପ୍ରେମର ମୂଲ୍ୟ । ଦରକାର ଖାଲି ଅର୍ଥ । ସେ ଭାବନ୍ତି ଆମେ ପୁଅଟିଏ ଜନ୍ମ କରିଛୁ କିଛି ପାଇବାକୁ । ଏ ପରିପ୍ରେକ୍ଷୀରେ ସେ ଝିଅର ବାପାଙ୍କୁ କୁହନ୍ତି, ଏତେ ଟଙ୍କା ଦିଅ । ଗାଡ଼ି ଦିଅ, କଲର ଟିଭି, ଫ୍ରିଜ୍ ଦିଅ, ଗଢ଼ରେଜ୍ ଦିଅ ଏମିତି ବିଭିନ୍ନ ପ୍ରକାର ଜିନିଷ ଝିଅର ବାପା ମା'ଙ୍କ ମୁଣ୍ଡରେ ଲଦି ଦିଅନ୍ତି ଯୌତୁକ ରୂପକ ବୋଝ । ସ୍ନେହ ଆଦରରେ ବଢ଼ି ଆସିଥିବା ଝିଅଟି ବାପା ମା'ଙ୍କ ଦୁଃଖ ଦେଖି ନ ପାରି ସେ କରିଥାଏ ଆତ୍ମହତ୍ୟା । ଝିଅର ବାପା ମା'ଙ୍କ ତଣ୍ଟି ଚିପି ନେବାକୁ ସେମାନେ ଭଲ ପାଆନ୍ତି । ନହେଲେ କେଉଁଠି ବୋହୂକୁ ତଣ୍ଟିଚିପି ହତ୍ୟା ତ ସ୍ଥାନେ ସ୍ଥାନେ ପୋଡ଼ି ଦେଲେଣି । ଆଉ କେଉଁଠି ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଲେଣି ଶାଶୂ, ଶ୍ୱଶୁର, ନଣନ୍ଦ, ଦିଅର, ସ୍ୱାମୀ, ଏମାନେ ବୁଝନ୍ତି ନାହିଁ ବିଚରୀ ଝିଅର କି ଦୋଷ । ବିଚାରୀ ନବବଧୂଟି ଯୌତୁକ ନିଆଁରେ ପଡ଼ିଯାଏ । ଆଜିର ଦୁନିଆ ଏକଥା ବୁଝିବା ଭୁଲ୍ । ସେ ଜାଣିବା ଉଚିତ୍ ଯେ ସେ ଝିଅଟିକୁ ବୋହୂ କରି ଆଣିଛନ୍ତି । ଝିଅ ଭଳିଆ ଭାବିବା ଉଚିତ୍ ।

''ଯୌତୁକ ପାଇଁ ଝିଅଟିଏ ନିଆଁରେ ଦେଉଛି ଝାସ
କେଉଁଠି ପିଉଛି ବିଷ
ହେ ଯୌତୁକ ଲୋଭୀ ରାକ୍ଷାସ
ପର ଝିଅଟିକୁ ନିଜ ଝିଅ ଭାବ
ଶାନ୍ତିରେ ମାରୁ ସିଏ ନିଶ୍ୱାସ ।''

ଝିଅ ପୁଅ ଭିତରେ କିଛି ବି ପ୍ରଭେଦ ନାହିଁ । ଝିଅ ବିନା ସୃଷ୍ଟି ଚଳିବା ଅସମ୍ଭବ । ପୁଅ ବିନା ବି ସୃଷ୍ଟି ଚଳିବା ଅସମ୍ଭବ । ଜଣେ ଜଣଙ୍କର ପରିପୂରକ । ପୁଅ ଓ ଝିଅ ସମାନ ସବୁ ପିତାମାତାଙ୍କ ପାଇଁ । ନାରୀକୁ ଶିକ୍ଷା ଯୋଗାଇ ଦିଆଯିବା ଉଚିତ୍ । ନାରୀ ଦୁର୍ବଳା ନୁହେଁ । ନାରୀ ସର୍ବଂସହା ଧରିତ୍ରୀ । ତାକୁ ଆମେ ଅବମାନନା କଲେ ଭାରତ ମାତାର ଅବମାନନା ହେବ । ଦେଖ ନାରୀ ଯୁଗେ ଯୁଗେ ପୂଜିତା, ନାରୀ ହିଁ ଶକ୍ତି, ନାରୀ ହିଁ ସବୁ ସାହାସର ଅଧିକାରୀ । ନାରୀ ବିନା କେହି ଚଳିପାରିବେ ନାହିଁ । ନାରୀ ସୃଷ୍ଟିର ଆଧାର । ନାରୀକୁ ସମ୍ମାନ ମିଳିଲେ ଦେଶକୁ ସମ୍ମାନ ମିଳିବ । ଦେଶକୁ ସମ୍ମାନ ମିଳିଲେ ଭାରତ ମା'ର ମୁହଁରେ ହସ ଫୁଟି ଉଠିବ ।

'ନାରୀକୁ ଯିଏ କରଇ ଘୃଣା
ନୁହେଁ ସିଏ ବିଶ୍ୱରେ ଗଣା ।
ନାରୀ, ଜାୟା, ଜନନୀ, ଭଗିନୀ
ତା' ପାଖରେ ଅଟନ୍ତି ସମସ୍ତେ ଋଣୀ
ତାକୁ ନୁହେଁ କେହି ତ ସରି
ସିଏ ପରା ସର୍ବଂସହା ଧରିତ୍ରୀ ?' ❐

# ପ୍ରେମ ଚିଠି

ସୁବ୍ରତ ଦାସ୍
+୩ ଦ୍ୱିତୀୟ ବର୍ଷ, କଳା

ତୁ ମୋ ପାଇଁ ଏକ 'ଝିଲିମିଲି' ତାରାପୂର୍ଣ୍ଣ ଆକାଶ ରଙ୍ଗି 'କାଇଫୁଲ' । 'ମା ମଙ୍ଗଳା' ଅପାର କରୁଣାର ଶକ୍ତି ମତେ ତୁମେ ଓ ମୋର 'ପ୍ରଥମ ପ୍ରେମ' ଖାଲି ସେତିକି ନୁହେଁ ମତେ ଲାଗୁଛି ସତେ ଯେମିତି 'ତୁମେ ଆଖିର ତାରା', ଆଉ 'ତୋ ପାଇଁ ମୁଁ ପାଗଳଟି ସାଜିଛି 'ପ୍ରେମି ନଂ– 1' ତୁମକୁ ପ୍ରଥମ ଥର ଦେଖିଲା ଦିନରୁ ଲାଗୁଥାଇପାରେ ଗପ କିନ୍ତୁ ଏହା ମୋ ପାଇଁ 'ଗପ ହେଲେ ବି ସତ' ତୁମ ସେହି ବର୍ଷା ଦିନର 'ଶେଷ ଶ୍ରାବଣ' ଟି ମୋ ପାଇଁ ଚିରସ୍ମରଣୀୟ । ମୋର ପ୍ରେମର ଆରମ୍ଭ ତ ଜାଣିଛି କିନ୍ତୁ ଶେଷ କେବେ ଜାଣେନା, କିନ୍ତୁ ତୁମେ ଯେ ମୋ ପାଇଁ ସେଇ 'ସ୍ୱପ୍ନସାଗର' ବେଳାଭୂଇଁରେ ମୋତି 'ମାଣିକ' ଠୁ ମୂଲ୍ୟବାନ । ମୋ ଜୀବନରେ ସେଇ ଅମାବାସ୍ୟା ରାତିଟା ଯେ ଏତେ ସୁନ୍ଦର 'ରଜନୀଗନ୍ଧା' ବାସ୍ନା ଆଣି ଦେବ ମୁଁ କେବେ କଳ୍ପନାରେ ସୁଧା ଭାବିନଥିଲି । ମୋ ଭଲ ପାଇବାଟା ସମସ୍ତ 'ପାପପୁଣ୍ୟ'ଠୁ ଅଲଗା ହୋଇ 'ମୁକ୍ତିତୀର୍ଥ'ର ସନ୍ଧାନରେ, ଆଉ ହେ ପ୍ରଭୁ ମୋ ପ୍ରେମ ଲାଗି 'ସକଳ ତୀର୍ଥ ତୋ ଚରଣେ' ବନ୍ଦିହୋଇ ଯିବି ମୁଁ କି କାରଣେ । ମୋ ଭଲ ପାଇବାଟା ତୁମ ପ୍ରତି ଏକ 'ପବିତ୍ର ପ୍ରେମ' ଯାହାକୁ କେବଳ 'ନୀଳମାଧବ'ଙ୍କର ଚରଣରେ 'ପୂଜାଫୁଲ'ରେ ସଜେଇ 'ଫୁଲ ଚନ୍ଦନ' ଦେଇ 'ଆରତୀ' କରିବା ଉଚିତ୍ ମୋର ସେହି ନିଷ୍ପାପ ହୃଦୟ ଭିତରେ ତୁମେ ତ 'ଲାଲ୍‌ପାନ ବିବି'ର ରୂପ ନେଇ ସାରିଛ । ମୋର ଏହି ଅଧାଗଢ଼ା ଜୀବନ କାହାଣୀ ଭିତରେ ତୁମେ ମୋର ଏକମାତ୍ର 'ସାଥୀ' । ଖାଲି ସାଥୀ ନୁହେଁ ମୋ ଭଳି ଏକ 'ଦଣ୍ଡାବାଳୁଙ୍ଗା'ର ସାରା 'ଜୀବନ ସାଥୀ' ରୂପେ ମୋ ହାତ ଧରି 'ଅମଡ଼ା ବାଟ'ରେ ସାହାରା ହେବ । ମୋ ସ୍ୱପ୍ନ ରାଇଜରେ ଭାସି ଭାସି ସେ 'ସାଗର ଗଙ୍ଗା' କୂଳରେ ମୋ ପାଇଁ 'ସୁନା ହରିଣି' ସାଜିବ । ତୁମେ ତ ମୋ ପାଇଁ ଗୋଟିଏ ଜୀବନ୍ତ ଆତ୍ମାର 'କନ୍ଦେଇ' ଯଦି ମୋର ଏଇ 'କନ୍ଦେଇ ଆଖିର ଲୁହ' କେବେ ଝରିଆସେ ସେ ଲୁହକୁ ମୁଁ ଓଠରେ ପିଇଯିବି । ମୁଁ ସେଇ 'ମା ଗୋଜବାୟାଣୀ'ଙ୍କ ପାଖରେ ଏତିକି ମିନତି କରୁଛି ଯେ ମୋ ପ୍ରେମର କେବେ 'ଲକ୍ଷ୍ମଣରେଖା' ନ ପଡୁ । ତୁମେ ତ ମୋ ପାଇଁ 'କାବେରୀ' ଖାଲି କାବେରୀ ନୁହେଁ 'ମାନିନି' ରୂପକ 'ସୁନାଚଢ଼େଇ', ଯେଉଁଥି ପାଇଁ ମୁଁ ନିଜର ହୃଦୟକୁ ପ୍ରତିଟି ସୁନ୍ଦର ସୁନା କାଡିରେ ଏକ ସୁନ୍ଦର 'ସୁନା ପଞ୍ଜୁରୀ'ରେ ପରିଣତ କରିବି । ଯେଉଁଥିରେ କି ତୁମେ 'ପଞ୍ଜୁରୀ ଭିତରେ ଶାରୀ', ତୁମେ କେବେ ମୋତେ ଭାବିବନି ଯେ ମୁଁ ତୁମର ଜୀବନରେ ଏକ 'ପରଦେଶୀ ବାବୁ' କି ମୁଁ ମଧ କେବେ ଭାବିବିନି ଯେ ତୁମେ ମୋ ପାଇଁ ଏକ 'ପରଦେଶୀ ଚଢ଼େଇ' । 'ମାଆ ଯାହାର ସାହା' ତାକୁ କିଏବା ଅଲଗା କରିପାରିବ । ଯଦି ତୁମକୁ ମୋ ଠାରୁ ଦୂରେଇ ଦେବାକୁ ଚେଷ୍ଟା କରିବ, ତାହେଲେ ମୁଁ 'ପ୍ରତିଜ୍ଞା' କରି କହୁଛି ଖାଲି ପ୍ରତିଜ୍ଞା କରି ନୁହେଁ ମହାଭାରତ ଯୁଦ୍ଧରେ ଯେପରି 'ଭୀଷ୍ମପ୍ରତିଜ୍ଞା' କରି ଆତ୍ମାହୁତି ଦେଇଥିଲେ ମୁଁ ମଧ ଠିକ୍ ସେହିପରି 'ଯୋର ଜାର ମୁଲକ

ତାର'ର ରୂପନେଇ ମୁଁ ତୁମକୁ ସବୁଦିନ ପାଇଁ 'ଦାଦାଗିରି' ଦେଖାଇଥିବା ଏହି ପ୍ରେମ ବିରୋଧୀ ସମାଜଠାରୁ ବହୁଦୂରକୁ ନେଇଯିବି । କିଏ ଜାଣେ 'ଦଇବ ଦଉଡ଼ି' ଯେଣିକି ଟାଣିବ ସେଣିକି ଯାଇ । କାହା ଭାଗ୍ୟରେ କ'ଣ ଅଛି, ତଥାପି ଆମେ ଦୁଇ ଜଣ ଏହି ପ୍ରେମ ରୂପକ ବଗିଚାରେ 'ରାଜାରାଣୀ' ଯଦି ଆମ ଦୁଇ ଆତ୍ମାକୁ କେହି ଅଲଗା କରିବାକୁ ଚେଷ୍ଟା କରନ୍ତି ତାହାଲେ ଆମେ ଦୁହେଁ ରାଜାରାଣି ବଦଳରେ 'କଲ୍‌କୀ ଅବତାର' ଓ 'ନାରୀ ନୁହେଁ ତୁ ନାରାୟଣୀ' ରୂପ ନେଇ ଆମ ପ୍ରେମକୁ ଏଇ ଦୁନିଆ ରଙ୍ଗମଞ୍ଚରେ ପ୍ରତିଷ୍ଠା କରିବା । ମୁଁ ମୋର ପ୍ରେମ ପାଇଁ 'ଦାନବୀର ହରିଶ୍ଚନ୍ଦ୍ର' ନ ହୋଇପାରେ ସର୍ବସ୍ୱଦାନ କରିପାରେ । କିନ୍ତୁ ମୋ ହୃଦୟକୁ ତ ଦାନ କରିପାରିବି ନିଜକୁ ତ 'ବଳିଦାନ' ଦେଇ ପାରିବି । ତୁମେ ଭାବୁଥିବ ଏ ସଂସାର 'କିଏ କାହାର' କିନ୍ତୁ ଥରେ ଆଖିବୁଜି ଦେଖ, ମୁଁ ତୁମର ପାଖରେ 'ବସୁନ୍ଧରା' ପରି ତୁମ ପାଖେ ପାଖେ ଅଛି । ଯଦି ବିଶ୍ୱାସ ହେଉଛି ତାହାଲେ 'ସାକ୍ଷୀ ରହିଲା ଏ ସିଂହ ଦୁଆର' ଓ ସାଇତି ରଖିଥିବା ସେଇ 'ଶଙ୍ଖା ସିନ୍ଦୁର' କହିବ 'ସାକ୍ଷୀ ରହିଲା ମୋ ଶଙ୍ଖାସିନ୍ଦୁର' ତାହା ନହେଲେ ସେହି ଶଙ୍ଖା ସିନ୍ଦୁର ଫିକା ପଡ଼ିଯିବ । 'ରଖିବ ଯଦି ମାରିବ କିଏ' କାରଣ ଯଦି ଆମକୁ ଏକାଠି କରିବାର ନଥିଲା ତାହେଲେ ଆମ ଦୁହିଁଙ୍କ ଆତ୍ମାକୁ ଏକ କରୁଥିଲା କାହିଁକି । ଭରସା ରଖ ନିଶ୍ଚୟ ଆମ ସହ 'ହିସାବ କରିବ କାଳିଆ' ଆଉ ତୁମେ ତ 'ଓ ମାଇଁ ଲଭ' ଖାଲି ସେତିକି ନୁହେଁ ତୁମେ ତ 'ସେଇ ଝିଅଟି', ଯାହାକୁ କେବେ ମୋ ସନ୍ଦେହର 'କାଳଚକ୍ର'ର ଶିକାର ହୋଇ 'ଅଗ୍ନି ପରୀକ୍ଷା' ଦେବାକୁ ପଡ଼ିବନି । ଏ ହତ ଭାଗା ପ୍ରେମିକାଟା ଜାଣିନି କେବେ 'ଲକ୍ଷ୍ମୀପ୍ରତିମାର'ର ବେଶ ଧରି ତୁମେ ଅଗଣାରେ 'ଗୃହଲକ୍ଷ୍ମୀ'ର ପାଦ ଥାପି ଥାପି ସାଇତି ରଖିବ 'ସନ୍ଦୁର ବିନ୍ଦୁ'କୁ ତୁମ ସିନ୍ଥିର 'ସୁହାଗ ସିନ୍ଦୁର' କରି । 'ସ୍ତ୍ରୀ'ର ମର୍ଯ୍ୟାଦା ନେଇ ମୋର ସେଇ ସ୍ୱପ୍ନର 'କାଚଘର'ଟିକି 'ସୁନାସଂସାର'ରେ ପରିଣତ କରିବ । ତୁମେ ତ ଜାଣିଛ ପ୍ରତି ମୁହୂର୍ତ୍ତରେ 'ସମୟ ଖେଳୁଛି ଚକାଭଉଁରୀ', 'ସମୟ ଚକରେ ସଂସାର ରଥ' । ଏହି ରଥ ଅଖ କେଉଁ ଆଡ଼କୁ ମୁଁ ହୋଇଯିବି ସେ କଥା କିଏ କହିବ । କାରଣ 'ସମୟ ବଡ଼ ବଳବାନ୍' ମୁଁ ତୁମ ପାଇଁ ନ ଦେଇ ପାରିବି 'ଟୋପାଏ ସିନ୍ଦୁର ଦି ଟୋପା ଲୁହ' ତ ନିଗାଡ଼ି ପାରିବି, ତୁମ ରୂପଲାବଣ୍ୟ ତ ବଡ଼ ଦେଉଳର 'ସୁଭଦ୍ରା'ଙ୍କ ପରି ଆଉ ଗୁଣ 'ସତୀସାବିତ୍ରୀ'ଙ୍କ ପରି ତୁମେ ମୋ ପାଇଁ ସତେ ଯେମିତି 'ଲକ୍ଷ୍ମୀ ପ୍ରତିମା' ଏହିପରି ସଦ୍‌ଗୁଣ ସଂପନ୍ନା ଝିଅଟିକୁ ଆମ ଘରେ ମୋର 'ବାପା', 'ବୋଉ' ନିଶ୍ଚିତ ସ୍ୱୀକୃତି ଦେବେ ଓ ତୁମକୁ ବଡ଼ ବୋହୂର ମର୍ଯ୍ୟାଦା ଦେଇ କହି ବୁଲିବେ ଯେ 'ବୋହୂ ହେବତ ଏମିତି' । ତୁମ ପାଇଁ ସୁନାର ଝୁଲଣା ନଦେଇ ପାରେ କିନ୍ତୁ ତୁମକୁ ଖୁସି ରଖିବା ପାଇଁ 'ମୋ କୋଳ ତୋ ଝୁଲଣା' ଓ କରିପାରିବି ତୁମକୁ ବୋହୂବେଶରେ ଆଣିବାକୁ ଯାଇ ତୁମ ଅଗଣାକୁ 'ସୁନା ପାଲିଙ୍କି' ନେଇ ପାରେ 'ରାମାୟଣ'ର 'ସୀତାବିବାହ' ପରି ତୁମକୁ ବିବାହ ନ କରିପାରେ ତୁମ ପିତାମାତା ତୁମକୁ 'କନ୍ୟାଦାନ' ନ କରି ପାରନ୍ତି, କିନ୍ତୁ ବିଶ୍ୱାସ ରଖ ମୋ 'ପ୍ରିୟାର ପ୍ରେମ କେବେବି 'ନିଳମାଧବ'ଙ୍କ ଦରବାରରେ 'ଶ୍ରଦ୍ଧାଞ୍ଜଳୀ'ର ରୂପ ନେବ ନାହିଁ । ତୁମେ ତ ଜାଣିଛ 'ସମୟ ବଡ଼ ବଳବାନ୍' ତେଣୁ ସମୟର ଅଭାବ ହେତୁ ଆଉ ବା କ'ଣ ଲେଖିବି । ରହୁଛି (ଇତି) ତୁମର ମନଗାଇକର 'ରାଜା' ସୁବ୍ରତ । □

# ପୂର୍ବ ଜନ୍ମେ ମା' ପର ଜନ୍ମେ ମା'

ସ୍ୱର୍ଣ୍ଣମୟୀ ଜେନା
ଲେଡି ଆଟେଣ୍ଡାଣ୍ଟ

ସନ୍ତାନ ଗୋଟିଏ ଜନ୍ମ ନେଲେ ମାଆଙ୍କର ଆନନ୍ଦରେ ସୀମା ନଥାଏ । ପୁଣି ସନ୍ତାନର ଜୀବନ ତ୍ୟାଗ ଦେଖିଲେ ମାଆଙ୍କର ଶୋକ ନଥାଏ । ପୁଣି ଜୀବନରେ ରୂପ ଧାରଣ କଲେ ମାଆଙ୍କ ମନରେ ସେହି କଥାହିଁ ପ୍ରବେଶ କରିଥାଏ । କିନ୍ତୁ ପୂର୍ବ ସେ ସନ୍ତାନ ମୃତ୍ୟୁ ରୂପକୁ ଦେଖକୁ ଠେଲି ଦେଇଥିଲା । ପୁଣି ପର ଜନ୍ମ ରୂପକୁ ଦେଖକୁ ଆଣି ସୁଖ ପାଇଲା ଏମିତି ସେ ମଆ । ସ୍ତ୍ରୀ ପୁତ୍ର ଇତ୍ୟାଦି ପ୍ରତି ଏତେ ସବୁ ମାୟାର ହେଲେ ସେହି ମାଆଙ୍କର ମନେ ରଖିବା ଉଚିତ୍ ଯେ ଭଗବାନ ତାଙ୍କରି ଭରଣ ପୋଷଣ, ରକ୍ଷଣ, ବେକ୍ଷଣର ଭାରାର୍ପଣ କରିଛନ୍ତି । ତେଣୁ ସେମାନଙ୍କୁ ସେ ସଯତ୍ନରେ ଲାଳନ ପାଳନ କରୁଛନ୍ତି । ତ୍ମସେମାନଙ୍କ ଉପରେ ଭାଗ୍ୟ ସୁଖର ଆଶା କରିବା ମାତ୍ରେ ଆଶଙ୍କି ଅସ୍ଥିର ଦଗ୍ଧ ଦେବାକୁ ପଡ଼ିବ । 'ପୁତ୍ର ବା କନ୍ୟାର ବିୟୋଗରେ ମୃତ୍ୟୁ ଗାନ ନହୋଇ, ମୁଁ ଭଗବାନଙ୍କର ଗୁରୁତର ଭାରରୁ ମୁକ୍ତ ହୋଇଅଛି । ଏହା ଭାବି ପ୍ରଫୁଲ୍ଲ ହେବାକୁ ପଡ଼ିବ । ଆତ୍ମସୁଖ ବା ନିଜର ସୁଖ ନିମନ୍ତେ ଯାହାସବୁ କରାଯାଏ ତାହା ସବୁ ବନ୍ଧନର କାରଣ । ଆଉ ଈଶ୍ୱରଙ୍କ ପ୍ରେମର ଅନୁଦାନ ହୋଇ ତାଙ୍କରି ସଂପାଦନ ଉଦ୍ଦେଶ୍ୟରେ ଯାହାସବୁ କରାଯିବ ସେଥିରେ ପଦ୍ମ ପତ୍ରରେ ଜଳ ସଦୃଶ ଆଶଙ୍କି ବା ପାପରେ ଲିପ୍ତ ହେବାକୁ ହୋଇଥାଏ । ଆମେନ୍ଦ୍ରେୟ ପରିତୃପ୍ତି ନିମିତ୍ତ ଯେଉଁ କାର୍ଯ୍ୟ କରାଯାଏ ତାହାକୁ କାମ ସୁକ୍ତ ଆଉ କୃଷ୍ଣ ଅର୍ଥାତ୍ ଈଶ୍ୱର ପ୍ରିୟ ପ୍ରତିନିମିତ୍ତ କରାଯାଏ ତାହାକୁ ପ୍ରେମ କହନ୍ତି । ତାତ୍ପର୍ଯ୍ୟରେ ପ୍ରୟୋଗ କଲେ ତାହାପରେ ଆଉ କୌଣସି ଫଳ ଆସେ ନାହିଁ । ଯଦି ଏ ସମୟରେ ପରର ଉପକାର କଲେ ଆନନ୍ଦ ଆସେ ପୁଣି ମାଆ ମାନଙ୍କର ପର କିଏ । ଏ ଜନ୍ମରେ ସେ ଜଣଙ୍କର ମାଆ ତ ପର ଜନ୍ମେ ସେ ପୁଣି– ଆଉ ଜଣଙ୍କର ମାଆ । ଆତ୍ମା ମୃତ୍ୟୁ ପରେ ଗୋଟିଏ ମାଆ କୋଳରୁ ଚାଲିଯାଇ ଶୂନ୍ୟରେ ଘୁରି ବୁଲୁଛି । ଖୋଜୁଛି ସେ ତାର ମାଆକୁ । କେଉଁ ମାଆ ପୁଣି ତାଙ୍କର ଗର୍ଭରେ ସ୍ଥାନ ଦେବ, ମାଆ ତ ସେହି ଈଶ୍ୱରଙ୍କର, ଈଶ୍ୱର ସମସ୍ତଙ୍କର, ତାହାହେଲେ ମାଆ ପାଖରେ ପରକିଏ ଆଉ ଆପଣାର କିଏ । ତେଣୁ ମାଆ ସମସ୍ତଙ୍କର ଦୁଃଖକୁ ଘୁଆଇଲେ ଦୁଃଖରୁ ସୁଖ ଆସେ । ତେଣୁ ମାଆହିଁଏ 'ସୁଖ ଦାଇନି ଦାତା । ଜଣକୁ ଆଶିଷ ଦେଇ ଖୁବ୍ ନାମ ଯଶର ଅଧିକାରୀ କଲେ ସେ ସୁଖି ହୁଏ । ତେଣୁ ସେ ଯାଗ ଯଜ୍ଞ ବ୍ରତ ଉପବାସାଦି କରିଥାଏ । ଏମାନଙ୍କ ମଧ୍ୟରେ କାହାର କାର୍ଯ୍ୟ କାମ ମଧ ଶୂନ୍ୟନୁହେଁ । ସବୁରୀ ମୁଖରେ ଆମେନ୍ଦ୍ରିୟ ପ୍ରତି ଇଚ୍ଛା ରହିଅଛି । କାରଣ ଏପରି କଲେ ମୋର ସୁଖ ହୁଏ ସେ ଏହା କଲେ ସେହିହିଁ (ମାଆ) ମୁଁ ମାଆ ଭଗବାନଙ୍କର ଭଗବାନ ସର୍ବ ଭୂତଙ୍କର ଅନ୍ତରରେ ଅଧିଷ୍ଠିତ ତାଙ୍କରି ପ୍ରିତି ସଂପାଦନ ପାଇଁ ମାଆଙ୍କର କର୍ମ ସବୁ ତାଙ୍କର ସେବାରେ ସଂସାର, ସ୍ୱାମୀ, ପୁତ୍ର କନ୍ୟା ସେମାନଙ୍କର ସେବାରେ ଆନନ୍ଦ ଥାଏ । ତେଣୁ ସେହି ଆନନ୍ଦଟିକକ ଲାଗି ମୁଁ କାର୍ଯ୍ୟ କଲେ ତାହାହିଁ ସନ୍ତାନ ମାନଙ୍କ ଲାଗି ମାଆଙ୍କର କାର୍ଯ୍ୟ । ଧନୀ, ଗରିବ, ପଣ୍ଡିତ, ମୂର୍ଖ, ଛୋଟା, କଣା, ରୋଗୀ, ଭୋଗୀ, ସେମାନଙ୍କର ସେବା

ତାହାହିଁ ଆନନ୍ଦ । ଏହାର ନାମ ଈଶ୍ୱରାନନ୍ଦ । ଭଗବାନଙ୍କୁ ଏପରି କାର୍ଯ୍ୟ ସୌନ୍ଦର୍ଯ୍ୟ ଉପଭୋଗ କରାଇ ଭଗବାନଙ୍କୁ ସେହି ଆନନ୍ଦରେ ପୂର୍ଣ୍ଣତମ ଭାବ ତାହାହିଁ ପ୍ରେମ ଆଉ ଏହି ପ୍ରେମର ଅଧିକାରିଣୀ ହେଉଛି ମାଆ । ଆଉ ମଧ୍ୟ ମା କଇଁଚ ନଦୀର ଗୋଟିଏ ପାର୍ଶ୍ୱରେ ରହିଲେ, ଆର ପାର୍ଶ୍ୱରେ ତା'ର ଛୋଟ ଛୋଟ ପିଲାମାନେ ରହିଛନ୍ତି । ମା କଇଁଚ ନା, ତା, ପିଲାମାନଙ୍କୁ ଦୁଧ ପିଆଇଥାଏ ନା ଉଷ୍ମତା ପ୍ରଦାନ କରେ । ମାତ୍ର ଦୃଷ୍ଟି ସଦାବେଳେ ତା ପିଲାମାନଙ୍କୁ ଉଷ୍ମତା ଦେଇଥାଏ । ଏପରି ତା ପିଲା ମାନଙ୍କ ଭଲ କାମନା କରୁଥିବାରୁ କୌଣସି ବିପଦ ମଧ୍ୟ ଆସେନାହିଁ । ଦୂରରେ ଥିଲେ ମଧ୍ୟ ମାର ସ୍ନେହ, ମମତା ପରୋକ୍ଷ ଭାବେ ଉପଲବ୍ଧି କରନ୍ତି ପିଲାମାନଙ୍କ ମଙ୍ଗଳ ପାଇଁ ଠିକ୍ ସେଇ ପରି ମମତାମୟୀ ମା । ମା ଯେତେ ଦୂରରେ ଥିଲେ ମଧ୍ୟ ପିଲାର ଯାବତୀୟ ମଙ୍ଗଳ କାମନା କରେ । ମାଆର କୃପାରୁ ପିଲାମାନଙ୍କର ସବୁ କାର୍ଯ୍ୟରେ ଜୟଯୁକ୍ତ ହୋଇଥାଏ । ଜଣେ ପିତା ଶହେ ଆଚାର୍ଯ୍ୟଙ୍କ ଗୌରବ ଅଧିକ । ଜଣେ ମାଆ ଶହେ ହଜାର ପିତାଙ୍କଠାରୁ ଶ୍ରେଷ୍ଠ ଅଟନ୍ତି । ସ୍ମୃତି କହେ ଯେ ମାଆ ପଦ ସବୁଠାରୁ ଉଚ୍ଚରେ । ମାଆ କେବେ ସନ୍ତାନର ଅହିତ ଚାହାଁନ୍ତି ନାହିଁ । ପୁତ୍ର କୁପୁତ୍ର ହୋଇପାରେ କିନ୍ତୁ ମାଆ କେବେ କୁମାଆ ହୋଇ ପାରେ ନାହିଁ । ମାଆ ହିଁ ମାଆ ହୋଇଥାନ୍ତି । ମାଆର ମାତୃତ୍ୱ କରୁଣାମୟୀ ଜଗତର ମାଆଙ୍କର ହିଁ ପ୍ରସାଦ ଅଟେ । ସନ୍ତାନକୁ ନମାସ ଗର୍ଭରେ ଧାରଣ କରି ବିଭିନ୍ନ ପ୍ରକାର କଷ୍ଟ ସହି ମଧ୍ୟ ତାହାର ଲାଳନ ପାଳନ ପୋଷଣ କରିବାର କାରଣରୁ ମାଆର ପତାକା ସବୁଠାରୁ ଉଚ୍ଚରେ । ଲୋକମାନଙ୍କ ମଧ୍ୟରେ ମାଆ ହେଉଛି ଅତ୍ୟନ୍ତ ପ୍ରସିଦ୍ଧ । ଯେ, ଯେତେବେଳେ ବିପଦ ଆସେ ବା କଷ୍ଟ ଆସେ ସେତେବେଳେ ଆପେ ଆପେ ଆଲୋ ମାଆ ଲୋ, ମାଆ ଆପତି ମାଡିବ ଶରଣଂ ବିପଦ ସମୟରେ କେବଳ ମାଆହିଁ ଭରଷା ଏବଂ ସଙ୍ଘ ନାସ୍ତି ସରଣଂ ତୋଷଣଂମ୍ । ମାଆ ପରି କେହି ଶରୀର ପୋଷଣ କରି ପାରିବେ ନାହିଁ । ଜଗତରେ କେବଳ ମାଆଙ୍କର ସ୍ନେହ କେବଳ ସନ୍ତାନକୁ ଶୈଶବ, ବାଲ୍ୟ, ଯୌବନ, ବାର୍ଦ୍ଧକ୍ୟ ଅବସ୍ଥା ପର୍ଯ୍ୟନ୍ତ ମିଳିଥାଏ । ତେଣୁକରି ସବୁଠାରୁ ବଡ଼ ହେଲା (ମାଆ) ଆମ ମାଆ । □

# ଶାଶ୍ୱତ ପ୍ରେମ

**ଜଂଗଲୀ ପ୍ରସାଦ ମଲିକ୍**
+୩ ଦ୍ୱିତୀୟ ବର୍ଷ, (ଶିକ୍ଷା ବିଜ୍ଞାନ)

ବର୍ଷାର ଜଳ ଧାରାରେ ପୃଥିବୀର ମାଟି ଭିଜିଯିବା ପରେ ମାଟିର ବାସ୍ନାରେ ଥାଏ ଆକାଶର ପୃଥିବୀ ମଧ୍ୟରେ ଥିବା ଅନାବିଳ ସଂପର୍କ, ସେଇ ସଂପର୍କ ଚିରନ୍ତନ ଶାଶ୍ୱତ ଓ ନିବିଡ଼ ବନ୍ଧନ ସେମାନେ ପରସ୍ପର ପ୍ରତି ଥାଆନ୍ତି ଆକୃଷ୍ଟ ଓ ଆଷାଢ଼ର ଆଗମନର ସେମାନେ ହୋଇ ଉଠନ୍ତି ଉତ୍ଫୁଲ୍ଲ । ଆଷାଢ଼ ଆସନ୍ତେ ସେମାନଙ୍କର ଅନାବିଳ ସଂପର୍କରେ ହୁଏ ପରିପ୍ରକାଶ । ଆକାଶରେ ଖେଳିଯାଏ ଇନ୍ଦ୍ରଧନୁର ଛାୟା । ପୂର୍ଣ୍ଣିମା ରାତ୍ରିରେ ଆକାଶରେ ଥିବା ଚନ୍ଦ୍ରର ଶୀତଳ ଜ୍ୟୋସ୍ନାରେ ପୃଥିବୀ ହୁଏ ଆଲୋକିତ । ଜ୍ୟୋସ୍ନାର କିରଣ ପୃଥିବୀ କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଅନ୍ଧକାର ଦୂର କରି ଆଲୋକର କିରଣ ବୁଣି ଦେଇଥାଏ । ଅଭ ପରିପୂର୍ଣ୍ଣତା ଥାଏ ତାଙ୍କରି ନିବିଡ଼ ବନ୍ଧନରେ ଥାଏ ଆନନ୍ଦ ଓ ପରସ୍ପର ପ୍ରତି ଥିବା ଅଭିବ୍ୟକ୍ତି । ଶୀତ ଋତୁ ସମୟରେ ଆକାଶରୁ ଝରୁଥିବା ଅନ୍ଧାର ରାତିରେ ଶିଶିରର ମୁକ୍ତାସମ ଜଳ । ସେହି ଜଳ ଉପରେ ସୂର୍ଯ୍ୟଙ୍କର ସୁନେଲି ରଙ୍ଗର ଆଭା ବିଛାଡ଼ିତ ହୋଇ ପୃଥିବୀ ଉପରେ ଥିବା ଘାସର ଗାଲିଚା ଉପରେ ଲାଗିଥିବା ଜଳର ବିନ୍ଦୁ ସୂର୍ଯ୍ୟଙ୍କର ଲାଲରଙ୍ଗ କିରଣର ସ୍ପର୍ଶ ପାଇ ପୃଥିବୀ ହୁଏ ମୁକ୍ତା କିଶୋରୀ । ସେହି ମୁକ୍ତା କିଶୋରୀ ବେଶ ହିଁ ପୃଥିବୀକୁ ଦେଇଥାଏ ଆକାଶ । ସେ ପୁଣି ସୂର୍ଯ୍ୟ ଶିଶିର ମାଧ୍ୟମରେ ଆଉ ପୃଥିବୀ ଗ୍ରହଣ କରି ନିଏ ତାର ବକ୍ଷ ଦେଶରେ ଶୋଭା ପାଉଥିବା ସୁନ୍ଦର ସବୁଜିମା ମାନଙ୍କ ଦ୍ୱାରା । ଅନ୍ଧାରର ଶେଷ ଓ ଆଲୋକର ଆଗମନରେ ପୃଥିବୀ ହୁଏ ଆନନ୍ଦିତ । କାରଣ ସୂର୍ଯ୍ୟଙ୍କର ଆଲୋକରେ ଆଲୋକିତ ହୋଇ ଆକାଶରେ ତାର ପ୍ରତିବିମ୍ବ ପ୍ରତିଫଳିତ ହୁଏ । ସେମାନଙ୍କର ଆଦାନ ପ୍ରଦାନରୁ ହିଁ ଜଣାଯାଏ ସେମାନଙ୍କ ଭିତରେ ଥିବା ନିଃସ୍ୱାର୍ଥପର ପ୍ରେମ । ଯାହା ଚିରନ୍ତନ ଶାଶ୍ୱତ ଓ ସୁମଧୁର ଅଟେ । ଶିତର ଶିତଳତାରେ ପୃଥିବୀ ପୁଣି ଖୋଜିଥାଏ ଗ୍ରୀଷ୍ମର ଉଷ୍ମ ପ୍ରସବଣକୁ । ଏହିପରି ଭାବରେ ପର୍ଯ୍ୟାୟ କ୍ରମେ ଚାଲିଥାଏ ପ୍ରକୃତି ଭିତରେ ଥିବା ଐଶ୍ୱରିକ ଓ ଆତ୍ମିୟ ଭାବର ଥାଏ ପରିପ୍ରକାଶ । ଏଇତ ଥିଲା ପ୍ରକୃତି ଆଉ ପରିବେଶ ମଧ୍ୟରେ ଥିବା ସଂପର୍କ । ❑



# ''ମନେ ମନେ ରାଜା'' ଶୁଣିଥିବା କାହାଣୀ

ମୁରଲୀଧର ମହାନ୍ତି
ଗୃହବିଜ୍ଞାନ ସହାୟକ

ଜଣେ ରାଜା ତାଙ୍କ ସୈନ୍ୟସାମନ୍ତଙ୍କୁ ନେଇ ଜଙ୍ଗଲକୁ ଯାଇଥିଲେ ଶିକାର କରିବା ଲାଗି । ଜଙ୍ଗଲ ଭିତରେ ଗୋଟିଏ ସ୍ଥାନରେ ବିଶ୍ରାମ କରୁଥିବା ସମୟରେ ଖାଦ୍ୟର ବାସ୍ନାରେ ଆକର୍ଷିତ ହୋଇ ଦଳେ ବଣୁଆ ହାତୀ ମାଡ଼ି ଆସିଲେ । ରାଜା ଓ ତାଙ୍କ ଲୋକମାନେ ସେତିକିବେଳେ ସେଥିପାଇଁ ଆଦୌ ପ୍ରସ୍ତୁତ ନଥିଲେ । ତେଣୁ ମୁକାବିଲା କରି ନପାରି ଜୀବନ ରକ୍ଷା କରିବା ଲାଗି ଯିଏ ଯୁଆଡ଼େ ପାରିଲେ ଜୀବନ ବିକଳରେ ଦୌଡ଼ି ପଳାଇ ଗଲେ । ରାଜା ତାଙ୍କ ଲୋକମାନଙ୍କଠାରୁ ଅଲଗା ହୋଇଗଲେ । କେବଳ ରାଜା ନୁହଁନ୍ତି ଅଧିକାଂଶଙ୍କ ପରିସ୍ଥିତି ସେମିତି ହୋଇଥିଲା । ସମସ୍ତେ ଜଙ୍ଗଲଭିତରେ ବୁଲି ବୁଲି ରାଜଧାନୀକୁ ରାସ୍ତା କେଉଁଆଡ଼େ ଖୋଜିଲେ ।

ରାଜା ବୁଲୁଥିବା ସମୟରେ ଦେଖିଲେ ଗୋଟିଏ ବିରାଟ ଗଛତଳେ ଜଣେ ଅନ୍ଧବ୍ୟକ୍ତି ବସିଛନ୍ତି । ରାଜା ତାଙ୍କ ପାଖକୁ ଯାଇ ତାଙ୍କ ପାଦଧରି ପ୍ରଣାମ କଲେ ଓ ପଚାରିଲେ 'ମହାଭାଗ ରାଜଧାନୀକୁ ରାସ୍ତା କେଉଁ ଆଡ଼େ କହି ପାରିବେକି ?' ଅନ୍ଧବ୍ୟକ୍ତି ଜଣଙ୍କ ରାସ୍ତା ବତାଇ ଦେଲେ । ରାଜା ସେହି ଦିଗରେ ଚାଲିଗଲେ ।

କିଛି ସମୟପରେ ରାଜାଙ୍କ ମହାମନ୍ତ୍ରୀ ବି ବୁଲି ବୁଲି ଯାଇ ସେଇଠି ପହଞ୍ଚିଲେ । ଅନ୍ଧବ୍ୟକ୍ତିଙ୍କୁ ଦେଖି ସେ ତାଙ୍କ ପାଖକୁ ଗଲେ ଓ ପଚାରିଲେ, 'ରାଜଧାନୀକୁ ରାସ୍ତା କୁଆଡ଼େ କୁହନ୍ତୁ ।' ଅନ୍ଧବ୍ୟକ୍ତି ଜଣଙ୍କ ପୂର୍ବଭଳି ରାସ୍ତା ବତାଇ ଦେଲେ, ମହାମନ୍ତ୍ରୀ ସେଇ ଦିଗରେ ଚାଲିଗଲେ, କିଛି ସମୟପରେ ରାଜାଙ୍କ ଚାକର ମଧ୍ୟ ବୁଲି ବୁଲି ଯାଇ ସେଇଠି ପହଞ୍ଚିଲା । ଅନ୍ଧ ବ୍ୟକ୍ତିଙ୍କୁ ଦେଖି ସେ ତାଙ୍କ ପାଖକୁ ଯାଇ ଗୋଟେ ବାଡ଼ିରେ ତାଙ୍କୁ ଟିକେ କେଞ୍ଚିଦେଇ ବଡ଼ ପାଟିରେ ଧମକାଇବା ଭଳି ପଚାରିଲା, ''ଏ ଅନ୍ଧ ! ରାଜଧାନୀକୁ ରାସ୍ତାକୁଆଡ଼େ ଶୀଘ୍ର କହ; ନ ହେଲେ ମଜା ଚଖେଇ ଦେବି ।'' ଅନ୍ଧ ବ୍ୟକ୍ତି ଜଣଙ୍କ ପୂର୍ବଭଳି ରାସ୍ତା ବତାଇ ଦେଲେ । ଚାକର ସେଇ ଦିଗରେ ଚାଲିଗଲା ।

ତେବେ ସେ ଅନ୍ଧ ବ୍ୟକ୍ତି ଜଣଙ୍କ ଏକୁଟିଆ ନଥିଲେ, ତାଙ୍କର ଶିଷ୍ୟମାନେ କିଛି ଦୂରରେ ଥିବା ଏକ ଗଛରୁ ଫଳ ତୋଳୁଥିଲେ । କିଛି ସମୟ ପରେ ଶିଷ୍ୟମାନେ ତାଙ୍କ ପାଖକୁ ଫେରିଲେ ଓ ସମସ୍ତେ ଆଶ୍ରମ ଆଡ଼କୁ ଚାଲିଲେ । ବାଟରେ ଅନ୍ଧବ୍ୟକ୍ତି ଜଣଙ୍କ ଉପରୋକ୍ତ ଅଭିଜ୍ଞତାକୁ ଶିଷ୍ୟମାନଙ୍କୁ କହିଲେ, ତାପରେ ହସି ହସି ଯୋଡ଼ିଲେ । ''ପ୍ରଥମ ଜଣକ ନିଶ୍ଚୟ ଜଣେ ରାଜା ହୋଇ ଥିବେ, ଦ୍ୱିତୀୟ ଜଣକ ମନ୍ତ୍ରୀ ବା ସେମିତି କୌଣସି ବଡ଼ ଅଧିକାରୀ । କିନ୍ତୁ ତୃତୀୟ ଜଣଙ୍କ ତଳିଆ କର୍ମଚାରୀ ହିଁ ହେବା ସମ୍ଭବ ।''

ଜଣେ ଶିଷ୍ୟ ପଚାରିଲେ 'ଆପଣତ ସେମାନଙ୍କୁ ସେମାନଙ୍କ ପରିଚୟ ପଚାରି ନଥିଲେ କି ସେମାନେ କିଛି କହି ନଥିଲେ । ପୁଣି ଆପଣ ସେମାନଙ୍କୁ ଦେଖି ପାରି ନଥିଲେ, ଏ ସବୁ କେମିତି ଜାଣିଲେ ??''

ଅନ୍ଧବ୍ୟକ୍ତି ଜଣଙ୍କ ହସିଲେ ଓ ଉତ୍ତର ଦେଲେ, ''ମୁଁ ସେମାନଙ୍କର ବ୍ୟବହାରରୁ ଜାଣିଲି । ପ୍ରଥମ ଜଣଙ୍କ ରାଜା

ହୋଇଥିବ ବୋଲି ମୁଁ ଭାବୁଛି । କାରଣ ତାଙ୍କ ପାଖରେ ନିଜ ବଡ଼ ପଣକୁ ନେଇ କୌଣସି ସନ୍ଦେହ ନଥିଲା । 'ମୋ' ପାଦ ଛୁଇଁଲେ ସେ ଛୋଟ ହୋଇ ଯିବେନି ବୋଲି ସେ ଜାଣି ଥିଲେ । ଦ୍ୱିତୀୟ ଜଣଙ୍କର ମଧ୍ୟ ନିଜ ପଦକୁ ନେଇ ସନ୍ଦେହ ନଥିଲା, କିନ୍ତୁ ସେ ଯେ ରାଜାଙ୍କ ତଳେ, ସେ କଥା ବି ମନ ମଧ୍ୟର ଥିଲା, ତେଣୁ ସେ ଭଦ୍ର ବ୍ୟବହାର କଲେ ମଧ୍ୟ ରାଜାଙ୍କ ଭଳି ବ୍ୟବହାର କରିପାରିଲେ ନାହିଁ । ଶେଷ ଜଣଙ୍କର ମନ ମଧ୍ୟରେ ଛୋଟ ପଦକୁ ନେଇ ବହୁତ ଆତ୍ମଗ୍ଲାନି ଥିଲା । ତାକୁ ଲୁଚାଇବା ଲାଗି ସେ ମୋତେ ବାଡ଼ିରେ କେଣ୍ଟି ଧମକାଇବାକୁ ଚାହିଁଥିଲେ । ଏମିତି କଲେ ସେ ଜଣେ ବଡ଼ ଲୋକ ବୋଲି ମୁଁ ଭାବିବି ବୋଲି ତାଙ୍କର ଧାରଣା ଥିଲା ।

ଆଜିକାଲି ସମୟ ବଦଳିଛି, ବଦଳି ଯାଉଥିବା ସମୟ ସାଙ୍ଗରେ ବଦଳି ଯାଇଛି ମଣିଷର ଚିନ୍ତା ଓ ଚେତନା । ତା ସହ ବଦଳି ଯାଇଛି ଚାଲିଚଳନ, କହିବାର ଶୈଳୀ, ପରିବର୍ତ୍ତନ ଆସିଛି ଅନେକ, ଆମେ ସମସ୍ତେ ନିଜକୁ ମନେ ମନେ ରାଜା ହୋଇ ଯାଇଛେ, କିନ୍ତୁ ଉପରୋକ୍ତ ଗଳ୍ପରୁ ଆମେ ଏତିକି ଶିକ୍ଷା କରି ପାରିବା ଯେ ନିଜର ଆଚରଣ ଓ ଉଚ୍ଚାରଣ ଦ୍ୱାରା ଆମେ ନିଶ୍ଚିତ ରାଜାଙ୍କ ପରି ହୋଇ ପାରିବା ନଚେତ୍ ସେ ସମାଜରେ ନିଳବର୍ଣ୍ଣ ଶୃଗାଳ ରାଜା ପରି ପ୍ରତିଦିନ ଅପମାନିତ ଓ ଲାଞ୍ଛିତ ହୋଇ ରହିଯିବା ।

ଶେଷରେ ଏହା ଗୋଟିଏ ଛୋଟ ଘଟଣା ଯାହା ସାଧାରଣ ଦୃଷ୍ଟିରେ ଅବହେଳିତ, ହେୟ ହୋଇପାରେ, ତାକୁ ଭର୍ତ୍ତି କରି ଗାଳ୍ପିକ ସୃଷ୍ଟି କରି ଦେଇପାରେ ଏକ ଅନବଦ୍ୟ ଗଳ୍ପ- ''ଯେଉଁଠି ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଥାଏ ସାମାଜିକ ଜୀବନର ସମସ୍ୟା ।'' ❑

---

*ତୁମେ କ'ଣ ଜାଣ, ତୁମମାନଙ୍କର ଏହି ଦେହ ଭିତରେ କେତେ ଶକ୍ତି, କେତେ ସାମର୍ଥ୍ୟ ବର୍ତ୍ତମାନ ଲୁକ୍କାୟିତ ରହିଛି ? କୌଣସି ବୈଜ୍ଞାନିକ କ'ଣ ମାନବ ଭିତରେ ଯାହା ଯାହା ଅଛି ସମୁଦାୟ ଜ୍ଞାତ ହୋଇଛନ୍ତି ? ଲକ୍ଷ ଲକ୍ଷ ବର୍ଷ ପୂର୍ବରୁ ମନୁଷ୍ୟ ପୃଥିବୀରେ ବାସ କରୁଛି; କିନ୍ତୁ ତାହାର ଶକ୍ତିର ଅତି ସାମାନ୍ୟ ଅଂଶ ମାତ୍ର ଏପର୍ଯ୍ୟନ୍ତ ପ୍ରକାଶିତ ହୋଇଛି । ଅତଏବ ତୁମେ ନିଜକୁ ଦୁର୍ବଳ ବୋଲି କହନାହିଁ । ଆପାତ ପ୍ରତୀୟମାନ ଏହି ଅବନତିର ପଶ୍ଚାତରେ କ'ଣ ରହିଚି, ତାହା ତୁମେ କ'ଣ ଜାଣ ? ତୁମ ଭିତରେ କ'ଣ ଅଛି, ତାହା ତୁମେ ଜାଣ କି ? ତୁମର ପଶ୍ଚାତରେ ଅନନ୍ତ ଶକ୍ତି ଓ ଆନନ୍ଦର ଅପାର ସମୁଦ୍ର ରହିଛି ।*

*-ସ୍ୱାମୀ ବିବେକାନନ୍ଦ*



# ଗଧସବୁ ଭାର ବୋହିଲେ

ଝିଲି ମଲ୍ଲିକ୍
+୩ ଦ୍ୱିତୀୟ ବର୍ଷ, (ଓଡ଼ିଆ ସମ୍ମାନ)

ବହୁ ପୁରୁଣା କାଳର କଥା । ଗୋଟିଏ ବଣରେ ଅନେକ ଗଧ ଏକାଠି ହୋଇ ରହୁଥିଲେ । ସେମାନେ ବଣରେ ଘାସ ଖାଇ ଝରଣାରୁ ଜଳ ପିଇ ବହୁ ଆରାମରେ ରହିଥାନ୍ତି । ଏକଥା କିଛି ବିଲୁଆ ଜାଣି ପାରିଲେ । ଗଧମାନଙ୍କୁ କିପରି ହଇରାଣ କରିବେ ମନେ ମନେ ଭାବିଲେ । ଦିନେ ଗଧମାନେ ଯେଉଁଠି ଯେଉଁଠି ରହୁଥିଲେ ସେଠାକୁ ଯାଇ କହିଲେ, ଯେତେ ଶୀଘ୍ର ପାରୁଛ ଏଠାରୁ ଅନ୍ୟ ଆଡ଼େ ପଳେଇ ଯାଅ । ଏ ବଣରେ ଗୋଟିଏ ନୂଆ ଜୀବ ଆସି ପହଞ୍ଚି ଯାଇଛି । ସେ ଗଧମାନଙ୍କୁ ଗୋଟା ଗୋଟା ଗିଳି ପକାଉଛି । ତୁମମାନଙ୍କ ଉପକାର ପାଇଁ ଆମେ ଏକଥା ଜଣେଇ ଦେଇଗଲୁ । ଗଧମାନ ବିଲୁଆଙ୍କ କଥାକୁ ପୁରାପୁରି ବିଶ୍ୱାସ କଲେ । କହିଲେ ଆମ କଥା ଯଦି ମାନିବ ତୁମକୁ ସାହାଯ୍ୟ କରିବୁ । ଗଧମାନେ ବିଲୁଆମାନଙ୍କ କଥାରେ ରାଜି ହୋଇଯିବାରୁ ବିଲୁଆ ମାନେ କହିଲେ ଆମ ପାଖ ଗାଁକୁ ଚାଲିଯିବା । ବିଲୁଆମାନେ ପାଖ ଗାଁକୁ ଗଧମାନଙ୍କୁ ନେଇ ଗଲେ । ସେହି ଗାଁରେ ଧୋବମାନଙ୍କ ଘର । ସେମାନଙ୍କ ଦୁଆରେ ଠିଆ ହୋଇ ଗଧମାନଙ୍କୁ ବାନ୍ଧିଦେଲେ ଓ ଜୋରରେ ଭୁକିବା ଆରମ୍ଭ କଲେ । ବିଲୁଆ ମାନେ ଭୁକିବା ଆରମ୍ଭ କରିବାରୁ ଗାଁର ଲୋକମାନେ ଠେଙ୍ଗା ବାଡ଼ି ଧରି ଆସିବା ବେଳକୁ ବିଲୁଆମାନେ ବମ୍ପତ । ଦାଣ ଦୁଆରେ ଗଧମାନେ ଠିଆ ହୋଇଥିବା ଦେଖି ସେମାନେ ଭାରି ଖୁସି ହୋଇଗଲେ । । ଜଣେ କହିଲା ଲୁଗା ସଫା ପାଇଁ ଆମେ ଲୁଗା ଗଣ୍ଠିଲିକୁ ମୁଣ୍ଡାଇ ନେଉଥିଲେ । ଭଗବାନ୍ ଆମ ଦୁଃଖ ଜାଣି ଏମାନଙ୍କୁ ଆମ ପାଖକୁ ପଠାଇ ଦେଇଛନ୍ତି । ଏ କଥା ସମସ୍ତଙ୍କ ମନକୁ ପାଇଲା । ଗଧମାନଙ୍କୁ ସେମାନେ ସଙ୍ଗେ ସଙ୍ଗେ ବାନ୍ଧି ପକାଇଲେ । ପରଦିନ ସେମାନେ ଗଧପିଠିରେ ଲୁଗା ଗଣ୍ଠିଲିକୁ ଲଦି ସଫା କରିବାକୁ ଗଲେ । ଲୁଗାପଟା କଚାକଚି କରିସାରି ଗଧମାନଙ୍କ ପିଠିରେ ଲଦି ଘରକୁ ଫେରିଲେ । ସେମାନଙ୍କୁ ଆଉ ଆଗ ଭଳି କଷ୍ଟ ଭୋଗ କରିବାକୁ ପଡ଼ିଲା ନାହିଁ । ଏହି ପରି କେତେ ଦିନ ଚାଲିଲା । ଗଧମାନଙ୍କ ମୁଖିଆ କହିଲେ, ଭାଇମାନେ ଆମେ କେତେ ଆନନ୍ଦରେ ଥିଲେ । ବିଲୁଆମାନଙ୍କ କଥାରେ ଭୁଲିଯାଇ ଧୋବାମାନଙ୍କ ଗଣ୍ଠିଲି ବୋହି ବୋହି ଦିନ କାଟୁଛେ । କିନ୍ତୁ ଭାବିଲେ କ'ଣ ହେବ ସେତେବେଳକୁ ଆଉ ସେଠାରୁ ଯିବାର କିଛି ଉପାୟ ନଥିଲା । ଧୋବାମାନଙ୍କର ଗଣ୍ଠିଲି ଗଧ ବୋହିବା ଦେଖି ଅନ୍ୟ ବ୍ୟବସାୟୀମାନେ ଧୀରେ ଧୀରେ ଗଧମାନଙ୍କୁ ସେମାନଙ୍କ କାର୍ଯ୍ୟରେ ଲଗାଇଲେ । ସେହି ଦିନଠାରୁ ଗଧମାନେ ଭାର ବୋହିଲେ । □

# ଗପଟିଏ

ଏଲିନା ଭୋଇ
+୩ ଦ୍ୱିତୀୟ ବର୍ଷ, (ଓଡ଼ିଆ ସମ୍ମାନ)

ଗୋଟେ ଦେଶରେ ଗୋଟେ ରାଜା ଥିଲେ ତାଙ୍କର ଗୋଟିଏ ଝିଅ ଥିଲା । ସେହି ରାଜା ଝିଅଟି ବହୁତ ଗେହ୍ଲାରେ ବଢ଼ିଥିଲା । ସେ ରାଜା ଝିଅଟି ସବୁବେଳେ ଆଢ଼େସାଢ଼େ ବୁଲୁଥିଲା । ଏମିତି ବୁଲୁ ବୁଲୁ ଗୋଟେ ଗରିବ ପୁଅ ସାଥିରେ ତାର ଦେଖା ହୁଏ । ସେଇ ଗରିବ ପୁଅଟି ସେଇ ପ୍ରଥମ ଦେଖାରେ ସେଇ ରାଜା ଝିଅଟିକୁ ଭଲପାଇ ବସିଲା ସେ ରାଜା ଝିଅପାଇଁ କିଛିବି କରିବାକୁ ପଛାଉନଥିଲା । ସେ ତାର ଜୀବନଠାରୁ ବି ଅଧିକ ତାକୁ ଭଲପାଉଥିଲା । ସେ ରାଜାଝିଅ ସେ ଗରିବ ପୁଅଟିକୁ ଭଲ ପାଉଥିଲା କି ନାହିଁ ସେ ଗରିବ ପୁଅ ଜାଣିନଥିଲା । ସେ ଗରିବ ପୁଅ କିନ୍ତୁ ସେ ରାଜାଝିଅକୁ ବହୁତ ଭଲପାଉଥିଲା ।

ସେ ଗରିବ ପୁଅ ସେ ରାଜା ଝିଅଟିକୁ ତାର ମନକଥା କହିପାରେ ନାହିଁ । ହେଲେ ଦିନକର କଥା, ଆଉ ଏକ ରାଜା ପୁଅ ସହ ସେ ରାଜାଝିଅଟିକୁ ତା'ର ମନକଥା ପ୍ରକାଶ କରିଦେଲା । ସେ ରାଜା ଝିଅଟିକୁ ତାର ମନକଥା ପ୍ରକାଶ କରିଦେଲା । ସେ ରାଜାଝିଅ ସାଥିରେ ସେ ଗରିବ ପୁଅଟି ସେ ରାଜା ପୁଅକୁ ଦେଖି ଦେଇଥିଲା । ତାକୁ ବହୁତ କଷ୍ଟ ହେଲା । ସେ ତାର ମନରେ ସାହାସ୍ ବାନ୍ଧିଲା ଆଉ ସେ ରାଜା ଝିଅ ଆଗରେ ତାର ମନକଥା କହିଲା । ତୋର କ'ଣ ଅଛି, ମତେ ବାହାହେବାପାଇଁ କହୁଛୁ । ସେ ଗରିବ ପୁଅ କହିଲା, ତମେ ଧନକୁ ଭଲପାଅ, ଆଉ ମନକୁ ନୁହେଁ । ସେ ରାଜାଝିଅ କହିଲା ହଁ ମୁଁ ଧନକୁ ଭଲପାଏ ହେଲେ ମନକୁ ନୁହେଁ । ସେ ଗରିବ ପୁଅ କହିଲା ତାହେଲେ ମତେ ଅପେକ୍ଷା କରିବ । ଏ କଥା କହି ସେ ଗରିବ ପୁଅଟିଏ ଏ କଣ ଧନ ରୋଜଗାର କରିପାରିବ । ଏଇ କଥା ଭାବି ସେ ରାଜାଝିଅଟି ସେ ରାଜାପୁଅକୁ ବାହା ହେଇଗଲା, ହେଲେ ସେ ଗରିବ ପୁଅ ସେ ରାଜାଝିଅକୁ ବାହା ହେବି ବୋଲି ଦିନରାତି ଏକ କରି ଧନ ରୋଜ୍‌ଗାର କରୁଥାଏ । ଏହି ପରି କାମ କରୁ କରୁ, ଗୋଟେ ଦେଶର ରାଜା ହେଇଗଲା । ତାପରେ ସେ ରାଜାଝିଅକୁ ବାହାହେବା ପାଇଁ, ସେ ରାଜାଝିଅ ପାଖକୁ ଗଲା । ସେ ଜାଇଁ ଦେଖିଲା ସେ ରାଜାଝିଅଟି ବାହାହେଇ ପଳାଇଛି । ସେ ଗରିବ ପୁଅର ମନ ଭାରି ଦୁଃଖ ହେଲା । ତାପରେ ତାର ରାଜ ପଦକୁ ଆଉ ଗୋଟେ ଗରିବ ପୁଅ ହାତରେ ଟେକିଦେଇ ଚାଲିଗଲା । ଆଉ ମରିବା ପୂର୍ବରୁ କହିଥିଲା

'ଦିନ ଚାଲି ଯିବ, ମାସଚାଲିଯିବ, ଋତୁ ଚାଲିଯାଏ ଗଡ଼ି
ହେଲେ ମୋ ମନରୁ ତୁମ କଥା ସାଥି ଯାଉନି ଛାଡ଼ି ।'

ମଶାଣି ଛାଡ଼ିରେ ଶୋଇବା ବେଳରେ ତୁମ କଥା ଯେବେ ମନେ ପଡ଼େ ମଶାଣି ଛାଡ଼ିକୁ ଉଠିଆସିବାକୁ ମୁଁ ମୋ ମନ ଖାଲି ଭାବୁଥାଏ ।

# ଭାରତୀୟ ସଂସ୍କୃତି ଓ ନାରୀ

ପ୍ରିୟଙ୍କା ସ୍ୱାଇଁ
+୩ ଦ୍ୱିତୀୟ ବର୍ଷ, (ଶିକ୍ଷା ସମ୍ମାନ)

ଆମ ଦେଶ ପ୍ରାକୃତିକ ଶୋଭାରେ ଭରପୁର । ଉତ୍ତରରେ ହିମାଳୟ ଏହାର ମସ୍ତକରେ କୀରିଟ ଭଳି ଶୋଭା ପାଉଛି– ସାଗର ପରିବେଷ୍ଟିତ ହୋଇ ଅପରୂପ ସୌନ୍ଦର୍ଯ୍ୟ ଭରା ସୁରକ୍ଷିତ ହୋଇ ରହିଛି । ଭାରତ କେବଳ ଗୋଟାଏ ଭୂଖଣ୍ଡ ନୁହେଁ ଏକ ଆଧ୍ୟାତ୍ମିକ ଦେଶ, ଏହା କର୍ମଭୂମି, ଯୋଗଭୂମି ରୂପେ ବିଶ୍ୱ ବିଖ୍ୟାତ । ଏହି ପବିତ୍ର ଭୂମିରେ ଜନ୍ମ ଲାଭ କରିଛନ୍ତି, ମୁନି ଋଷିମାନେ । ଯୋଗସାଧି ତପସ୍ୟା କରି, ସମଗ୍ର ବିଶ୍ୱର ମଙ୍ଗଳ କାମନା କରିଛନ୍ତି । ମୁନି ଋଷିମାନେ କହିଛନ୍ତି ବହୁ ଜନ୍ମର ସୁକୃତ ଯୋଗୁଁ, ମନୁଷ୍ୟ ଜନ୍ମ ଲାଭ ହୋଇଥାଏ । ମନୁଷ୍ୟମାନେ ଜନ୍ମ ଲାଭ ଭିତରେ ନାରୀ ହୋଇ ଜନ୍ମ ହେବା କୋଟି ଜନ୍ମର ଫଳ ଏବଂ ଭାରତୀୟ ନାରୀ ସୌଭାଗ୍ୟର ପ୍ରତୀକ । ଧୈର୍ଯ୍ୟ, କରୁଣା, ତ୍ୟାଗ, ସୁଖ, ଶାନ୍ତି, ପ୍ରେମ ଓ ଆନନ୍ଦର ପ୍ରତୀକ । ଭାରତୀୟ ନାରୀମାନେ ଧର୍ମପ୍ରାଣା, ପ୍ରଭାତରୁ ଉଠି, ଦୁଆର ଓଳାଇ ଘରର ବାସି କାମ ସାରି, ସ୍ନାନ ସାରି ଫୁଲତୋଳି, ଭଗବାନଙ୍କ ପୂଜା କରନ୍ତି । ସନ୍ଧ୍ୟାବେଳେ ତୁଳସୀମୂଳେ ମା ବୃନ୍ଦାବତୀଙ୍କୁ ସଞ୍ଜ ଦିଅନ୍ତି । ବିଭିନ୍ନ ପ୍ରକାର ପର୍ବପର୍ବାଣୀ ପାଳନ କରନ୍ତି । ପ୍ରତ୍ୟେକ ଓଷା ବ୍ରତକୁ ଏମାନେ ବଞ୍ଚାଇ ରଖିଛନ୍ତି । ନାରୀ ପୁରୁଷର ଅର୍ଦ୍ଧାଙ୍ଗିନୀ, ଅର୍ଦ୍ଧପତ୍ନୀ, ଗୃହଲକ୍ଷ୍ମୀ, ଗୃହିଣୀ ଏବଂ ଗୃହର ସର୍ବମୟୀ କର୍ତ୍ତ୍ରୀ । ଗୃହିଣୀ ବିନା ଗୃହରେ ଶାନ୍ତି ମିଳେନା । ଏହା ନର୍କ ସଦୃଶ୍ୟ । ନାରୀକୁ କନ୍ୟା, ଭଗିନୀ, ଜାୟା, ଜନନୀ ହୋଇ ଭୂମିକା ନିଭାଇଥାଏ । କିନ୍ତୁ ଶ୍ରେଷ୍ଠ ଭୂମିକା ଜନନୀ ଭାବରେ, ମାତୃତ୍ୱ ହିଁ ନାରୀ ସବୁଠାରୁ ଶ୍ରେଷ୍ଠ ପରିଚୟ । ମା' ଭାବରେ ତାକୁ ବଂଶଧର ମାନଙ୍କୁ ପାଳନ କରିଥାଏ । ମା'ର ସ୍ନେହବୋଳା କଥାରେ ପିଲାଟି ଚରିତ୍ର ବିକଶିତ ହୁଏ । ଏକ ଭଲ ମଣିଷ କରି ଦେଶର ଭବିଷ୍ୟତର ବ୍ୟକ୍ତିର ଅଧିକାରୀ କରିଥାଏ । ନାରୀମାନେ ହିଁ ଆମ ଭାରତୀୟ ସଂସ୍କୃତିର ରକ୍ଷିକା । ମା ହିଁ ଶିଶୁମାନଙ୍କର ପ୍ରଥମ ଗୁରୁ । ଏହି ନାରୀମାନେ ହିଁ ଭାରତୀୟ ଶିକ୍ଷା ଓ ପରମ୍ପରାର ମହାନ୍ ଅଧିକାରୀ, ଯଦି ଗୋଟିଏ ନାରୀ ନିଜର ଆତ୍ମସ୍ୱରୂପ ଦ୍ୱାରା ସୁପ୍ରତିଷ୍ଠିତ ହୋଇପାରେ ତେବେ ତ୍ରିଲୋକ୍ୟରେ ତାକୁ କୌଣସି ଶକ୍ତି ଦବାଇ ପାରିବ ନାହିଁ । ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ଦ୍ୱାରା ଜୀବକୁ ଭକ୍ତି ଓ ବେଦାନ୍ତର ପରିପୁଷ୍ଟ ଓ ପୁଲକିତ କରିଦିଏ ଏହା ହିଁ ଭାରତର ମହାନ୍ ନାରୀମାନଙ୍କର ସ୍ମୃତିକୁ ଉଦ୍‌ଜୀବିତ କରେ । ବାସ୍ତବିକ୍ ଭାରତୀୟ ନାରୀ ଓ ସଂସ୍କୃତି ପରସ୍ପର ପରିପୂରକ । ❑

# କବିତା ବିଭାଗ



ଗୁଣୀ ଜନ ଜାଣିକରି କରୁଥିବୁ ପୂଜା
କବିମାନଙ୍କୁ କୃପଣ ନହୋଇବୁ ରାଜା ।

– ଶୂଦ୍ରମୁନି ମହାକବି ସାରଳା ଦାସ

# ସୂଚୀପତ୍ର


| | | |
|---|---|---|
| ଇତିହାସ ତୁମେ ମହାନ୍ | ଅଧ୍ୟାପକ ନୃସିଂହଚରଣ ମିଶ୍ର | ୮୭ |
| କଲେଜର ନଲେଜ୍ | ପ୍ରତ୍ୟୁଷ କୁମାର ମହାନ୍ତି | ୮୮ |
| ନାରୀ | ମୋନାଲିସା ରାଉତ | ୮୯ |
| କର୍ମପଥ | ଗାୟତ୍ରୀ ବେହେରା | ୮୯ |
| ମା' | ଗୀତାଞ୍ଜଳୀ ଦାସ | ୯୦ |
| ଜୀବନର ରୂପ | ରୋଜାଲିନ୍ ବେହେରା | ୯୦ |
| ହେ ନାରାୟଣ | ଅନନ୍ତ ମଲ୍ଲିକ୍ | ୯୧ |
| ଯୁବ ସମାଜକୁ ପଦେ | ନୀଳକଣ୍ଠ ସ୍ୱାଇଁ | ୯୧ |
| ଓଡ଼ିଆଣି ବୋହୂ | ସ୍ୱର୍ଣ୍ଣଲତା ମଲ୍ଲିକ୍ | ୯୨ |
| ଆମ ଜନମ ଭୂଇଁ | ଦୀପାଞ୍ଜଳୀ ଜେନା | ୯୨ |
| ଜାଗ ଭାରତୀୟ | ସଞ୍ଜୟ ରାୟ | ୯୩ |
| କଲେଜର ସ୍ମୃତି | ନମିତା ସ୍ୱାଇଁ | ୯୩ |
| ଆମ ଜନ୍ମଭୂମି | କଳ୍ପନା ବଳୁ | ୯୪ |
| ସ୍ୱପ୍ନ | ଋତୁପର୍ଣ୍ଣା ସ୍ୱାଇଁ | ୯୪ |
| ଆତ୍ମା | ପ୍ରିୟଦର୍ଶିନୀ ଲେଙ୍କା | ୯୫ |
| ସୈନିକ ହେବାର ପଣ | ସୌମ୍ୟରଞ୍ଜନ ବିଶ୍ୱାଳ | ୯୫ |
| ପ୍ରକୃତ ସତ୍ୟ | ଲକ୍ଷ୍ମୀପ୍ରିୟା ସ୍ୱାଇଁ | ୯୬ |
| ପର ହେବାରେ ତା ଜୀବନ ଗଲା | ଚିକିନା ବାରିକ | ୯୬ |
| ପରିଶ୍ରମୀର ମୂଲ୍ୟ | ସ୍ମିତଲକ୍ଷ୍ମୀ ଭୋଇ | ୯୭ |
| ମର୍ଡିନ ଯୁଗର ଆଈ | ଭାନୁଲତା ଭୋଇ | ୯୭ |
| ସର୍ବଂସହା ମାଟି | ମିତିନା ବେହେରା | ୯୮ |
| କନ୍ୟା ଭ୍ରୂଣ | ସତ୍ୟଭାମା ସ୍ୱାଇଁ | ୯୯ |
| ନବୀଶଯ୍ୟା ପାଇଁ | ରଞ୍ଜନ କୁମାର ଡାକୁଆ | ୯୯ |
| ଟିକି ଚଢ଼େଇ | କାଜଲ ମଲ୍ଲିକ୍ | ୧୦୦ |
| ଗୁରୁ | ସସ୍ମିତା ଲେଙ୍କା | ୧୦୦ |
| ମୋ ଗାଁ ମାଟି | ସୌମ୍ୟରଂଜନ ସାହୁ | ୧୦୧ |
| ଗଛଟିଏ ମୁଁ ଗଛଟିଏ | ମୋନାଲିସା ଦାସ | ୧୦୧ |
| ସମାଜ | ପ୍ରିୟଙ୍କା ସ୍ୱାଇଁ | ୧୦୨ |
| ମୋର କଲେଜ | ଆରତୀ ବେହେରା | ୧୦୨ |
| ମୋର ସ୍ମୃତି | ରଶ୍ମିତା ଓଝା | ୧୦୩ |
| ତୁମପରି ପିଲାଟିଏ | ବର୍ଷାରାଣୀ ଚୌଧୁରୀ | ୧୦୩ |
| ଟିକି ଚଢ଼େଇ | ଚିନ୍ମୟୀ ଜେନା | ୧୦୪ |
| ଭାରତ ଆମ ମା' | ନମିତା ସ୍ୱାଇଁ | ୧୦୪ |
| ଗଢ଼ିବା ସୁନାର ରାଜ୍ୟ | ସ୍ନେହାଶୀଷ ବେହେରା | ୧୦୫ |
| ତୁମେ ମୋର ସାହା | ଅଲିଭା ଦାସ | ୧୦୫ |
| ପ୍ରଶ୍ନ | ମନୋଜ କୁମାର ଭୋଇ | ୧୦୬ |
| କୁହ କେମିତି ହୁଅନ୍ତା | ସୁଲୋଚନା ବେହେରା | ୧୦୬ |
| ପିତା ମାତା | ଇପ୍ସିତା ପ୍ରିୟଦର୍ଶିନୀ ମଲ୍ଲିକ୍ | ୧୦୭ |
| ସ୍ମୃତି | ସ୍ମୃତି ସଙ୍ଗୀତା ପ୍ରିୟଦର୍ଶିନୀ ସାହୁ | ୧୦୭ |
| ଉଚିତ୍ ମାର୍ଗ | ଶୁଭଶ୍ରୀ ମହାପାତ୍ର | ୧୦୮ |
| ମାଆ | ରୁବିନା ସେଠୀ | ୧୦୮ |
| ତୁମେ ଯେ ସୁନ୍ଦର | ଅଲିଭା ଦାସ | ୧୦୯ |
| ତୁମ ପାଇଁ | ନମିତା ସ୍ୱାଇଁ | ୧୦୯ |
| ମୁଁ | ଗୌରୀ ପାତ୍ରୀ | ୧୧୦ |
| ହାତଧର | ସସ୍ମିତା ଚୌଧୁରୀ | ୧୧୦ |
| ଗୋଲା ଆଳୁ | ଜଗନ୍ନାଥ ମହାପାତ୍ର | ୧୧୧ |
| ନଦୀର କାହାଣୀ | ନମିତା ଦାସ | ୧୧୨ |
| ମନକଥା | ବୈଶାଖୀ ମହାପାତ୍ର | ୧୧୨ |
| ଏଇ ଆମରି ଗାଁ | ମନିଷା ଦାସ | ୧୧୩ |
| ମୟୂର | ସରିତା ସ୍ୱାଇଁ | ୧୧୪ |
| ମା' | ସୁନୀତା ବେହେରା | ୧୧୪ |
| ଗାଁ ଭଲ ମୋ ପାଇଁ | ସୁଭଦ୍ରା ମହାପାତ୍ର | ୧୧୫ |
| ମା' | ଇପ୍ସିତା ପ୍ରିୟଦର୍ଶିନୀ ମଲ୍ଲିକ୍ | ୧୧୫ |
| ମୋ ମା' | ସୁମିତ୍ରା ମହାପାତ୍ର | ୧୧୬ |
| ହେ ବାଦଲ | ପ୍ରିୟଂରଜନ ସାହୁ | ୧୧୬ |
| ବିଦାୟ | ମଧୁସ୍ମିତା ପ୍ରଧାନ | ୧୧୭ |
| ମଣିଷ | ରୋଜାଲିନି ବେହେରା | ୧୧୭ |
| ବରଷା ତୁ ଆରେ | ରଂଜନ କୁମାର ଭୋଇ | ୧୧୮ |
| ଆଶା | ବବିତା ପ୍ରଧାନ | ୧୧୮ |

# ଇତିହାସ ତୁମେ ମହାନ୍

**ନୃସିଂହ ଚରଣ ମିଶ୍ର**
ଅଧ୍ୟାପକ ଇତିହାସ ବିଭାଗ



ହେ ଇତିହାସ ! କିଏ କହେ ତୁମେ ମୃତ
ତୁମେ ଜୀବନ୍ତ, ଅନନ୍ତ
ଜାଗ୍ରତ ପ୍ରହରୀ ତୁମେ
ଉଜାଗର କର ଏ ଜଗତ ।
ତୁମେ ସଞ୍ଜୟ, ଛିନ୍ନ ଦେହୀ ବେଲାଳସେନ
ମହାଭାରତ ଯୁଦ୍ଧର ଅଟ ମୂକସାକ୍ଷୀ
ତୁମ ବିନା ଦ୍ୱାପର ଯୁଗ
ଏକ କଳ୍ପନା କାନନ
ତୁମେ ଜ୍ଞାନର ସାଗର,
ସୃଷ୍ଟିକଲ କେତେ ଜ୍ଞାନୀ, ମହାଜ୍ଞାନୀ
ଝଡ଼ିଗଲେ କେତେ କାଳରେ, ଅକାଳରେ
ଧନ୍ୟତୁମ ଧଇର୍ଯ୍ୟର ଶକ୍ତି
ତୁମେ ପରା ସର୍ବଂସହା ମା' ମନ୍ଦାକିନୀ
ତୁମେ ଦେଖିଥିଲ କେତେ ଯୁଦ୍ଧ, ମହାଯୁଦ୍ଧ
ବକ୍ଷେ ତୁମ ରଖିଲ ସାଇତି
ଚେତାଇଲ ଜନେ ବିଶ୍ୱଜନେ
ସଂସାରେ ଭରିଦେଲ ଏକ ଶାନ୍ତିର ସମୁଦ୍ର ।



କେତେ ଧର୍ମ, ଧର୍ମ ସଂସ୍କାରକ ତୁମେ ଧରିଲ ମୂଳକ
ପୋଛିଦେଲ କଳୁଷତା, ସଂସ୍ଥାପିଲ ଧର୍ମ
ଅଜ୍ଞାନେ ଫେଡ଼ିଦେଲ ଜ୍ଞାନଚକ୍ଷୁ
ସୃଷ୍ଟିକଲ ଏ ଧରାରେ ସୁଖର ପୁଲକ
ତୁମ ଦିଗଦର୍ଶନେ ସୃଷ୍ଟିହେଲେ
କେତେ ବୀର ମହାବୀର
ଯୁଝିଦେଶେ ରଖିଲେ ଗୌରବ
ସୃଷ୍ଟିକଲେ ଇତିହାସ
ରଖିଗଲେ ଯଶକୀର୍ତ୍ତି ଏ ଧରା ଧାମର ।
ତୁମେ ଅନନ୍ୟ କାଳଜୟୀ ପବନ ସୁତ ହନୁମାନ
ଏ ମାୟା ସଂସାରେ ସବୁ ଅଟଇ କ୍ଷଣିକ
ଯିଏ ଆସେ ଫେରିବା ନିଶ୍ଚିତ
ତୁମେ ଏକା ଏ ମହୀରେ ନିତ୍ୟ,
ସତ୍ୟ ସନାତନ ।

# କଲେଜର ନଲେଜ୍

ପ୍ରତ୍ୟୁଷ କୁମାର ମହାନ୍ତି
+୨ ପ୍ରଥମ ବର୍ଷ, ବାଣିଜ୍ୟ

ହାଇସ୍କୁଲ ସାରି ଆସିଲୁ ଆମେ ପଢ଼ିବା ପାଇଁ କଲେଜ
କଲେଜରେ ଆମେ ପଢ଼ିଲେ ପାଠ ବଢ଼ିବ ଆମ ନଲେଜ୍ ।
ହାଇସ୍କୁଲ ଆମେ ଗୋଟିଏ କ୍ଲାସରେ ବସି ପଢୁଥିଲୁ ପାଠ
ସେଠାରେ ଥିଲା ଗୁରୁଜୀମାନଙ୍କ ନାଲି ଆଖି ସାଙ୍ଗେ ମାଡ଼ର ଆକଟ ।
ଓଡ଼ିଆ ପାଠଟା ଭାରି ବଢ଼ିଆ ପଢ଼ିଦେଲେ ଖାଲି ହେଉଥିଲା
ଇଂରେଜୀ ପାଠଟା ବିଦେଶୀ ଭାଷା ନ ବୁଝିଲେ ମନେ ରହୁ ନଥିଲା ।
ଇତିହାସ ପାଠ ଭାରି ସୁଜା ଥିଲା ଠିଁସୁ ମାରିଦେଲେ ଚଳୁଥିଲା
ଭୂଗୋଳ ବହିଟା ଭାରି କିଟିମିଟିଆ ନ ଘୋଷିଲେ ନ ହେଉନଥିଲା ।
ଗଣିତର ସୂତ୍ର ଲେଖି ଲେଖି ଆମ ଖାତାପରେ ଖାତା ସରୁଥିଲା
ବିଜ୍ଞାନର ଧାରା ବୁଝିବା ପାଇଁକି ବହୁତ ସମୟ ଲାଗୁଥିଲା ।
ସଂସ୍କୃତ ଭାଷାରେ ଏତେ ବିନ୍ଦୁ ବିସର୍ଗ ଛାଡ଼ି ଦେଲେ ଯାଏ ଭୁଲହୋଇ
ହିନ୍ଦୀ ପାଠ ଆମ ରାଷ୍ଟ୍ରୀୟ ଭାଷା ପଢ଼ି ଦେଲେ ଯାଏ ମନେ ରହି ।
କଲେଜ ଆସିଲୁ ପଢ଼ିବା ପାଇଁକି କଳା, ବିଜ୍ଞାନ ଆଉ ବାଣିଜ୍ୟ
ଯୁକ୍ତଦୁଇ ପାଠ ଇଏ ନିୟନ୍ତ୍ରଣ କରେ କାଉନସିଲ୍ ଆମ ରାଜ୍ୟ ।
କଳାର ପାଠ ଇଏ ହିଷ୍ଟ୍ରି, ସଂସ୍କୃତ, ଓଡ଼ିଆ ଆଉ ରାଜନୀତି ବିଜ୍ଞାନ
ଅର୍ଥନୀତି, ଶିକ୍ଷା, ତର୍କଶାସ୍ତ୍ର ସଙ୍ଗେ ମନସ୍ତତ୍ତ୍ୱ ଗୃହ ବିଜ୍ଞାନ ।
ବିଜ୍ଞାନର ପାଠ ଫିଜିକିସ୍, କେମେଷ୍ଟ୍ରି, ମାଥ ଆଉ ବୁଲୋଜି ଅଟଇ
ବଟାନି, ଆଇଟି, ପ୍ରାକ୍ଟିକାଲେ ପରୀକ୍ଷା ଗାରରେ ବହୁ ସମୟ ବିତଇ ।
ବାଣିଜ୍ୟ ପଢ଼ିବ ବେପାର କରିବ ଲାଭକ୍ଷତି ହିସାବ ଜାଣିବ
ଆକାଉଣ୍ଟାସି, ବିଜିନେସ ମାଥ, ଷ୍ଟଡିଜ୍ ସହିତ ଷ୍ଟାଟିଷ୍ଟିକସ୍ ପଢ଼ିବ ।
ଇଂନ୍ସୁରାନସ୍, ବଷ୍ଟିଂ, ବିକ୍ରୟକଳା ସହ ଅର୍ଥନୀତି ପଢ଼ିବ
ଭାରିକଷ୍ଟ ଇଏ କର୍ମସ ପାଠ ତା ସଙ୍ଗେ କମ୍ପ୍ୟୁଟର ଶିଖିବ ।
ଯାହାପଢ଼ ଭାଇ ସବୁତ ଭଲ, ମନ ଦେଇ ପାଠ ପଢ଼ିଲେ ହେଲା
ଯିଏ ଯାହା ପଢୁ ସାର୍ଟିଫିକେଟ ପାଇ ହୋଇବା ଆମେ ସୁନା ପିଲା ।

# ନାରୀ

ମୋନାଲିସା ରାଉତ
+୩ ତୃତୀୟ ବର୍ଷ, (ସଂସ୍କୃତ ସମ୍ମାନ)

ପାଣି ସ୍ରୋତ ହୋଇ ବହିଯାଉ ଥାଏ
ମିଶିଯାଏ ଯାଇ ମହାସାଗରରେ,
ସାଗରରେ ଖୋଜିଲେ କିଛି ମିଳେ ନାହିଁ
କେଉଁ ପାଣି ସ୍ରୋତ କେଉଁଠାରେ ।
ସବୁଠୁ ଅଲଗା ସବୁଠୁ ଅଭିନ୍ନ
ଦୁନିଆ ଯାକର ମାୟା ତା'ଠାରେ,
କିଏ କହେ ତାକୁ ମା ବୋଲି ପୁଣି
କିଏ କହେ ତାକୁ ଭଗିନୀ ବାରେ ।
କିଏ କହେ ତାକୁ ମାଉସୀ ପୁଣିଲୋ
କିଏ କହିଥାଏ ଭାର୍ଯ୍ୟା ରୂପରେ ।
ଆରମ୍ଭ ତା'ଠାରୁ ଶେଷ ଯେ ତା'ଠାରେ
ଜନ୍ମର ଅଟେ ସେ ମୂଳ ମନ୍ତର ।
ଜନ୍ମ ଯେ ତା'ଠାରେ ହତ୍ୟା କର ନାହିଁ
ଭ୍ରୁଣ ବୋଲି ଭାବି ହେୟ କର ନାହିଁ
ମାତୃ ଗର୍ଭେ ତାକୁ ହତ୍ୟା କର ନାହିଁ
ମା' ପୁଣି ସେହି ତାକୁ ଘୃଣା କର ନାହିଁ ।
ସେହି ସ୍ରୋତ ଠାରୁ ଉତ୍ପତ୍ତି ତୁମର
ସେ ସ୍ରୋତକୁ ପୁଣି ନଷ୍ଟ କର ନାହିଁ ।
ନର ହୋଇ ଯଦି ନର ସଂହାରିବ
ଏ ଦୁନିଆରୁ ତୁମେ ଯିବ ଉଭେଇ,
ସଂସାର ସାଗରେ ନିଜକୁ ବଧିଲେ
କେଉଁ ଦୁନିଆରେ ରହିବ ଯାଇ ?

# କର୍ମପଥ

ଗାୟତ୍ରୀ ବେହେରା
+୩ ତୃତୀୟ ବର୍ଷ, (ଓଡ଼ିଆ ସମ୍ମାନ)

ଆମେ ସଭିଏଁ ଭାଇ ଭଉଣୀ
ଓଠରେ ଭରି ହସ
ମାଟି ମାଆର କରି ବନ୍ଦନା
ରଖିବା କୀର୍ତ୍ତି ଯଶ ।
ଆମେରେ ହିନ୍ଦୁ ଆମେ ମୁସଲିମ୍
ଆମେ ଖ୍ରୀଷ୍ଟିଆନ ଶିଖ୍
ଦେଶର ସଂହତି ରଖିବା ପାଇଁ
ମାଗୁଛୁ ଆମେ ଭିକ ।
ଏହି ଅଖଣ୍ଡ ମଣ୍ଡଳ ପରା
ଆମରି ଜନ୍ମ ମାଟି
ମାତୃ ଭୂମିର ରକ୍ଷା ପାଇଁ
ଯାଉ ପରାଣ ଲୋଟି ।
ମାଆତ ଆମ ଜନ୍ମଭୂମି
ମାଆତ ଆମ ମାଟି
ଛାତି ଫୁଲାଇ କହିବା ଆମେ
ଆମେତ ଓଡ଼ିଆ ଜାତି ।
ଆମେ ଶିଖିବା କର୍ମ ପଥ
ଭୁଲିବା ହିଂସା ଦ୍ୱେଷ
ଆମ ଓଠରେ ଫୁଟିଲେ ହସ
ହସିବ ଇତିହାସ ।
ଏହିତ ଆମ ଗୀତରେ ଭାଇ
ଏହିତ ଆମ ଗୀତ
ଜାତୀୟ ସଙ୍ଗୀତ ଗାଇ ଗାଇ
ରଖିବା ଦେଶର ଟେକ ।

# ମା'

ଗୀତାଞ୍ଜଳୀ ଦାସ
+୩ ତୃତୀୟ ବର୍ଷ, (ଓଡ଼ିଆ ସମ୍ମାନ)

ମା କେମିତି ସୁଝିବି ଋଣ ତୋହର
କହ ତୁ ଜନ୍ମ ଦାତ୍ରୀ ମୋର ।
ଏ ଜଗତେ କେହି ଜନ୍ମ ହୋଇ ନାହାନ୍ତି
ଋଣ ସୁଝିବି ମା ତୋହର ।
ମମତା ଭଣ୍ଡାର ଖୋଲୁ
କୋଳ ତୋର ଲଗାଇ ସ୍ୱର୍ଗ
ସେହି କୋଳେ ଥାଇ ସବୁଭୁଲି ଯାଇ
ଲାଗେ ମୋତେ ଚଉଦ ବର୍ଗ ।
ପ୍ରାଣ ଠାରୁ ବେଶୀ ଭଲପାଉ ମୋତେ
ମୁଁ ତୋର ହୃଦୟର ପର ।
ଛାତିରେ ଲଗାଇ ରଖିଛୁ ମତେ ଲୋ
କରିତୋର ଗଳାମାଳ ।
ମୋ ଦେହରେ ଟିକେ ଆଘାତ ଲାଗିଲେ
ତୋ ଆଖିରୁ ବହଇ ଶ୍ରାବଣ ଧାରା ।
କୋଳକୁ ନେଇକି ଗେଲ କରୁଥାଉ
ରୁକ୍ମିଣୀ ରତନ ପରା
ଦୁଃଖରୁ ସହିଛୁ ମୋ ପାଇ କେତେ
ମା ତୁ ମମତା ମୟୀ ।
ଋଣ ମା କେମିତି ସୁଝିବି
ତୁଳନା ତୋହର ନାହିଁ ।

# ଜୀବନର ରୂପ

ରୋଜାଲିନ୍ ବେହେରା
+୩ ତୃତୀୟ ବର୍ଷ କଳା, (ଶିକ୍ଷା ସମ୍ମାନ)

ଜୀବନଟା ସତେ ଅଙ୍କାବଙ୍କା ନଈ
ଚାଲିବାଟା ଭାରି କଷ୍ଟ
ଯିଏ ସେ ଚାଲିଛି ସିଏ ଯେ ଜାଣିଛି
ସେ ଯେ ଏକ କଣ୍ଟା ପଥ ।
ଈଶ୍ୱରଙ୍କ ଦାନ ଏହି ଜୀବନଟା
କର୍ମ ଅଟେ ଏଠି ଫଳ
ନିତି ଯଦି ଆମେ କର୍ମ କରିଯିବା
ଭାଗ୍ୟ ଯେ ହେବ ଉଜ୍ଜ୍ୱଳ
କର୍ମ ସିନା ଆମର ହାତରେ ରହିଛି
ରହିନାହିଁ ଭାଗ୍ୟ ଫଳ
ଭାଗ୍ୟର ବହିକୁ ଲେଖିଛି ବିଧାତା
କର୍ମ ପାପ ଅବା ପୁଣ୍ୟ
ଈଶ୍ୱରଙ୍କ ଦାନ ହୋଇ ଏ ଜୀବନ
କାହିଁ ଏତେ ହାନିମାନ
ଆଶ୍ଚର୍ଯ୍ୟ ଲାଗେରେ ବିଧାତା ଆଖିରେ
ସଭିଏଁ ନୁହନ୍ତି ସମାନ
କାହାରି ପାଖରେ ଧନର ଭଣ୍ଡାର
ପୁଣି ଲଭେ ଜନମର ସୁଖ
କେ ପୁଣି ହାସଇ ଦୁଃଖର ସାଗରେ
ଅଟେ ତା ଜୀବନ ଧିକ ।

# ହେ ନାରାୟଣ

ଅନନ୍ତ ମଲ୍ଲିକ୍
+୩ ତୃତୀୟ ବର୍ଷ କଳା, (ଓଡ଼ିଆ ସମ୍ମାନ)

ହେ ନାରାୟଣ ! ହେ ନାରାୟଣ !
ତୁମ ବିନା ଲାଗେ ଜଗତ ଅନ୍ଧକାରମୟ ।
ତୁମେ ହିଁ ଜଗତର ସୃଷ୍ଟିକର୍ତ୍ତା
ତୁମେ ହିଁ ସୃଷ୍ଟିର ଧ୍ୱଂସ କର୍ତ୍ତା ।
ତୁମ ବିନା ନ ଆସେ ସକାଳ ତ
ତୁମ ବିନା ନ ହୁଏ ଅନ୍ଧକାର ।
ତୁମେ ଦେଇ ଅଛ ମାଂସଧାରୀ ପିଣ୍ଡ
କେମିତି ଭୁଲିବି ଏହି କାରଣ ।
ତୁମେ ଦେଇଅଛି ମୋତେ ଏହି ଜୀବନ
କେମିତି ଭୁଲିବି ତୁମେ ଦେଇଥିବା ଦାନ ।
ତୁମେ ହିଁ କରିଚ ଏ ସୃଷ୍ଟି ଆରମ୍ଭ
ତୁମେ ହିଁ କରିବ ଏହାର ବିନାଶ ।
ତୁମେ ଦେଇଅଛ ବଞ୍ଚିବାର ଆଶା
ତୁମେ ହିଁ ଜୀବନର ଏକମାତ୍ର ଭରସା ।
ହେ ଈଶ୍ୱର ତୁମକୁ କୋଟି ନମସ୍କାର
ତୁମେ ହିଁ ଚାହିଁଲେ ଏ ଜଗତ ହେବ ଉଧାର ।
ତୁମେ ହିଁ ସକଳର ତାର୍ତ୍ତା
ତୁମେ ହିଁ ସକଳର ତ୍ରାଣକର୍ତ୍ତା ।
ହେ ଈଶ୍ୱର ତୁମେ ନ ଚାହିଁଲେ ଏ ଧରା ହୁଏ ଥରହର
ତୁମେ ହିଁ ଚାହିଁଲେ ଏ ଧରା ଶାନ୍ତ, କୋମଳ ।
ତୁମ ବିନା ପ୍ରଭୁ ଏଠି ନାହିଁ ଆନଗତି
ତୁମେ ହିଁ ସକଳ ମୁକ୍ତି ଗତି ।
ତେବେ ତୁମ ପାଦେ ଏତିକି ବିନତି
ଜଗତ ବାସୀଙ୍କୁ ଦିଅ ସଦ୍‌ବୁଦ୍ଧି ।



# ଯୁବ ସମାଜକୁ ପଦେ

ନୀଳକଣ୍ଠ ସ୍ୱାଇଁ
+୩ ଶେଷବର୍ଷ କଳା, (ଓଡ଼ିଆ ସମ୍ମାନ)

ଗୁରୁ ହେଉଛନ୍ତି ଡାକ୍ତର
ଛାତ୍ରର ରୋଗ ଚିହ୍ନନ୍ତି ।
ଗୁରୁ ହେଉଛନ୍ତି ଶିଳ୍ପୀ
ଆଦର୍ଶ ନିହାଣେ ଗଢ଼ନ୍ତି ।
ଗୁରୁ ହେଉଛନ୍ତି ନିର୍ଦ୍ଦେଶକ
ସୁମାର୍ଗ ଦେଖାଇ ଦିଅନ୍ତି ।
ଗୁରୁ ହେଉଛନ୍ତି ସୈନିକ
ଛାତ୍ର ଜୀବନକୁ ଜଗନ୍ତି ।
ଗୁରୁ ହେଉଛନ୍ତି ସୁଜ୍ଞାନି
ଜ୍ଞାନଲୋକ ଦେଇଥାନ୍ତି ।
ଗୁରୁହେଉଛନ୍ତି ପିତାମାତା
ମନଭରି ସ୍ନେହ ଦେଇଥାନ୍ତି ।
ଗୁରୁ ହେଉଛନ୍ତି ବ୍ରହ୍ମା ବିଷ୍ଣୁ
ଗୁରୁ ହେଉଛନ୍ତି ମହେଶ୍ୱର ।
ଗୁରୁ ହେଉଛନ୍ତି ପୁରୁଷୋତ୍ତମ
ତାଙ୍କ ପାଦେ କୋଟି ନମସ୍କାର ।

# ଓଡ଼ିଆଣୀ ବୋହୂ

ସ୍ୱର୍ଣ୍ଣଲତା ମଲ୍ଲିକ୍
+୩ ଶେଷବର୍ଷ କଳା, (ଓଡ଼ିଆ ସମ୍ମାନ)

ଓଡ଼ିଆଣି ବୋହୂ ଦେଖନାହିଁକି ଆଉ ମଥାରେ ଓଢ଼ଣି
ଲୁଗାପଟା ଛାଡ଼ି ଜିନ୍ ଲେଗିନ୍ସ ପିନ୍ଧନ୍ତି ତାଙ୍କ ମନକୁ ଜାଣି ।
ଶାଶୂ ଶଶୁରଙ୍କୁ ଆଉ ବାପାବୋଉ ଡାକନ୍ତି ନାହିଁ
ଡାଡ଼େ ମମ୍ ଡାକନ୍ତି ଫେସନ୍ ବଢ଼ିବା ପାଇଁ
ଓଡ଼ିଆ ବୋହୂ ହାତରନ୍ଧା ଖାନ୍ତୁ ନାହିଁ ଆଉ ଘରେ
ହୋଟେଲୁ ମଗାନ୍ତି ସ୍ୱାମୀଙ୍କୁ କୁହନ୍ତି ରାନ୍ଧିଦିଅ ଟିକେ ଘରେ ।
ମଥାରେ ସିନ୍ଦୁର ନାଇ ନାହାଁନ୍ତି ଓଠରେ ଲିପଷ୍ଟିକ୍ ବୋଲି
ଦେହରେ ବି ହାତେ କପଡ଼ାନଥାଇ ମୁହଁରେ ଝଲିଢ଼ି ।
ଭଙ୍ଗା ଭଙ୍ଗା ହିଲ୍ ପିନ୍ଧି ଚାଲନ୍ତି ଅଙ୍କାକୁତ ସେ ମୋଡ଼ି
ଶାଶୂତ କହିଲେ କହନ୍ତି କିଛି ଜାଣି ନାହୁଁ ତୁହିଁ ବୁଢ଼ି ।
ସ୍ୱାମୀଙ୍କୁ ଲୁଚି ବାହାରେ ବୁଲନ୍ତି ବଏଫ୍ରେଣ୍ଡ ଧରି
ମୁହଁକୁ ଓଳିରେ ଲୁଚାଇ ଗାଡ଼ିରେ ବସନ୍ତି ଗୋଡ଼ ଦିଫାଙ୍କିଆ କରି ।
ହାତରେ ଚୁଡ଼ି ପିନ୍ଧନ୍ତି ନାହିଁ ଲାଗିବ ବୋଲି ଭାରି
କଳା ଫିତାକୁ ଗୋଡ଼େ ପିନ୍ଧନ୍ତି ନଜର ଲାଗିବ ବୋଲି ।
ଲକ୍ଷ୍ମୀପଣ କରନ୍ତି ନାହିଁ ଘରର ଲକ୍ଷ୍ମୀ ହୋଇ
କାନପାଖରୁ ବବ୍ କାଟନ୍ତି ସୁନ୍ଦର ଦିଶିବା ପାଇଁ ।
ଠାକୁର ଘରେ ରୋଷେଇ ଶାଳେ ଯାଆନ୍ତି ଚପଲ ପିନ୍ଧି
ଆପତ୍ତିକଲେ କହନ୍ତି ଆଜିକାଲିଆ ମଡର୍ଣ୍ଣ ବୋଲି ।





# ଆମ ଜନମ ଭୂଇଁ

ଦୀପାଞ୍ଜଳୀ ଜେନା
+୩ ଶେଷବର୍ଷ କଳା, (ଓଡ଼ିଆ ସମ୍ମାନ)

ଓଡ଼ିଆ ଆମ ଜନମଭୂଇଁ
    ଓଡ଼ିଆ ଆମ ଭାଷା
ଆମ ଭାଷାରେ ଲେଖା ଯାଇଛି
    ଗୀତ ମାଣବସା ।
ଆମ ଭାଷାର କବି ଲେଖକ
    କେହି ନୁହନ୍ତି ଊଣା
କବି ସମ୍ରାଟ କବି ସୂର୍ଯ୍ୟ
    କବି ଜୟଦେବ ଜଣା ।
ବଡ଼ ଦେଉଳ, ଲିଙ୍ଗରାଜ
    କୋଣାର୍କ ଯଶ ଖ୍ୟାତି
ଦୁନିଆ ଜାଣେ ଓଡ଼ିଆ ଶିଳ୍ପୀ
    କଳାରେ ମହାରଥୀ
ଆମ ପରବ ଆମ ଗରବ
    ଦୋଳ ଆଉ ରଥଯାତ
ବାରମାସେ ତେର ପରବ
    ପାଳନ୍ତି ଶ୍ରୀ ଜଗନ୍ନାଥ ।

## ଜାଗ ଭାରତୀୟ

ସଞ୍ଜୟ ରାୟ
+୩ ଶେଷବର୍ଷ କଳା

ଜାଗ ଭାରତୀୟ ଜାଗ ଭାରତୀୟ
କାହାକୁ କରୁଛ ଭୟ
ହାତ ସାଥେ ହାତ ମିଳାଇ ଦିଅରେ
ସତ୍ୟର ହେବତ ଜୟ
ଆମେ ପରା ଅଟୁ ସୁନାର ବିହଗ
ଭାରତ ସୁନାର ଦେଶ
ଭୂମିର ବୃକ୍ଷରେ ସୁନା ଫଳିଅଛି
ସାଇତିଲେ ହେବ କିସ ।
ଧାନ ବୁଣିଜାଣେ କୃଷକ ଭାଇନା
ଅମଳ ଜାଣଇ ଚଷା
ଓଡ଼ିଶାକୁ କେବେ ଘୃଣା କରନାହିଁ
ଆମ ଓଡ଼ିଆ ଗାଉଁଲି ଭାଷା
ଅଜା କହୁଥିଲେ ତାଙ୍କ ଅମଳରେ
ଚାଲିଥିଲା ଅତ୍ୟାଚାର
ଆଜିବି ଶୁଣିଲେ ରକ୍ତ ଗରମରେ
ଦେହ ଲୋମ ହୁଏ ଧନୁଶର
ବାଳୁଥିଲା ଛାତ ମାଗୁଥିଲେ ଭାତ
ତଥାପି ରଖିଛି ପଣ
ବୀର ଜାତକେ ପଛଘୁଞ୍ଚାନାହିଁ
ଚାଲିଯାଉ ପଛେ ପ୍ରାଣ
ଶୋଷଣରେ ଧନ ହେଲୁତୁ ଅଜ୍ଞାନ
ଜଗା ତୋର କିଛି ଜ୍ଞାନ
ତୋ ଜ୍ଞାନ ବଳେ ଦେଶର ସମ୍ମାନ
ଭାରତ ହେବରେ ଭିନ୍ନ ।

## କଲେଜର ସ୍ମୃତି

ନମିତା ସ୍ୱାଇଁ
+୩ ଶେଷବର୍ଷ କଳା, (ଶିକ୍ଷା ସମ୍ମାନ)

ନିୟତିର ଚକ ଗଡ଼ି ଚାଲିଅଛି
ପୂରେ ଦୁଃଖ, ସୁଖ ପାଇ
କାଲି ହୋଇଥିଲା ଶୁଭାଗମନ ଯା
ଆଜି ତ ହେବେ ବିଦାୟୀ ।
ଅଗମନ ଯାର ମଧୁମୟ ଛନ୍ଦ
ତୋଳୁଥିଲା ଓଠ ଧାରେ
ବିଦାୟ ବେଳାସେ କି ଦାରୁଣ ଦୁଃଖ
ଆଣିଦିଏହୃଦୟରେ ।
କେତେ ସାଙ୍ଗସାଥୀ ଆସିଗଲେ ଚାଲି
ରହିଛି ଏ ବିଦ୍ୟାଳୟ
ଶିକ୍ଷା ମାଧ୍ୟମରେ ଶାନ୍ତି, ମୈତ୍ରୀ, ପ୍ରୀତି
ଶୃଙ୍ଖଳେ ବାନ୍ଧି ହୃଦୟ ।
ଭାଇ, ଭଉଣୀ ଏ କେତେଦୂରେ ଆସି
କିଏ କାହିଁ ଯିବା ଚାଲି
ଏ ଛାତ୍ର ଜୀବନେ ପ୍ରିୟ ପରିବେଶ
ପାରିବାକି କେବେ ଭୁଲି ।
ପୂଜ୍ୟ ଗୁରୁଦେବ ଆଶିଷରେ ତବ
ଶୁଭ ହେଉ ଜୀବନରେ
ଫୁଟି ଉଠୁଥିବ କମଳ କଳିକା
ମାନସର ସରୋବର ।
କରୁଛି ମିନତୀ, ସର୍ବ ଛାତ୍ରଛାତ୍ରୀ
ଏ ସ୍ମୃତି ଭୁଲିବ ନାହିଁ
ସାଇତି ରଖିବ ହୃଦୟ ତୁମର
ଚନ୍ଦନ କର୍ପୁର ଦେଇ ।

# ଆମ ଜନ୍ମଭୂମି

କଳ୍ପନା ବନ୍ଧୁ
+୩ ଶେଷବର୍ଷ କଳା, (ଓଡ଼ିଆ ସମ୍ମାନ)

ଓଡ଼ିଶା ଆମ ଜନ୍ମଭୂମି
ଭାରତ ଆମ ଦେଶ
ଏହାର ଆମେ ରଖିବା ଟେକ
ମଥାକୁ କରି ଉଚ୍ଚ ।
ସଭିଏଁ ଆମେ ମିଳିମିଶି ଚଳିବା
ରଖିବା ନାହିଁ ଭେଦଭାବ ।
ନିତି ସଞ୍ଜେ ପଢ଼ି ବସିବା
ଗୀତା ଭାଗବତ ।
ଆମରି ମାଟି ଓଡ଼ିଶା ସିନା
ଆମରି ଭାଷା ଓଡ଼ିଆ ।
ପଢ଼ିବାକୁ ସହଜ ଲାଗେ
ବୁଝିବାକୁ ବଢ଼ିଆ ।
ଆମରି ଭାଷାର କବି ଲେଖକ
କେତେ ଯେ କାବ୍ୟ କବିତା ଗଲେ ଲେଖି
ସେ ସବୁ ଏଠି ପଢ଼ି ବସିଲେ
ରାତିଟା ଯିବ ପାହି ।
ଓଡ଼ିଶା ରାଜ୍ୟେ ପୂଜା ପାଆନ୍ତି
ପ୍ରଭୁ ଶ୍ରୀ ଜଗନ୍ନାଥ
ଓଡ଼ିଆ ମାନେ ମାନି ଚଳନ୍ତି
ତାଙ୍କୁ ଅନାଥର ନାଥ ।
ଓଡ଼ିଆମାନେ ପାଳନ୍ତି ପୁଣି
ବାରମାସେ ତେର ପର୍ବ
ଆଷାଢ଼ ମାସେ ଶ୍ରୀ ଜଗନ୍ନାଥଙ୍କ
ପୁଣି ହୁଅଇ ରଥଯାତ ।
ଓଡ଼ିଆଟିଏ କେଉଁ କାମରେ
ନୁହଁଇ କେବେ ଊଣା
ଶିଳ୍ପ, ବାଣିଜ୍ୟ, କାରୁକାର୍ଯ୍ୟ
ସବୁଠାକୁ ଜଣା ।
ଏଇ ମାଟିର ସନ୍ତାନ ହୋଇ
ରଖିବା ତାର ନାମ
ଯେପରି ଦିନେ ରଖିଥିଲେ
ଗୋପବନ୍ଧୁ ମଧୁସୂଦନ ।



# ସ୍ୱପ୍ନ

ଋତୁପର୍ଣ୍ଣା ସ୍ୱାଇଁ
+୩ ଶେଷବର୍ଷ କଳା, (ଓଡ଼ିଆ ସମ୍ମାନ)

ସ୍ୱପ୍ନ ଏକ ରୂପା ଜହ୍ନ ବୋଲି ଜାଣି ମୁଁ ନଥିଲି
ସ୍ୱପ୍ନ ଦେଖି ଦେଖି ହେବି ମୁଁ ପାଗଳୀ ।
ଜାଣି ମୁଁ ନଥିଲି ସ୍ୱପ୍ନ କିଣି ନିଏ ମଣିଷକୁ ଏକ ମୁହୂର୍ତ୍ତରେ
ହେ ସ୍ୱପ୍ନ ତୁମେ କ'ଣ ଜାଣ ଯାଦୁ ।
କ'ଣ ଦେଇ ମଣିଷକୁ କରିଦିଅ କାବୁ
ସ୍ୱପ୍ନ ପୁଣି ତୁମେ ଆସିଥାଅ ଆଲୁଅକୁ ଡରି ରାତିରେ
ସ୍ୱପ୍ନ ପୁଣି ତୁମେ ଆଣି ଦେଇଛ କେତେ ଦିଗନ୍ତ
ସ୍ୱପ୍ନ ତୁମେ ପୁଣି ଅଳସୀ ଆଖିର ତାରା ।
ସହଜେ କାହାକୁ ନ ଦିଅ ଧରା
ସ୍ୱପ୍ନ ଦିଅ ତୁମେ ମୂଲ୍ୟବାନ ଜାତଘର ।
ଯାହା ପାଇଁ ମୁଁ ଆଜି ହେଲି ଅଧୀର
ହେ ସ୍ୱପ୍ନ ତୁମେ ଚାଲିଯାଅ ନାହିଁମୋତେ ଏକା କରି
ତୁମକୁ ଛାଡ଼ିରହି ନପାରଇ ମୁଁ ଯେ
ତୁମେ ହେଉଛ କଳ୍ପନାର ରଙ୍ଗ
ତୁମକୁ କେ'କରି ପାରିବ ଦୂର ।

# ସୈନିକ ହେବାର ପଣ

ସୌମ୍ୟରଞ୍ଜନ ବିଶ୍ୱାଳ
(ଡ଼ି.ଇ.ଓ.)

ସ୍ୱାଧୀନତା ଆଉ ଗଣତନ୍ତ୍ର ଯାହା କରୁଛି ସେ ଆଜି ଘୋଷଣା
ସୂର୍ଯ୍ୟ ଆଲୁଅରେ ଜଳକା ପରାଏ ଫୁଟିବି କାହାରି କଷଣ ।
ଅରାଜକତାର ପଙ୍କିଳ ପ୍ରସ୍ତରେ ଜମିଛି ସେ ଘନ ଶିଉଳି
ଦୁଇ ପାଦ ଦେଇ ଠିଆ ହେବା ପାଇଁ ମନ ମୋ ଯାଉଛି ମଉଳି ।
ଶୋଣିତ ଧାର ଯେ ଅଧିକାର ପାଇଁ ହାତରେ ଧରିଛି ଅସ୍ତ୍ର
କେତେ ଥର କୃଷ୍ଣ ସାରଥୀ ସାଜିଣ ଏ ପାର୍ଥକୁ ଦେବେ ମନ୍ତ୍ର ।
ମାତୃଭାଷା ସ୍ୱର ଗୁଞ୍ଜରି ଉଠଇ ପ୍ରତି ହୃଦୟ ତନ୍ତ୍ରୀରୁ ମୋର
ଅସ୍ଥି, ରକ୍ତ, ମାଂସ ସ୍ୱପ୍ନ ଏ ଜୀବନ କେବଳ ଦାନ ତାହାର ।
ଆଉ କେତେ ଦିନ ଶୋଇବି ମୁହିଁ ଶୁଣି ମାଆର ରୋଦନ
ଶତ ସିଂହ ବଳେ ନିପାତ କରିବି ଶତ୍ରୁକୁ ମୁଁ କଣ କଣ ।
ଗାନ୍ଧୀ ସ୍ୱପ୍ନଦେଶ ଫେରାଇ ଆଣିବି ମନରେ ରଖିଛି ବଳ
ସଇନିକ ହେବି ଦେଶ ରକ୍ଷା ପାଇଁ ଦେବି ମୋର ଲହୁଝାଳ ।
ସଇନିକ ହେବା ଆସରେ ଆସ ଯେତେ ମାଆର ସନ୍ତାନ
ଜିଏ ଯେଉଁ କାମେ ଲିପ୍ତ ଥାଅ ପଛେ ସୁଝିବା ମା'ର ଋଣ ।



# ଆତ୍ମା

ପ୍ରିୟଦର୍ଶିନୀ ଲେଙ୍କା
+୩ ଶେଷବର୍ଷ କଳା, (ଓଡ଼ିଆ ସମ୍ମାନ)

ଆତ୍ମା ଅଟେ ମରିଚିକା,
ପ୍ରେମ ଲାଗେ ବିଷ
ସପନଟା ସତ ନୁହେଁ,
ଭାବନାଟା ମିଛ
ପଥ ସିନା ବହୁ ଦୂର,
ଜୀବନଟା ଛୋଟ
ମନ ଏକ ବୋଝା ବାଲି,
ବଞ୍ଚିବାର ଏଠି ଦୁଃଖ
ଅନ୍ଧାରକୁ ଭାରି ଭୟ,
ଆଲୁଅ କୁ ମୁଁ ଦେଖୁନି
ଦୁନିଆରେ ଆଜି ମୁହିଁ,
ବଞ୍ଚିକିବି ବଞ୍ଚୁନି
କେତେ ଆସା କରିଥିଲି,
ଛୋଟ ଏକ ବୁକୁରେ
ଆଡ଼ି ଆସି ଉର୍ମୀ ତାକୁ,
ନେଇ ଗଲା ସାଥିରେ
ପାଇଲିନି ଚିହ୍ନ ବର୍ଣ୍ଣ,
ଚୋଳି ଥିଲି କେଉଁଠି
ସ୍ମୃତୀ ସବୁ ଭଙ୍ଗିମାରେ,
ଶେଷ ହୁଏ ମୃତ୍ୟୁରେ ।

# ପ୍ରକୃତ ସତ୍ୟ

ଲକ୍ଷ୍ମୀପ୍ରିୟା ସ୍ୱାଇଁ
+୩ ଶେଷବର୍ଷ କଳା

ଥିଲେଥାଉ ପଛେ ସ୍ୱାସ୍ଥ୍ୟ ସୁନ୍ଦର
　　ସାହାସ ନଥିଲେ ସବୁ ଅସାର
ଥିଲେ ଥାଉ ପଛେ ଗୋରା ବଦନ
　　ମଉଳି ଯାଏ ନ କଲେ ଯତନ
ଥିଲେ ଥାଉ ମଞ୍ଜି ଅକ୍ଷର
　　ପାଠ ତ ନଥିଲେ ସବୁ ଅସାର
ଥିଲେ ଥାଉ ପଛେ ଟଙ୍କା ହଜାର
　　ଅଳସୁଆ ହେଲେ ସବୁ ବେକାର
ଥିଲେ ଥାଆନ୍ତୁ ଯେ ଗୁରୁ ହଜାର
　　ଭକତିର ବିନା ସବୁ ଅସାର
ଥିଲେ ଥାଉ ପୁତ୍ର ବୋହୂ ନିଜର
　　ସମ୍ମାନ ନଦେଲେ ଆପଣା ପର
ରହିଥାନ୍ତୁ ପଛେ ନିଜ ସୋଦର
　　ସାହାଯ୍ୟ ନକଲେ ସବୁ ବେକାର
ଥାଆନ୍ତୁ ପଛକେ କୋଟି ଈଶ୍ୱର
　　ବିଶ୍ୱାସ ନ ଥିଲେ ସବୁ ଅସାର ।





# ପର ସେବାରେ ତା ଜୀବନ ଗଲା

ଟିକିନା ବାରିକ
+୩ ଦ୍ୱିତୀୟ କଳା, (ଓଡ଼ିଆ ସମ୍ମାନ)

କେତେ ଦିନରୁ ଗାଁ ମୁଣ୍ଡରେ
　　ଆମ୍ବ ଗଛଟେ ଥାଇ
ଦେଉଥିଲା ସେ ଜୀବ ଜଗତେ
　　ଟାଣ ଖରାରେ ଛାଇ ।
ବାଟୋଇ କେବେ ମୂଳରେ ତାର
　　ଥକା ମେଣ୍ଟାଏ ବସି
ତାହାରି ମିଠା ଫଳକୁ ଖାଇ
　　ସଭିଏଁ ଥିଲେ ଖୁସି
ଆମ୍ବ ବଉଳ ବାସନା ପାଇ
　　ଆସନ୍ତି ପକ୍ଷୀ ଧାଇଁ
ପରୋପକାର କରିବା ପାଇଁ
　　ସଜାଗ ରହି ଥାଇ ।
ଆସିଲା ଦିନେ ତା ପାଇଁ କାଳ
　　ଗୁଡ଼ିଏ ଲୋକ ହୋଇଣ ମେଳ
ହାଣିଲେ ଆମ୍ବ ଗଛର ମୂଳ
　　କାଠକୁ ନେଲେ ବୋହି
ପର ସେବାରେ ଜୀବନ ଦେଲା
　　ପାରିଲା ନାହିଁ କହି ।

# ପରିଶ୍ରମୀର ମୂଲ୍ୟ

ସ୍ମିତଲକ୍ଷ୍ମୀ ଭୋଳ
+୩ ଦ୍ୱିତୀୟବର୍ଷ କଳା, (ସଂସ୍କୃତ ସମ୍ମାନ)

ଗଛଟିଏ ଯେବେ ଅକାଳରେ ମରେ
କାନ୍ଦଇ ମାଳିର ମନ
ନ୍ୟାୟର ଦୁଆରେ ଅନ୍ୟାୟ ବିଚାରେ
ଅସହାୟ ସଭାଜନ ।
କୃଷକର ମନେ ହସ ଯେ ଲିଭଇ
ଶ୍ରୀହୀନ ଦିଶିଲେ କ୍ଷେତ
ପୂରୁବ ଆକାଶେ ସିନ୍ଦୁରା ଫାଟିଲେ
ହସେ ଏ ସାରା ଜଗତ ।
ମୟୂରର ମନେ ଦୁଃଖର ଲହରୀ
ଶ୍ରାବଣର ଅବସାନେ
ବସନ୍ତ ଆସିଲେ ସତେ ନାଚି ଉଠେ
କୋଇଲି ଯେ ମନେ ମନେ
ସନ୍ତାନ ଉପରେ ବିପଦ ଆସିଲେ
ଅସ୍ଥିର ଯେ ମା' ମନ
ପ୍ରତିଟି କର୍ଶିଳ ଶରୀରକୁ ଦେଖି
ଉଲ୍ଲସିତ ପ୍ରତି ପ୍ରାଣ ।
କେତେ ଆଶା ନେଇ ପକ୍ଷୀଟିଏ ଅବା
ବାନ୍ଧିଥାଏ ଗୋଟେ ବସା
ସେହି ବସା ଯଦି ଅକାଳେ ଭାଙ୍ଗଇ
ଭାଙ୍ଗେ ତା' ମନର ଆଶା
ସମୟ ସରିବ ଋତୁ ବଦଳିବ
ଆସିବରେ ଦେହି ଦିନ
ଦିନେ ନା ଦିନେ ସେ ମିଛ ଶରୀରର
ଘଟିବରେ ଅବସାନ ।



# ମର୍ଡନ ଯୁଗର ଆଈ

ରାନୁଲତା ଭୋଇ
+୨ ଦ୍ୱିତୀୟବର୍ଷ, କଳା

ଆଈ ମୋହରି ଭାରି ସୁନ୍ଦରୀ
ଦେଖିବାକୁ ସିଏ କ୍ୟାଟ୍ରୀନା ପରି
ବୟସ ତାଙ୍କର ହବ ସତୁରୀ
କଥା କୁହାରେ ସେ ଭାରି ଚତୁରୀ
ମାରୁଥାନ୍ତି ସିଏ ଭାରି ଷ୍ଟାଇଲି
ଗୋଡ଼ରେ ପିନ୍ଧନ୍ତି ହାଇହିଲି
ଶାଢ଼ୀରେ ମାରନ୍ତି ଅତର ଖାଲି
କଥା କହନ୍ତି ସେ ଇଙ୍ଗିଲିସି ଖାଲି
ଭ୍ୟାନିଟ୍ ବ୍ୟାଗକୁ କାନ୍ଧରେ ଧରି
ଛକ ବଜାରକୁ ଯାଆନ୍ତି ବୁଲି
ଚୁଟି କାଟିଛନ୍ତି ବବକଟ
ରାଗିଲେ ସିଏ ହୁଅନ୍ତି ହଟ୍
କୁମ୍ଭାଟୁଆ ପରି ଧୂସର ବେଶ
ଦାଣେ ବସିଥାନ୍ତି ହୋଇ ସୁବେଶ
ଆଖିରେ ତାଙ୍କର କଜ୍ଜଳ ଭରି
ଭ୍ରୂଲତା ଉପରେ ଆଇବ୍ରୋ ମାରି
ଚାହୁଁଥାନ୍ତି ସିଏ ହରିଣୀ ପରି
ଓଠରେ ତାଙ୍କର ଲିପଷ୍ଟିକ୍ ବୋଳି
ପାନ ଚୋବାନ୍ତି ସେ ନେତ୍ରୀଙ୍କ ପରି
ଦାନ୍ତ ନାହିଁ ତାଙ୍କ ପାକୁଆ ପାଟି
ପାନ ଖାଉଥାନ୍ତି କୁଟାରେ କୁଟି
ମଡ଼ର୍ଣ୍ଣ ଯୁଗର ଆଈ ଦିନ୍ଦାବାଦ୍
ଦୁନିଆ କହେ ସାବାସ୍ ସାବାସ୍

# ସର୍ବଂସହା ମାଟି

ମିତିନା ବେହେରା
+୩ ଦ୍ୱିତୀୟ ବର୍ଷ କଳା, (ଓଡ଼ିଆ ସମ୍ମାନ)

ସରବ ସହଣୀ ମାଟି
ସବୁରି ଉପରେ ସେନେହ ତୋହର
ସମାନେ ଦେଉଛୁ ବାଣ୍ଟି
ତୋର ମିଠା ପାଣି ତୋ ଧୀର ପବନ
ଦେହେ ମୋ ଦେଉଛି ବଳ
ଶକତି ଦେଉଛି ତୃପତି ଦେଉଛି
ତୋ ଗଛ ଓ ତାର ଫଳ
ସବୁଜ ଘାସର କଅଁଳ ବିଛଣା
ଦିଏ କି ଆରାମ ମତେ
ମାଆ ପରି ମୋର ଅଳି ଅରଦଳି
କେତେ ନ ସହିଛୁ ସତେ
ଦେହ ଦୁଃଖ ପାଇଁ ସାଇତିଛୁ କେତେ
ଚେରମୂଳି ଗଛ ଲତା
ମନ ସୁଖ ଲାଗି ନଈ ସମୁଦ୍ରରେ
ଭରିଅଛୁ ମନ କଥା
ବୁକୁ ମୋ ଫୁଲାଏ ଆଖି ମୋ ଭୁଲାଏ
ତୋ ବଣ ପକ୍ଷୀର ଡାକ
ସରଗ ଡାକିଲେ ମନ ବଳେ ନାହିଁ
ଛାଡ଼ିବାକୁ ତୋର କାଖ
ଜନମ କାଳୁ ଯେ ଦେଦେହ ତୋ ଆଘାତ
କେତେ ନ ଦେଉଛି ମୁହିଁ
ନିଜ ଭୁଆ ବୋହି ସବୁ ଦୋଷ ସିନା
କ୍ଷମି ଅଛୁ ଏକା ତୁହିଁ
ଯେତେ ରାଗ ରୋଷ କରେ ତୋ ପାଖେ
ମାଆ ବୋଲି ଯାଉ ଭୁଲି

କେତେ ତପ କରି ଏଇ ଜନମରେ
ଆସିଛି ତୋ ଦେଶେ ବୁଲି
ଅମାପ ଧରିତ୍ରୁଁ ଦେଏ ଟିକେ ମତେ
ନିଦା ହେଉ ମୋ ଛାତି
ଦିନେ ଦୁଃଖ ସହି ଏ ଜଗତ ପାଇଁ
ଭାଙ୍ଗିପଡ଼େ ଦିନରାତି
ଦିହ ସିନା ତୋର ପାହାଡ଼ ପଥର
କଅଁଳ ପତର ପ୍ରାଣ
ଦୁଃଖ ଦଢ଼ ମଢ଼ି ସହିବାକୁ ମତେ
କରିବେ ତୋ ପରି ଟାଣ
ତୋର ମୁକତିରେ ମୋର ମୁକତି ମା
ତୋର ହସେ ମୋର ହସ
ତୋହରି ଅନ୍ତର ଆବେ ଚଳେ ମୁଁ
ଘୋଷି ତୋର ମହାଯଶ
ଚିର ଦୁଃଖର ତୋ ପାହାନ୍ତି ଅନ୍ଧାର
ଭାଡି ଆସୁଅଛି ପାହି
ସେ ନୂଆ ସପନେ ଫୁଲେ ମୁଁ ଆନନ୍ଦେ
ଜୟ ଗାନ ତୋର ଗାଇ
ତୁହି ଦେବଭୂମି ତୁହି ବୀର ଭୂମି
ତୁହି ମୋ ଭାରତ ମାଆ
ତୋର ପାଦ ଧୂଳି ମୁଣ୍ଡେ ହୋଇ ବୋଳି
ରଖିବି ତୋର ନାଆଁ ।
ଚେତନ - ଗରଭା - ମାଟି
କେଉଁଠି ହଜିଛି ଖୋଜି ଦେଏ ମୋର
ଚେତନାର ଚାବି କାଠି ।

## କନ୍ୟା ଭ୍ରୁଣ

ସତ୍ୟଭାମା ସ୍ୱାଇଁ
+୨ ଦ୍ୱିତୀୟବର୍ଷ, କଳା

ଜୀବନଟା କ'ଣ ଜାଣିବା ଆଗରୁ
ମରିବାକୁ ତାକୁ ହୁଏ,
ଚାହେଁନା ଯାହାକୁ ଏ ସମାଜ କେବେ
କନ୍ୟା ଭ୍ରୁଣ ଅଟେ ସିଏ ।
ବୁଝେନା ମଣିଷ କନ୍ୟାର ମହତ୍ୱ
ଚାହେଁ ଖାଲି ପୁତ୍ର ପ୍ରାପ୍ତି,
ଭାବେ ଏ ମଣିଷ ପୁଅଟେ ମିଳିଲେ
ହୋଇବ ଚରମ ଗତି ।
ମୁଣ୍ଡ ଖାଇ ସିଏ ତୁଣ୍ଡରେ ମାରି
ପୁଅକୁ ମଣିଷ କରେ ।
ପଚାରେନା ପୁଅ ବାପା ବା ମା'ଙ୍କୁ
ପରିଚୟେ ଲଜ୍ୟା କରେ ।
ଅନୁଭବ କରେ ଏ ମଣିଷ ସେବେ
କନ୍ୟାର ଆବଶ୍ୟକତା,
ଉଭୟ କୁଳକୁ ସମାନତା ଦେଇ
ବୋଲାଏ ଝିଏ ଦୁହିତା ।
ସ୍ନେହମୟୀ ଅଲିଅଳି କଥା ସିଏ
ଆଦରଣୀୟା ଭଗିନୀ
ସେତ ପ୍ରିୟତମା ହୃଦୟ ସଙ୍ଗିନୀ
ଚିର ବନ୍ଦନୀୟା ଜନନୀ
ସୃଷ୍ଟିର ପଛରେ ନିହିତ ସେ ପୁଣି
ବିନାଶର ସୂତ୍ରଧାରୀ,
ବିକାଶର ଧାରା ପ୍ରବାହିତ କରେ
ସବୁରି ମୂଳରେ ନାରୀ ।



## ନଦୀଶଯ୍ୟା ପାଇଁ

ରଞ୍ଜନ କୁମାର ଡାଳୁଆ
+୩ ଦ୍ୱିତୀୟବର୍ଷ, କଳା

ଭାବିଲି ମୁଁ ଆଜି ନଦୀଶଯ୍ୟା ପାଇଁ
ଲେଖିବି ବୋଲି କବିତା
କେତେ କଳ୍ପନା କରି ମୁହିଁ ମନେ
ଧରିଲି କଲମ ଖାତା ।
କିପରି କବିତା ଲେଖିବି ଏବେ ମୁଁ
ଭାବି ନ ପାରିଲି ମୁହିଁ
ନଦୀଶଯ୍ୟା ପାଇଁ ଦେଲେଣି ପିଲାଏ
ସମୟେ ଆଉ ନାହିଁ ।
କେଉଁ ନାୟକର କାହାଣୀ ଲେଖିବି
ଆଙ୍କିବି କାହାରି ଚିତ୍ର
ସାହିତ୍ୟ କବିତା ସୌନ୍ଦର୍ଯ୍ୟ ପାଖେ ମୁଁ
ହୀନ କାରିଗର ମାତ୍ର ।
ଖୋଜା ଖୋଜିକରି ପାଇଲି ପୁରୁଣା ପତ୍ରିକାଟିଏ
ଓଲଟାଇ ସେଇ ପୁରୁଣା ପତ୍ରିକା
ବାଛିଲି କବିତାଟିଏ
ଭାବୁଥାଏ ମୁହିଁ ଆକାଶକୁ ଚାହିଁ
ନଜାଣିବେ କେହି ବୋଧେ ।
ହେଲେ, ନକଲି କବିତା ଛାପା ହେବା ପାଇଁ
ନଦୀ ଶଯ୍ୟା ହୋଇନାହିଁ
ନଦୀଶଯ୍ୟା ସୃଷ୍ଟି ହୋଇ ଅଛି ଭାଇ
କଳ୍ପନାର ଲେଖା ନେଇ
ମନରୁ ଲେଖିବା ଯଦି ଆମେମାନେ
ନଦୀଶଯ୍ୟା ବସେଇବ ତା ଛାତି ଆସନେ
କଲମ ଚାଲୁନି ଆଉ ଆଗକୁ ମୋର
ରହୁଛି ଏଥର ନମସ୍କାର ।

# ଗୁରୁ

ସସ୍ମିତା ଲେଙ୍କା
+୨ ଦ୍ୱିତୀୟବର୍ଷ, କଳା

ଗୁରୁ ନାମେ ଯେଉଁ ଦୁଇଟି ଅକ୍ଷର
ନାହିଁ ତା'ର ଆଦି ଅନ୍ତ,
ଜ୍ଞାନର ଆଲୋକ ଆଲୋକିତ କରି
ଦେଖାନ୍ତି ସେ ନୂଆ ପଥ ।
ଆକାଶଠୁ ବିଶାଳ ସାଗରୁ ଗଭୀର
ସୂର୍ଯ୍ୟରୁ ଉଜ୍ଜ୍ୱଳମୟ
ଜ୍ଞାନର ଆଲୋକ ଆଲୋକିତ ହେବା
ଗୁରୁ ପଦେ ରଖି ଲୟ ।
ଗଙ୍ଗାଠୁ ପବିତ୍ର ଅଗ୍ନିଠୁ ଉତ୍ତପ୍ତ
ପର୍ବତ ସଦୃଶ୍ୟ ଅଟଳ
ଗୁରୁ ଏକା ବ୍ରହ୍ମା ଗୁରୁ ଏକା ବିଷ୍ଣୁ
ଗୁରୁ ପରା ମହା ଈଶ୍ୱର ।
ମଧୁଠୁ ମଧୁର ଫୁଲଠୁ କୋମଳ
ଚନ୍ଦ୍ରମା ସଦୃଶ ଶୀତଳ
ଗୁରୁ ପିତା ମାତା ଗୁରୁ ସର୍ବଜ୍ଞାତା
ସେ ପରା ଜ୍ଞାନ ଭଣ୍ଡାର ।
ଗୁରୁଙ୍କର କଥା ଗୁରୁଙ୍କର ଗାଳି
ଗୁରୁଙ୍କର ପାଦଧୂଳି
ମମତାଭରା ସେ ଅମୃତ ମୟ
ସେନେହ ପଡ଼ୁଛି ଝରି ।
ଗୁରୁଙ୍କୁ ପୂଜିବା ଭକତି ଚିତରେ
କରିବା ଆଶିଷ ଭିକ୍ଷା
ଦିଅ ଦିବ୍ୟ ବୁଦ୍ଧି ଦିଅ ଦିବ୍ୟ ଜ୍ଞାନ
ଏଇ ମୋ ଜୀବନ ଦୀକ୍ଷା ।



# ଟିକି ଚଢ଼େଇ

କାଜଲ ମଲ୍ଲିକ୍
+୨ ଦ୍ୱିତୀୟବର୍ଷ, କଳା

ଟିକି ଚଢ଼େଇରେ ଟିକି ଚଢ଼େଇ
ଉଡ଼ି ବୁଲୁଥାଇ ଡେଣା ମେଲାଇ
ଟିକି ଫୁଲରେ ତ ଶରଧା ତୋର
ମନ ମୋହି ନେଇ ତୁ ସଭିଙ୍କର
ଟିକି ମନେତୋର ହଜାର ଆଶା
ଟିକି କାଠି ନେଇ ବାନ୍ଧୁଚୁ ବସା
ଚଢ଼େଇ ବୋଲି ତୋର ନାଁ
ଉଡ଼ି ବୁଲୁଥାଇ ସବୁରି ଗାଁ
ଟିକି ପୋକ ଖାଇ ମେଣ୍ଟେ ଆହାର
ତୋ ଆଶା ଭାଙ୍ଗିବା ଇଚ୍ଛା କାହାର
ଏତିକିରେ ଇତି ଚଢ଼େଇ ଗାଥା
ଶୁଣି ନେବେ ତୋର ମନର ବ୍ୟଥା ।

# ମୋ ଗାଁ ମାଟି

ସୌମ୍ୟରଂଜନ ସାହୁ
+୨ ଦ୍ୱିତୀୟବର୍ଷ, କଳା

ମାଟିର ମହକ ମତୁଆଲା କରେ
ମାଟିରେ ମାଟିରେ ଗାଁ
ସେଇ ମାଟିରେ ମୋ ମାଟିର କୁଡ଼ିଆ
ମୁଣ୍ଡ ଗୁଞ୍ଜିବାର ରାହା
ମାଟିରେ ଲମ୍ବିଛି ବଡ଼ ବନ୍ଧଟାଏ
ଛବିରୁ ଛୋଟିଆ ପଥ
ସେହି ପଥ ଦେଇ ଆସିଗଲେକେହି
ଭେଟେଇ ମୋ ଗାଁ ତୀର୍ଥ
ଗାଁ ପୋଖରୀର କାଚ କେନ୍ଦୁ ପାଣି
ପୋଖରୀ ଗାଧୁଆ ତୁଠ
ଝିଅ ବୋହୁଙ୍କର ମିଳନ ସ୍ଥଳି ସେ
ସ୍ୱପ୍ନର ଆଦି ପିଠ !
ଗାଁ ସେ ମୁଣ୍ଡର ଘଞ୍ଚ ତୋଟାମାଳ
ଛାଇ ଛାଇ ଛାପା ଖରା
ଯୁବା ଯଉବନ ସାଙ୍ଗ ସାଥି ମେଳ
ପୀରତି ପାଦେରୀ ଘେରା
କେତେ କାରଣାଦି କଳା କଉଶଳ
ଦେହର ଦହନ ପାଇଁ
ମାଟି ଦେହଦିନେ ମାଟିରେ ମିଶିବେ
ମନେ ଥାଇ ମନେ ନାହିଁ
ବଡ଼ ବନ୍ଧ ତଳେ ମଶାଣୀ ପଦା ସେ
ମିଶା ମିଶି କେତେ କୋହ
ଜାଣିଛି ସେଇଠି ଜଳିବ ମୋ ଚିତା
ତଥାପି ମାଟିରେ ମୋହ ।



# ଗଛଟିଏ ମୁଁ ଗଛଟିଏ

ମୋନାଲିସା ଦାସ
+୨ ଦ୍ୱିତୀୟବର୍ଷ, କଳା

ଗଛଟିଏ ମୁଁ ଗଛଟିଏ
ଶୀତ ଦିନରେ ମୁଁ ଉଷୁମ ଚାଦର
ବରଷା ଦିନରେ ଛତାଟିଏ
ଗଛଟିଏ ମୁଁ ଗଛଟିଏ
ଶରତ କାଳରେ ସବୁଜ ଧରଣୀ
ଗଛଟିଏ ମୁଁ ଗଛଟିଏ
ଗ୍ରୀଷ୍ମ ଦିନରେ ବାଟୋଇ ଭାଇର
ଶୀତଳ ପବନ ପଙ୍ଖାଟିଏ
ବସନ୍ତ ଋତୁର ସୁଗନ୍ଧରେ ଭରା
ଫୁଲ ମହକରେ ଧୂପଟିଏ
ଉଡ଼ା ଚଢ଼େଇଙ୍କ କିଚିରି ମିଚିରି
ସମବେତ କଣ୍ଠ ଗୀତଟିଏ
ଗଛଟିଏ ମୁଁ ଗଛଟିଏ
ପ୍ରାଣୀ ଜଗତକୁ ବଞ୍ଚାଇବା ପାଇଁ
ଅମ୍ଳଜାନ ଭରା ଟାଙ୍କିଟିଏ
ଜନମ ମୋହର ମଣିଷ ଆଗରୁ
ମିଛ କଥା ନୁହେଁ ସତ ଇଏ ।

# ସମାଜ

ପ୍ରିୟଙ୍କା ସ୍ୱାଇଁ
+୨ ଦ୍ୱିତୀୟବର୍ଷ, କଳା

ସମାଜ ଆଗରେ ଆଜି ମୁଁ ସମ୍ବାଦ
ସର୍ବେ ପଢୁଛନ୍ତି ବସି
ସମାଜ ପୃଷ୍ଠାରେ ହୋଇଛି ସମ୍ବାଦ
ଜନେ ପଢୁଛନ୍ତି ହସି
ସମାଜ ଆଗରେ ହୋଇଲି ଅନାଥ
ଦେଖାଯାଉ ନାହିଁ କାହିଁ
ଯଦି ଦେଖାଯାଏ ଭୁଲତ ମୋର
ସମାଜ ବସିଛି ତହିଁ
କାଉ, କୋଇଲିଠୁ ବଳି ସେ ଗାବନ୍ତି
ହୁଅନ୍ତି ଅସୁର ପରି
ଦେଖାଯାଉ ନାହିଁ ପ୍ରଭୁଙ୍କୁ ମୋର
ସାମାଜ ଅଛି କି ପରି ?



# ମୋର କଲେଜ

ଆରତୀ ବେହେରା
+୨ ଦ୍ୱିତୀୟବର୍ଷ, ବାଣିଜ୍ୟ

କଲେଜ ମୋର, ଜ୍ଞାନର ଭଣ୍ଡାର
ପଢେ ମୁଁ ଯେଉଁଠି ପାଠ
ଓଡ଼ିଶାର ସେଇ ବିଖ୍ୟାତ ଅଟଇ
ନାଁଟି ତାର ଦୋଳଗୋବିନ୍ଦ ବ୍ରଜ କିଶୋର ।
ଏତେ ସୁନ୍ଦର ଏ ବିଦ୍ୟା ନିକେତନ
ଯିଏ ଥରେ ଥିବ ଦେଖି
ଭୁଲି ପାରିବେନି କେବେତ ଏହାକୁ
ରୂପ ଗୁଣ ଯାଏ ମାଖି ।
କେତେ ଛାତ୍ରଛାତ୍ରୀ ଆସିଛନ୍ତି ପୁଣି
କେତେ ଯାଇଛନ୍ତି ଚାଲି
ଆମ କଲେଜ ତ ରହିଛି ରହିବ
କେହି ପାରିବେନି ଭୁଲି ।
କେତେ ପୁରାତନ ଦେଇଛି ବିଦାୟ
ନୂତନ ସ୍ୱାଗତ କରି
ମମତା ଡୋରିରେ ବାନ୍ଧି ସେ ରଖିଛି
ବରଷି ଆଶିଷ ବାରି ।
ଅତି ସୁନ୍ଦର ଏ କଲେଜ ମୋର
ସୁନ୍ଦର ତା' ପରିବେଶ
ସବୁଠୁ ସୁନ୍ଦର ମୋର ଜ୍ଞାନ ଭଣ୍ଡାରଟି
ସୁନ୍ଦର ତା ଉପଦେଶ ।

# ମୋର ସ୍ମୃତି

ରଶ୍ମିତା ଓଝା
+୨ ଦ୍ୱିତୀୟବର୍ଷ, କଳା

ସ୍ମୃତି ତୁମେ ଆସ ନିର୍ଜନ ପ୍ରହରରେ
ଆଉ ପୁଣି ତା ଜହ୍ନର ଜୋଛନାରେ,
ତୁମେ ଆସ ସମୁଦ୍ରର ଲହଡ଼ିରେ
ଆଉ ପୁଣି ତାର ସୌନ୍ଦର୍ଯ୍ୟରେ ।
ଅନେକ ଭଲ ପାଇବାର କୁନି କୁନି ପଥର ଖଣ୍ଡକୁ ନେଇ
ମୁଁ ଗଢ଼ିଛି ଏଇ ସୁନ୍ଦର ସୌଧ...
ଯେଉଁଥିରେ ରହିଛି ତୁମ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ
ମୋ ଆଶାର ସୌଧତଳେ ।
ମୋ ମନର ଚାପା ଗୁଞ୍ଜରଣ ତଳେ
ତୁମ ସ୍ମୃତି ସବୁବେଳେ ଉଙ୍କିମାରୁ ଥାଉ,
ସେ ସ୍ମୃତିକୁ ଜାବୁଡ଼ି ଧରି ମୁଁ ବଞ୍ଚିଛି
ସମସ୍ତ ସଂପର୍କର ପ୍ରାଚୀର ଡେଇଁ
ତୁମେ ଥରେ ପ୍ରତିଶ୍ରୁତି ଦିଅ ଭଲପାଅ ବୋଲି
ତୁମଠୁ ସେ ପ୍ରତିଶ୍ରୁତି ପାଇବାର ଆଶାରଖି ।
ମୁଁ ବଞ୍ଚିଛି, ବଞ୍ଚୁଛି ଓ ବଞ୍ଚୁଥିବି
ଏକ ବିରାଟ ଆଶା ନେଇ,
କେବଳ ତୁମକୁ ପ୍ରତିକ୍ଷା କରି
ତୁମ ପାଇଁ ପ୍ରାଣ ମନେ ଦେଇ ।
ଲିଭିଯାଉ ଆଶାଦୀପ, ହଜିଯାଉ ପ୍ରତିଶ୍ରୁତି
ତଥାପି ବଞ୍ଚିବି ମୁହିଁ ନେଇ ମୋର ସ୍ମୃତି ।

# ତୁମପରି ପିଲାଟିଏ

ବର୍ଷାରାଣୀ ଚୌଧୁରୀ
+୨ ଦ୍ୱିତୀୟବର୍ଷ, କଳା

ତୁମପରି ବଡ଼ ପିଲାଟିଏ
ଡି.ଜି.ବି.କେ କଲେଜର ଛାତ୍ର ସିଏ,
ପ୍ରେମରେ ଅଟେ ସେ ନମ୍ବର ୱାନ୍
ପାଠପଢ଼ାରେ ସେ ଗଧଟିଏ ।
ପିଲା ବେଳେ ଥିଲା ସରଳ ନିରୀହ
ତାହା ସହ ପୁଣି ଶାନ୍ତ ଶିଷ୍ଟ,
କଲେଜରେ ପାଦ ପଡୁ ପଡୁ ତାର
ବନିଗଲା ଗୋଟେ ବଡ଼ଦୁଷ୍ଟ,
କେତେବେଳେ ସୀମା, କେବେତ ସୁଷମା,
ଆଉ କେତେବେଳେ ସୁସ୍ମିତା,
ଯାହାକୁ କହିଲା ମନ କଥା ତାର
ସମସ୍ତେ ମାରିଲେ ତାକୁ ମୁଥା ।
ବଡ଼ ହେଲା ଦିନେ ସେଇପିଲା,
ଦେବଦାସ ସିଏ ବୋଲାଇଲା,
ପ୍ରେମ ପାଇଁ ସିଏ ଜଳାଞ୍ଜଳି ଦେଇ,
ଭିକାରୀ କାଙ୍ଗାଳ ବନିଗଲା ।
ପ୍ରେମ ଶେଷେ ତାକୁ ଲାଗିଲା ପିତା,
ଦୂର ହେଲା ତାର ମୁଣ୍ଡ ବ୍ୟଥା,
ସମାଜ ଭିତରେ ମନ ଦେଇ ସିଏ,
ରୋମିଓରୁ ରାମ ବନିଗଲା ।
କହିଲା ପିଲାଙ୍କ କାନେ କାନେ
ପ୍ରେମ କରିବନି କେବେ ଏ ଜୀବନେ ।
ପ୍ରେମ ପ୍ରତାରଣା, ପ୍ରେମ ଏକ ଧୋକା,
ଅନୁତାପ ପରା କରିବ ଦିନେ ।

## ଟିକି ଚଢ଼େଇ

ଚିନ୍ମୟୀ ଜେନା
+୨ ଦ୍ୱିତୀୟବର୍ଷ, ବିଜ୍ଞାନ

ଟିକି ଚଢ଼େଇ ଡେଣା ହଲାଇ
ଆକାଶେ ଯାଏ ଉଡ଼ି
ଟିକି ଥିଲାଏ ମାଆକୋଳରେ
ହସର ବାନ୍ଧି ଭିଡ଼ି
ଟିକି ଝରଣା ଝରି ଝରିକା
ଯାଏ ତଳକୁ ଗଡ଼ି
ଟିକି ନଈଟି କୂଳ ଲଙ୍ଘଇ
ଆସଇ ବନ୍ୟା ବଢ଼ି ।
ଟିକି ବଗିଚା ଦିଶେ ସୁନ୍ଦର
ଫୁଟିଲା ଫୁଲ କଢ଼ି
ଟିକି ଗାଁଟି ମହତ ସିଏ
ସହିଁଏ ଥିଲେ ପଢ଼ିଏ
ଟିକି ତାରାରେ ଡାକିଲେ ପାଣି
ଚଞ୍ଚଳ ଥାଏ ବଢ଼ି
ଥିଲାରୁ ବଡ଼ ମଣିଷ
ହେବାଟି ପାଠ ପଢ଼ି
ଟିକି ଘରଟେ ଉଠଇ ହସି
ମାଆ ହେଲା ରତି ବାର୍ଟ
ଟିକି ହାତରେ ଅକ୍ଷର ଶିଖେ
ଧରି ସିଲଟ ଖଡ଼ି ।



## ଭାରତ ଆମ ମା'

ନମିତା ସ୍ୱାଇଁ
+୨ ଦ୍ୱିତୀୟବର୍ଷ, କଳା

ହିନ୍ଦୁ ନୁହେଁ କି ମୁସଲିମ୍ ନୁହେଁ
ମଣିଷ ଆମ ନାଁ
ସାରା ଦୁନିଆ ଆମରି ଘର
ଭାରତ ଆମ ମାଆ
ସଭିଏ ଆମ ଭାଇ ଭଉଣୀ
ଭାରତ ଆମ ଘର
କେହି ନୁହେଁ ପର ଏଠି
ସଭିଏ ଆପଣାର ।
ହିନ୍ଦୁ ନୁହେଁକି ମୁସ୍‌ଲିମ୍ ନୁହେଁ
ମଣିଷ ଆମ ନାଁ
ସାରା ଦୁନିଆ ଆମରି ଘର
ଭାରତ ଆମ ମାଆ
ନୀଳ ପର୍ବତ ନୀଳ ଝରଣା
ନୀଳ ସାଗର କୂଳେ
ଫୁଲ ଫଳ ଭରା ଦୁନିଆ
ଆମ ଫୁଟି ମହକେ କେତେ
ଏଇଠି ଆମ ଜନ୍ମ ଭୂମି
କରିବା ନାହିଁ ପର
ଏଇତ ଆମ ଜନ୍ମ ଭୂମି
ସବୁଠୁ ଆପଣାର
କର୍ମରେ ଯିବା ଆଗକୁ ମାଡ଼ି
କାହାକୁ ନାହିଁ ଡର
ହିନ୍ଦୁ ନୁହେଁକି ମୁସ୍‌ଲିମ୍ ନୁହେଁ
ମଣିଷ ଆମ ନାଁ'
ସାରା ଦୁନିଆ ଆମରି ଘର
ଭାରତ ଆମ ମା' ।

# ଗଢ଼ିବା ସୁନାର ରାଜ୍ୟ

ସ୍ନେହାଶୀଷ ବେହେରା
+୨ ଦ୍ୱିତୀୟବର୍ଷ, କଳା

ଆକାଶର ଦର୍ପଣରେ ଦିଶେ କଳାହସ
ସେ ହସରେ ଭରି ଅଛି କାଳ କୀଟ ବିଷ ।
ସ୍ୱପ୍ନ ରାଜବାଟୀ ହଟବଜାରର ମୁଶାଫୀର
ଯାଦୁକାରୀ ଫୁଲ ତୋଳେ ମରଣ ମଳାର ।
ପ୍ରସ୍ତାବନା ଐକାନ୍ତିକ ପ୍ରାଚୀନ ଛାଇରେ
ଜାତି ଭେଦ ଜ୍ୱଳନର ନାଲି ଅଙ୍ଗାରରେ ।
ଶୂନ୍ୟ ସବୁ ଚରାଚର ନିଃଶବ୍ଦ ଏ ଉପତ୍ୟକା
ସମ୍ମୁଖରେ ମରୁବାଲି ଚାଲିବାକୁ ହେବ ଏକା ।
ସୁରା ସାଜି ଅଛି ଏଠି ଜଗର ଭୂମିକା
ମାଂସ ପୁଣି ସୁରା ସାଥେ କଣ୍ଢେ ଥିବ ଏକା ।
ମଣିଷ ବୁଝେନା ଆଜି ରକ୍ତର ମହତ୍ତ୍ୱ
ରକ୍ତରେ ଲେଖୁଛି ପୁଣି ନିଜର ଐତିହ୍ୟ ।
କଳୁଷିତ ସମାଜର କାରଣ ଏ ମଣିଷ
ଭାଇ ଲାଗି ଭାଇ ରଖେ କୋକେଇର ବାଉଁଶ ।
ଆଜି ଏଠି ଭରା କେତେ ଲମ୍ପଟ କାମୁକ
କେତେ ଧନ ଲୋଭୀ, କେତେ ଦୁରାଚାରୀ ବଣିକ ।
ନିଜ ସ୍ୱାର୍ଥ ଲାଗି ଏଠି ନର ସାଜେ ରାକ୍ଷସ
ଛୁରୀ ମାରି ଅନ୍ୟ ବେକେ ଲଭେ ନିଜର ଯଶ ।
କାମୁକ ସାଜିଛି ନର ଭାଣ୍ଡାମିର ପ୍ରୟାସେ
ଛଳନାର ପ୍ରବଚନ ଦେଇ ମନ ହରଷେ ।
ସାରଥୀ, ସୁରଙ୍କ ଭଳି କେତେ କେତେ ଲମ୍ପଟ
ଧରା ପଡ଼ିବ କେବେ ହେଲେ ଲୁଚିବନି ପଟ ।
ମହାନ ଉତ୍କଳ ରାଜ୍ୟ ମହାନ ମୋ ପ୍ରଦେଶ
କେତେ କେତେ ମହାଋଷି ଢାଳିଛନ୍ତି ଆଶିଷ ।
ସତ୍ୟରେ ଚାଲ ସଭିଏ ସତ୍ୟ କର ସଂକଳ୍ପ
ଗଢ଼ିବା ସୁନାର ରାଜ୍ୟ ରଖିଯିବା ଯଶ ।
ଏତିକି ଲେଖିବା ପାଇଁ କରିଛି ମୁଁ ବହୁ ପ୍ରୟାଣ
ଭୁଲିବିନି ମୋତେ ନାମ ମୋର ସ୍ନେହାଶିଷ ।

# ତୁମେ ମୋର ସାହା

ଅଲିଭା ଦାସ
+୨ ପ୍ରଥମ ବର୍ଷ, କଳା

ଦେଖୁ ଦେଖୁ ମୁଁ ଯେବେ ଅନ୍ଧ ହୋଇଯାଏ
ତୁମେ ହେବ ମୋର ଆଖି
ଆଖି ଦୁଇ ଯଦି ନଦେଲ ତୁମେ
ହୋଇଥିବ ମୋର ସାଥି ।
ଚାଲୁ ଚାଲୁ ଯଦି ଭୁଲ୍ ବାଟେ ଯାଏ
କରିଦେବ ପ୍ରଭୁ କ୍ଷମା ।
ତୁମେ ଅଟ ମୋର ବାପାର ସମାନ
ତୁମେ ପରାମୋର ମା ।
ଦୁନିଆରେ କିଏଯେ ଭୁଲିଛି
ତୁମଗୁଣ ତୁମ ନାଁ ।
ତୁମେ ମୋର ଧାତ୍ରୀ ତୁମେ ମୋର ସାଥି
ଏବି ଲିଳା ପ୍ରଭୁ ଆହାଃ ।
ହାତଦୁଇ ମୋରପଙ୍ଗୁ ହୋଇଯାଏ ଯଦି
ତୁମେ ହେବ ଦୁଇ ବାହା
ବାହାଯଦି ପ୍ରଭୁ ନ ହୋଇବ ତୁମେ
ହୋଇଥିବ ମୋର ସାହା ।
ତୁମରି ଚାହାଣୀ ମନ ମୋହିଥାଏ
ତୁମକୁ ଦେଖିଲେ ମନଲାଖି ଯାଏ ।
ତୁମ ସେବା ବିନା କିଛି ଜାଣିନାହିଁ
ମନକାଣି ଫଳଦିଅହେ ଗୋସାଇଁ ।

# ପ୍ରଶ୍ନ

ମନୋଜ କୁମାର ଭୋଇ
+୨ ପ୍ରଥମ ବର୍ଷ, କଳା

ସାଗରର ନୀଳ ଢେଉ, କୋଇଲିର କୁହୁ
 ଫୁଲ ଆଉ ଫଗୁଣ ଭିତରେ ଅନେକ ପ୍ରଶ୍ନ
 ଭଲ ପାଇ ଭୁଲି ଯିବାର ଅନେକ ପ୍ରଶ୍ନ
ଶାମୁକା ସିନା ଭଲ ପାଏ ସାଗରକୁ
ହେଲେ ସାଗର କ'ଣ ଭଲ ପାଏ ଶାମୁକାକୁ ?
ଯଦି ଭଲ ପାଏ ତେବେ ବେଳା ଭୂମିରେ
ଏକା କିପରି ଛାଡ଼ିଯାଏ
 ରାତି ସିନା ଭଲ ପାଏ ଜହ୍ନକୁ
 ହେଲେ ଜହ୍ନ କ'ଣ ଭଲ ପାଏ ରାତିକୁ ?
ଯଦି ଭଲ ପାଏ ତେବେ ଅମାବାସ୍ୟାରେ
 କିପରି ଭୁଲିଯାଏ ?
କୋଇଲି ସିନା ଭଲ ପାଏ ବସନ୍ତକୁ
ହେଲେ ବସନ୍ତ କ'ଣ ଭଲପାଏ କୋଇଲିକୁ ?
 ଯଦି ଭଲ ପାଏ ତେବେ କାହିଁକି ?
 ପାଞ୍ଚଟି ଋତୁକୁ ଅପେକ୍ଷା କରିବାକୁ କୁହେ ?
ଫୁଲ ସିନା ଭଲ ପାଏ ଭ୍ରମରକୁ
ହେଲେ ଭ୍ରମର କ'ଣ ଭଲ ପାଏ ଫୁଲକୁ
 ଯଦି ଭଲ ପାଏ ତେବେ ମହୁ ଶୋଷି
 କାହିଁକି ଉଡ଼ି ଯାଏ ?





# କୁହ କେମିତି ହୁଅନ୍ତା

ସୁଲୋଚନା ବେହେରା
+୨ ପ୍ରଥମ ବର୍ଷ, କଳା

ସଭିଏଁ ସଭିଙ୍କୁ ପାଆନ୍ତେ ଭଲ
 କୁହନ୍ତେ ମଧୁର କଥା ।
ଯେତେ ଯାହା ହେଉ କେହି କାହା ମନେ
 ନ ଦିଅନ୍ତେ ଯଦି ବ୍ୟଥା
 କୁହ କେମିତି ହୁଅନ୍ତା କଥା ।
ସବୁରି ମନରେ ନ ଆସନ୍ତା ଯଦି
 ଈର୍ଷା, ହିଂସା,କ୍ରୋଧ ଭାବ ।
ସବୁରି ମନରେ ନ ରହନ୍ତା ଯଦି
 ଧନ ଓ କ୍ଷମତା ଲୋଭ
 କେମିତି ହୁଅନ୍ତା କହ ।
ଅନ୍ୟାୟ ବିରୋଧେ ଲଢ଼ିବାକୁ ଯଦି
 ସଭିଏଁ ଆସନ୍ତେ ମାଡ଼ି
ଦେଶ ପାଇଁ ଯଦି ସଭିଏଁ ଧାଆଁନ୍ତେ
 ଜାତି-ଧର୍ମ ଭେଦଛାଡ଼ି
 ନିଶ୍ଚେ, ଦେଶ, ଆଗକୁ ଯାଆନ୍ତା ମାଡ଼ି ।

# ପିତା ମାତା

ଉପସିତା ପ୍ରିୟଦର୍ଶିନୀ ମଲ୍ଲିକ୍
+୨ ପ୍ରଥମ ବର୍ଷ, କଳା

ଠାକୁର କେବଳ ମନ୍ଦିରେ ନାହାଁନ୍ତି
    ଠାକୁରତ ପିତା ମା'ତା ।
ପାଦତଳେ ତା'ଙ୍କ ଭକତି ରଖିଲେ
    ହୋଇବ ଜଗତ ଜିତା ।
ପିତାମାତା ଆମ ପରମ ଗୁରୁ
    ତାଙ୍କଠୁ ବଡ଼ କେହି ନାହିଁ ।
ତା'ଙ୍କ ଉପଦେଶ ନକରି ପାଳନ
    ବଡ଼ ହୋଇଛି କେ କାହିଁ ।
ପିତାଙ୍କର ନାହିଁ ତୁଳନା ଜଗତେ
    ସରଗୁ ସେ ଗରିଅସି ।
ଲୁହ ଲହୁ ସବୁ ମିଶାଇ ଗଢ଼ନ୍ତି
    ସିଏ ଆମ ଜୀବନଟି ।
ମା'ଙ୍କ ଗାଳି ଦାଣ୍ଡର ଧୂଳି
    ସବୁ ପିଲାଙ୍କ ପାଇଁ ।
ସହି ନପାରେ ଯେ ମା'ର ଗାଳିକୁ
    ମଣିଷ ପରାକି ହୋଇ ।
ଆମ ଯଶ ଖ୍ୟାତି ଗୌରବସବୁ
    ତା'ଙ୍କରି ଅମୂଲ୍ୟ ଦାନ ।
ଯେତେ ଝଡ଼ଝଞ୍ଜା ସବୁ ଆସିଲେ ଜୀବନେ
    ରଖିବୁ ତାଙ୍କର ମାନ ।





# ସ୍ମୃତି

ସ୍ମୃତି ସଂଗୀତା ପ୍ରିୟଦର୍ଶିନୀ ସାହୁ
+୨ ପ୍ରଥମ ବର୍ଷ, କଳା

ସ୍ମୃତି ଏକ ବାଲିଘର
    ଜୀବନ ବେଳାର
ସ୍ମୃତି ଏକ ଇତିହାସ
    ଦୁଃଖ ସୁଖ କାହାଣୀର
ସ୍ମୃତି ପରା ଅଦିନର
    ଛାତିଫଟା କୋହ ଗୀତି ।
ସ୍ମୃତି ପୁଣି ସପନର,
    ମନଛୁଆଁ ଲହୁରାତି ।
ସ୍ମୃତି ମୋର ଅତିପ୍ରିୟ
    ମୋର ଅତି ଆପଣାର ।
ସ୍ମୃତି ପୁଣି ପୋଥିଟିଏ
    ଆଶା ଆଉ ନିରାଶାର ।
ସ୍ମୃତି ପରା ଛବିଟିଏ
    ଋଷି କନ୍ୟା ଶକୁନ୍ତଳା ।
ସ୍ମୃତି ଏକ କୀର୍ତ୍ତିଟିଏ
    କୋଣାର୍କର କାରୁକଳା ।



# ଉଚିତ୍ ମାର୍ଗ

ଶୁଭଶ୍ରୀ ମହାପାତ୍ର
+୨ ପ୍ରଥମ ବର୍ଷ, କଳା

ଜୀବନ କେଉଁଠି ମରଣ କେଉଁଠି
ଆପଣା ଭାଗ୍ୟ କେ ଜାଣେ
ମୁଁ ମୁଁ ବୋଲି କହି ହୁଏ ଯିଏ
କାଳକୁ ସେ ଡାକି ଆଣେ ।
ପିତା ମାତା ସିଏ ଗୁରୁଜନ ସିଏ
ସିଏ ହିଁ ଆମର ସଖା
ଭକତି ଚିତ୍ତରେ ତାଙ୍କୁ ଯେ ଡାକିବ ନିଶ୍ଚୟେ
ଦିଅନ୍ତି ଦେଖା
ମୋହ ମାୟାର ଏ ବନ୍ଧନରୁ ଫିଟି
ଭଗବତ ଚିନ୍ତା କଲେ
ମୃତ୍ୟୁ ବେଳେ ତୁମେ ଭଗବାନଙ୍କର
ସରଣ ଲଭିବ ଭଲେ ।
ମନେ ରଖି ଥାଅ ଭବିଷ୍ୟତ ରଣ
ମୋହର ଏ ପଦେ କଥା
ସଂସାରି ଚିନ୍ତା କାଢ଼ିଦେଇ ରଖ
ଈଶ୍ୱରଙ୍କ ପାଦେ ମଥା ।

# ମାଆ

ରୁବିନା ସେଠୀ
+୩ ପ୍ରଥମ ବର୍ଷ, କଳା

ଦୁନିଆ ଭିତରେ ଯିଏ ଯେତେଛନ୍ତି
ମା' ପରି କିଏ ହେବ ।
ଯେତେବେଳେ ମୋର ଯାହା ଦରକାର
ମନ ଜାଣି କିଏ ଦେବ ।
ଭଲ ଜିନିଷଟି ପାଇଲେ ନ ଖାଏ
ମୋ ପାଇଁ ରଖେ ସାଇତି
ଠାକୁରଙ୍କ ପାଖେ ମୋ ଶୁଭ ମନାସି
କରେ ସେ ଗୁହାରି ନିତି ।
ବାପାଟା ଧନଟା କହି ବୁଝାଇବ
ମୁଁ ଯେବେ ଥାଏ ରୁଷି
ରୁଷି ନ ଖାଇଲେ ଖାଏ ନାହିଁ ମାଆ
ଉପବାସେ ଥାଏ ବସି ।
ମୁଁ ଯେତେ ଖାଇଲେ ଦିନେ ହେଲେ ମୋତେ
ଖାଉଣିଆ କହେ ନାହିଁ
ରୋଗ ହେଲେ ମତେ ଲୁହକୁ ଗଡ଼ାଇ
ମାନସିକ କରେ ତାହିଁ ।
ବିରକ୍ତି ନ ହୋଇ ସେବା କରୁଥାଏ
ଦିନ ରାତି ବସି ଜଗି
ତା ଅଶୁଝା ଋଣ ନ ପାରିବି ଶୁଝି
ତା ପାଖେ ମୁଁ ଅନୁରାଗୀ ।
ଆଉ ସେ ଯେଉଁଠି ଦେବ ଆଶୀର୍ବାଦ
ଏତିକି କରେ ମାଗୁଣି
ପୃଥିବୀଠୁ ଅତେ ସହନଶୀଳା ସେ
ରହିଗଲି ଚିର ଋଣୀ ।



# ତୁମେ ଯେ ସୁନ୍ଦର

ଅଲିଭା ଦାସ
+୩ ପ୍ରଥମ ବର୍ଷ, କଳା

ତୁମେ ଯେ ସୁନ୍ଦର ଆହେ ନିରାକାର
ତୁମର ଆକାର ନାହିଁ
ଯେତେ ଦେଖୁଥିଲେ ତୁମକୁ ମୁଁ
ମୋର ମନ ଜମା ପୂରେ ନାହିଁ
ତୁମରି ବାହାଣି କଲା ବାଇଆଣି
ତୁମ ପାଶେ ରହେ ମନ
ତୁମକୁ ଛାଡ଼ି କେଉଁ ନାମ ଜପିବି
ପଶୁନାହିଁ ମୋର ଜ୍ଞାନ
ତୁମେ ଚକାଡ଼ୋଳା ବିଚିତ୍ର ତୁମଲୀଳା
ମୁଁ ଯେ ଜାଣିପାରେ ନାହିଁ
ଯେତେ ବିପଦରେ ଥିଲେ ତୁମକୁ ଡାକିଲେ
ଯେତେ ଦୂରେ ଥାଅ ଆସ ଧାଇଁ ।

# ତୁମ ପାଇଁ

ନମିତା ସ୍ୱାଇଁ
+୩ ପ୍ରଥମ ବର୍ଷ, କଳା

କହି ମୁଁ ପାରୁନି ତୁମକୁ ମୁଁ
ମୋ ମନର ଯେତେ କଥା ।
ଆଜି ଏ କବିତା ମାଧ୍ୟମେ କହୁଛି
ମୋ ମନର ନିରବତା ॥
ନିତି ଭାବୁ ଥାଏ, ତୁମକୁ ମୁଁ ଯେତେ
ପାରେ ନାହିଁ ପଦେ କହି ।
ଅନେକ ଭାବନା ରଖିଛି ସାଇଛି
କେବଳ ତୁମରି ପାଇଁ ॥
ସମ୍ପର୍କର ଦୀପ ଜାଳୁଛି ଆଜି ମୁଁ
ପ୍ରେମ ମନ୍ଦିରେ ଆସି ।
ଜୀବନର ଦୀପ ଲିଭାଇ ଦେବି ମୁଁ
ଭଲ ପାଇ ହସି ହସି ।
ତଥାପି ତୁମକୁ ଭଲ ପାଉଛି ମୁଁ
ଭଲ ମଧ୍ୟ ପାଉଥିବି ।
ମୋ ହୃଦୟରେ ତୁମେ ଥିବ
ମୁଁ ଯେତେ ଦିନ ବଞ୍ଚି ଥିବି ।
ଆସିବା ପାଇଁ କଥା ଦିଅ ତୁମେ
ମୋ ହୃଦୟ ଝରକା ଡେଇଁ
ତୁମେ ମୋର ହୃଦୟ ଆଇନା
ଏ କବିତା 'ତୁମ ପାଇଁ' ।

## ମୁଁ

ଗୌରୀ ପାଢ଼ୀ
+୩ ପ୍ରଥମ ବର୍ଷ, କଳା

ଅମାବାସ୍ୟା ଅନ୍ଧକାର ପଥହରା ପଥିକଟିଏ ମୁଁ
ଅନନ୍ତ ଗଗନେ ଦିଗହରା ତାରାଟିଏ ମୁଁ
କଳା ମେଘ କୋଳରେ ଖେଳୁଥିବା
ଚଳଚଞ୍ଚଳ ଚପଳାଟିଏ ମୁଁ
ବ୍ୟଥାଭରା ଜୀବନ ମରୁର
କ୍ଳାନ୍ତ ମରୁ ଯାତ୍ରୀଟିଏ ମୁଁ
ଶେଷ ହୋଇ ଆସୁଥିବା ବସନ୍ତର
ପତ୍ରଝଡ଼ା ଥୁଣ୍ଟା ଗଛଟିଏ ମୁଁ
ସାରା ରାତି ଉଜାଗର ହୋଇ ରହିଥିବା
ବିରହୀ ଚକୋରଟିଏ ମୁଁ
ସାଗରରେ ମିଶିବାକୁ ଯାଉଥିବା
କ୍ଷୁଦ୍ର ଜଳ ବିନ୍ଦୁଟିଏ ମୁଁ ।



## ହାତଧର

ସସ୍ମିତା ଚୌଧୁରୀ
+୩ ପ୍ରଥମ ବର୍ଷ, କଳା

ଗୁରୁ ତମ ପାଦ ବନ୍ଦି ପଶୁଛି ଶରଣ
ତୁମ କୃପା ଜଣା ପାଇଁ କରେ ନିବେଦନ ।
ଭକ୍ତ ପ୍ରହଲ୍ଲାଦ ଦିନେ ଭକ୍ତି ଲାଭ ଆଶେ
କହିଥିଲେ ଭାବେ ଦିନେ ଭଗବାନ ପାଶେ ।
ଯେପରି ଆଗ୍ରହେ ଅବିବେକୀ ନର ଗଣ
ଇନ୍ଦ୍ରିୟ ଶକ୍ତିରେ ମାତିଥା'ନ୍ତି ରାତ୍ର ଦିନ ।
ସେହି ପରିମାପେ ଆଉ ସେପରି ଆଗ୍ରହ
ତୁମ ଭକ୍ତି ପାଇଁ ମତେ ଦିଅ ଦୟାମୟ ।
ଅବିବେକୀ ବୁଦ୍ଧେ ଯେବେ ଇନ୍ଦ୍ରିୟ ପ୍ରବାହେ
ମୋହମୟୀ ମାୟାପଛେ ଗୋଡାଏ ଆଗ୍ରହେ ।
ତୁମ ପ୍ରେମ ପାଇଁ ଆସୁ ସେତିକି ଆଗ୍ରହ ।
ସେପରି ମୁଁ ଭକ୍ତିଭାବେ ଗାଏ ତୁମ ନାମ
ଜୟଗୁରୁ ଜପ ହେଉ ମୋର ପ୍ରିୟ କର୍ମ ।
ହେବି ଆତ୍ମହରା ଯାଇ ତୁମ ଦରଶନ
ପୂର୍ଣ୍ଣ ନିତ୍ୟ ଲକ୍ଷ୍ୟ ଲାଭେ ହେବି ଯେହ୍ନେ ଧନ୍ୟ ।
ତୁମବାଣୀ ତୁମ ଗାଥା ଗାଉଥିବି ନିତି
ତୁମ ସେବା କରୁଥିବି ତୁମ ଭାବେ ମାତି ।
ସଦ୍‌ଭାବନା ସତ୍ କରମେ କାଟିବି ଜୀବନ
ତୁମ ପ୍ରେମେ ନାଚୁଥାଉ ମୋର ମନ ପ୍ରାଣ ।
ଏହି କୃପା କର ଦେବ ହେ କୃପା ସାଗର
ତୁମ ଭାବେ ଚାଲିବାକୁ ହାତ ମୋର ଧର ।
ମୋର ହାତ ଧରି ତୁମେ ନିଅ ହେ ଚଳାଇ
ତୁମ ପଥେ ଚାଲୁଥିବି ତୁମକୁ ଅନାଇ ।

# ଗୋଲା ଆଳୁ

ଜଗନ୍ନାଥ ମହାପାତ୍ର
୪ର୍ଥ ଶ୍ରେଣୀ କର୍ମଚାରୀ



ପରିବା ମଧ୍ୟେ ଗଣା ସେ ଶ୍ରେଷ୍ଠ
ନାମ ତା' ଆଳୁ
ପାଟିରୁ ସତେ ଲାଳ ଗଡ଼ଇ
ଆମେ ଖାଇବା ବେଳୁଁ । ୦ ।

ଏପରି କିଛି ତିଅଣ ନାହିଁ
ଯହିଁରେ ନ ପଡ଼େ ଆଳୁ
ଗୋଲା ଆଳୁ ଖାଆନ୍ତି ବେଶି
ଚିଡ଼ନ୍ତି ଖମ ଆଳୁ । ୧ ।

ଯେତେ ପରିବା ଅଛି ପଛକେ
ଆଳୁ ସଙ୍ଗେ ନୁହେଁ ତୁଲ୍ୟ
ରହିବା ନାହିଁ ଆଳୁ ନ କିଣି
ହାଟ କହିବାର ମୂଲ୍ୟ । ୨ ।

ମଧୁମେହ ଯେବେ ହୁଏ ଶରୀରେ
କ୍ଷୀଣ ହୁଏ ସବୁ
ଆଳୁର ମାତ୍ରା ଦିଅ କମାଇ
କହନ୍ତି ଡାକ୍ତର ବାବୁ । ୩ ।



ଆମ ରାଜ୍ୟରେ ଆଳୁର ଚାଷ
ହେଉଛି ବହୁତ କମ୍
ପାଖ ରାଜ୍ୟକୁ କରି ନିର୍ଭର
ହେଉ ଆମେ ନାକେଦମ୍ । ୪ ।

ଆସିଲେ ଶୀତ କର୍ମଠ ହୋଇ
କରିଯିବା ଆଳୁଚାଷ
ଆଳୁ ନିର୍ଭର ହେବା ସରିଁ
ମୁହଁରେ ଫୁଟିବ ହସ । ୫ ।

ଅଧିକ ଆଳୁ ରଖିବା ସହ
'ଶୀତଳ ଭଣ୍ଡାର' କରି
ଆଳୁ ଅଭାବ ହୋଇବ ଦୂର
ଦୁଃଖ ଯିବ ଆମ ସରି । ୬ ।

# ନଦୀର କାହାଣୀ

ନମିତା ଦାସ
+୨ ପ୍ରଥମ ବର୍ଷ, କଳା

ନଈଟି ଆମର    କେଡ଼େ ଯେ ସୁନ୍ଦର
  କି ଶିତଳ ତା'ର ନିର
ବୁକୁରେ ତାହାର    ସାଇତି ରଖୁଛି
  କେତେ ଜାତିର ଜଳଚର
ଭସାଇ ନିଏ ସେ    ସୁଅରେ ତାହାର
  କେତେ ଯେ ନଉକା
କେତେ ଜୀବଙ୍କର    ଘର ସେ ସାଜିଛି
  ସାଜିଛି କାହା ଜୀବିକା
ପ୍ରବାହିତା ସିଏ    ଗାଁ ନିକଟରେ
  ଗାଁର ସେ ଅଟେ଼ମିତ
ବରଷା କାଳରେ    ଭରାପୁରା ସିଏ
  କଥା ଟିଏ ଏହି ସତ
ଚାଲୁଥାଏ ସିଏ    ଆଗକୁ ଅନାଇଁ
  ଅଙ୍କା ବଙ୍କା ତାର ଦେହ
ପୋଛି ଦିଏ ସିଏ    କେତେ ମୀନ ଜୀବଙ୍କ
  ଆଖିର ଲୁହ
ବୃଷ୍ଟି ସିନା ସିଏ    ଜଗତଜନତାଙ୍କର
  କରିଥାଏ ସବୁରି ହିତ
ଦେଖୁଦେଲେ ତାକୁ    ଆନନ୍ଦରେ ସିନା
  ସର୍ଭିଏ ଗାଆନ୍ତି ଗୀତ
ଦେଖୁ ଦେଲେ ତାକୁ    ମନ ପୁରି ଉଠେ
  ଉଲ୍ଲସିତ ଏଇ ହୃଦୟ
କରିଅଛି ସିଏ    ସବୁ ପରବତକୁ
    ବିଜୟ
ତାହାରି ଶରୀର    ପାଇଚିଛି ସିନା
  ମାନବର ନରୋତ୍ତମ ।
କରିନାହିଁ ସିଏ    କେବେ ଅଭିମାନ
  ଯେମିତି ଆମର ମାଆ
କେତେ ନାଉରୀଙ୍କର    ନାବ ଚାଲିଥାଏ
  ତା'ର ବୁକୁର ଉପରେ
ନିମଗ୍ନା ସିଏ    ସ୍ରୋତସ୍ୱିନୀ ସିଏ
  ବିଶାଳତାର ମନରେ
ଆଶା ଅଛି ତା'ର    ମିଶିବ ସେ ଯାଇ
  ସାଗରର ଦେହରେ ।

# ମନକଥା

ବୈଶାଖୀ ମହାପାତ୍ର
+୨ ପ୍ରଥମ ବର୍ଷ, ବିଜ୍ଞାନ

ଯଦି ମୁଁ ଆକାଶ ହୁଅନ୍ତି
  ଲୁଚାଇ ରଖନ୍ତି ତତେ
ମୋ ବିସ୍ତାରିତ ନୀଳ ଛାତି ତଳେ
  ଯଦି ମୁଁ ସାଗର ହୁଅନ୍ତି
  ଲୁଚାଇ ରଖନ୍ତି ତତେ
ମୁକ୍ତା କରି ଶାମୁକା ଭିତରେ
  ଆହୁରି ଏକ ନିକାଞ୍ଚନ ଜାଗାଅଛି
  ତତେ ତମାମ କାଳ
ଲୁଚାଇ ରଖିବା ପାଇଁ
  ଅଦୃଶ୍ୟ ଇଲାକାଟିଏ ଅଛି
  ମୋ ଭିତରେ
ଏଠି ଥରେ ହଜିଗଲେ
  ଖୋଜିବା ମୁସ୍କିଲ୍ ।

# ଏଇ ଆମରି ଗାଁ

ମନିଷା ଦାସ
+୨ ପ୍ରଥମ ବର୍ଷ, କଳା



ଏଇ ଆମର ଗାଁ
ଆମର ପଢ଼ା ତାର ନାଁ ।
ପୋଥି ପତରେ ନ ଥାଇ ପଛେ
ଲେଖା ତାହାର ନାଁ ।
ବାର ମାସରେ ତେର ପରବ
ହସ ଦିଅଇ ବୁଣି
ସୁଖ ଦୁଃଖରେ ସବୁ ଏକାଠି
ଭେଦ ଭାବକୁ ଜିଣି ।
ଉତ୍ତର ଦିଗେ ଶିବ ମନ୍ଦିର
ମଝିରେ ସରୋବର ।
ମଝିରେ ବିଜେ ଶ୍ରୀ ଜଗନ୍ନାଥଙ୍କର
ମାଉସୀ ମାଆ ଘର
ସେହି ଆମ ତାରେଣୀ ମନ୍ଦିର ।
ସଞ୍ଜ ସକାଳେ ଶଙ୍ଖ ଘଣ୍ଟାରେ
ପୁରି ଉଠେ ଆମ ଗାଁ ।
ଗାଁ ଆରମ୍ଭରେ ବୁଢ଼ି ଠାକୁରାଣୀ
ସବୁ ବିପତ୍ତିକୁ ସାହା
କୁଆ କୋଇଲି ଗାଆନ୍ତି ଗୀତ
ପୁଣି ଯେ କୁମ୍ଭାଟୁଆ ।

